Split by PDF Splitter

RED NO. 18

ORISSA STATE ARCHIVES



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୮ ଜାନୁଏରୀ ସନ ୧୮୭୪ ମସିହା ୩ | ପୌଷ ଦ ୨୦ ନ ସନ ୧୨୮୧ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ୪
ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୫
ମଫସଲ ପାଇଁ ଡାକମାସୁଲ ୧୧୦

...ଳମସ୍ତ ପରମେଶ୍ୱରଙ୍କ ଶାସନ
...ର ଅଧୀନରେ ଥାଇଁ ଅମ୍ଭେମାନେ
...ର ଶୂନ୍ୟ ଶେଷ କଲେ ସୁଦ୍ଧା ନବ
...ନ ଉତ୍ସାହ ଅବଲମ୍ବନପୂର୍ବକ ନୂତନ
...ଦ ନିକ୍ଷେପ କରୁ ପାଠକମାନଙ୍କ
...ମୁଖ ଉପସ୍ଥିତ ହେଉଅଛୁଁ । ଦୀପିକା
...ଟିକୁ ଅତିକ୍ରମ କରି ସଂପ୍ରତି ଦଶମ
ପ୍ରବେଶ ହେଲା । ଯଦ୍ୟପି ବି ଏହାର
...ମ୍ଭ ଏ ଦଶବର୍ଷ ମଧ୍ୟରେ ଓଡ଼ିଶାର
...ର ଉନ୍ନତି ସାଧନ ହୋଇଅଛି
...ଦେଶର ଅବସ୍ଥା ଏତେଦୂର ଭଲ
... ଯହିଁରେ ଦୀପିକା ଯେରୂପ
...ଥିଲା ତାହା ସଫଳ ହେବ ଅର୍ଥାତ
...ଗ୍ରାହକଙ୍କ ସଂଖ୍ୟା ବୃଦ୍ଧି ହେବାଦ୍ୱାରା
...ଲେବର ବୃଦ୍ଧି ହୋଇ ସମ୍ପୂର୍ଣ୍ଣରୂପେ
...ସାଧାରଣଙ୍କର ମନ ରଞ୍ଜନ କରିବ ।
...ହେଉ ପାଠକମାନେ ଯେ ଏହାକୁ
...ଲେ ଅତି ପ୍ରବେଶ କରାଇଲେ ଏଥିପାଇ
... ଧନ୍ୟବାଦ ନ ଦେଇ କ୍ଷାନ୍ତ ରହି ନ
...ଏହି କୃପାଦୃଷ୍ଟି ଅମ୍ଭମାନଙ୍କ ଉପରେ
... ଅମ୍ଭେମାନେ ଯଥାସାଧ୍ୟ ଆପଣା
...ର୍ଯ୍ୟ ନିର୍ବାହ କରି ଅନନ୍ତରେ କାଳା-
...କରିବୁଁ । ଅମ୍ଭେମାନେ କୃତାଞ୍ଜଳି-
...ପରମେଶ୍ୱରଙ୍କଠାରେ ଏହି ପ୍ରାର୍ଥନା
... ଯେ ନବବର୍ଷରେ ପାଠକମାନେ
...ମାନ କ୍ଷେମ କରନ୍ତୁ ଓ ଯେ ଯେଉଁ

ବ୍ୟବସାୟ ବା ପଦରେ ରହିଅଛନ୍ତି ସେ ତହିଁ-ରେ ଉନ୍ନତି ଲାଭ କରି ଓଡ଼ିଶାର ମୁଖୋଜ୍ଜ୍ୱଳ କରନ୍ତୁ ।

———

ଗତ ଶନିବାର ଭାରତବର୍ଷୀୟ ସଭାର ଗୋ-ଟିଏ ବିଶେଷ ଅଧିବେଶନ ହେବାର ଅଛି ବୋଲି ଅମ୍ଭେମାନେ ଏଥିପୂର୍ବ ପାଠକମାନଙ୍କୁ ଜଣାଇଥିଲୁଁ । ଉକ୍ତ ସଭାରେ ଧାର୍ଯ୍ୟ ହେଲା ଯେ ବଙ୍ଗଲାର ଗତ ଦୁର୍ଭିକ୍ଷରେ ଅସୀମ ସାହାଯ୍ୟ ପ୍ରଦାନ ପୂର୍ବକ ଗବର୍ଣ୍ଣମେଣ୍ଟ ଲୋକଙ୍କ ପ୍ରାଣ ରକ୍ଷା କରି ଯେରୂପ ଦୟା ଓ ପ୍ରଜାବତ୍ସଲତାର ପରିଚୟ ଦେଇ ଅଛନ୍ତି ତହିଁ ନିମିତ୍ତ ସର୍ବସାଧା-ରଣଙ୍କ ପକ୍ଷରୁ ମହାମାନ୍ୟ ସେକ୍ରେଟରୀ ଅଫ୍ଷ୍ଟେଟ ଓ ଲର୍ଡ ନର୍ଥବ୍ରୁକ ଓ ମାନ୍ୟବର ସରରିଚର୍ଡ ଟେମ୍ପଲ ଲେଫ୍ଟନେଣ୍ଟ ଗବର୍ଣ୍ଣରଙ୍କୁ ଧନ୍ୟବାଦ ଦିଆଯାଉ । ସର୍ବସାଧାରଣ ଏସବୁ କାର୍ଯ୍ୟରେ ଯେମନ୍ତ ସନ୍ତୋଷଲାଭ କରିଥିବାର ଓ ଗବର୍ଣ୍ଣ-ମେଣ୍ଟଙ୍କ ପ୍ରତି ସମସ୍ତଙ୍କର ଭକ୍ତି ଦୃଢ଼ ହୋଇ-ଥିବାର ଏଥିପୂର୍ବରୁ ସମ୍ବାଦପତ୍ରର ଏବଂ ଅନ୍ୟା-ନ୍ୟ ଉପାୟଦ୍ୱାରା ପ୍ରକାଶ ହୋଇଅଛି ତଥାପି ଉକ୍ତ ସଭାର ମତରେ ବଙ୍ଗପ୍ରଦେଶାନ୍ତର୍ଗତ ସମସ୍ତ ଲୋକ ଐକ୍ୟ ଅଛନ୍ତି ବୋଲିବାର ବାଞ୍ଛ-ନୀୟ ଅଟଇ ଓ ଅମ୍ଭେମାନେ ଭରସା କରୁ ଏପ୍ରକାର ଅଭିନନ୍ଦନପତ୍ରରେ ସମସ୍ତଲୋକ ଅତି ଆଗ୍ରହପୂର୍ବକ ସ୍ୱାକ୍ଷର କରିବେ ।

———

ହିନ୍ଦୁପେଟ୍ରିଅଟ ଶ୍ରବଣ କରିଅଛନ୍ତି ଯେ ସବର୍ଡିନେଟ ଏକଜିକ୍ୟୁଟିଭ ସରଭିସ ( ଡେପୁଟୀ କଲେକ୍ଟର ପ୍ରଭୃତି ) ଓ ସବର୍ଡିନେଟ ଯୁଡି-ସିଆଲ ସରଭିସ ( ଛୋଟଅଦାଲତ ଜଜ ମୁନ-ସଫ ପ୍ରଭୃତି ) ଏ ଉଭୟଶ୍ରେଣୀର କର୍ମଚାରୀଙ୍କର ବେତନ ସମାନ କରିବାକୁ ଅମ୍ଭମାନଙ୍କ ଲେ-ଫ୍ଟନେଣ୍ଟ ଗବର୍ଣ୍ଣର ମନସ୍ଥ କରିଅଛନ୍ତି ଆଇନ ପ୍ରଚଳ ଓ ଆଇନ ବହିର୍ଭୂତ ରାଜ୍ୟଖଣ୍ଡର କର୍ମଚାରୀମାନେ ସମାନରୂପେ ଏଥିର ଫଳଭୋଗ କରିବେ ଓ ସେମାନଙ୍କ ମଧ୍ୟରେ କୌଣସି ପ୍ରଭେଦ ନ ରହିବ ସମ୍ଭବତଃ ଏହିପରି ହେଲେ ଯେ ଟଙ୍କା ଉଦ୍ବର୍ତ୍ତ ହେବ ତାହା ଉକ୍ତପ୍ରକାର ବେତନ ବୃଦ୍ଧିରେ ବ୍ୟୟ ହେବ । ସମ୍ପ୍ରତି ଗବର୍ଣ୍ଣମେଣ୍ଟଙ୍କ ଇଚ୍ଛା ଯେ ମାସିକ ଏକହଜାରଟଙ୍କା ବେତନର ଗୋଟିଏପଦର ସୃଷ୍ଟି କରିବେ ଯେ ଆଇନ ପ୍ରଚ-ଳିତ ପ୍ରଦେଶର କର୍ମଚାରୀଙ୍କୁ ଦଶଗୋଟି ଏବଂ ଆଇନବହିର୍ଭୂତ ପ୍ରଦେଶ କର୍ମଚାରୀଙ୍କୁ ଦଶଗୋଟି ଦିଆଯିବ । ଆଇନ ପ୍ରଚଳିତ ଜିଲା ସମୂହରେ ମିଷ୍ଟର ଗଇଲଣ୍ଡ ଓ ମୌଲବୀ ଅବଦୁଲ ଲତିଫ-ଖାନ ବାହାଦୁର ନୂତନ ଉଚ୍ଚବେତନର ପଦ ପାଇବେ ବୋଲି ହିନ୍ଦୁପେଟ୍ରିଅଟ ଶୁଣି ଅଛନ୍ତି ।

———

ଗବର୍ଣ୍ଣମେଣ୍ଟଙ୍କ ଶୁଳ୍କଅବେପାର ସମ୍ପର୍କରେ ଗତସପ୍ତାହରେ ଅମ୍ଭେମାନେ ଯାହା ଲେଖିଥିଲୁଁ ତହିଁସମ୍ପର୍କରେ ଅବଗତ ହୋଇଅଛୁଁ ଯେ ଉକ୍ତ ବେପାର ଗବର୍ଣ୍ଣମେଣ୍ଟ ସ୍ୱୟଂ ନ କରି ଲବଣ

Digitized by srujanika@gmail.com

Split by PDF Splitter



ଯୋଗାଡ଼ ପ୍ରାପ୍ତ ଉହିଁର କାରବାର ନିମନ୍ତେ ଲୋକଙ୍କୁ ପଟ୍ଟା ଦେବାକୁ ପ୍ରସ୍ତୁତ ଅଛନ୍ତି । ଯେଉଁ ୨ ସ୍ଥାନରେ ଲବଣ ଯୋଗାଡ଼ ହେଉଅଛି ସେହି ୨ ସ୍ଥାନରେ ମାଙ୍କୁ ମାର ଶୁଳୁଅ ପ୍ରସ୍ତୁତ କରିବା ପାଇଁ କେହି ପଟ୍ଟାର ପ୍ରାର୍ଥନା କଲେ ଗବର୍ଣ୍ଣମେଣ୍ଟର ପାଇ ପାରିବ ଓ ଲବଣକଣ୍ଟ୍ରାକ୍ଟକାରମାନଙ୍କୁ ଯେପରି ସୁଲଭରେ ଇତ୍ୟାଦି ଦେବାକୁ ହୁଅଇ ଶୁଳୁଅ ସକାଶେ ମଧ୍ୟ ସେହିରୂପ ଦେବାକୁ ହେବ ତେବେ ତଲଭବର୍ଷ ପାଇଁ ଏକସ୍ଥାନର ଗର୍ତ୍ତା ଗବର୍ଣ୍ଣମେଣ୍ଟ କଣ୍ଟ୍ରାକ୍ଟକାରଠାରୁ ନ ନେଇ ଅପଣା ହାତରୁ ଦେବାକୁ ସ୍ୱୀକାର କରିଅଛନ୍ତି । ଶୁଳୁଅ ପ୍ରସ୍ତୁତ ସକାଶେ ଯେତେ ଲବଣର ପ୍ରୟୋଜନ ହେବ ଉହିଁପାଇଁ ଗବର୍ଣ୍ଣମେଣ୍ଟ କିଛି କର ନେବେ ନାହିଁ ସୁତରାଂ ପୂର୍ବେ ଯେ ଅମ୍ଭେମାନେ ଲେଖିଥିଲୁଁ କି କଣ୍ଟ୍ରସାହେବଙ୍କ ଲବଣକର ଆଧିକ୍ୟ ହେତୁ ଶୁଳୁଅ ଫସଲ ନଷ୍ଟ ହେବାର ମତ ଏଥିର କାରଣ ଅଟଇ ସେହିକଥା ଯଥାର୍ଥ ଅଟଇ ।

---

ଅମ୍ଭେମାନେ ଅତ୍ୟନ୍ତ ଦୁଃଖର ସହିତ ପାଠକମାନଙ୍କୁ ଜଣାଉଅଛୁଁ ଯେ ଗତ ସପ୍ତାହ ଶୁକ୍ରବାର ବଡଦିନ ରାତ୍ରି ପ ୮ ଘଣ୍ଟା ସମୟରେ ବାବୁ ମୁକୁନ୍ଦ ପ୍ରସାଦରାୟ ବାହାଦୂର ମାନକଟାଲା ସମ୍ବରଣକରି ସ୍ୱର୍ଗାରୋହଣ କଲେ । ଏ ମହାଶୟ ଓଡ଼ିଶା ମଧ୍ୟରେ ଜଣେ ପ୍ରଧାନବ୍ୟକ୍ତି ଥିଲେ ଓ ଅନ୍ୟୁନ ଚାଳିଶବର୍ଷ ଓଡ଼ିଶା ଓ ବଙ୍ଗଳାରେ ସରକାରୀ କର୍ମକରି ପୁଣ୍ୟାଭିଲଭି ମାସକୁ ୫ ୨୨୫ ଙ୍କା ଲେଖାଏ ପେନସନ ଓ ରାୟବାହାଦୂର ପଦ ପାଇଥିଲେ ଓ ଏ ସବୁ ପ୍ରାୟ ୧ ୨୨ ବର୍ଷ ଭୋଗକଲେ । ବାବୁଙ୍କର ଘର ମହାଗ୍ରାମରେ ଥିଲା ଓ ବୟସ ପ୍ରାୟ ୮୦ ବର୍ଷ ହୋଇଥିଲା । ଏହାଙ୍କ ମୃତ୍ୟୁରେ ଓଡ଼ିଶାବାସୀ ବିଶେଷରେ ମହାଗ୍ରାମବାସୀ ବାସ୍ତୁଙ୍କର ଅନେକ କ୍ଷତି ହୋଇଅଛି କାରଣ ବାବୁଙ୍କର ଗୋଟିଏ ପ୍ରଧାନଧର୍ମ ଏହି ଥିଲା ଯେ ସ୍ୱଜାତି କେହି ତାହାଙ୍କ ନିକଟରେ ରହିଲେ ତାହାକୁ କିସାଙ୍କର୍ଭି ଯତ୍ନ ନ ଥିଲା ଓ ସେ ଯେତେକାଳ ପଢ଼ିରହି ଶୋଉଥାଏ ବାବୁ ତାହାକୁ ମନା କରୁ ନ ଥିଲେ ଏପରି ମହାଗ୍ରାମ ସ୍କୁଲରେ ଜ ୧୨ ଣ ଛାତ୍ରର ବେତନ ମାସକୁମାସ ହାତରୁ ଦେଉଥିଲେ ଓ ଯେ କୌଣସି ସାଧାରଣ ବିଷୟରେ ଚାନ୍ଦା ହେଉଥିଲା ଉହିଁରେ କେବଳ କିଛି ୨ ଦାନ କରୁଥିଲେ ଏମନ୍ତ ନୁହେ ଯାହା ସ୍ୱାକ୍ଷର କରୁଥିଲେ ତାହା ତତ୍‌କ୍ଷଣାତ୍ ଦେଉଥିଲେ । ଫାଲତୁଲ ତାହାକୁ କହନ୍ତି ସେ ଜାଣୁ ନ ଥିଲେ ବାସ୍ତବରେ ଚାନ୍ଦା ଇତ୍ୟାଦି ଦେବା ବିଷୟରେ ତାହାଙ୍କ ରୀତି ଏଠା ଲୋକଙ୍କର ବିଶେଷ ଅନୁକରଣୀୟ ଅଟଇ । ମୁକୁନ୍ଦପ୍ରସାଦ ବାବୁଙ୍କର ଆଉ ଗୋଟିଏ ସଦ୍‌ଗୁଣ ଏହି ଥିଲା ଯେ କାହାର କୌଣସି ବିପଦର କଥା ଶୁଣିଲେ ତାହାର ଦ୍ୱାରସ୍ଥ ନ ହୋଇ ନିଶ୍ଚିନ୍ତ ରହିପାରୁ ନ ଥିଲେ ଓ ଏଥିପାଇଁ ଅପଣା ଶାରୀରିକ କ୍ଲେଶକୁ ଖାତିର୍ କରୁ ଥିଲେ ଓ ବିପଦଗ୍ରସ୍ତ ଲୋକର ସାହାଯ୍ୟରେ ମଧ୍ୟ ତତ୍ପର ଥିଲେ । ଏ ପ୍ରକାର ଲୋକର ମୃତ୍ୟୁ ଯେ ଅତ୍ୟନ୍ତ ଶୋକାବହ ଅଟଇ ଏଥିରେ ସନ୍ଦେହ କି ?

---

ଯାଜପୁର ।

ଆମ୍ଭମାନଙ୍କ ସମ୍ବାଦଦାତା ଲେଖିଅଛନ୍ତି ଯେ ଜଗନ୍ନାଥସଡ଼କରେ ସ୍ଥିତ ଛତାବରଠାରୁ ଯାଜପୁରକୁ ଯିବାର ସଡ଼କବାଟ ଥିଲା ଯେ ସେହି ବାଟେ ବଙ୍ଗଳା ଓ ବାଲେଶ୍ୱର ପ୍ରଭୃତି ଦେଶର ଲୋକମାନେ ବୈତରଣୀ ତୀର୍ଥ କରିବାକୁ ଆସୁଥିଲେ ଓ ଯାଜପୁର ନଗର ଦେଇ ଅସଂଖ୍ୟ ଲୋକ କଟକ ଓ ପୁରୁଷୋତ୍ତମକୁ ଯାଉଥିଲେ ଉକ୍ତ ସଡ଼କର ପ୍ରାୟ ଅର୍ଦ୍ଧେ ଅର୍ଥାତ୍ ବଇତରଣୀ ଗେଙ୍ଗୁଟି ନଦୀର ଉତ୍ତର ପାରଠାରୁ ଛତାବର ପର୍ଯ୍ୟନ୍ତ ଛଅମାଇଲ ବାଟ ଭାଙ୍ଗିଯାଇ ଅତି ମନ୍ଦାବସ୍ଥାରେ ଥିବାରୁ ଡାକଘୋଡ଼ା ଅବା ଗାଡ଼ି ଛକଡ଼ା ଯିବାର ଆଉ ସୁବିଧା ନାହିଁ । କମିଶ୍ନର ଓ କଲେକ୍ଟର ସାହେବମାନେ ଏ ବାଟକୁ ଦେଖିଅଛନ୍ତି ଓ ବାଟ ଯାଜପୁର ସବଡିଭିଜନରୁ ଖାରିଜ ହୋଇ ଭଦ୍ରଖ ସବଡିଭିଜନର ଅନ୍ତର୍ଗତ ହୋଇଅଛି ମାତ୍ର ଦୁଃଖର ବିଷୟ ଯେ ବାଲେଶ୍ୱର ଓ କଟକର କଲେକ୍ଟରମାନେ ଏ ବାଟର ଉପଯୋଗିତା ଉତ୍ତମରୂପେ ହୃଦୟଙ୍ଗମ କରିଥିବା ପ୍ରତ୍ୟକ୍ଷେ କେହି ତାହାର ସଂସ୍କାର ବିଷୟରେ ଚେଷ୍ଟିତ ହେଉ ନାହାନ୍ତି । ଲୋକମାନେ ଅତ୍ୟନ୍ତ କ୍ଲେଶ ପାଉଅଛନ୍ତି । ଯେବେ ଏ ବାଟ ମରମତି ହୁଅଇ ତେବେ ଉତ୍ତମ ନୋହିଲେ ଥାନ୍ଦା ବଜାରଠାରୁ ବାହାର ଦେଇ ଯାଜପୁର ସହରକୁ ଗୋଟିଏ ନୂଆବାଟ ହେଲେ ଅତ୍ୟନ୍ତ ଉତ୍ତମ ହେବ । କଟକଠାରୁ ବାଲେଶ୍ୱର ପର୍ଯ୍ୟନ୍ତ ଯାଜପୁର ବାଟେ ଗଲେ ଜଗନ୍ନାଥସଡ଼କ ସମ୍ପ୍ରତି ଏବଂ ଡାକବାଟ ଜଣା ପଡ଼ିବ ଓ ଲୋକମାନଙ୍କର ବିଶେଷ ସୁବିଧା ହେବ ଓ ମଧ୍ୟ ସବଡିଭିଜନର ସଦରସ୍ଥାନର ଉହିଁରେ ଉନ୍ନତି ହେବ । ଏପ୍ରକାର ଫଳ ଯେଉଁ ବାଟରେ ଅଛି ଜଣା ହାକିମମାନେ କାହିଁକି ଅଗ୍ରେ ଉହିଁପ୍ରତି ମନୋଯୋଗୀ ହେଉ ନାହାନ୍ତି ବୁଝିବାର କଠିନ ଅଟଇ ଏବେ ପତ୍ରପ୍ରେରକ ପ୍ରାର୍ଥନା କରନ୍ତି ଯେ ଏ ବାଟଟି ଶୀଘ୍ର ନିର୍ମାଣ ହେଉ ଓ ଅମ୍ଭେମାନେ ମଧ୍ୟ ଉହିଁରେ ଐକ୍ୟ ହେଉଅଛୁଁ ଯେ ଯେସ୍ଥଳେ ଉକ୍ତ ବାଟଟି ଏତେ ପ୍ରୟୋଜନୀୟ ସେସ୍ଥଳେ ତାହା ବାରକମାସ୍ତରୀ ମହକୁମାରୁ ଶୀଘ୍ର ହେବାର ଉଚିତ ଓ ଯେହେତୁ ଉହିଁରେ ଆପତ୍ତି ବା ବିଳମ୍ବ ହେବାର ସମ୍ଭାବନା ଥାଏ ତେବେ କଲେକ୍ଟର ସାହେବ ରୋଡ଼ସେସ୍‌ଫଣ୍ଡରୁ ଏ ବାଟ ନିର୍ମାଣ କରିଦେଇ ପାରନ୍ତି ।

---

ଛୋଟ ଲାଟସାହେବ କଣ କରିଗଲେ ।

ମାନ୍ୟବର ଲେପ୍‌ଟନେଣ୍ଟ ଗବର୍ଣ୍ଣର ସାହେବ ଓଡ଼ିଶା ଦର୍ଶନ କରି ଫେରିଯିବା [illegible] ଯାହା ତାହାଠାରୁ ଉପଲବ୍ଧ ହୋଇ ପ୍ରଶ୍ନ ଅମ୍ଭେମାନେ ଶୁଣିଅଛୁଁ ଓ ଲୋକଙ୍କର [illegible] ଆମ୍ଭମାନଙ୍କର ଏକାନ୍ତ ମାନସ ଯେ [illegible] କୌଣସି ସତ୍ତ୍ୱର ଦେଉଁ ମାତ୍ର [illegible] ସୂଚନା କରୁଅଛୁଁ ଯେ ସେ ପ୍ରଶ୍ନର ଯଥାର୍ଥ ଉତ୍ତର ଦେବାର ସମୟ ଉପସ୍ଥିତ ହୋଇ ନାହିଁ । ଏଠାରେ ସେ ଯାହାସବୁ ଦେଖି ଶୁଣି ଓ ଯେତେ ଖଣ୍ଡ ଆବେଦନପତ୍ର ପାଇ [illegible] ଅଛନ୍ତି ଯେତେବେଳେ ସେସବୁର ଫଳ ପ୍ରକାଶ ହେବ ସେତେବେଳେ ପ୍ରଶ୍ନର ପ୍ରକୃତ ଉତ୍ତର ପ୍ରାପ୍ତ ହେବ । ସମ୍ପ୍ରତି ଅମ୍ଭେମାନେ ଏତିମାତ୍ର କହିପାରୁଁ ଯେ ଛୋଟ ଲାଟସାହେବ ଏଠାକୁ ଶୁଭାଗମନ କରିବାରେ ଓଡ଼ିଶାବାସୀ ଓ ଛୋଟ ଲାଟଙ୍କର ପରସ୍ପର ପରିଚୟ [illegible] ହୋଇଅଛି । ଛୋଟ ଲାଟସାହେବ ଆମ୍ଭମାନଙ୍କର ମନର ଯେମନ୍ତ ସୁନ୍ଦର ପରିଚୟ [illegible] ଛନ୍ତି ଅମ୍ଭେମାନେ ମଧ୍ୟ ତାହାଙ୍କ ମନର [illegible] ପରିଚୟ ପାଇ ଆନନ୍ଦିତ ହୋଇଅଛୁଁ । ଅମ୍ଭେମାନେ ସମସ୍ତ ପ୍ରଜା ବାଲେଶ୍ୱରଠାରୁ [illegible] ପର୍ଯ୍ୟନ୍ତ ନାନାସ୍ଥାନରେ ଯେ ଯାହା ସାଧ୍ୟାନୁସାରେ ତାହାଙ୍କର ଯଥାଯୋଗ୍ୟ ଅଭ୍ୟର୍ଥନା କରି ଶ୍ରୀମତୀ ମହାରାଣୀ ଓ ତାହାଙ୍କର [illegible] ସ୍ଥାନୀୟ ପ୍ରତିନିଧିଙ୍କଠାରେ ଅକପଟ ଭକ୍ତି ଓ [illegible] ରଖିବାର ପରିଚୟ ଦେଇଅଛୁଁ ଓ [illegible] ଉକ୍ତ ପ୍ରଜା ସ୍ୱରୂପ ଛୋଟ ଲାଟଙ୍କଠାରେ [illegible] ହୋଇଅଛୁଁ । ଛୋଟ ଲାଟ ନଗରବାସିଙ୍କଠାରୁ [illegible]

Digitized by srujanika@gmail.com

ସୁଦ୍ଧା ବାନନ୍ତୁ ସାହେବ ଯେଉଁ ପତ୍ର ଲେଖିଥିଲେ ତାହା ଏଥିର ପ୍ରମାଣ ସ୍ୱରୂପ ଅଟଇ । ଅମ୍ଭେମାନେ ଏମନ୍ତ ସ୍ୱଜନରୂପ ରାଜଭକ୍ତି ଦେଖାଇବାର ଏ କାରଣ ନୁହଇ ଯେ ଅମ୍ଭେମାନେ ଗବର୍ଣ୍ଣମେଣ୍ଟଙ୍କଠାରୁ ଯାହା କିଛି ପାଇବାର ଆଶା କରୁ ତାହା ସବୁ ପାଇଅଛୁଁ ମାତ୍ର ଅମ୍ଭମାନଙ୍କର ଅଟଳ ବିଶ୍ୱାସ ତହିଁର ପ୍ରଧାନ କାରଣ ଅଟଇ ତାହା ଏହି ଯେ ଶ୍ରୀମତୀ ମହାରାଣୀଙ୍କର ଉଦ୍ଦେଶ୍ୟ ଯେ ତାହାଙ୍କର କର୍ମଚାରୀମାନେ ପ୍ରଜାମାନଙ୍କର ଅଭିବମାନ ଆପେ ଦେଖି ସେମାନଙ୍କ ଧନ ସ୍ୱଚ୍ଛନ୍ଦତା ବୃଦ୍ଧି କରିବେ ଓ ସେହି ଉଦ୍ଦେଶ୍ୟ ସଫଳ କରିବା ନିମନ୍ତେ ଲାଟସାହେବ ଏଠାକୁ ଆସିଥିଲେ ।

ଉପରଲିଖିତ ରୂପେ ଲେଫ୍ଟନେଣ୍ଟ ଗବର୍ଣ୍ଣର ସାହେବ ଯେମନ୍ତ ଅମ୍ଭମାନଙ୍କର ପରିଚୟ ପାଇଅଛନ୍ତି ଅମ୍ଭେମାନେ ମଧ୍ୟ ତାହାଙ୍କ ମହତ୍ ଗୁଣସମୂହର ପରିଚୟ ପାଇ ବଡ ଆନନ୍ଦରେ ଅଛୁଁ । ସର ରିଚାର୍ଡ ଟେମ୍ପଲଙ୍କର ଗୋଟିଏ ମହତ୍ ଗୁଣ ଏହି ପ୍ରତ୍ୟକ୍ଷ ହେଲା ଯେ ଭିନ୍ନ ସମ୍ପ୍ରଦାୟର ଲୋକଙ୍କ ଅଭିନନ୍ଦନପତ୍ରମାନଙ୍କ ଉତ୍ତରରେ ସେ ଯାହା ଉତ୍ତର ଦେଇଅଛନ୍ତି ତହିଁରେ ସେସମସ୍ତ ଜାତୀୟ ଓ ସମ୍ପ୍ରଦାୟର ଲୋକଙ୍କୁ ସମାନରୂପ ଦେଖିବାର ସୁଲକ୍ଷଣରୂପେ ପ୍ରକାଶ ପାଇଅଛନ୍ତି । ମୁସଲମାନଙ୍କୁ ବିଦ୍ୟାଶିକ୍ଷାଦ୍ୱାରା ହିନ୍ଦୁଙ୍କ ସମାନ ହେବାକୁ ଅନୁରୋଧ କଲେ ଓ ଦେଶୀୟ ଖ୍ରୀଷ୍ଟିୟାନମାନଙ୍କ ସରକାରୀ ଚାକରିର ପ୍ରତ୍ୟାଶା ନ କରି କୃଷି ଓ ବ୍ୟବସାୟରେ ମନୋଯୋଗ କରିବାକୁ କହିଲେ ଓ ଗବର୍ଣ୍ଣମେଣ୍ଟ ଆପଣା ଅଧୀନସ୍ଥ ନାନାଜାତୀୟ ଓ ଧର୍ମାବଲମ୍ବୀ ପ୍ରଜାବର୍ଗଙ୍କୁ ସମାନରୂପ ଦେଖନ୍ତି ଏହି କଥା ସେ ପ୍ରକାଶ୍ୟ ବା ଅପ୍ରକାଶ୍ୟରୂପେ ବାରମ୍ବାର କହିଅଛନ୍ତି । ସର ରିଚାର୍ଡଙ୍କ ଆଉ ଗୋଟିଏ ଗୁଣ ଏହି ଯେ ସେ ଉଚ୍ଚ ଇଂରାଜୀ ଶିକ୍ଷାର ବିରୋଧୀ ନୁହନ୍ତି ବରଂ ଏଠା ଲୋକମାନେ ସେପରି ଶିକ୍ଷା ଲାଭ କରନ୍ତୁ ଏହା ତାହାଙ୍କର ମନୋଗତ ବାସନା ଓ କଟକ ହାଇସ୍କୁଲରେ ସେ ଯାହା ବକ୍ତୃତା କରିଥିଲେ ତହିଁରେ ସ୍ପଷ୍ଟରୂପେ ଛାତ୍ରମାନଙ୍କୁ ଉଚ୍ଚ ଶିକ୍ଷା ଲାଭ କରିବା ପାଇଁ ଅନୁରୋଧ କରି କହିଥିଲେ ଯେ ପ୍ରବେଶିକା ପରୀକ୍ଷା ଦେବାଦ୍ୱାରା କିଛି ଲାଭ ନାହିଁ ମାତ୍ର ଉଚ୍ଚ ଶିକ୍ଷାରେ ବିଶ୍ୱବିଦ୍ୟାଳୟର ପଦମାନ ପାଇବାର ପରୀକ୍ଷା ଦେବା ଉଚିତ ଯେବେ ଛାତ୍ରମାନେ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲାଉତ୍ତାରୁ ବିଦ୍ୟାଳୟ ପରିତ୍ୟାଗ ନ କରି ଅଧ୍ୟୟନ କରିବେ ତେବେ ସମୟରେ ସେ ଏଠା ହାଇସ୍କୁଲକୁ କାଲେଜ କରି ପାରନ୍ତି । ଫଳତଃ ଯେଉଁ ଲେଫ୍ଟନେଣ୍ଟ ଗବର୍ଣ୍ଣର ଆପଣା ଅଧୀନସ୍ଥ ସମସ୍ତ ଜାତୀୟ ଓ ସମ୍ପ୍ରଦାୟର ପ୍ରଜାଙ୍କୁ ସମାନରୂପେ ଦେଖନ୍ତି ଓ ଉଚ୍ଚ ଶିକ୍ଷା ଲଭିବା ଓ ସ୍ୱାଧୀନ ବ୍ୟବସାୟରେ ନିଯୁକ୍ତ ହେବା ପାଇଁ ସମସ୍ତଙ୍କୁ ଉପଦେଶ ଦିଅନ୍ତି ତାହାଙ୍କଦ୍ୱାରା ଅବଶ୍ୟ ଅନେକ ମଙ୍ଗଳର ଆଶା ଅଛି ବିଶେଷ ସର ରିଚାର୍ଡ ଟେମ୍ପଲ ଶାସନକାଳର ପ୍ରଥମାବସ୍ଥାରେ ଏ ପ୍ରଦେଶକୁ ଆସିଥିବାରୁ ଅବଶ୍ୟ ଏଥିର ଅଧିକ ମଙ୍ଗଳ ସାଧିବେ ଏମନ୍ତ ଆଶା ହେଉଅଛି ।

କେବଳ ଗୋଟିଏ କଥାରେ ଲେଫ୍ଟନେଣ୍ଟ ଗବର୍ଣ୍ଣରଙ୍କ କିଛି ଶୈଥିଲ୍ୟ ଦେଖା ଗଲା । ସେ ଏ ଦେଶର ଅବସ୍ଥା ଯାହା ଆପେ ଦେଖିଲେ କିମ୍ବା ଆପଣା ଅଧୀନସ୍ଥ କର୍ମଚାରୀଙ୍କଠାରୁ ଶୁଣିଲେ ତହିଁରେ ଯେ ନିଶ୍ଚିନ୍ତ ହୋଇଗଲେ ଏକଥାଟି ଭଲ ହୋଇ ନାହିଁ । ଏ ପ୍ରଦେଶୀୟ ସମ୍ଭ୍ରାନ୍ତ ଓ ବିଚକ୍ଷଣ ପ୍ରଧାନ ବ୍ୟକ୍ତିଙ୍କଠାରୁ ଏଠାର ଅବସ୍ଥା ସମ୍ବନ୍ଧୀୟ ସକଳକଥା ଜାଣିବାକୁ ଯତ୍ନ କରିଥିଲେ ବଡ ଭଲ ହୋଇଥାନ୍ତା ତାହା ନ କରି କେବେଳେ ପ୍ରଶ୍ନ ବାବୁ ଜଗନ୍ମୋହନ ରାୟଙ୍କ ପତ୍ରର ତାହାଙ୍କଠାରୁ ଏକା ଉତ୍ତର ନେଇ ଯେ ଚାଲିଗଲେ ଏକଥା ବଡ ଭଲ ହେଲା ନାହିଁ ଏଥି ପାଇଁ ଅମ୍ଭମାନଙ୍କର ବେଳେ ସନ୍ଦେହ ହୁଅଇ ଯେ ସର ରିଚାର୍ଡ ଟେମ୍ପଲ ଏଠାକୁ ଆସିମଧ୍ୟ ଏଠାର ଅବସ୍ଥା ଭଲରୂପେ ଜାଣି ପାରି ନାହାନ୍ତି ।

---

## ସାପ୍ତାହିକ ସଂବାଦ ।

ଯାଜପୁର ଅଞ୍ଚଳରେ ମହାଜନମାନେ ଚାଉଳ କିଣିବା ବନ୍ଦ କରିବାରୁ ମଫସଲରେ ଟଙ୍କାକୁ ସେ ୩୨ ର ଓ ସହରରେ ସେ ୨୭ ର ହୋଇଅଛି ।

ଅଳି, କନିକା, ବାଲି, ବାଉଁଳ, ପ୍ରଗଣାମାନଙ୍କରେ ଧାନ ଧୋଇରେ ଯାଇଅଛି । ଅତଏବ ଅନାଜରେ ଫସଲ ମିଳିବାର ସମ୍ଭାବନା ଏଥିରେ ବୋଧ ହୁଅଇ ଏ ବର୍ଷ କିଣିଶିଅଙ୍କର କିଛି କ୍ଳେଶ ହୋଇପାରେ ।

ମୁନ୍ଦବାଲିଡାରେ ସରକାରୀ ହାଟ ମଧ୍ୟରେ ଯେ ମହାଜନମାନେ ଗୋଦାମ କରିଥିଲେ ସେମାନେ ସେଠାରୁ ଉଠି ଯାଇ ଅନ୍ୟାନ୍ୟ ସ୍ଥାନରେ ଗୋଦାମ କରିବାର ଉଦ୍ୟମରେ ଅଛନ୍ତି ! ଏହି ସକାଶେ ବର୍ତ୍ତମାନ ଚାଉଳ ଖରିଦ ବିଶେଷ ହେଉ ନାହିଁ ।

ଜଣେ ଦାସୀଅଣି ନାର୍ଓ୍ୟାରସୀ ପିଲା କିଣିଥିବା ଅପରାଧରେ ଯାଜପୁର ଫଉଜଦାରୀ "ଅଦାଲତକୁ ଅଣିଥିବାର ପୂର୍ବେ ଲେଖା ଯାଇଥିଲା ବର୍ତ୍ତମାନ ସେ ଦୋଷମୁକ୍ତ ହୋଇଅଛି ।

ଡେପୁଟୀ କଲେକ୍ଟର ବାବୁ ଅମ୍ବିକାଚରଣ ରାୟ ଚୌଧୁରୀ ଗତ ସପ୍ତାହରେ ଏ ନଗରରେ ପହଞ୍ଚି ପୁରୀକୁ ଯାତ୍ରା କରିଅଛନ୍ତି । ସେଠାରେ ତାହାଙ୍କୁ ରହିବାକୁ ହେବ ।

ବଜାରରେ ଜନରବ ଉଠିଅଛି ଯେ ପଲଟନ ବଜାରରେ ଗୋଟିଏ ଛେଳି ମନୁଷ୍ୟ ସାଦୃଶ୍ୟରେ ଗୋଟିଏ ପିଲା ଜନ୍ମ କରିଅଛି । ଅନେକଲୋକ ଏ ଛୁଆକୁ ଦେଖିଥିବାର କହୁଅଛନ୍ତି ।

ଏଠା ଦେଓ୍ୱାନୀ ଅଦାଲତର ସିରସ୍ତାଦାର ବାବୁ ସୁଦର୍ଶନଦାସ ତଲତମାସ ଆଦ୍ୟନ୍ତ ଉକ୍ତ ମାସର ଅନୁଭବ ଛୁଟୀ ନେଇ ଅଛନ୍ତି ।

କଟକର ପାଣ୍ଡମାନେ ଲେଫ୍ଟନେଣ୍ଟ ଗବର୍ଣ୍ଣରଙ୍କ ନିକଟରେ ଆବେଦନ କରିଥିଲେ ଯେ ପୁଲିସର ଅତ୍ୟାଚାରରେ ସେମାନଙ୍କର ବଂଶ ଲୋପ ହେଉଅଛି ଅର୍ଥାତ୍ ସେମାନେ ପିଲା କିଣିଲେ କିମ୍ବା ପାଳିଲେ ପୁଲିସ ତାହାଙ୍କୁ ଫୌଜଦାରୀକୁ ପଠାଇ ଦଣ୍ଡ ଦିଅନ୍ତି ଅଛନ୍ତି । ଲେଫ୍ଟନେଣ୍ଟ ଗବର୍ଣ୍ଣର ସ୍ଥାନୀୟ ହାକିମଙ୍କ ମତ ଜାଣିବା କାରଣ ଉକ୍ତ ଦରଖାସ୍ତ ଏଠାକୁ ପଠାଇବାରେ ତହିଁର ତଦନ୍ତ ହେଉଅଛି ।

ଅମ୍ଭମାନଙ୍କ ଲେଫ୍ଟନେଣ୍ଟ ଗବର୍ଣ୍ଣର ସର ରିଚାର୍ଡ ଟେମ୍ପଲଙ୍କ ପିତୃ ବିୟୋଗ ହୋଇଅଛି ଅତଏବ ବେଲବେଡିଅର ଗୃହରେ ଶୋକ ଉପସ୍ଥିତ ହୋଇ ଥିବାରୁ ବଡଦିନ ଉତ୍ସବନ ସମୟରେ ଯେ ସମସ୍ତ ସମାରୋହ ସେଠାରେ ହେବାର ଥିଲା ତାହା ସବୁ ସ୍ଥଗିତ ହୋଇଅଛି । କେବଳ ଗୋଇଜାୟୁ ଦ୍ରବ୍ୟରହାଟ ଏବଂ କୁସ୍ତିର ପରୀକ୍ଷା ସେଠାରେ ହେବ ମାତ୍ର ସର ରିଚାର୍ଡ ଟେମ୍ପଲ ତାହା ଦେଖିବାକୁ ଆସିବେ ନାହିଁ ।

ଏ ବର୍ଷ ମହାମାନ୍ୟ ଗବର୍ଣ୍ଣରଜେନରଲ ସିମଲାକୁ ଯିବେ ବୋଲି ଅଗଠାରୁ ସେଠାରେ ଚହଲ ପଡି ଗଲାଣି । ଭଡା ଲାଗିବାକୁ କେବଳ ଛଅଗୋଟି ଘର ବାକି ଅଛି ଆଉ ଘରମାନ ଲୋକେ ଭଡା ନେଲେଣି ।

ରଙ୍ଗପୁରର ସିରସ୍ତାଦାରକୁ ସେଠା ମାଜିଷ୍ଟ୍ରେଟ ଦୁଇବର୍ଷ କାରାବାସ ଓ ଅର୍ଥଦଣ୍ଡର ଆଜ୍ଞା ଦେଇଥିଲେ କିନ୍ତୁ କୌଶଲକ୍ରତ ସାହେବଙ୍କ ପରାମର୍ଶରେ ସିରସ୍ତାଦାର ଜଜ ସାହେବଙ୍କ ନିକଟରେ ଅପିଲ କରିବାରୁ ଟେଷ୍ଟଲବ୍ରଭ ହାକିମ ତାହାଙ୍କୁ ଉଭୟ ଦଣ୍ଡରୁ ମୁକ୍ତି ଦେଇଅଛନ୍ତି । ଉତ୍କୋଚ ଗ୍ରହଣ ଅପରାଧ ପ୍ରମାଣ ହେବା ବଡ କଠିନ ବ୍ୟାପାର ଏହି ସକାଶୁଁ ଏ ପାପର ପ୍ରତୀକାର ହେଉ ନାହିଁ ।

ଗତମାସ ତା ୨୩ ରିଖରେ ଯୋଧପୁରର ମହାରାଜା କଲିକତାକୁ ଶୁଭାଗମନ କରଅଛନ୍ତି ଏହାଙ୍କ ଅଭ୍ୟର୍ଥନା କରି ଆଣିବା କାରଣ ମହାମାନ୍ୟ ଗବର୍ଣ୍ଣରଜେନେରଲଙ୍କର ଫେରେନ ସେକ୍ରେଟେରୀ ଓ ଗୁରକସଓ୍ୱାର ସିପାହୀ ପ୍ରେରିତ ହୋଇ ବହୁବିଧ ସମାରୋହ ପୂର୍ବକ ଏହାଙ୍କ ବସାଘର ପର୍ଯ୍ୟନ୍ତ ଯାଇଥିଲେ ।

ଡେଲିନ୍ୟୁସ ଜନରବ ଶୁଣିଅଛନ୍ତି ଯେ ବଙ୍ଗଲାର ଜେଲସମୂହର ଇନ୍ସ୍ପେକ୍ଟରଜେନେରଲ ହିଲ୍ସ ସାହେବ ଆଗାମୀ ମାର୍ଚ୍ଚମାସରେ ଛୁଟୀ ନେଇ ବିଲାତକୁ ଯିବେ ଓ ପୁଲିସର ଡେପୁଟୀ ଇନ୍ସ୍ପେକ୍ଟର ଜେନେରଲ ପାଟେର୍ସନ ସାହେବ ତାହାଙ୍କ କର୍ମରେ ଏକ୍ଟିଂ ସ୍ୱରୂପ ନିଯୁକ୍ତ ହେବେ ।

ବଡଦିନ ସମୟରେ କଲିକତା ବଡ ସୁନ୍ଦର ସ୍ଥାନ ହୋଇଥିବ । ଖାଦ୍ୟଦ୍ରବ୍ୟ ବିକ୍ରୟର ମହାଜନମାନେ ଆପଣା ଦୋକାନ ସଜାଇବାର ଶୁଣାଯାଏ ତହିଁ ମଧ୍ୟରେ ହୂଇଟକମ୍ପାନୀ ଆପଣା କୋଠି ଭଲରୂପେ ସଜ୍ଜିତ କରି ଦେଖାଇବେ ବୋଲି ସମ୍ବାଦପତ୍ରଦ୍ୱାରା ସର୍ବସାଧାରଣଙ୍କୁ ଆମନ୍ତ୍ରଣ କରିଥିଲେ । ମିଉନିସିପାଲିଟି ହାଟରେ ଖାଦ୍ୟୋପଯୋଗୀ ପଶୁ ପକ୍ଷିର ପ୍ରଦର୍ଶନ ହୋଇଥିଲା ଯେ ମାଂସବିକ୍ରେତା ବ୍ୟକ୍ତିମାନେ ପର୍ବଉପଲକ୍ଷରେ ଆପଣା ମତ ଅନୁସାରେ ମୋଟ ଓ ଉତ୍କୃଷ୍ଟ ପଶୁ ପକ୍ଷୀ ସବୁ ନିର୍ଣ୍ଣୟ କରିଥିଲେ ଏପରି ଯାହା ବାଜି ପ୍ରଭୃତିର ବ୍ୟବସାୟୀମାନେ ସନ୍ଧ୍ୟାଠାରୁ ବର୍ଷ ଶେଷ ଯାଏ ଲୋକଙ୍କୁ ଆମୋଦ ପ୍ରଦାନ କରିଥିଲେ ।

ଡେଲିନ୍ୟୁସ ଲେଖିଅଛନ୍ତି ଯେ କଲିକତାର ଏକ ରେଲବେ ଷ୍ଟେସନ ମାଷ୍ଟର ନାମରେ ଗୋଟିଏ ବାକ୍ସ ଶୁଲ୍କରୂପେ ଆସି ପହଞ୍ଚିଲା ସେ ବାକ୍ସ ଫିଟାଇବା ମାତ୍ରେ ଉକ୍ତ କର୍ମଚାରୀ ଦେଖିଲେ ଯେ ତହିଁରେ ଗୋଟିଏ ଜୀବନ୍ତ ବାଳକ ଅଛି । ଷ୍ଟେସନ ମାଷ୍ଟର ଏରୂପ ଦାନ ନେବାକୁ ଅସ୍ୱୀକାର କରିବାରେ ସେଠାର ଦ୍ୱାରବାନ ସେ ବାକ୍ସ ସହିତ ପିଲାଟିକୁ ମାଗି ନେଲା ଓ ପିଲାକୁ ଉଠାଇ ଦେଖିଲା ଯେ ତାହା ବଳୁଣା ତଳେ ବାକ୍ସରେ ୮୦୦ ପାଉଣ୍ଡ (ମୂଲ୍ୟ ୮୦୦୦ ଟଙ୍କା) ଅଛି । ଷ୍ଟେସନ ମାଷ୍ଟର ଏହା ଦେଖି ବାକ୍ସ ଫେରି ମାଗିବାରେ ଦରବାନ ନ୍ୟାୟପୂର୍ବକ ତାହା ଦେବାକୁ ଅସମ୍ମତ ହେଲା । ପୁରୁଷର ଭାଗ୍ୟ ଯେମନ୍ତ ଦେବଙ୍କୁ ଅଗୋଚର କଳିଯୁଗୀ ଲୋକଙ୍କର ବୁଦ୍ଧି ତଦ୍ରୂପ ଜଣାଯାଏ ।

ଆଗାମୀ ଅପ୍ରେଲମାସରେ ଯେଉଁ ଗ୍ରହଣ ହେବ ତାହା ଦେଖିବାପାଇଁ ଜ୍ୟୋତିଷ ଓ ବିଜ୍ଞାନପ୍ରିୟ ଲୋକମାନଙ୍କୁ ଶ୍ୟାମଦେଶର ରାଜା ଆମନ୍ତ୍ରଣ କରି ଘୋଷଣା ଦେଇଅଛନ୍ତି ଯେ ତାହାଙ୍କ ରାଜ୍ୟରେ ପ୍ରବେଶ ହେବା ଦିନଠାରୁ ପୁନର୍ବାର ପ୍ରତ୍ୟାଗମନ କରିବା ପର୍ଯ୍ୟନ୍ତ ସମସ୍ତ ବ୍ୟୟ ଆପଣା ହସ୍ତରୁ ନିର୍ବାହ କରିବେ ବିଜ୍ଞାନ ପ୍ରତି ଶ୍ୟାମରାଜାଙ୍କର ଏରୂପ ଶ୍ରଦ୍ଧା ବଡ ସୁଖକର ଅଟଇ ।

ମଧ୍ୟପ୍ରଦେଶର ନାଗପୁର ନିବାସୀ ହିମ୍ମତର ନାନା ଅତ୍ୟରସ୍ତ ଯେତେ ପେନସନ ବର୍ତ୍ତମାନ ଗବର୍ଣ୍ଣମେଣ୍ଟରୁ ପାଉଅଛନ୍ତି ତହିଁର ଚତୁର୍ଥାଂଶ ତାହାଙ୍କ ପୁତ୍ର ଅଇଲେଜ ଅହରଗ୍ରଣ୍ଡଙ୍କୁ ଦେବାପାଇ ଗବର୍ଣ୍ଣମେଣ୍ଟ ଇଣ୍ଡିଆ ମଞ୍ଜୁର କରିଅଛନ୍ତି ।

ଫ୍ରେଣ୍ଡ ଅବ୍ଇଣ୍ଡିଆ ଲେଖିଅଛନ୍ତି ଯେ ତ୍ରିଲିଦାଦର ୧୮ ମାହାଲର ସ୍କୁଲମାନେ ଦୁର୍ଭିକ୍ଷ ସାହାଯ୍ୟ ସକାଶେ ଆପଣା ମଧ୍ୟରେ ୫୬୪୦୧ ଚାନ୍ଦାଦ୍ୱାରା ଉଠାଇ ଅଛନ୍ତି । ସ୍କୁଲମାନଙ୍କ ପକ୍ଷରେ ଏ କଥା ଭଲ ପ୍ରଶଂସନୀୟ ଅଟଇ ।

ବମ୍ବେଇ ଗଜେଟ ସମ୍ବାଦ ପାଇଅଛନ୍ତି ଯେ ଗତ ଅକ୍ଟୁବର ତା ୩୧ ରିଖରେ ସର ରିଚାର୍ଡ ଟେମ୍ପଲ ଗବର୍ଣ୍ଣମେଣ୍ଟ ଇଣ୍ଡିଆକୁ ଯେଉଁ ହିସାବ ପଠାଇ ଅଛନ୍ତି ତହିଁରେ ଦୁର୍ଭିକ୍ଷସାହାଯ୍ୟନିମନ୍ତେ ପୌନେ ୯ କୋଟିଟଙ୍କା ପଡିବାର ଅନୁମାନ କରିଥିଲେ । ଯଥାର୍ଥ ହିସାବ ଆଗାମୀ ମାସରେ ଜଣା ପଡିବ କିନ୍ତୁ ମୋଟରେ ସୁଖର ବିଷୟ ଏହି ଯେ ପୂର୍ବେ ଯେତେ ବ୍ୟୟ ହେବାର ଅନୁମାନ ହୋଇଥିଲା ତହିଁରୁ ଊଣା ପଡି ଅଛି ।

ମାନ୍ଦ୍ରାଜରେ ସ୍ତ୍ରୀମାନଙ୍କ ଉଦ୍ୟମୋପଯୋଗୀ ଶିକ୍ଷାଦାନ କରିବା ନିମନ୍ତେ ଗୋଟିଏ ବିଦ୍ୟାଳୟ ସ୍ଥାପନ କରିବାର ପ୍ରସ୍ତାବ ହୋଇଅଛି ।

ଇଂଗଲିସମ୍ୟାନ ତାରଡାକଯୋଗେ ସମ୍ବାଦ ପାଇଅଛନ୍ତି ଯେ ନାନାସାହେବ ବୋଲି ଯେଉଁ ବ୍ୟକ୍ତି ଧରା ହୋଇଥିଲା ତାହାକୁ ସିଧମତ ଖଲାସ ଦିଆଯାଇଅଛି ମାତ୍ର ସେ ମହାମାନ୍ୟ ପ୍ରଚଳିତ ଆଇନର ଓ୍ୱାରେଣ୍ଟ ହେନେ ସମ୍ପ୍ରତି ନଜରବନ୍ଦୀରେ ଅଛି ।

୧ । ଏଡିଂବରଗ ଗେଜେଟରୁ ଅବଗତ ହେଲୁଁ ସେଣ୍ଟପିଟର୍ସବର୍ଗରେ ଶୀତର ଏତେଦୂର ପ୍ରାଦୁର୍ଭାବ ହୋଇଅଛି ଯେ ସେଠା ଲୋକେ ଆଶଙ୍କା କରୁଅଛନ୍ତି ସେସ୍ଥାନର ଲଗ ନାମକ ନଦୀ ଜମିଯିବାର ସମ୍ଭାବନା ।

୨ । ଫଟଗ୍ରାଫ ନେବାକୁ ହେଲେ ଯେ ଘରର ଆବଶ୍ୟକ ଏହା ବୋଧ ହୁଏ ସମସ୍ତେ ଜାଣନ୍ତି କିନ୍ତୁ ସମ୍ପ୍ରତି ଏକପ୍ରକାର ଆଲୋକର ଆବିଷ୍କାର ହୋଇଅଛି ଯେ ତଦ୍ୱାରା ଫଟଗ୍ରାଫ ନିଆଯାଇ ପାରେ ।

୩ । ପୂର୍ବେ ନିୟମ ଥିଲା ଯେ ଜୁରୀମାନଙ୍କ ସହିତ ଜଜଙ୍କ ମତ ଅନୈକ୍ୟ ହେଲେ ହାଇକୋର୍ଟର ମତ ଗ୍ରହଣ ଆବଶ୍ୟକ ହେଉଥିଲା ନୂତନ ଫୌଜଦାରୀ ଆଇନରେ ନିୟମ ହୋଇଅଛି ଯେ ଜୁରୀମାନଙ୍କ ମତ ଯୁକ୍ତିସଙ୍ଗତ ବୋଧ ହେଲେ ଜଜସାହେବ ମକଦ୍ଦମା ହାଇକୋର୍ଟକୁ ପଠାଇବେ ନାହିଁ ।

୪ । ପଟିଆଲା ମହାରାଜାଙ୍କ ଠାରୁ ଭାରତବର୍ଷୀୟ ଗବର୍ଣ୍ଣମେଣ୍ଟ ରେଲଓଏ ନିମନ୍ତେ ଶତକଡା ୫ ୪୧ ସୁଧରେ ଦଶ ଲକ୍ଷ ଟଙ୍କା ରଣ ଗ୍ରହଣ କରିବେ । ଏ ପ୍ରସ୍ତାବରେ ଷ୍ଟେଟ ସେକ୍ରେଟରୀ ସମ୍ମତ ଦେଇଅଛନ୍ତି ।

## ବିଜ୍ଞାପନ ।

କଟକକେରେଜକୁମ୍ପାନିର ଡାକ୍ତରଖାନା ଅଦ୍ରଗଷ୍ଟରେ ଏକଖଣ୍ଡ ଉତ୍ତମ ଫିଟନଗାଡ଼ି ତହିଁର ଯୋଡିଘୋଡ଼ାସହିତ ବିକ୍ରି ନିମନ୍ତେ ମୌଜୁଦ ଅଛି ତହିଁର ମୂଲ୍ୟ ଏକହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ନାହିଁ ତାହା ସମ୍ଭ୍ରାନ୍ତ ଲୋକ ବ୍ୟକ୍ତିଙ୍କ ବ୍ୟବହାର ଯୋଗ୍ୟ ଅଟେ ଯେଉଁମାନଙ୍କ ତାହାର ଖରିଦ କରିବାର ବାସନା ଥିବ ସେମାନେ ସେ ଗାଡ଼ୀ ଓ ଘୋଡ଼ାକୁ ଉକ୍ତ ଡାକ୍ତରଖାନାରେ ଆସି ଦେଖି ତହିଁର ମୂଲ୍ୟ ଅନୁସନ୍ଧାନ କରି ପାରନ୍ତି ।

୧୬।୧୨।୭୫

ଶ୍ରୀ ରଘୁନାଥପାଲ
ମୋହରର କେରେଜକୁମ୍ପାନି କଟକ

ଶ୍ରୀଭାନୁ ଏହି ଉତ୍କଳଦୀପିକା ସହରକଟକର ସାବଡାର କଟକପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter

Digitized by srujanika@gmail.com

Split by PDF Splitter

REGISTERED NO. 18



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୧୦ } ତାଂ୧୬ରିଖ ଜାନୁଏରି ସନ ୧୮୭୫ମସିହା । ମୂ । ପୌଷ ବ ୨୭ ଦ ସନ ୧୨୮୨ସାଲ ଶନିବାର { ଅଗ୍ରିମ ବାର୍ଷିକ ମୂଲ୍ୟ ୪୲
ସଂଖ୍ୟା ୩ } ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୫୲
ମଫସଲ ପାଇଁ ଡାକମାସୁଲ ୧।୵

ଆମ୍ଭମାନଙ୍କ କଲେକ୍ଟର ଶ୍ରୀଯୁକ୍ତ ବମ୍ସସାହେବ ଗତ ଗୁରୁବାର ମଫସଲ ଗସ୍ତକୁ ବାହାର ହେଲେ । ଶୁଣାଯାଏ ଯେ ଏବର୍ଷ ବଡ ଲମ୍ବାଗସ୍ତ ହେବ ନାହିଁ ପ୍ରାୟ ଏକମାସ ମଧ୍ୟରେ ଫେରି ଆସିବେ ଏବଂ ଅଲତି, ସୁକିନ୍ଦା, ବଡଗଣା ପ୍ରଭୃତି ସ୍ଥାନର ପାହାଡମାନ ଦେଖିବେ । ଗତବର୍ଷ ମଫସଲ ଭ୍ରମଣ ସମୟରେ ସାହେବ ଯେଉଁପ ସମାରୋହରେ ଯାଇଥିଲେ ଏବର୍ଷ ତାହାର ବଡ ନାହିଁ କେବଳ ଏହାଙ୍କ ପୂର୍ବବର୍ତ୍ତୀ କଲେକ୍ଟରଙ୍କ ପ୍ରାୟ ପ୍ରୟୋଜନୀୟ କେତେଗୁଡି ଅମଲା ସଙ୍ଗରେ ନେଇ ଯାଇ ଅଛନ୍ତି ଏବଂ ଆମ୍ଭେମାନେ ବହୁକାଳରୁ ଏହି ନିୟମର ପକ୍ଷପାତୀ ଥିବାରୁ ବଡ ଆନନ୍ଦିତ ହୋଇ ଅଛୁଁ ।

---

ଗତ ବର୍ଷର ଆରମ୍ଭରୁ ଉତ୍କଳ ଦର୍ପଣ ପୂର୍ବ ଦେହ ତ୍ୟାଗ କରି ନୂତନ କଳେବର ଧାରଣ କରିଅଛି ଏବଂ ଆମ୍ଭେମାନେ ମୁକ୍ତ କଣ୍ଠରେ ସ୍ୱୀକାର କରୁଅଛୁଁ ଯେ ନୂତନ ରୂପରେ ପୂର୍ବାପେକ୍ଷା ଅଧିକତର ଶୋଭା ପାଉଅଛି । ଏହାର କାଗଜ ଭଲ, ଛପା ପରିଷ୍କାର ଏବଂ ଆକାର ଓ ସାଜ ଠିକ ଉତ୍କଳ ଦୀପିକା ପ୍ରାୟ ଅଟଇ ପତ୍ରିକା ପାକ୍ଷିକ ସାପ୍ତାହିକ ହେବାରୁ ଆହୁରି ଆନନ୍ଦର ବିଷୟ ଅଟଇ ଅଥଚ ମୂଲ୍ୟ ଜଣା ଅଗ୍ରିମ ବାର୍ଷିକ ୪ ୲୶ ମାତ୍ର । ଏ ସମସ୍ତ ପରିବର୍ତ୍ତନର ଯେଉଁ ହେତୁମାନ ସମ୍ପାଦକ ଦେଖାଇ ଅଛନ୍ତି ଆମ୍ଭେମାନେ ତହିଁରେ ସମ୍ପୂର୍ଣ୍ଣରୂପେ ଐକ୍ୟ ଅଛୁଁ ଓ ଭରସା କରୁଁ ଯେ ତାହାଙ୍କର ବର୍ତ୍ତମାନ ସାହସ ସଫଳ ପୂର୍ବକ ପତ୍ରିକା ଖଣ୍ଡି ଚିରସ୍ଥାୟୀ ହେଉ ।

---

ଏଥିପୂର୍ବେ ଆମ୍ଭେମାନେ ଲେଖିଥିଲୁଁ ଯେ ବାବୁ ଦୀନନାଥ ବନ୍ଦ୍ୟୋପାଧ୍ୟାୟ ଲକ୍ଷ୍ମୀନାରାୟଣ ରାୟ ଚୌଧୁରୀଙ୍କ ନାଲିଶମତେ ଦୁଇଦିନ ହାଜତରେ ରହି ଜାମିନ ଦେଇ ଖଲାସ ହୋଇଅଛନ୍ତି । ଗତ ସୋମବାର ଉକ୍ତ ମକଦ୍ଦମାରେ ମାଜିଷ୍ଟ୍ରେଟ ସାହେବ ଏହାଙ୍କୁ ଦୁଇବର୍ଷ କାରାବାସ ଓ ଟ ୧୦୦୦ଙ୍କା ଅର୍ଥଦଣ୍ଡର ବିଧାନ କରିଥିଲେ । ସେହିଦିନ ଦୀନୁବାବୁଙ୍କ ପକ୍ଷରୁ ସେସନ ଅଦାଲତରେ ଅପିଲ ଦାଏର ଓ ଜାମିନରେ ମୁକ୍ତି ହେବାର ପ୍ରାର୍ଥନା ହେବାରେ ଜଜ ସାହେବ ଶୀଘ୍ର ନଥି ତଲବ କରାଇ ଜାମିନ ନ ନେଇ ଏକାବେଳକେ ମକଦ୍ଦମାର ବିଚାର କରି ଗତ ଶୁକ୍ରବାର ଦୀନନାଥଙ୍କୁ ଦଣ୍ଡରୁ ମୁକ୍ତ ଦେଇଅଛନ୍ତି । ଦୀନୁବାବୁ ଧନବାନ୍ ନ ହେଲେହେଁ ବଡ଼ଅଦାଲତର ପ୍ରାୟ ସମସ୍ତ ଉକୀଲ ଏହାଙ୍କ ସାହାଯ୍ୟ କରିଥିଲେ ଓ ବାବୁ ରାଜେନ୍ଦ୍ର ମିଶ୍ର ଆସାମିର ନିର୍ଦ୍ଦୋଷିତା ଦେଖାଇବାପାଇଁ ଯେଉଁପ ସବାଲ ଜବାବ କଲେ ତହିଁରେ ଅଦାଲତରେ ଉପସ୍ଥିତ ଥିବା ସମସ୍ତଲୋକ ତାହାଙ୍କର ପ୍ରଶଂସା କରିଥିଲେ । ଆମ୍ଭେମାନେ ତାହାଙ୍କର ବକ୍ତୃତା ଶୁଣିଅଛୁଁ ଓ ତାହା ବାସ୍ତବରେ ବଡ଼ ଭଲ ଲାଗିଥିଲା ଓ ବାବୁଙ୍କର ବିଚକ୍ଷଣତାର ସୁନ୍ଦର ପରିଚୟ ତହିଁରୁ ପ୍ରାପ୍ତ ହେଲା ।

---

ଗତ ପ୍ରକାଶିତ ଅମୃତବଜାର ପତ୍ରିକାରେ ଲେଖାଅଛି ଯେ ସ୍ୱଦେଶୀ ପତ୍ରିକାର ସମ୍ପାଦକ ଜଣେ ପ୍ରଜାବୋଲି ଆପଣାର ପରିଚୟ ଦେଇ ଆମ୍ଭମାନଙ୍କ କଲେକ୍ଟର ଶ୍ରୀଯୁକ୍ତ ବମ୍ସସାହେବ ଓ ତାହାଙ୍କ ସିରସ୍ତାଦାର ନାମରେ ବଙ୍ଗଳାଭାଷାରେ ଏକ ଦରଖାସ୍ତ ଲେଖି ଗବର୍ଣ୍ଣମେଣ୍ଟଙ୍କୁ ପଠାଇ ଅଛନ୍ତି । ତହିଁରେ ବମ୍ସ ସାହେବଙ୍କ ଡାଲି ନେବା, ସିରସ୍ତାଦାର କଥା ଶୁଣିବା ଓ ତାହାକୁ ସଙ୍ଗେ ନେଇ ବୁଲିବା ଇତ୍ୟାଦି ଲେଖା ଅଛି । ସମ୍ପାଦକ ବୋଲନ୍ତି ଯେ ଗବର୍ଣ୍ଣମେଣ୍ଟ ଏ ଆବେଦନପତ୍ର ପାଇ ଦରଖାସ୍ତକାରୀ ନାମରେ ଫଉଜଦାରୀରେ ଅଭିଯୋଗ କରିବାପାଇଁ ଏଠା ମାଜିଷ୍ଟ୍ରେଟଙ୍କ ନିକଟକୁ ତାହା ଫେରି ପଠାଇଅଛନ୍ତି ଓ ମାଜିଷ୍ଟ୍ରେଟସାହେବ ତଦନୁସାରେ ମକଦ୍ଦମା ଉପସ୍ଥିତକରି ଦରଖାସ୍ତକାରୀକୁ ଦୁଇଦିନ ହାଜତରେ ରଖିଥିଲେ । ଏଥିରୁ ଆମ୍ଭେମାନେ ବୋଧ କରୁଁ ଯେ ଅମୃତବଜାର ପତ୍ରିକାର ସମ୍ପାଦକ ଭ୍ରମରେ ପଡି ଏରୂପ ଲେଖି ଅଛନ୍ତି ଓ ଗବର୍ଣ୍ଣମେଣ୍ଟ ବାସ୍ତବରେ କି ଆଜ୍ଞା ଦେଇ ଅଛନ୍ତି ତାହା ଜାଣିବାର ଚେଷ୍ଟା ନ କରି ବାବୁ ଲକ୍ଷ୍ମୀନାରାୟଣ ରାୟ ଚୌଧୁରୀଙ୍କ ମକଦ୍ଦମାରେ ଦୀନୁବାବୁଙ୍କର ଯେ ଦୁର୍ଦ୍ଦଶା ଉପସ୍ଥିତ ହୋଇଅଛି ତାହାକୁ ଉକ୍ତ ଆବେଦନପତ୍ର ପଠାଇବାର ଫଳ

Digitized by srujanika@gmail.com

Split by PDF Splitter



ସ୍ୱରୂପ ଜ୍ଞାନ କରି ଅଛନ୍ତି । ବାସ୍ତବରେ ତାହା ନୁହଇ କାରଣ ଖାନ୍‌ବାବୁ ବଣ୍ଡ ଯାଇବାଦନ କେବଳ ମାଜିଷ୍ଟ୍ରେଟ ସାହେବଙ୍କୁ ତାହାଙ୍କ ନାମରେ ଗବର୍ଣ୍ଣମେଣ୍ଟରେ ଦରଖାସ୍ତ ଦେବାର କଥା ଜଣାଇଲେ ତହିଁ ପୂର୍ବରୁ ମାଜିଷ୍ଟ୍ରେଟ କିମ୍ବା ଏଠାର ସର୍ବସାଧାରଣ ତହିଁର ବିନ୍ଦୁମାତ୍ର ଜାଣି ନ ଥିଲେ । )

ଛାତ୍ରବୃତ୍ତି ପରୀକ୍ଷା ।

କଟକଜିଲାର ସନ ୧୮୭୪ ମସିହା ବାବତ ମାଇନର ଓ ବର୍ନାକ୍ୟୁଲର ଛାତ୍ରବୃତ୍ତି ପରୀକ୍ଷାର ଫଳ ଅମ୍ଭେମାନେ ଉକ୍ତ ଜିଲ୍ଲାସ୍କୁଲ କମିଟୀଙ୍କ ସମ୍ପାଦକଙ୍କଠାରୁ ପ୍ରାପ୍ତ ହୋଇ ସର୍ବସାଧାରଣଙ୍କ ଗୋଚରାର୍ଥେ ପ୍ରକାଶ କଲୁଁ ।

ମାଇନର ଛାତ୍ରବୃତ୍ତି ପରୀକ୍ଷାର ସବୁଫଳ ମିଶନସ୍କୁଲକୁ ପ୍ରାପ୍ତ ହୋଇଅଛି ଓ ଯଦ୍ୟପି କ ଏକା ଉର୍ଦ୍ଦୁସ୍କୁଲର ଜ ୧୧ ଣ ଛାତ୍ର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଅଛନ୍ତି ବୋଲି ସନ୍ତୋଷ ହେବାର କେତେକ କାରଣ ଅଛି ତଥାପି ଅମ୍ଭମାନଙ୍କର ଆଶାଥିଲା ଯେ ଏହି ବିଦ୍ୟାଳୟ ପରୀକ୍ଷାରେ ଉଚ୍ଚତମସ୍ଥାନ ପାଇବ ମାତ୍ର ତାହା ହେଲା ନାହିଁ ବୋଲି ଉକ୍ତ ବିଦ୍ୟାଳୟର ପ୍ରଶଂସା ଅମ୍ଭେମାନେ କରି ନ ପାରୁଁ । ଯାହା ହେଉ ମିଶନସ୍କୁଲ କେବଳ ମାଇନର ଛାତ୍ରବୃତ୍ତି ପରୀକ୍ଷାରେ ନୁହେ ଜରିବିଦ୍ୟା ପରୀକ୍ଷାରେ ମଧ୍ୟ ଏ ଜିଲାରେ ଏବର୍ଷ ଅଗ୍ରସର ହୋଇଅଛି ବଡ ସୁଖର ବିଷୟ ଅଟଇ । ଚୌଧୁରୀଙ୍କସ୍ଥାପିତ ସୁନ୍ଦରଗାଁସ୍କୁଲର ଏକଜଣଛାତ୍ର ପ୍ରଥମଶ୍ରେଣୀରେ ଉତ୍ତୀର୍ଣ୍ଣ ହେବାର ଦେଖି ଅମ୍ଭେମାନେ ଅନ୍ତର ଆନନ୍ଦିତ ହେଲୁଁ ମାତ୍ର ଦୁଃଖର ବିଷୟ ଯେ ଏହାକୁ ଗୋଟିଏ ବୃତ୍ତି ଦିଆ ନ ଗଲା ! ମୋଫସଲସ୍କୁଲର ଛାତ୍ରମାନଙ୍କ ମଧ୍ୟରେ କେହି ବୃତ୍ତି ପାଇଲେ ଯେତେ ଉତ୍ସାହପ୍ରଦାନ କରିବାକୁ ହୁଅନ୍ତା ତାହା ମନେ କଲେ ଏ ବ୍ୟତିକ୍ରମ ଭଲ ହୋଇ ନାହିଁ ।

ବର୍ଣ୍ଣାକ୍ୟୁଲର ଅର୍ଥାତ୍ ଭାଷା ଛାତ୍ରବୃତ୍ତି ପରୀକ୍ଷାରେ ମଧ୍ୟ ଏ ବର୍ଷ ଏନଗରର ପ୍ରଧାନସ୍କୁଲ ସନ୍ତୋଷସ୍ଥାନ ରଖିବାକୁ ସମର୍ଥ ହୋଇ ନାହିଁ । ବସ୍ତୁ ଗଡଜାତ ଯେ ମୋଗଲବନ୍ଦିକୁ ଜିଣିଅଛି ଏହା ବଡ କୌତୁକର ବିଷୟ ଅଟଇ ଏକଥା ଯେମନ୍ତ ଗଡଜାତ ପକ୍ଷରେ ଅଧିକ ପ୍ରଶଂସନୀୟ ସେମନ୍ତ ଏ ନଗରପକ୍ଷରେ ନିନ୍ଦନୀୟ ହୋଇଥାନ୍ତା ମାତ୍ର ସେହି ଶ୍ରେଣୀରେ ଏ ନଗରର ବିଦ୍ୟାଳୟର ଏକଜଣ ଛାତ୍ର ସ୍ଥାନ ପାଇଥିବାରୁ ତାହା ହୋଇପାରି ନାହିଁ । ଅନଗୁଳସ୍କୁଲର ଜଣେଛାତ୍ର ଦ୍ୱିତୀୟଶ୍ରେଣୀରେ ଉଠିଅଛି ଆନନ୍ଦର ବିଷୟ ଅଟଇ । ଢେଙ୍କାନାଳସ୍କୁଲର ସମସ୍ତଛାତ୍ର ତୃତୀୟଶ୍ରେଣୀରେ ପଡି ରହିଅଛନ୍ତି ଶୋଭା ପାଉ ନାହିଁ କାରଣ ପୂର୍ବବର୍ଷମାନଙ୍କରେ ଏଠା ବିଦ୍ୟାଳୟର ପ୍ରଶଂସା ଅମ୍ଭେମାନେ କରି ଆସିଅଛୁଁ ଏବର୍ଷ ସେ ଗୌରବ ଯାହା ରକ୍ଷା ନ ପାରିଲା !

ଦେଶୀୟ ରାଜନୀତି ।

ଇଂରେଜମାନଙ୍କ ସୁଶାସନ ପ୍ରଣାଳୀ ଦେଖି ବର୍ତ୍ତମାନକୁ ଦେଶୀୟ ରାଜାମାନେ କ୍ରମପରିମାଣେ ତହିଁର ଅନୁକରଣ କରିବାକୁ ସମର୍ଥ ହୋଇଅଛନ୍ତି ଓ ସୁଶିକ୍ଷିତ ଦେଶୀୟ ଲୋକଙ୍କୁ ପ୍ରଧାନ ମନ୍ତ୍ରୀ ପଦରେ ବରଣ କରି ତଦ୍ୱାରା ବହୁ ଉପକାର ପ୍ରାପ୍ତ ହେଉଅଛନ୍ତି ଏ ସବୁର ଉଦାହରଣସ୍ୱରୂପ ଇନ୍ଦୋରର ଶାସନପ୍ରଣାଳୀ ହିନ୍ଦୁପେଟ୍ରିୟଟ ପତ୍ରିକାରୁ ଉଦ୍ଧୃତ କରି ଏଠାରେ ପ୍ରକାଶ କଲୁଁ । ଭରସା କରୁଁ ଯେ ଏହା ପାଠ କରି ଏପ୍ରଦେଶୀୟ ରାଜାମାନେ ଆପଣା ପ୍ରୟୋଜନ ଓ ସାଧ୍ୟାନୁସାରେ ଏହିପ୍ରକାର ଉତ୍କୃଷ୍ଟ ରାଜନୀତିମାନ ଅବଲମ୍ବନ କରି ଅଧୀନସ୍ଥ ପ୍ରଜାମାନଙ୍କର ସୁଖ ବର୍ଦ୍ଧନ ଓ ଆପଣାମାନଙ୍କ ମଙ୍ଗଳ ସାଧନ କରିବେ ।

ଶାସନପ୍ରଣାଳୀ ନିମ୍ନଲିଖିତ ପ୍ରକାର ଅଟଇ । ପ୍ରତିବିଭାଗ ଅର୍ଥାତ୍ ମହଲ୍ଲମାନରେ ତତ୍ସମ୍ପର୍କୀୟ ପ୍ରଶ୍ନୋତ୍ତର ପ୍ରସ୍ତୁତ ହୋଇ ତହିଁରେ ସେ ବିଭାଗର ମନ୍ତ୍ରୀଙ୍କ ସ୍ୱାକ୍ଷର ହେଲା ଉତ୍ତାରେ ସର ମହାଦେବ ରାଓଙ୍କ ସ୍ୱାକ୍ଷର ସକାଶେ ଅର୍ପିତ ହୁଅଇ । ଗୁରୁତର ବିଷୟ ସବୁ ତହିଁର ବିବେଚନା ଓ ବିଶେଷ ଉପଦେଶସହିତ ତାଙ୍କଠାରେ ଆଗତ କରାଯାଏ । ବିଶେଷ ଗୁରୁତର ବା କଠିନ ବିଷୟ ହେଲେ ତହିଁର ବିଚାର ନିମିତ୍ତ ସକଳ ବା ଅଧିକାଂଶ ମନ୍ତ୍ରୀଗଣ ଏକତ୍ରିତ ହୁଅନ୍ତି । ଏହି ପ୍ରକାରେ ଲୋକ ବିଶେଷର ଏବଂ ସମସ୍ତଙ୍କର ଦାୟ ରକ୍ଷିତ ହୋଇଅଛି । ଉପସ୍ଥିତ ବର୍ତ୍ତମାନ ମହାରାଜାଙ୍କୁ ଜଣାଣ ହୁଅଇ ନାହିଁ କିନ୍ତୁ ଯେଉଁଥିରେ ଅଧିକା ବ୍ୟୟ ପଡିବ କିମ୍ବା ଇଂରେଜ ଗବର୍ଣ୍ଣମେଣ୍ଟ ସମ୍ପର୍କେ କିଛି ଅସାଧାରଣ ବିଷୟ ହେଲେ କିମ୍ବା ମୃତ୍ୟୁ ବା ଯାବଜ୍ଜୀବନ ଦଣ୍ଡ ଦେବାର ହେଲେ ଏ ସକଳ ବିଷୟମାନ ମହାରାଜଙ୍କୁ ଜଣାଇ କରାଯାଇ ତାଙ୍କର ଆଦେଶ ନିଆଯାଏ । ମହାରାଜାଙ୍କ ସମ୍ମତି ବ୍ୟତିରେକେ ପ୍ରଚଳିତ ପ୍ରଣାଳୀରେ କିଛି ଗୁରୁତର ପରିବର୍ତ୍ତନ ହୋଇ ନ ପାରେ । ରାଜସ୍ୱ ବିଭାଗରେ ମହାରାଜାଙ୍କର ବିଶେଷ ମନୋଯୋଗ ଥିବାରୁ ତାହା ଆପଣା ତତ୍ତ୍ୱାବଧାରଣରେ ରଖିଅଛନ୍ତି । ମହାରାଜା ଆପଣା ଇଚ୍ଛାନୁସାରେ କୌଣସି ବିଭାଗର କାଗଜ ପତ୍ର ଅଣାଇ ତହିଁରେ ଆଜ୍ଞା ପ୍ରଦାନ କରନ୍ତି । ସର ମହାଦେବ ରାଓ ମହାରାଜାଙ୍କ ସଙ୍ଗେ ସଦା ସର୍ବଦା ସାକ୍ଷାତ କରିବାର ସୁବିଧା ଥିବାରୁ ଜଣାଣ ଓ ତର୍କ ବିତର୍କର ସୁଯୋଗ ହୋଇଅଛି । ସେଠାରେ ଥିବା ଇଂରେଜ ଗବର୍ଣ୍ଣମେଣ୍ଟର ଏଜେଣ୍ଟ ନିକଟକୁ ସର ମହାଦେବ ରାଓ ପରବାହାରେ ଇଂରାଜି ପତ୍ରାଦି ଲେଖନ୍ତି ବିଚାର ସମ୍ପର୍କୀୟ ବିଭାଗର ଉଚ୍ଚତମ କାର୍ଯ୍ୟାଳୟ ସଦର ଅଦାଲତ ଅଟଇ ଓ ତାହା ନିମ୍ନସ୍ଥ ଅଦାଲତମାନଙ୍କର ଦେୱାନୀ ଓ ଫଉଜଦାରୀ କାର୍ଯ୍ୟର ତତ୍ତ୍ୱ କରଇ ଏବଂ ଉଚ୍ଚତମ ଅପିଲ ଅଦାଲତ ଅଟଇ । ସେ ଅଦାଲତ ରାଜଧାନୀରେ ସ୍ଥାପିତ ହୋଇଅଛି ଓ ତହିଁରେ ଦୁଇ ଜଣ ସୁଯୋଗ୍ୟ ବିଚାରପତି ଅଛନ୍ତି ସେମାନେ ଇଂରେଜୀ ଭାଷା, ବିଜ୍ଞାନଶାସ୍ତ୍ର ଓ ଆଇନ ଉତ୍ତମ ରୂପେ ଜାଣନ୍ତି । ପ୍ରଥମ ବିଚାରପତିଙ୍କର ବେତନ ମାସିକ ୧୮୦୦ ଟଙ୍କା ଓ ଦ୍ୱିତୀୟ ଜଣଙ୍କର ୧୫୦୦ ଟଙ୍କା ଅଟଇ । ତିନୋଟି ଜିଲା ଅଦାଲତ ଅଛି ଓ ତହିଁରେ ଜଣେ ଲେଖାଏଁ ବିଚାରପତି ଅଛନ୍ତି ସେମାନେ ସଦର ଅଦାଲତର ବିଚାରପତି ତୁଲ୍ୟ ବ୍ୟକ୍ତି ଅଟନ୍ତି । କାର୍ଯ୍ୟ ମକଦମା ନିଶେଷ କରିବା ନିମନ୍ତେ ଜଣେ ଅତିରିକ୍ତ ବିଚାରପତି ଇନ୍ଦୋର ଜିଲା ଅଦାଲତରେ କିଛିକାଳପାଇଁ ନିଯୁକ୍ତ ହୋଇଅଛନ୍ତି । ମହାରାଜ ଆଉ ଜଣେ ବିଚାରପତି ନିଯୁକ୍ତ କରିବାକୁ ସମ୍ମତି ଦେଇଅଛନ୍ତି ସେ ନିମାଡର ସ୍ଥାନର ମକଦମା କରିବେ ଓ ଯେଉଁଠାରେ ସାହାଯ୍ୟ ଆବଶ୍ୟକ ହେବ ସେଠାରେ ସାହାଯ୍ୟ କରିବେ ରାଜକୀୟ ଓ ଲୋକଙ୍କ ପତ୍ରାଦି ଗତାୟାତ ସକାଶେ ଡାକଘରମାନ ସ୍ଥାପନ ହୋଇଅଛି ଓ ଇଂରାଜି ଡାକ ପ୍ରଣାଳୀର ଜ୍ଞାତ ଥିବା ଜଣେ ପ୍ରଧାନ କର୍ମଚାରୀଦ୍ୱାରା ତହିଁର ତତ୍ତ୍ୱ ହୁଅଇ । ଜଣେ ଇଞ୍ଜିନିୟର ଅର୍ଥାତ୍ ବାରିକମାଷ୍ଟର କେତେକ ଅଧୀନସ୍ଥ କର୍ମଚାରୀ ସହିତ ନିଯୁକ୍ତ ହୋଇଅଛନ୍ତି ।

ଇନ୍ଦୋର ନଗରର ଉନ୍ନତି ସାଧନରେ ଅନେକ ମୁଦ୍ରା ବ୍ୟୟ ହୋଇ ତହିଁର ଅଧିକାଂଶ

Digitized by srujanika@gmail.com

ସଡ଼କ ପକ୍କା ହୋଇ ଅଛି ଓ ନାଳ ଖୋଳାଯାଇ ଅଛି । ପ୍ରଧାନ ସଡ଼କମାନଙ୍କରେ ଗ୍ରୀଷ୍ମରେ ଅନେକ ଦିଆଯାଏ ଓ ଜଳ ଯୋଗାଇବାରେ ମନୋଯୋଗ କରାଯାଏ । ଗୃହଧାନୀର ଗପ୍ୟାଦି ଉତ୍ପାଦକ ଛଳମାନଙ୍କୁ ସଡ଼କ ପ୍ରସ୍ତୁତ ହେଉଅଛି ଅପରାଧୀମାନଙ୍କୁ ଧୃତ କରିବା ଇତ୍ୟାଦି କର୍ମ ସକାଶେ ପ୍ରତିଛଳରେ ବିଶେଷ ପୁଲିସ ନିଯୁକ୍ତ ହୋଇ ଅଛନ୍ତି । କାରାଗାରର ବନ୍ଦୀମାନଙ୍କ ସ୍ୱାସ୍ଥ୍ୟରକ୍ଷାର୍ଥେ ଡାକ୍ତର ରହି ଅଛନ୍ତି । ଗୋବାଟିକା ପ୍ରଥା ପ୍ରଚଳିତ କରିବା ନିମନ୍ତେ ମହାରାଜା ଅର୍ଥ ବ୍ୟୟ ସ୍ୱୀକାର କରି ଅଛନ୍ତି । ଜଣେ ସୁଶିକ୍ଷିତ ଦେଶୀୟ ଦାଇ ବମ୍ବେଇରୁ ଆନୀତ ହୋଇ ରାଜଧାନୀରେ ନିଯୁକ୍ତ ହୋଇ ଅଛି ଓ ଲୋକେ ତାହାର ଗୁଣଗ୍ରାହୀ ହୋଇ ଅଛନ୍ତି ।

---

ବିଶ୍ୱବିଦ୍ୟାଳୟର ପରୀକ୍ଷାର ଫଳ ।

ଗତମାସର ପ୍ରଥମ ସପ୍ତାହର କଲିକତା ଗଜେଟରେ ବଙ୍ଗଳା ପ୍ରେସିଡେନ୍‌ସିର ବିଶ୍ୱବିଦ୍ୟାଳୟର ଏଲ, ଏ ଓ ପ୍ରବେଶିକା ପରୀକ୍ଷାର ଫଳ ବାହାରିଅଛି । ତହିଁରେ ଦେଖାଯାଏ ଯେ ଏବର୍ଷ ସର୍ବସୁଦ୍ଧା ୧୯୪ ଜଣ ଛାତ୍ର ଏଲ, ଏ, ପରୀକ୍ଷାରେ ଏବଂ ୯୫୬ ଜଣ ଛାତ୍ର ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ସକଳ ବିଷୟରେ ପ୍ରେସିଡେନ୍‌ସୀ କଲେଜ ଅନ୍ୟାନ୍ୟ ବର୍ଷପରି ସର୍ବୋଚ୍ଚ ସ୍ଥାନ ପାଇଅଛି । କିନ୍ତୁ ମେଦନୀପୁର ହାଇସ୍କୁଲ ଯେ ତୃତୀୟ ସ୍ଥାନ ପାଇଅଛି ଏହା ବଡ ପ୍ରଶଂସାର ବିଷୟ ଅଟଇ ବିଶେଷତଃ ସ୍ମରଣ ରଖିବାକୁ ହେବ ଯେ ମେଦନୀପୁର ସ୍କୁଲ କେବଳ ଦୁଇବର୍ଷ ହେଲା ହାଇସ୍କୁଲ ହୋଇଅଛି । ପଶ୍ଚିମର ଉଲ୍ଲିକଲେଜ ମଧ୍ୟ ପଞ୍ଚମ ସ୍ଥାନ ପାଇଥିବାର ଦେଖି ଆନନ୍ଦିତ ହେଲୁଁ ।

ଓଡ଼ିଶା ବିଭାଗର ଫଳ ନିମ୍ନେ ପ୍ରକାଶିତ ହେଲା ଯଥା ।

ଫାଷ୍ଟ ଆର୍ଟସ ।

୨ ୟ ଶ୍ରେଣୀ ।

| | |
|---|---|
| ଶ୍ରୀପତି ଚଟ୍ଟୋପାଧ୍ୟା | କଟକ ହାଇସ୍କୁଲ |
| ନିତ୍ୟାନନ୍ଦଘୋଷ | ଏକଜନ |

ଏଣ୍ଟ୍ରେନ୍‌ସ ବା ପ୍ରବେଶିକା ।

୨ ୟ ଶ୍ରେଣୀ ।

| | |
|---|---|
| ଅତୁଳଚନ୍ଦ୍ର ମୁଖର୍ଯ୍ୟା | କଟକ ହାଇସ୍କୁଲ |
| ଲକ୍ଷ୍ମୀନାଥ ଚୌଧୁରୀ | ବାଲେଶ୍ୱରସ୍କୁଲ |

୩ ୟ ଶ୍ରେଣୀ ।

| | |
|---|---|
| ଗୋପାଳଚନ୍ଦ୍ର ବୋଷ | କଟକ ହାଇସ୍କୁଲ |
| ଜି, ଇ, ଉସୋଜା | ଏକଜନ |
| ଆନନ୍ଦଚନ୍ଦ୍ର ମହାନ୍ତି | ଏକଜନ |
| ପ୍ରଭାକର ମହାନ୍ତି | ଏକଜନ |
| ଭଗବତ ନନ୍ଦ | ଏକଜନ |
| ଚୈତନ ପ୍ରସାଦ ରାୟ | ଏକଜନ |
| କୁଞ୍ଜବିହାରି ରାୟ | ଏକଜନ |
| ଚନ୍ଦ୍ରନାଥ ପାଲିତ | କଟକ ହାଇସ୍କୁଲ |
| ସେଖବାବୁଜାନ | ବାଲେଶ୍ୱର ସ୍କୁଲ |

ଏମନ୍ତେ ଦେଖାଯାଏ ଯେ ଫାଷ୍ଟ ଆର୍ଟସ ପରୀକ୍ଷାରେ ଜ ୭ ଣ ପରୀକ୍ଷାର୍ଥିଙ୍କ ମଧ୍ୟରେ କେବଳ ଦୁଇଜଣ ଏବଂ ପ୍ରବେଶିକା ପରୀକ୍ଷାରେ ଜ ୨୪ ଣଙ୍କ ମଧ୍ୟରୁ କେବଳ ଜ ୧୧ ଣ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ସୁତରାଂ ସ୍କୁଲରୂପେ ବୁଝିଲେ ଓଡ଼ିଶାର ଫଳ ଭଲ ହୋଇ ନାହିଁ । ପ୍ରତ୍ୟେକ ବିଦ୍ୟାଳୟର ବିଚାର ପୃଥକରୂପେ କଲେ ମଧ୍ୟ ଦେଖାଯାଏ ଯେ ପ୍ରବେଶିକା ପରୀକ୍ଷାର ଫଳ କୌଣସି ବିଦ୍ୟାଳୟ ପ୍ରତି ଭଲ ବୋଲାଯାଇ ନ ପାରେ ଓ ଗତବର୍ଷ ସଙ୍ଗେ ତୁଳନା କଲେ ଯଦ୍ୟପିହି କଟକ ହାଇ ସ୍କୁଲର ଫଳ ସଂଖ୍ୟାରେ ସମାନ ଦିଶୁଅଛି ମାତ୍ର ଗୁଣରେ ଊଣା ପଡୁଅଛି ।

ଗତବର୍ଷ ହାଇ ସ୍କୁଲର ଫାଷ୍ଟ ଆର୍ଟସ ପରୀକ୍ଷାରେ ଜଣେ ମାତ୍ର ଛାତ୍ର ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲା । ଏବର୍ଷ ଦୁଇ ଜଣ ଛାତ୍ର ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ଅଛନ୍ତି ଏ ଫଳକୁ ଅବଶ୍ୟ ଭଲ ବୋଲିବାକୁ ହେବ ମାତ୍ର ଆମ୍ଭେମାନେ ବୋଲୁଁ ଯେ ଏଥିରେ ଆମ୍ଭମାନଙ୍କର ସୁଖ ଜାତ ହେଉ ନାହିଁ କାରଣ ପ୍ରତିବର୍ଷ ଜଣେ ଦୁଇ ଜଣ ପରୀକ୍ଷା ଦେବାକୁ ପାରିଲେ ହାଇ ସ୍କୁଲସ୍ଥାପନର କଳ୍ପନା ସାର୍ଥ ହେଲା ନାହିଁ ଓ ଜ ୭ ଣ ମଧ୍ୟରୁ କେବଳ ଦୁଇ ଜଣ ଓ ତହିଁ ମଧ୍ୟରେ ଓଡ଼ିଶାବାସୀ ଏକ ଜଣ କୃତକାର୍ଯ୍ୟ ହେବାରୁ ସ୍ପଷ୍ଟ ଜଣା ଯାଉଅଛି ଯେ ଯଥା ବିହିତ ପ୍ରକାରରେ ଶିକ୍ଷା ଦାନ ହେଉ ନାହିଁ ନୋହିଲେ ଏପରି ଶୋଚନୀୟ ଫଳ ଘଟିବାର ଅନ୍ୟ କି ହେତୁ ହୋଇପାରେ? ଆମ୍ଭେମାନେ ଗତବର୍ଷ ଶିକ୍ଷା ବିଭାଗର କର୍ତ୍ତୃପକ୍ଷଙ୍କୁ ଏ ବିଷୟରେ ଦୃଷ୍ଟିପାତ କରିବାକୁ ଲେଖିଥିଲୁଁ ଓ ଏବର୍ଷ ମଧ୍ୟ ସେହିରୂପ ଅନୁରୋଧ କରୁଅଛୁଁ କି ଯେମନ୍ତ ଏଠା ହାଇ ସ୍କୁଲଟି ଏଠା ଲୋକଙ୍କ ଉପକାରରେ ଆସୁ । ବର୍ଷକୁବର୍ଷ କହିତ ଗୁଡ଼ାଏ ଛାତ୍ର ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ କି ହେବ ଯେବେ ବିଶ୍ୱ ବିଦ୍ୟାଳୟର କୌଣସି ପରୀକ୍ଷା ସେମାନେ ଦେଇ ନ ପାରିଲେ ତେବେ ସେମାନଙ୍କ ଶ୍ରମ ବୃଥା ହେଲା ଓ କେବଳ ମୃଗ ତୃଷ୍ଣାରେ ପଡ଼ି ମରିଗଲେ ।

ବାଲେଶ୍ୱର ସ୍କୁଲର ଚାରିଜଣ ପରୀକ୍ଷାର୍ଥିଙ୍କ ମଧ୍ୟରୁ ଗତବର୍ଷ ତିନିଜଣ ଉତ୍ତୀର୍ଣ୍ଣ ହୋଇଥିଲେ ଏବର୍ଷ ଜ ୨ ଣ ପରୀକ୍ଷା ସକାଶେ ଆସି ସମସ୍ତେ କୃତକାର୍ଯ୍ୟ ହୋଇଅଛନ୍ତି ଏ ଫଳକୁ ଅବଶ୍ୟ ଓଡ଼ିଶା ମଧ୍ୟରେ ସର୍ବୋତ୍କୃଷ୍ଟ ବୋଲିବାକୁ ହେବ ବିଶେଷରେ ଜଣେ ମୁସଲମାନ ଉତ୍ତୀର୍ଣ୍ଣ ହୋଇ ଥିବାରୁ ଅଧିକ ସୁଖର ବିଷୟ ଅଟଇ । ପୁରୀସ୍କୁଲର ଫଳ ଲେଖିବା ଜେଣିକି ଥାଉ ଏଥର ଏହାର ନାମ ସୁଦ୍ଧା ତାଲିକାରେ ନାହିଁ । ଗତବର୍ଷ ତିନିଜଣ ପରୀକ୍ଷା ଦେବାକୁ ଆସି ସମସ୍ତେ ଫଳ ପ୍ରାପ୍ତ ହୋଇଥିଲେ ଏଥର ଜ ୭ ଣ ଆସି ସମସ୍ତେ ନୈରାଶ ହେଲେ ! ପ୍ରାର୍ଥିଙ୍କ ସଂଖ୍ୟା ଶୁଣି ଆମ୍ଭେମାନେ ପ୍ରଥମରୁ ଶଙ୍କାଯୁକ୍ତ ଥିଲୁଁ କାରଣ ପୁରୀଭାଗ୍ୟରେ ଏପରି ପୂର୍ବେ କେବେ ଦେଖା ଯାଇ ନାହିଁ କିନ୍ତୁ ଏତେ ମନ୍ଦ ହେବ ବୋଲି କିଏ ଜାଣି ଥିଲା ।

ଏସବୁ ଫଳ ଦେଖି ଓଡ଼ିଶାର ଶୀଘ୍ର ଉନ୍ନତି ହେବ ବୋଲି କିଏ କହିବାକୁ ସମର୍ଥ ହେବ ଓ ସ୍ଥାନୀୟ କର୍ତ୍ତୃପକ୍ଷମାନେ ଏଠାର ବିଦ୍ୟୋନ୍ନତି ନିମିତ୍ତ ଯେସମସ୍ତ ଉପାୟ କରୁଅଛନ୍ତି ତାହା କେବଳ ବାହ୍ୟାଡ଼ମ୍ବର ନୁହଇ ବୋଲି ମଧ୍ୟ କାହାର ବିଶ୍ୱାସ ହେବ ।

---

## ସାପ୍ତାହିକ ସଂବାଦ ।

ବାଲେଶ୍ୱରଜିଲ୍ଲାରେ ଗତ ମାଇନରଛାତ୍ରବୃତ୍ତି ପରୀକ୍ଷାରେ ଚାରିଜଣ ଛାତ୍ର ଏବଂ ଓଡ଼ିଆ ଛାତ୍ରବୃତ୍ତି ପରୀକ୍ଷାରେ ଜ ୨୨ ଣ ଛାତ୍ର ଉତ୍ତୀର୍ଣ୍ଣ ହୋଇଅଛନ୍ତି ଉତ୍କଳଦର୍ପଣରେ ସେମାନଙ୍କର ନାମ ଛପା ହୋଇଅଛି । ଓଡ଼ିଆ ଛାତ୍ରବୃତ୍ତିର ପ୍ରଥମଶ୍ରେଣୀରେ କାହାରି ନାମ ନାହିଁ କାହିଁକି ?

କଲିକତାର ମହନ୍ତ ଜଣେ ସଧବା ସ୍ତ୍ରୀକୁ ଭିଗାଇ ନେବା ଅଭିଯୋଗରେ ଦୁଇବର୍ଷ କଠିନ ପରିଶ୍ରମ ସହିତ କାରାବାସ ଭୋଗ କରିବାର ଦଣ୍ଡ ପାଇଅଛି । ଆଜି କାଲି ଲମ୍ପଟତା ବୈଷ୍ଣବଙ୍କର ବିଶେଷତଃ ମୋହନ୍ତମାନଙ୍କର ଲକ୍ଷଣ ହୋଇଥିବାର ଅନୁମାନ କରାଯାଇ ପାରେ ! ବଡ ଶୋଚନୀୟ ବିଷୟ !!

Split by PDF Splitter



ଧର୍ମତତ୍ତ୍ୱ ପତ୍ରିକାରୁ ଅବଗତ ହେଲୁଁ ଯେ ବ୍ରହ୍ମଜ୍ଞାନୀ ବାବୁ ପ୍ରତାପଚନ୍ଦ୍ର ମଜୁମଦାର ବ୍ରାହ୍ମଧର୍ମ ପ୍ରଚାର କରିବାପାଇଁ ବିଲାତକୁ ଯାଇଥିଲେ। ଇଂରାଜମାନେ ତାଙ୍କୁ ବିଶେଷ ସମାଦର କରିଅଛନ୍ତି। ତାଙ୍କ ପ୍ରତ୍ୟାଗମନ ସମୟରେ ଲଣ୍ଡନ ନଗରରେ ଗୋଟିଏ ବିଶେଷ ସଭା ହୋଇଥିଲା। ତହିଁରେ ପ୍ରାୟ ସାତଶତ ସାହେବ ଓ ମେମ ଉପସ୍ଥିତ ହୋଇ ବାବୁ ମହାଶୟଙ୍କୁ ଶ୍ରୀତମତ ବିଦାୟ ଦେଲେ। ବଳଶାୟ ଇଂରାଜଙ୍କର କେଡେ ସହୃଦୟ ଓ ଶିଷ୍ଟାଚାର!

ସେହି ପତ୍ରିକା ବୋଲନ୍ତି ଯେ ବିଲାତରେ ମାଞ୍ଚେଷ୍ଟର ନଗରରେ ବ୍ରହ୍ମୋପାସନା ବିଷୟରେ ଗୋଟିଏ ସଭା ହୋଇଥିଲା ତହିଁରେ ପ୍ରାୟ ଛଅ ସହସ୍ର ଲୋକ ଉପସ୍ଥିତ ହୋଇଥିଲେ। ଏଥିରେ ଟିକଟ ବ୍ୟବହାର ହୋଇଥିବାରୁ ସହସ୍ରେ ମୁଦ୍ରା ଉଠିଥିଲା ତହିଁରୁ ସଭାର ବ୍ୟୟ ଯାଇ ଅବଶିଷ୍ଟ ଟଙ୍କାରେ ଦୂରଗତ ଧର୍ମଗ୍ରନ୍ଥ କ୍ରୟ ହୋଇଅଛି। ଏଥିରେ ବ୍ରାହ୍ମ-ସଭାର ପୁସ୍ତକାଳୟ ହେବ। ଏଣିକି ବ୍ରାହ୍ମଧର୍ମର ଜୟ! ବିଲାତରେ ଲୋକେ ଟଙ୍କାଦେଇ ସଭାକୁ ଯାଆନ୍ତି ଏଠାରେ ଡିବଡାବଗ୍ ରେ ଲୋକେ ସଭାକୁ ନ ଆସନ୍ତି ଏପରି ଅବସ୍ଥାରେ କିପରି ଏ ଦେଶର ଉନ୍ନତି ହେବ?

ଜଣେ ବାଳକ ପଢ଼ା ମୁଖସ୍ଥ କରିବାରୁ ଶିକ୍ଷକ ତାହାକୁ ବେତ ମାରିବାରେ ତାହାର ପିତା ଲଣ୍ଡନର ପୁଲିସକୋର୍ଟରେ ନାଲିଶ କରିଥିଲା। ମାଜିଷ୍ଟ୍ରେଟ ମୋକଦ୍ଦମାକୁ ଡିସମିସ କରି କହିଲେ ଯେ ବର୍ତ୍ତମାନ କାଳରେ ଏମନ୍ତ ସୁନ୍ଦର ତାଡନା ପ୍ରତି ଯେ ଆପତ୍ତି ହେଉଅଛି ଦୁଃଖର ବିଷୟ ଅଟଇ। ହିନ୍ଦୁପେଟ୍ରିଅଟ ବୋଲନ୍ତି ଯେ ଏଠା ଲୋକଙ୍କ ପ୍ରତି ମଧ୍ୟ ଏକଥା ଖଟଇ। ଆମ୍ଭେମାନେ ବୋଧକରୁଁ ସ୍କୁଲର ବେତର ବ୍ୟବହାର ଉଠିଯିବାରୁ ଛାତ୍ରଙ୍କ ଚରିତ୍ର ଅନେକ ମନ୍ଦ ହେଉଅଛି।

ବିଲାତର ଗେଜେଟମାନେ ଲେଖିଅଛନ୍ତି ଯେ ଲର୍ଡ଼ନର୍ଥବ୍ରୁକଙ୍କ ପରାମର୍ଶରେ ଯାକୁବଖାନ ଆପଣା ପିତା ସହିତ କାବୁଲରେ ସାକ୍ଷାତ କରିବାକୁ ଯିବା କଥା ମିଥ୍ୟା ଅଟଇ।

ବମ୍ବେଇ ଗେଜେଟଶୁଣିଅଛନ୍ତି ଯେ ଲକ୍ଷ୍ମୀବାଈ ସହିତ ଗୁଇକୁଆରଙ୍କ ବିବାହକୁ ଗବର୍ଣ୍ଣମେଣ୍ଟ ଅଙ୍ଗୀକାର କରିବାକୁ ମନସ୍ଥ କରିଅଛନ୍ତି ତେବେ ଲକ୍ଷ୍ମୀବାଈ ଗର୍ଭଜାତ ସନ୍ତାନଟି ଗୁଇକୁଆରଙ୍କ ଉତ୍ତରାଧିକାରୀ ବୋଲି କୃତଜ୍ଞ ହେବ।

ଇଉରୋପର ଖଣ୍ଡେ ସଂମ୍ବାଦପତ୍ରରେ କଲିକତା ନିବାସୀ ବାବୁ ରାଜେନ୍ଦ୍ରଲାଲ ମିତ୍ରଙ୍କ ବିଶେଷ ପ୍ରଶଂସା ଲେଖାଅଛି ଓ ତାହାଙ୍କର ଖଣ୍ଡିଏ ଚତ୍ରିତ ପ୍ରତିମୂର୍ତ୍ତି ବାହାରିଅଛି। ବାବୁଙ୍କର ସଂସ୍କୃତଭାଷା ପାଣ୍ଡିତ୍ୟର ବିଶେଷ ପ୍ରଶଂସା ହୋଇଅଛି।

ଡେଲିନ୍ୟୁସ ଲେଖନ୍ତି ଯେ କଲିକତା ପୁଲିସ କମିଶ୍ନରଙ୍କର କର୍ମ ଅଧିକ ହେବାରୁ ଆଉ ଜଣେ ଡେପୋଟିକମିସ୍ନର ନିଯୁକ୍ତ କରିବାର କଳ୍ପନା ହେଉଅଛି ଏବଂ ଉକ୍ତ କର୍ମ ଜଣେ ଦେଶୀୟଲୋକଙ୍କୁ ଦିଆଯିବାର ସମ୍ଭାବନା ଅଛି ଯେବେ ତାହା ହୁଅଇ ତେବେ ବାଲେଶ୍ୱରର ସୁଯୋଗ୍ୟ ଡିଷ୍ଟ୍ରିକ୍ଟ ସୁପରିଣ୍ଟେଣ୍ଡେଣ୍ଟ ବାବୁ ଜଗଦୀଶନାଥ ରାୟ ଉକ୍ତକର୍ମ ପାଇବେ ବୋଲି ସମ୍ପାଦକ ଅନୁମାନ କରନ୍ତି। ଆମ୍ଭେମାନେ ଭରସାକରୁଁ ଯେ ଏ ଅନୁମାନ ସଫଳ ହେଉ।

ମଧ୍ୟପ୍ରଦେଶରେ ଫସଲର ଅବସ୍ଥା ଭଲଅଛି କେବଳ କେତେକ ଜିଲ୍ଲାରେ କିଛି ବର୍ଷାର ପ୍ରୟୋଜନ। ଜ୍ୱରରୋଗର ପ୍ରାଦୁର୍ଭାବ ଅନେକ ଜିଲ୍ଲାରେ ଅବଧି ପ୍ରତ୍ୟକ୍ଷ ହେଉଅଛି।

## ପ୍ରେରିତପତ୍ର।

ପରମପୂଜନୀୟ ଗୁଣିଗଣାଗ୍ରଗଣ୍ୟ ଶ୍ରୀଯୁକ୍ତ ଶ୍ରୀ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ।

ମହାଶୟ!

ଆମ୍ଭର ଏକାନ୍ତ ପ୍ରାର୍ଥନା ଏହି ଯେ ନିମ୍ନଲିଖିତ ସମ୍ବାଦଟିକୁ ଆପଣ ସ୍ୱୀୟ ଭୂମଣ୍ଡଳ ବିଖ୍ୟାତ ପତ୍ରିକାର ଏକ ଦେଶରେ ସ୍ଥାନଦାନ କରି ଚିରବାଧିତ କରିବା ହେବେ।

ପ୍ରାୟ ପଞ୍ଚଦଶଦିବସ ହେବ ଟଲ୍ଲୀକୋଟ ଅସ୍ମଦୂର୍ଦ୍ଧ ଉଭୟ ରାଜ୍ୟାଧିପତି ଶ୍ରୀ ମର୍ଦ୍ଦରାଜ ଦେବଙ୍କର ଶ୍ରୀ କ୍ଷେତ୍ରକୁ ଶୁଭାଗମନ ହୋଇଅଛି। ଏହାଙ୍କର ଆଗମନ କାଲୀନ ସମାରୋହ ସନ୍ଦର୍ଶନାର୍ଥ ଅସଂଖ୍ୟ ବହୁତ ବ୍ୟକ୍ତି ଅଠରନଳା ଘାଟରେ ସମବେତ ହୋଇଥିଲେ। ରାଜା ମହାଶୟ ଅସଂଖ୍ୟ ଠାକୁର ରାଜାଙ୍କର ସମ୍ମାନ ରକ୍ଷଣାର୍ଥ ନରେନ୍ଦ୍ର ପୁଷ୍କରଣୀଠାରୁ ନିଜ ନୌକଵ ପ୍ରଥାନୁସାରେ ଅର୍ଥାତ୍ ଭୂଷାଦ ରାଜଚିହ୍ନ ମୁଦ୍ରିତ କରି ରାଜପଥରେ ଗମନକଲେ। ସେ ଏଠାରେ ତୀର୍ଥ ଦର୍ଶନ ଓ ମନ୍ଦିରର ସ୍ୱବଂଶାନୁଚରିତ ଯାବତୀୟ ସେବା ସମ୍ପାଦନ କରିଅଛନ୍ତି। ଏତଦର୍ଥେ ଠାକୁର ରାଜା ୫ ୧୫୦୦୦୲ ଙ୍କା ଗ୍ରହଣ କଲେ। ଯଦ୍ୟପି ପୁରାତନ ରୀତିଦ୍ୱାରା ଅନନ୍ତ ଏତାଦୃଶ ଧନରାଶି ଅନାୟାସ ଲବ୍ଧ ହୁଅଇ ତେବେ ଏପରି ଉପକାରଣୀ ରୀତିର ସଂଗୋଧନ କିମନ୍ତେ ହେବ ଅବା ଯତ୍ନ କରିବ? ଯାହାହେଉ ଠାକୁର ରାଜାଙ୍କର ବଡ଼ଠାକୁରେ ସହାୟ ଅଛନ୍ତି।

ଉକ୍ତିଖିତ ଟଲ୍ଲୀକୋଟାଧିପଙ୍କର କହିତବାର୍ତ୍ତାକଳାପ ମଧ୍ୟରେ ପଣ୍ଡିତ ସଭାଟି ଅତ୍ୟନ୍ତ ହୃଦୟଗ୍ରାହିଣୀ ହୋଇଥିଲା।

ଆମ୍ଭେମାନେ ବହୁକାଳରୁ ପୁରୀରେ ଏତାଦୃଶୀ ସଭା ଦେଖି ନ ଥିଲୁଁ। ଏଥିରେ ପୁରୀର ଶାସନ ଓ ଉପଶାସନସ୍ଥ ଯାବତୀୟ ପଣ୍ଡିତ ଓ ଅନେକ ବୈଷ୍ଣବ ପଣ୍ଡିତମାନେ ଉପସ୍ଥିତ ଥିଲେ। ଶ୍ରୀ ମହନ୍ତ ନାରାୟଣଦାସ ମହାଶୟ ଏଥିରେ ସଭାପତିତ୍ୱ ଗ୍ରହଣ କରିଥିଲେ ଓ ଅଦ୍ୱିତୀୟ ପଣ୍ଡିତବର ଶ୍ରୀ ମାର୍କଣ୍ଡେୟ ମହାପାତ୍ର ମହାଶୟ ସମ୍ପାଦକତ୍ୱ ଗ୍ରହଣ କରିଥିଲେ। ରାଜାଙ୍କର ସ୍ୱୀୟ ପଣ୍ଡିତ ଶ୍ରୀରଘୁନାଥ ରାୟଗୁରୁ ମହାଶୟ ଏଥିରେ ଉପରୁରକ ସ୍ଥାନାପନ୍ନ ହୋଇଥିଲେ। ଏ ମହାଶୟ ସଭାରମ୍ଭ ସମୟରେ ସମସ୍ତ ସଭ୍ୟବୃନ୍ଦ ସମକ୍ଷରେ ପ୍ରାର୍ଥନା କରି କହିଲେ ଯେ ଆପଣମାନେ ଜଳ୍ପ ଓ ବିତଣ୍ଡା ପରିହାର ପୂର୍ବକ କେବଳ ସୁମନୋରମ ଶାସ୍ତ୍ର ପ୍ରସଙ୍ଗରେ ଆମ୍ଭର ରାଜାଙ୍କର ଚିତ୍ତ ବିନୋଦନ କରନ୍ତୁ।

ରାଜଗୁରୁ ମହାଶୟଙ୍କର ଲଳିତ ସୁକୋମଳ ସଂସ୍କୃତ ଭାଷା ପ୍ରଣାଳୀ ଅତୀବ ପ୍ରଶଂସନୀୟ ଅଟଇ। ଏହାଙ୍କ ତୁଲ୍ୟ ସର୍ବବିଷୟ ଦର୍ଶୀ ପଣ୍ଡିତ ଓଡିଶାରେ ପ୍ରାୟ ଦୃଷ୍ଟିଗୋଚର ହୁଅନ୍ତି ନାହିଁ। ଉପସଂହାରରେ ଆମ୍ଭର ବକ୍ତବ୍ୟ ଏହିଯେ ଏହି ସଭାଜନିତ ପ୍ରଶଂସା ପଣ୍ଡିତବର ନ୍ୟାୟ ଚୂଡାମଣି ଶ୍ରୀମାର୍କଣ୍ଡେୟ ମହାପାତ୍ରଙ୍କର ଅଟଇ। ଏ ମହାଶୟଙ୍କର ସଭା ବିଷୟକ ଉଦ୍ୟମ ଆମ୍ଭମାନଙ୍କର କଦାପି ବିସ୍ମରଣୀୟ ହେବ ନାହିଁ। ଏହାଙ୍କର ଛାତ୍ରବୃନ୍ଦ ପ୍ରାୟ ପାଠକବୃନ୍ଦରେ ଅବଗତ ନାହିଁ। ଏ ମହାଶୟ ପଣ୍ଡିତବର ହରିହର ଦାସଙ୍କର ସହାଧ୍ୟାୟୀ ଓ ବାଲ୍ୟକାଲୀନ ପରମ ବନ୍ଧୁ। ଏ ନ୍ୟାୟ ଶାସ୍ତ୍ରରେ ଜଣେ ବିଚକ୍ଷଣ ପଣ୍ଡିତ ଅଟନ୍ତି।

କସ୍ୟଚିତ୍ ଯଥାର୍ଥବାଦନୋ ଦର୍ଶକସ୍ୟ।

## ମୂଲ୍ୟପ୍ରାପ୍ତି।

| | | |
|---|---|---|
| ଚୌଧୁରୀ କାହ୍ନୁଚରଣ ଦାସ | ବକାୟା | ୫ [illegible] |
| ମହନ୍ତ ଚୈତନଚରଣ ଦାସ | ଅଗ୍ରିମ | ୫ [illegible] |
| ରାଜା କନ୍ଧେ ଚରଳା | ଅଗ୍ରିମ | ୬ [illegible] |
| ବାବୁ ହରମୋହନ ରାୟ କଟକ | ବକାୟା | ୬ [illegible] |

ଏହି ଉତ୍କଳଦୀପିକା ସହରକଟକ ଦଗ୍‌ଧାବଜାର କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଲୟରେ ମୁଦ୍ରିତ ଓ ପ୍ରଚାରିତ ହେଲା।

Digitized by srujanika@gmail.com

### ମାଇନର ଛାତ୍ରବୃତ୍ତି ପରୀକ୍ଷା ।

କଟକଜିଲା ।

ପ୍ରଥମଶ୍ରେଣୀ ।

| | |
|---|---|
| ମୁର୍ଲୀଧର ସିଂହ * | କଟକ ମିଶନସ୍କୁଲ |
| [illegible] * | ,, |
| [illegible] ମହାନ୍ତି | ସୁନ୍ଦରଗାଁ ,, |

ଦ୍ୱିତୀୟଶ୍ରେଣୀ

| | |
|---|---|
| ଗୌରଚରଣ ଦାସ | କଟକଉର୍ଦ୍ଦୁସ୍କୁଲ |
| ଗଣେଶ୍ୱର ମହାନ୍ତି | ,, |
| ସୀତାନାଥ ଘୋଷ | କେନ୍ଦ୍ରାପଡ଼ା ,, |
| [illegible]ନାଥ ଚକ୍ରବର୍ତ୍ତୀ | କଟକ ଉର୍ଦ୍ଦୁ ,, |
| [illegible] ଦାସ | କେନ୍ଦ୍ରପଡ଼ା ,, |
| [illegible] | ,, |
| [illegible]ମଣି ଘୋଷ | କଟକ ଉର୍ଦ୍ଦୁ ,, |
| [illegible] ମହାପାତ୍ର | ଯାଜପୁର ,, |

ତୃତୀୟ ଶ୍ରେଣୀ

| | |
|---|---|
| ହେୟୁବ ଯାକୁବ ଅଲ୍ଲି | କଟକ ଉର୍ଦ୍ଦୁସ୍କୁଲ |
| ମନୋହରଚରଣ ବାନୁର୍ଯ୍ୟା | ,, |
| [illegible] ଦାସ | ,, |
| ଅକ୍ଷୟଚରଣ ସେନ | ,, |
| କହ୍ନାଇଲାଲ ଗୁପ୍ତ | ଜଗତସିଂହପୁର ,, |
| [illegible] | ,, |
| ଦେବନାଥ ଘୋଷ | କେନ୍ଦ୍ରାପଡ଼ା ,, |
| ଦାମୋଦରପ୍ରସାଦ ଭେଜ | କଟକ ଉର୍ଦ୍ଦୁ ,, |
| ପ୍ରାଣବଲ୍ଲଭ ଘୋଷ | ,, |
| ବୈଦ୍ୟନାଥ ଦତ୍ତ | ,, |
| ଗୋକୁଳାନନ୍ଦ ଚୌଧୁରୀ | ଜଗତସିଂହପୁର ,, |
| ବାଳକୃଷ୍ଣ ମଙ୍ଗରାଜ | ,, |
| ହିଙ୍ଗୁଳେଶ୍ୱର ଦାସ | ଯାଜପୁର ,, |

---

### ଓଡ଼ିଆ ଛାତ୍ରବୃତ୍ତି ପରୀକ୍ଷା କଟକ ଜିଲା

**ପ୍ରଥମଶ୍ରେଣୀ ।**

| | |
|---|---|
| ଚକ୍ରଧର ଅଗ୍ରୁର୍ଯ୍ୟ * | ଅଠଗଡ଼ସ୍କୁଲ |
| ପୁରୁଷୋତ୍ତମମହାନ୍ତି * | କଟକ ଆଦର୍ଶବିଦ୍ୟାଳୟ |

ଦ୍ୱିତୀୟଶ୍ରେଣୀ ।

| | |
|---|---|
| ଗୋପବନ୍ଧୁ ପଟ୍ଟନାୟକ * | ଅନୁଗୁଳ ସ୍କୁଲ |
| ଗଦାଧର ସାହୁ * | କଟକ ଅଦର୍ଶ ବିଦ୍ୟାଳୟ |
| ଅନନ୍ତ ଦାସ * | ମହାସିଂହପୁର ସ୍କୁଲ |
| ଅନନ୍ତରାମ ମଲ୍ଲିକ | କଟକ ଆଦର୍ଶବିଦ୍ୟାଳୟ |
| [illegible] * | ଅସୁରେଶ୍ୱର ସ୍କୁଲ |
| ହୀରାଲାଲ ପାଣ୍ଡେ | କଟକ ଆଦର୍ଶବିଦ୍ୟାଳୟ |
| ଜଗବନ୍ଧୁ ଓଝା | ମହାସିଂହପୁର |

ତୃତୀୟଶ୍ରେଣୀ ।

| | |
|---|---|
| ଅନନ୍ତବଲ୍ଲଭ ଘୋଷ | ପହରାଜପୁରସ୍କୁଲ |
| ଗୋବିନ୍ଦବଲ୍ଲଭ ଦେ | କଟକ ଆଦର୍ଶବିଦ୍ୟାଳୟ |
| ଚକ୍ରଧର ପଟ୍ଟନାୟକ | ଢେଙ୍କାନାଳ ସ୍କୁଲ |
| କହ୍ନାଇ ସାହୁ | ଅସୁରେଶ୍ୱର ,, |
| ଜଗନ୍ନାଥ ମଲ୍ଲିକ | ଭାଗ୍‌କୋଟ ,, |
| ରାଧାକୃଷ୍ଣ ଦାସ | କଟକ ଆଦର୍ଶ ବିଦ୍ୟାଳୟ |
| ଚିନ୍ତାମଣି ଦାସ | ଶିକ୍ଷକ |
| ଫକୀରଚରଣ ଜେନା | କାଲୁଜଣି ସ୍କୁଲ |
| ମଦନମୋହନ ପଟ୍ଟନାୟକ | ଢେଙ୍କାନାଳ ,, |
| ବୃଷଭାନୁ ସାମଲ | ଅସୁରେଶ୍ୱର ,, |
| କାଳୀ ମହାପାତ୍ର | ସୁବର୍ଣ୍ଣପୁର ,, |
| କୃଷ୍ଣପ୍ରସାଦ ସିଂହ | ଭାଗ୍‌କୋଟ ,, |
| ମଦନମୋହନ ଦାସ | ପ୍ରାଇଭେଟ ଛାତ୍ର |
| ରାଧାବଲ୍ଲଭ ମଙ୍ଗୁର୍ଯ୍ୟା | ଅଠଗଡ଼ ସ୍କୁଲ |
| ଫକୀର ତ୍ରିପାଠୀ | ସୁବର୍ଣ୍ଣପୁର ,, |
| ଗଣେଶ୍ୱର ମିଶ୍ର | ଢେଙ୍କାନାଳ ,, |
| ଚାମ୍ପାନିଧି ପଣ୍ଡା | ମହାସିଂହପୁର ,, |
| ରାମଭଦ୍ର ମିଶ୍ର | ଚଇଁକା ,, |
| ବ୍ରଜକିଶୋର ଚକ୍ରବର୍ତ୍ତୀ | ପ୍ରାଇଭେଟ ଛାତ୍ର |
| ଗୁରୁଚରଣ ରାୟ | କଟକ ଅଦର୍ଶ ବିଦ୍ୟାଳୟ |
| ନିତ୍ୟାନନ୍ଦ ସରକାର | ଅନୁଗୁଳ ସ୍କୁଲ |
| ମଣି ମହାନ୍ତି | ପଟାମୁଣ୍ଡାଇ ,, |
| ହରେକୃଷ୍ଣ ପତି | ମହାସିଂହପୁର ,, |
| ଅର୍ଜୁନ ମହାନ୍ତି | ଭାଗ୍‌କୋଟ ,, |
| ଭଗବାନ ସିଂହ | କଟକ ଆଦର୍ଶବିଦ୍ୟାଳୟ |
| ବାଉରିବନ୍ଧୁ ଦାସ | କଟକ ଆଦର୍ଶବିଦ୍ୟାଳୟ |
| ଗୋଲାମ ଅସ୍ରେଫ | କାଲୁଜଣିସ୍କୁଲ |
| ଗୋବିନ୍ଦ ମହାନ୍ତି | ପଟାମୁଣ୍ଡାଇସ୍କୁଲ |
| ବାଳକୃଷ୍ଣ ପଟ୍ଟନାୟକ | ଢେଙ୍କାନାଳ ,, |
| ରାଧାବଲ୍ଲଭ ଘୋଷ | କଟକ ଆଦର୍ଶବିଦ୍ୟାଳୟ |
| ଜଗନ୍ନାଥ ପରିଡ଼ା | ପହରାଜପୁର ସ୍କୁଲ |
| ମାର୍କଣ୍ଡ ସେଠ | ଅନୁଗୁଳ ,, |
| ମଧୁସୂଦନ ସାମଲ | ପହରାଜପୁର ,, |
| ଭଗବାନ ଦାସ | ଢେଙ୍କାନାଳ ,, |
| ଅଦ୍ୱୈତଚରଣ ସାହୁ | ପହରାଜପୁର ,, |

ଆର, ପେଉଆହେବ

ଇନସପେକ୍ଟର ଓଡ଼ିଶା ଡିଭିଜନ ।

* ଚହ୍ନିତ ବାଳକମାନେ ବୃତ୍ତି ପାଇଅଛନ୍ତି ।

---

### ଭ୍ରମସଂଶୋଧନ ।

ସନ ୧୮୭୪ ମସିହା ଡିସମ୍ବର ମାସ ତା ୨୬ ରଖ ଦୀପିକାର ଅତିରିକ୍ତପତ୍ର ତୃତୀୟ ସ୍ତମ୍ଭ ତଳ ଦୁଇପ କ୍ତିରେ ଥିବା ୭୬୩୫ ବର୍ଗମାଇଲ ଅବାଦୀ ସ୍ୱରୂପ ଗ୍ରହଣ ହେଲେ ସ୍ଥଳରେ ( ୭୬୩୫ ବର୍ଗମାଇଲ ଅଟେ ତହିଁର ତୃତୀୟାଂଶର ଦୁଇ ଅଂଶ ୪୯୦୩ ବର୍ଗମାଇଲ ପାହାଡ଼ ଓ ଜଙ୍ଗଲ ଓ ଉଷର ଭୂମି ଇତ୍ୟାଦ ନାମଯୁକ୍ତ ଜମିକୁ ବାଦ ଦେଇ ବାକୀ ୨୫୩୨ ବର୍ଗମାଇଲ ଅବାଦୀ ସ୍ୱରୂପ ଗ୍ରହଣ କଲେ ) ଏହା ପାଠ କରିବାକୁ ହେବ ।

---

### ବିଜ୍ଞାପନ ।

କଟକକେରେଜକୁମ୍ପାନିର ଜାଜିବଜାର ଅଡ୍ଡଗରରେ ଏକଖଣ୍ଡ ଉତ୍ତମ ଫିଟିଙ୍ଗଗାଡ଼ୀ ତହିଁର ଯୋଡ଼ିଘୋଡ଼ାସହିତ ବିକ୍ରୀ ନିମନ୍ତେ ମୌଜୁଦ ଅଛି ତହିଁର ମୂଲ୍ୟ ଏକହଜାର ଟଙ୍କାର ଉର୍ଦ୍ଧ୍ୱ ହେବ ନାହିଁ ତାହା ସମ୍ଭ୍ରାନ୍ତ ଲୋକମାନଙ୍କ ବ୍ୟବହାର ଯୋଗ୍ୟ ଅଟେ ଯଦ୍ୟପି ତାହାର ଖରିଦ କରିବାର ବାସନା ଥାଏ ତେବେ ସେ ଗାଡ଼ୀ ଓ ଘୋଡ଼ାଙ୍କୁ ଉକ୍ତ ଅଡ୍ଡଗରରେ ଆସି ଦେଖି ତହିଁର ମୂଲ୍ୟ ଆମ୍ଭଙ୍କ ଠାରେ ସ୍ଥିର କରି ପାରନ୍ତି ।

୧୭।୧୨।୭୪ ଶ୍ରୀ ରାଧାନାଥପାଲ

ମୋହରର କେରେଜକୁମ୍ପାନୀ କଟକ

---

### ବିଜ୍ଞାପନ ।

ଏ ବର୍ଷ କଟକ ନର୍ମ୍ମାଲ ସ୍କୁଲର ୧୫।୧୬ ଗୋଟି ବୃତ୍ତି ଖାଲି ହେବାର ସମ୍ଭାବନା; ଯେଉଁମାନେ ଛାତ୍ରବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ସେମାନଙ୍କୁ ଉକ୍ତ ବୃତ୍ତି ଦିଆଯିବ । ଅତଏବ ପ୍ରାର୍ଥିମାନେ ଚଳିତମାସ ତା ୧୫ ରଖ ମଧ୍ୟରେ ସ୍ୱ ସ୍ୱ ପ୍ରଶଂସାପତ୍ର ସହିତ କଟକ ନର୍ମ୍ମାଲ ସ୍କୁଲରେ ଉପସ୍ଥିତ ହେବେ । ଇତି ।

Dwarkanath Chakravartty.

କଟକ ନର୍ମ୍ମାଲ ସ୍କୁଲର ସୁପରଣ୍ଟେଣ୍ଡେଣ୍ଟ

ତା ୭ ରଖ ଜନୋଆରୀ

ସନ ୧୮୭୫ ମସିହା

---

☞ ମୂଲପତ୍ର ଦେଖ

Split by PDF Splitter

Digitized by srujanika@gmail.com

Split by PDF Splitter

REGISTERED NO. 18



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୧୦ | ସଂଖ୍ୟା

ତା ୨ ରଗ ଜାନୁଏରି ସନ ୧୮୭୫ ମସିହା । ପୌଷ ବ ୬ ନ ସନ ୧୨୮୨ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୫
ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ଟ ୬
ମଫସଲ ପାଇଁ ଡାକମାସୁଲ ଟ ୧୧୦

ଜଣେ ସବ୍‌ଓଭରସିଅର ଲେଖିଅଛନ୍ତି ଯେ ପୁରୀ ସବ୍‌ଡିଭିଜନର ଏକଜିକ୍ୟୁଟିଭ ଇଞ୍ଜିନିୟର ଗ୍ରିଫିଣ୍ଡ ସାହେବ କର୍ଣ୍ଣେଲ ହ୍ୱାଇଟ ସାହେବଙ୍କୁ ଚାର୍ଜ ଦେଇ ବିଦାୟ ହେବା କାଳରେ ତାହାଙ୍କର ଅଧୀନସ୍ଥ କର୍ମଚାରୀମାନେ ଅଶ୍ରୁପାତ ନ କରି କ୍ଷାନ୍ତ ହୋଇ ପାରିଲେ ନାହିଁ କାରଣ ତାହାଙ୍କର ସଦ୍‌ଗୁଣ ଓ ସଦ୍‌ବ୍ୟବହାରରେ ସେମାନେ ଚିରକ୍ରୀତ ଦାସ ପ୍ରାୟ ହୋଇ ରହିଥିଲେ । କର୍ମଚାରୀମାନେ ଅପରାଧ କଲେ ସେ ଅଗ୍ନି ପ୍ରାୟ ଜ୍ୱଳି ନ ଉଠି ବାତ୍ସଲ୍ୟଭାବରେ କହୁଥିଲେ "ଏହା ଶୀଘ୍ର ସଂଶୋଧନ କର" ଓ ସଦ୍‌ବ୍ୟବହାରଦ୍ୱାରା କର୍ମଚାରୀଙ୍କଠାରୁ ଯେତେ କର୍ମ ନେଉଥିଲେ ଅନ୍ୟଲୋକ ଅତ୍ୟାଚାର କରି ସେତେ ନେଇ ପାରି ନ ଥିଲେ । ଏପରି ହାକିମ ବାସ୍ତବରେ ପ୍ରଶଂସନୀୟ ଓ ଏ କାଳରେ ଦୁର୍ଲ୍ଲଭ ସନ୍ଦେହ ନାହିଁ ।

---

ଯାଜପୁରର ଯେଉଁ କସବା କହଳ ନିମିତ୍ତ ପଲ ହଣିଥିବା ଅପରାଧରେ ଦୋଉ ସୁପର୍ଦ୍ଦ ହୋଇଥିଲା ଗତଗୁରୁବାର ଜଜସାହେବଙ୍କ ବିଚାରରେ ସେ ଖଲାସ ପାଇଅଛି । ଏ ମୋକଦ୍ଦମାର ଚିଲଟି ଦୁର୍ଭିକ୍ଷ ସମୟରେ ହସ୍ତ ହୋଇଥିବାର ବୋଲାଯାଏ ମାତ୍ର ପୁଲିସ ହଣିଥିବାର କୌଣସି ପ୍ରମାଣ ଦେଇ ପାରିଲା ନାହିଁ । ଶୁଣାଯାଏ ଯେ ଏହପରି ଆଉ ଦୁଇ ନମ୍ବର ମୋକଦ୍ଦମା ସେପାରେ ବାଏର ଅଛି ସେସବୁର ଅନୁସନ୍ଧାନରେ ଏ ମୋକଦ୍ଦମାଟି ବାହାରିଥିଲା । ଆମ୍ଭମାନଙ୍କର ସ୍ମରଣ ହେଉଅଛି ଦୁର୍ଭିକ୍ଷ ସମୟରେ ଯେଉଁମାନେ ଏପ୍ରକାର ପଲ ହଣିଥିଲେ ତାହାଙ୍କ ଉପରେ ଅଭିଯୋଗ କରିବା ଗବର୍ଣ୍ଣମେଣ୍ଟ ନିଷେଧ କରିଥିଲେ ଓ ସେ ସମୟରେ କେବଳ ଦୁର୍ଭିକ୍ଷ ହେତୁ ଏକ ମୋକଦ୍ଦମାରେ ଆସାମୀ ଖଲାସ ପାଇଥିଲା । ବର୍ତ୍ତମାନ ସେ ପୁରଣା କଥା କପରି ବାହାରିଲା ବୁଝାଯାଉ ନାହିଁ । ପୁଲିସ କି ଏତେକାଳ ଶୋଇ ରହିଥିଲେ ?

---

ଏ ବର୍ଷ ଅଧିକ ବର୍ଷା ହୋଇଥିବାରୁ ସବୁ ଫସଲ ଭଲ ହେବାର ଆଶା ଥିଲା । ଏଥକୁ ଧାନ ଏକପ୍ରକାର ହୋଇଅଛି ମାତ୍ର ରବିର ଅବସ୍ଥା ଅଭମନ୍ଦ ଦେଖାଯାଏ । ଘନ ବର୍ଷାରେ ବିରି ମୁଗ ଭଲ ହୋଇ ପାରିଲା ନାହିଁ । ଆଜିକାଲି ଉକ୍ତ ଆମଦାନୀର ସମୟ ମାତ୍ର ବଜାରର ଭାଉ ବଡ଼ ଟାଣ ଦେଖାଯାଏ କରି ଟଙ୍କାକୁ ସେ ୧୩ ରୁ ଅଧିକ ମିଳୁ ନାହିଁ ଓ ଲୋହାଖଣ୍ଡ ପ୍ରଭୃତି ଉତ୍ତର ପ୍ରଧାନ ସ୍ଥାନରେ ଶୁଣାଯାଏ ଯେ ବର୍ତ୍ତମାନ ଟଙ୍କାକୁ ଗୌ ୩ ଣୀ ଅର୍ଥାତ କଟକୀ ସେ ୧୫ ର ମିଳୁଅଛି । ଏ ସମୟରେ ଏପରି ଭାଉ ହେବାରୁ ଅନୁମାନ ହୁଅଇ ଯେ ଏବର୍ଷ ଉକ୍ତ ବଡ ମହରଗ ହେବ ଓ ତହିଁରେ ମନୁଷ୍ୟଙ୍କର ଖାଇ ଛଡା ଘୋଡ଼ା ଗୋରୁଙ୍କର ବିଶେଷ କ୍ଳେଶ ହେବ । ଆମ୍ଭେମାନେ ଅନୁମାନ କରୁଁ ଯେ ମହାଜନମାନେ ଅନ୍ୟାନ୍ୟ ସ୍ଥାନରୁ ବିରି ଅଣାଇ ଏଠାରେ ବିକ୍ରୟ କଲେ ଅନେକ ଲାଭର ସମ୍ଭାବନା ଅଛି ।

---

ବାବୁ ବଚ୍ଛନପଟ୍ଟନାୟକଙ୍କ ସ୍ଥଳରେ ବାବୁ ଧରଣିଧର ମିଶ୍ର ସମ୍ବଲପୁରର ଡେପୁଟି ଇନ୍‌ସ୍ପେକଟର ନିଯୁକ୍ତ ହୋଇଅଛନ୍ତି । ଆମ୍ଭେମାନେ ଶୁଣିଲୁ ଯେ ଧରଣିଧର ବାବୁ ସମ୍ବଲପୁର ନିବାସୀ ଅଟନ୍ତି ଓ କଲିକତା ବିଶ୍ୱବିଦ୍ୟାଳୟରେ ପରୀକ୍ଷାଦେଇ କୃତକାର୍ଯ୍ୟ ହୋଇଅଛନ୍ତି । ସମ୍ବଲପୁରରେ ଜଣେ ହେଲେ ଏପ୍ରକାର ବ୍ୟକ୍ତି ଅଛନ୍ତି ଆମ୍ଭେମାନେ ଶୁଣି ଆନନ୍ଦିତ ହେଲୁ କାରଣ କି ସେଠା ଇଂରାଜୀ ସ୍କୁଲର ଏକଜଣ ଛାତ୍ର ଅଦ୍ୟାପି ବିଶ୍ୱବିଦ୍ୟାଳୟର ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାର ଶୁଣା ନାହିଁ । ଯାହାହେଉ ଏ ଲୋକଙ୍କୁ ଉକ୍ତ କର୍ମରେ ନିଯୁକ୍ତ କରି ସେଠା ହାକିମମାନେ ଉଚ୍ଚଶିକ୍ଷା ନିମିତ୍ତ ଲୋକଙ୍କୁ ଉତ୍ସାହ ଦେଇଅଛନ୍ତି ସନ୍ଦେହ ନାହିଁ । ଅମ୍ଭେମାନେ ଆହୁରି ଅବଗତ ହେଲୁଁ ଯେ ବାବୁ ବଚ୍ଛନପଟ୍ଟନାୟକଙ୍କ କର୍ମରେ ସମ୍ବଲପୁରର ଲୋକମାନେ ସନ୍ତୁଷ୍ଟ ଥିବାର ନିଦର୍ଶନ ସ୍ୱରୂପ ତାହାଙ୍କୁ ଖଣ୍ଡିଏ ଅଭିନନ୍ଦନପତ୍ର ପ୍ରଦାନ କରିଅଛନ୍ତି । ଏ କାର୍ଯ୍ୟଟି ମଧ୍ୟ ସେଠା ନିବାସିଙ୍କର ସଭ୍ୟତାର ପରିଚୟ ଦେଉଅଛି ସୁତରାଂ ବିଷୟ ଅଟଇ ।

---

ଅମ୍ଭେମାନେ ଅତ୍ୟନ୍ତ ଆନନ୍ଦର ସହିତ

Digitized by srujanika@gmail.com

ଅବଗତ ହେଲୁଁ ଯେ ଅସ୍ମାନଙ୍କର ବଡ ଲର୍ଡ ମହାମାନ୍ୟ ଲର୍ଡ ନର୍ଥ ବ୍ରୁକ୍ ସାହେବ ଆପଣା ବନ୍ଧୁବର୍ଗ ସହିତ ଶିକାର କରିବା ମାନସରେ ଧାମରାକୁ ଶୁଭାଗମନ କରି ଅଛନ୍ତି । ଉଲ୍ଲିଖିତ ତା ୨୧ ରଖରେ ସେଠାରେ ପ୍ରବେଶ ହେବାର ସମ୍ବାଦ ଅଛି । ଓଡିଶାରେ ଅଦ୍ୟାପି କୌଣସି ଗବର୍ଣ୍ଣର ଜେନରଲଙ୍କ ପଦାର୍ପଣ ହୋଇ ନାହିଁ । ଯାହାର୍ଥ ଅନୁରୋଧରେ କେବେହେଁ ଲର୍ଡ ନର୍ଥ ବ୍ରୁକଙ୍କର ଓଡିଶାର ଏକ ଉପକୂଳରେ ଚରଣ-ଧୂଳି ପଡିବ ଏହା ସାମାନ୍ୟ ହର୍ଷର ବିଷୟ ନୁହଇ । ଧାମରା ବାଲେଶ୍ୱର କଲ୍ଲେକ୍ଟରିର ଅନ୍ତର୍ଗତ ଓ ସେ ମହାଲ ବର୍ତ୍ତମାନ ସରକାରଙ୍କର ହସ୍ତରେ ଥିବାରୁ ଅସ୍ମାନଙ୍କର ସମ୍ପୂର୍ଣ୍ଣ ଭରସା ଅଛି ଯେ ମହାମାନ୍ୟଙ୍କର ଆମୋଦ ବର୍ଦ୍ଧନାର୍ଥ ଯେ ସମସ୍ତ ଆୟୋଜନ କରିବାର ଆବଶ୍ୟକ ଶ୍ରୀଯୁକ୍ତ କଲେକ୍ଟରସାହେବ ସେସବୁ କରିବେ ଓ ପୂର୍ବରୁ ବଣସବୁ ଯେମନ୍ତ ଅତିକର ଶିକାର ପ୍ରସ୍ତୁତ ରଖିବ । ଯେବେ ଏହି ସୁଯୋଗରେ ଏଠାର ଗଡଜାତର ରାଜାମାନେ ଧାମରାକୁ ଯାଇ ମହାମାନ୍ୟଙ୍କୁ ଭେଟନ୍ତି ଅସ୍ମାନଙ୍କ ବିବେଚନରେ ତାହା ମନ୍ଦ ହେବ ନାହିଁ । ଏଠାରେ ତେଙ୍କାନାଳର ମହାରାଜା ଏକ ଅଳୀକ ବଡା ଶିକାର କରିବା ବିଷୟରେ ଖ୍ୟାତ ଅଟନ୍ତି ଏମାନେ ଯେବେ ଏହି ଉପଲକ୍ଷରେ ମହାମାନ୍ୟଙ୍କର ଦର୍ଶନ ଲାଭ କରନ୍ତି ବଡ ସୁଖର ବିଷୟ ହେବ ।

---

ଅସ୍ମାନଙ୍କର ସ୍କୁଲ ଇନ୍ସପେକ୍ଟର ପାଲ୍ସିସାହେବ ଗତ ମଙ୍ଗଳବାର ଏଠାରୁ କଲିକତାକୁ କାର୍ଯ୍ୟାନ୍ତରରେ ପ୍ରସ୍ଥାନ କଲେ ଅସ୍ମେମାନେ ଏଥିରେ ଅତ୍ୟନ୍ତ ଦୁଃଖିତ ହୋଇଅଛୁଁ । ପାଲ୍ସିସାହେବଙ୍କପରି ବିଦ୍ୱାନ୍ ଓ ସଚ୍ଚରିତ୍ର ଲୋକ ଅସ୍ମେମାନେ ଭାଗ୍ୟବଳରୁ ପାଇ ଏତେ ଶୀଘ୍ର ତାହାଙ୍କୁ ବଞ୍ଚିତ ହେଲୁଁ ଅତି ଦୁଃଖର ବିଷୟ । ଯେବେ ସେ କିଛିକାଳ ଏଠାରେ ରହିଥାନ୍ତେ ତେବେ ଶିକ୍ଷାବିଭାଗର ଅନେକ ଉନ୍ନତି ହୋଇଥାନ୍ତା ସନ୍ଦେହ ନାହିଁ । ଏହାଙ୍କ ଗବର୍ଣ୍ଣମେଣ୍ଟ ଏତେଶୀଘ୍ର ବଦଳି କରିବାରେ ଅନୁମାନ ହେଉଅଛି ଯେ ବାବୁ ନନ୍ଦକିଶୋର ଦାସଙ୍କୁ ସ୍ଥାୟୀ ନିଯୁକ୍ତ କରିବାପାଇଁ ଏରୂପ କରି ଅଛନ୍ତି ମାତ୍ର ଏଥିରେ ଯେ ଅଣୁ ମାତ୍ର ଅଧିକ ମଙ୍ଗଳ ହେବ ଅସ୍ମେମାନେ କହି ନ ପାରୁଁ । ଦୁଇ ଏକବର୍ଷ ପାଲ୍ସିସାହେବଙ୍କୁ ଏଠାରେ ରଖି ଗବର୍ଣ୍ଣମେଣ୍ଟ ଉକ୍ତ ବନ୍ଦୋବସ୍ତ କରିଥିଲେ କୌଣସି କ୍ଷତି ହୋଇଥାନ୍ତା ନାହିଁ ।

କେହି କେହି କହୁଅଛନ୍ତି ଯେ ପାଲ୍ସିସାହେବଙ୍କ କର୍ମରେ ବାବୁ ନନ୍ଦକିଶୋର ଦାସ ନିଯୁକ୍ତ ନ ହୋଇ କଲିକତାରୁ ଆଉ ଜଣେ ଇଂରାଜ ଆସୁଅଛନ୍ତି ଯେବେ ଏକଥା ସତ୍ୟ ହୁଅଇ ତେବେ ପାଲ୍ସିସାହେବଙ୍କ ସ୍ଥାନାନ୍ତର ହେବା ଆହୁରି ଦୁଃଖର ବିଷୟ ଅଟଇ ।

---

ଅସ୍ମେମାନେ ଆନନ୍ଦର ସହିତ ଅବଗତ ହେଲୁଁ ଯେ ବାଲେଶ୍ୱରଠାରୁ କଟକପର୍ଯ୍ୟନ୍ତ ତାର ଡାକ ବସାଇବାକାରଣ ଅସ୍ମାନଙ୍କର କମିଶ୍ନରସାହେବ ଉଦ୍ୟମ କରି ଅଛନ୍ତି । ସେ ଟେଲିଗ୍ରାଫ ଡିପାର୍ଟମେଣ୍ଟର ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟକୁ ଏହି ବିଷୟର ପ୍ରସ୍ତାବ ପଠାଇବାରେ ଉକ୍ତ କର୍ମଚାରୀ ଉତ୍ତର ଦେଲେ କି ଯେବେ ଡାକ ଚଳାଇବାର ମାସିକ ବ୍ୟୟ ନିର୍ବାହ ହେବାଉଳି ଆମଦାନୀ ହୋଇପାରେ ତେବେ ସେ ତୁରନ୍ତ ଡାକ ବସାଇବାର ବନ୍ଦୋବସ୍ତ କରିବେ । ଏଥିରୁ ତାହାଙ୍କ କହିବା ଅନୁସାରେ ଜଣାଯାଏ ଯେ ତୃତୀୟଶ୍ରେଣୀର ତାରଅଫିସ ଗୋଟିଏ ବାଲେଶ୍ୱରଠାରେ ନିଯୁକ୍ତ ହେଲେ ତହିଁର ମାସିକ ବ୍ୟୟ ଟ୧୫୦ଙ୍କା ପଡିବ ଓ ଏ ଟଙ୍କା ସାଧାରଣ ତାରସମ୍ବାଦଦ୍ୱାରା ଉଠିପାରିବ କି ନାହିଁ ଏଠା ମହାଜନମାନଙ୍କ ସହିତ ପରାମର୍ଶ କରି ଜଣାଇବାକାରଣ କମିଶ୍ନରସାହେବ କଲେକ୍ଟରଙ୍କୁ ଲେଖିଅଛନ୍ତି । ଅସ୍ମାନଙ୍କ ବିବେଚନାରେ ଅଫିସ ବସିଲାମାତ୍ରକେ ଯଦ୍ୟପି ସମୁଦାୟ ବ୍ୟୟ ନ ଉଠଇ ତଥାପି ୬ମାସରେ କିମ୍ବା ବାର୍ଷିକର ବର୍ଷରେ ଅବଶ୍ୟ ଉକ୍ତପରିମାଣରେ ଖର୍ଚ୍ଚା ହେବ ସନ୍ଦେହ ନାହିଁ କାରଣ ବାଲେଶ୍ୱରଠାରୁ ବର୍ଷମଧ୍ୟରେ ଅନେକ ଜାହାଜ ଆସଇ ଓ ଅନ୍ୟ ଉପାୟଦ୍ୱାରା ସେଠା ସମ୍ବାଦ ଶୀଘ୍ର ଜାଣିବାର ସହଜ ନୁହଇବୋଲି ତାରଡାକଦ୍ୱାରା ଅନେକ ସମ୍ବାଦ ଯିବା ଆସିବା ହେବ ଭରସା ହେଉଅଛି ମାତ୍ର ଗବର୍ଣ୍ଣମେଣ୍ଟ ଯେବେ ପ୍ରଥମେ କିଛି କ୍ଷତି ସହିବାକୁ ପ୍ରସ୍ତୁତ ନ ହେବେ ତେବେ ଓଡିଶାପରି ଦେଶରେ କୌଣସି ମଙ୍ଗଳ ହେବାର ସମ୍ଭାବନା ନାହିଁ । ପ୍ରଥମେ ସୁଯୋଗ ଦେଲେ ଅବଶ୍ୟ ପରିଶେଷରେ ଲୋକେ ଆଗ୍ରହପୂର୍ବକ ତାହାକୁ ଅବଲମ୍ବନ କରିବେ କିନ୍ତୁ ଆଗଠାରୁ ଟଙ୍କା ଖୋଜିଲେ ଏଠା ମହାଜନମାନେ ସାହସକରି କିମ୍ପା ଉତ୍ତର ଦେବେ ଏମନ୍ତ ସମ୍ଭବ ହେଉ ନାହିଁ । ବାଲେଶ୍ୱରକୁ ବନ୍ଦର କରିବା ଉଦ୍ଦେଶ୍ୟରେ ଗବର୍ଣ୍ଣମେଣ୍ଟଙ୍କର କେତେ ଟଙ୍କା ବ୍ୟୟ ହେଲାଣି ଓ ହେଉଅଛି ତାରଡାକପାଇଁ କିଛିକାଳ ସକାଶେ ହଜାର ପାଞ୍ଚଶ ବ୍ୟୟ କଲେ ଅସ୍ମାନଙ୍କୁ ବିସ୍ମୟ ବୋଧ ହେଉଅଛି ଯେ ତାହା ପାଣିରେ ପଡିବ ନାହିଁ ଅତଏବ କମିଶ୍ନରସାହେବଙ୍କୁ ଅନୁରୋଧ କରୁଅଛୁଁ କି ଯେମନ୍ତ ମହାଜନଙ୍କ ଉତ୍ତର ଉପରେ ନିର୍ଭର ନ କରି ଥରେ ତାରଡାକ ବାଲେଶ୍ୱରପର୍ଯ୍ୟନ୍ତ ପିଟାଇ ଦେଉନ୍ତୁ ।

---

## ଅଭିନବ ଅପବାଦ ମୋକଦ୍ଦମା ।

ବାବୁ ଲକ୍ଷ୍ମୀନାରାୟଣ ଗୁପ୍ତ ଚୌଧୁରୀଙ୍କ ନାଲିଶ ମତେ ବାବୁ ଦୀନନାଥ ବନ୍ଦ୍ୟୋପାଧ୍ୟାୟ ଅନର୍ଥକ ଯେଉଁ ଦୁର୍ଦ୍ଦଶା ଭୋଗ କରି ପରିଶେଷରେ ନିସ୍ତାର ପାଇଲେ ତାହା ପୂର୍ବ ପତ୍ରିକାମାନଙ୍କରୁ ପାଠକମାନେ ଅବଗତ ହୋଇଥିବେ । ମୋକଦ୍ଦମାଟି କେବଳ ଦୀନୁବାବୁଙ୍କ ସହିତ ସମ୍ପର୍କ ରଖୁଥିଲେ ଆଉ କିଛି କହିବାର ନ ଥାନ୍ତା କିନ୍ତୁ ଏଟି ଅଭିନବ ପ୍ରକାରର ମାମଲା ଅଟଇ କାରଣ ଯଦ୍ୟପି କି ଆଜିକୁ ୧୦।୧୫ ବର୍ଷ ହେବ ଦଣ୍ଡବିଧି ଆଇନ ଜାରି ହେଲାଣି ଓ ଅନେକ ମାମଲାରେ ଏକ ପକ୍ଷର ଉକିଲ ବାରିଷ୍ଟର ଓ ସାକ୍ଷୀ ପ୍ରତି ଅନ୍ୟ ପକ୍ଷ ଦୋଷାରୋପ କରିବାର ସତତ ଦେଖାଯାଏ ତଥାପି ଅଦ୍ୟାପି ଏପରି ମୋକଦ୍ଦମା ଉଦୟ ହୋଇ ନ ଥିଲା । ବାସ୍ତବରେ ଅସ୍ମାନଙ୍କ ଜାଣିବାରେ କେବଳ ଦୁଇ ଗୋଟି ଅପବାଦ ମୋକଦ୍ଦମା ଏ ଦେଶରେ ଉପସ୍ଥିତ ହୋଇଅଛି ଓ ତହିଁ ମଧ୍ୟରେ ଏହି ମୋକଦ୍ଦମାରେ ଏକା ଆସାମୀ ଦଣ୍ଡ ପାଇ ହାଇକୋର୍ଟରୁ ଖଲାସ ପାଇଲେ ପର୍ଯ୍ୟନ୍ତ ଆସିଥିଲେ ଅଦ୍ୟାପି ହାଇକୋର୍ଟକୁ ଗୋଟିଏସୁଦ୍ଧା ମୋକଦ୍ଦମା ଯାଇ ନାହିଁ । ସୁତରାଂ ଏପ୍ରକାର ମୋକଦ୍ଦମା ସମ୍ପର୍କରେ ସର୍ବସାଧାରଣଙ୍କୁ ସକଳ କଥା ଜାଣିବାର ଉଚିତ ବୋଧ ଅସ୍ମେମାନେ ଏ ମୋକଦ୍ଦମାର ବିସ୍ତାରିତ ବିବରଣରେ ପ୍ରବୃତ୍ତ ହେଉଅଛୁଁ ଓ ଏରୂପ କରିବାର ଆଉ ଗୋଟିଏ କାରଣ ଏହି ଯେ ଉଭୟ ମାଜିଷ୍ଟ୍ରେଟ ବମ୍‌ସାହେବ ଓ ଜଜ ବ୍ରାଉନସାହେବ ଏପରି ମୋକଦ୍ଦମା ପୂର୍ବେ କେବେ କରିବାର ଦେଖି ନ ଥିବାର ସ୍ୱୀକାର କରିଅଛନ୍ତି ।

ମୋକଦ୍ଦମାର ବୃତ୍ତାନ୍ତ ଏହି ଯେ ବାବୁ କାର୍ତ୍ତିକଚନ୍ଦ୍ର ଗୁପ୍ତ ବିଚାରର ଶତାଂଶ ନିଯୁକ୍ତ ହେବାରେ ତାହାଙ୍କୁ ଧାରାମତେ ଯାମିନ ଦେବାର ଆଦେଶ ହେଲା । ତାହାଙ୍କ ପିତା ବାବୁ ଲକ୍ଷ୍ମୀନାରାୟଣ ଗୁପ୍ତ ଚୌଧୁରୀ ସିଦ୍ଧଲ ଓ ବଳଭଦ୍ରପୁର ନାମକ ଦୁଇ ମହାଲ ଯାମିନରେ ଦେଲେ ।

Split by PDF Splitter



ଯାମିନ ଉଦାରଖ ହେଉଥିବା ସମୟରେ ଦୀନନାଥ ବନ୍ଦ୍ୟୋପାଧ୍ୟାୟ ଯାମିନ ନାମଞ୍ଜୁର ହେବା ପ୍ରାର୍ଥନାରେ ମୁଚାଲେହ୍ମୀ ଦରଖାସ୍ତ ଦେଇ ତହିଁରେ ଲେଖିଥିଲେ ଯେ ଉକ୍ତ ମହାଲମାନଙ୍କରେ ତାହାର ନାବାଲଗ ପୁଅଙ୍କର ଓ ସେ ତାହାଙ୍କର ମାହାଫିଜ ଥାଇ ବ୍ୟକ୍ତିଗତ ଅଠଅଣା ଅଂଶ ଅଛି ଓ ଲକ୍ଷ୍ମୀନାରାୟଣ ଚୌଧୁରୀ ତାହାର ଶାଶୁ ମନମୋହିନୀ ଦାସ୍ୟାଙ୍କ ଯୋଗ ସାଜସରେ କୃତ୍ରୀମ ଦସ୍ତାବିଜମାନ ହାସଲ କରି ତହିଁରେ ଦଖଲକାର ଅଛି । ଯାମିନ ଦୋଷରେ ସମ୍ପତ୍ତି ନଷ୍ଟ ହେଲେ ନାବାଲଗମାନଙ୍କର କ୍ଷତି ହେବ । ଏ ଦରଖାସ୍ତ ଦାଖଲ ହେବାରେ ଲକ୍ଷ୍ମୀନାରାୟଣ ବାବୁଙ୍କଠାରୁ କଇଫିୟତ ତଲବ ହେଲା ଓ ତାହା ଦାଖଲ ହେଲା ଉତ୍ତାରୁ ପ୍ରାୟ ତୁଲ ମାସରେ ଦରଖାସ୍ତ ଅଗ୍ରାହ୍ୟ ହେଲା ଓ ତହିଁ ସଙ୍ଗେ ଲକ୍ଷ୍ମୀନାରାୟଣ ବାବୁଙ୍କୁ ଅପବାଦର ନାଲିଶ କରିବା ପାଇଁ ( ବୋଧ ହୁଏଇ ମୌଖିକ ) ଆଦେଶ ହେଲା । ଲକ୍ଷ୍ମୀନାରାୟଣ ବାବୁ ଆପଣା କାରପରଦାଜଦ୍ୱାରା ତଦନୁସାରେ ଦରଖାସ୍ତଦ୍ୱାରା ଅନୁମତି ନେଇ ଅପବାଦର ନାଲିଶ କଲେ । ଅସାମୀ ୱାରେଣ୍ଟରେ ଗିରଫ୍ତାର ଓ ହାଜତ ଓ ପରେ ଯାମିନ ଦ୍ୱାରା ମୁକ୍ତ ପାଇ ମୋକଦ୍ଦମା ଦରପେଶ ହେଲାନ୍ତର ତାହା ସାକ୍ଷାତରେ ଶ୍ରୀମତୀ ଫରିୟାଦୀ ଓ ତାହାଙ୍କର ସପଥ ପୂର୍ବକ ଜୋବାନବନ୍ଦି ଗୃହୀତ ହେଲା । ସେମାନେ କୋର୍ଟରେ ଏତିକି କହିଲେ ଯେ ଲକ୍ଷ୍ମୀନାରାୟଣବାବୁ ଦସ୍ତାବିଜ ଜାଲ କରି ନାହାନ୍ତି ଓ ପ୍ରକୃତ ଦସ୍ତାବିଜଦ୍ୱାରା ଦଖଲକାର ଅଛନ୍ତି । କେଉଁ ଦସ୍ତାବିଜ ପ୍ରତି ଦୋଷାରୋପ ହୋଇଥିଲା ଓ କାହାକୁ ସେମାନେ ଜାଲ ନୁହେ କହିଲେ ପ୍ରକାଶ ପାଇଲା ନାହିଁ । ଜେରା ସୱାଲରେ ଅସାମୀ ଆପଣା ନାବାଲଗଙ୍କ ସତ୍ତ୍ୱ ଓ ଦସ୍ତାବିଜମାନ ସମ୍ପର୍କରେ ଅନେକ କଥା ପ୍ରକାଶ କରାଇବାକୁ ଚେଷ୍ଟା କଲା ମାତ୍ର ମାଜିଷ୍ଟ୍ରେଟ ସେସମସ୍ତ ଅପ୍ରାସଙ୍ଗିକ ଜ୍ଞାନ କରି ସବାଲ ନେଲେ ନାହିଁ । ଅସାମୀକୁ ପଚାରିବାରେ ସେ କହିଲା କି ସେ ନିର୍ଦ୍ଦୋଷୀ ଅଟଇ କାରଣ ନାବାଲଗଙ୍କ ସତ୍ତ୍ୱ ରକ୍ଷା କରିବା ସକାଶେ ତାହାର ଶାସ୍ତ୍ର ଅବସର ଅଦାଲତରେ ଯେଉଁପ କହି ଆସ ଅଛି ସେ କେବଳ ସେହିପରି କହିଅଛି ଆଉ ଯେତେ ପ୍ରଶ୍ନ ତାହାକୁ ମାଜିଷ୍ଟ୍ରେଟ କଲେ ତହିଁର କିଛି ଉତ୍ତର ନ ଦେଇ ସେ କହିଲା ଯେ ତାହାକୁ ଆଇନ ଜଣାଅଛି ଓ ଆଉ କିଛି ଉତ୍ତର ଦେବ ନାହିଁ । ଆପଣା ସଫାଇର କାରଣ ଅସାମୀ କେତେକଜଣ ଗୁହା ଓ କଲେକ୍ଟରୀ ଓ ଅଦାଲତର କେତେ ନଥି ତଲବ କରାଇବାକୁ ପ୍ରାର୍ଥନା କରିଥିଲା ମାତ୍ର ତହିଁରୁ କିଛି ବିଷୟ ପ୍ରମାଣ ହେବ ଜାଣି ନ ପାରିବାରୁ ମାଜିଷ୍ଟ୍ରେଟ କେବଳ କଲେକ୍ଟରୀ ନଥିମାନ ତଲବ କରି ଆଉ ସବୁ ଅଗ୍ରାହ୍ୟ କଲେ । ଅଭିଯୋଗରେ ଅପବାଦର ବିବରଣ ଲେଖା ନ ଯାଇ କେବଳ ଲକ୍ଷ୍ମୀନାରାୟଣ ବାବୁର ଅପବାଦ କରିଅଛି ଏତିକି ମାତ୍ର ଲେଖା ଥିବାରୁ ତାହା ସଂଶୋଧନ ନିମିତ୍ତ ଅସାମୀ ଦରଖାସ୍ତ ଦେଇଥିଲା ତାହାମଧ୍ୟ ଅଗ୍ରାହ୍ୟ ହେଲା । ଦସ୍ତାବିଜମାନ ବାସ୍ତବରେ ଜାଲ ଅଛି ଓ ସେ ତାହା ପ୍ରମାଣ କରିବାକୁ ପ୍ରସ୍ତୁତ ଅଛି ଏପରି ପ୍ରଶ୍ନ ହେଲା ମାତ୍ର ସେ କେବଳ ଏତିକି ଉତ୍ତର କଲା ଯେ ଗୁହାମାନେ ତାହାର ନିର୍ଦ୍ଦୋଷିତା ପ୍ରମାଣ କରିବେ ସୁତରାଂ ମାଜିଷ୍ଟ୍ରେଟ କିଛି ସ୍ଥିର ନ ପାଇ ଆପଣା ରାୟରେ ଲେଖିଲେ ଯେ ଦୀନାନାଥ ମନ୍ଦଚରିତ୍ର ଲୋକ ବୋଲି ଏ ନଗରରେ ଓ ଜିଲାରେ ଖ୍ୟାତ ଏବଂ ଆପଣା ପ୍ରତିବାସିଙ୍କର ଅପମାନ ଓ ଦୁର୍ନାମ କରଇ ଓ ଜଣେ ଭଦ୍ରଲୋକର ମିଥ୍ୟା ଅପବାଦ ଓ ଅପମାନ ଏ ମୋକଦ୍ଦମାରେ କରିଅଛି ଅତଏବ ସେ ଆଇନର ପୂର୍ଣ୍ଣଦଣ୍ଡ ଅର୍ଥାତ ଦୁଇବର୍ଷ କାରାବାସ ଓ ଟ ୧୦୦୦୲ ଙ୍କା ଅର୍ଥଦଣ୍ଡର ଯୋଗ୍ୟ ।

ମାଜିଷ୍ଟ୍ରେଟ ସାହେବ ଉପରଲିଖିତ ଦଣ୍ଡ ବିଧାନ କରିବାରେ ଜଜ ସାହେବଙ୍କଠାରେ ଅପୀଲ ହେଲା ଓ ଏଠାରେ ଯେସମସ୍ତ ହେତୁ ଉକ୍ତ ଗୁପ୍ତ ବିବୃତ୍ତିରେ ଓ ଅସାମୀର ନିର୍ଦ୍ଦୋଷତା ପକ୍ଷରେ ପ୍ରଦର୍ଶିତ ହେଲା ସେସବୁ ଲେଖିବାକୁ ଗଲେ ଅତ୍ୟନ୍ତ ବାହୁଲ୍ୟ ହୋଇ ପଡ଼ିବ ସୁତରାଂ ଜଜ ସାହେବଙ୍କ ରାୟରୁ ସଂକ୍ଷେପ ଲେଖୁଅଛୁଁ ଯେ ତହିଁରୁ ଉକ୍ତ ଆପତ୍ତି ସବୁର ପରିଚୟ ପାଇବି ।

ଜଜ ସାହେବ ଆପଣା ରାୟରେ ପ୍ରଥମେ ଲେଖିଅଛନ୍ତି ଯେ ଅଭିଯୋଗ ଏମନ୍ତ ସାଧାରଣରୂପେ ଲେଖା ଯାଇଅଛି ଯେ ତହିଁର ଉତ୍ତର ଦେବା ପାଇଁ ଆଇନମତେ ଅସାମୀକୁ ଲୁହା ଯାଇ ନ ପାରେ । ଯେସବୁ କଥା ଦରଖାସ୍ତରେ ଲେଖା ଥିବାରୁ ଅପବାଦର କଳ୍ପନା ହୋଇଥିଲା ସେ କଥାସବୁ ଅବିକଳ ଅଭିଯୋଗରେ ଲେଖା ଯାଇଥାନ୍ତା ତାହା ନ ଥିବାରୁ ଆଇନ ଘଟିତ ଦୋଷରେ ମାଜିଷ୍ଟ୍ରେଟଙ୍କ ଦଣ୍ଡାଜ୍ଞା ରହିତ ହେବାର ଅଛି ମାତ୍ର ଏପରି ବିଚାରକୁ ଅଶୁଦ୍ଧ ଜ୍ଞାନ କଲେସୁଦ୍ଧା ତହିଁ ଅଦାଲତଙ୍କ ବିଗ୍ରହ ବାହାଲ ରହି ନ ପାରେ କାରଣ ଫରିୟାଦି ଆପଣା ମୋକଦ୍ଦମା ପ୍ରମାଣ କରି ନାହିଁ । ଅସାମୀ ଉତ୍ତର ଦେବାକୁ ଅସମ୍ମତ ହୋଇଥିଲେ ହେଁ କାର୍ଯ୍ୟତଃ ଦଣ୍ଡବିଧିର ଧା ୪୯୯ ରର ନବମ କଣ୍ଡିକାର ଆପତ୍ତି କରିଅଛି । କାରଣ ସେ କହିଅଛି ଯେ ତାହାର ନାବାଲଗ ପୁତ୍ରଙ୍କର ଉକ୍ତ ସମ୍ପତ୍ତିରେ ଦାବି ଥିବାରୁ ସେ ତାହାଙ୍କ ମାହାଫିଜ ସ୍ୱରୂପ ତାହାଙ୍କ ବିଷୟ ରକ୍ଷା ନିମିତ୍ତ ଉକ୍ତ ଦରଖାସ୍ତ ଦାଖଲ କରିଥିଲା । ଫରିୟାଦପକ୍ଷରୁ ଏରୂପ ପ୍ରମାଣ ହୋଇ ନାହିଁ ଯେ ତାହାର ପୁତ୍ରମାନଙ୍କର ଉକ୍ତ ବିଷୟ ପାଇଁ ନାଲିଶ କରିବାର କୌଣସି ଅଧିକାର ନାହିଁ ଓ ବର୍ତ୍ତମାନ ଯେ କେତେ ଖଣ୍ଡ ଦସ୍ତାବିଜ ରହିଅଛି ତାହା ନ ଥିଲେ ଅସାମୀର ପୁତ୍ରମାନେ ଅଠଅଣା ସମ୍ପତ୍ତି ପାଇ ପାରନ୍ତେ ଏହା ମଧ୍ୟ ଅସ୍ୱୀକାର ହୋଇ ନାହିଁ । ଏ ଅଦାଲତଙ୍କ ଅନୁମାନରେ ଅସାମୀର ପୁତ୍ରମାନଙ୍କର ଭବିଷ୍ୟତରେ ନାଲିଶ କରିବାର ଉତ୍ତମ କାରଣ ଥାଇପାରେ ଓ ସେରୂପ ହେଲେ ଅସାମୀ ଯେ ସରଳଭାବରେ ଉକ୍ତ ଦରଖାସ୍ତ ଦାଖଲ କରି ନ ଥିଲା ଏ ଅଦାଲତ ଏମନ୍ତ କହି ନ ପାରନ୍ତି । ଏରୂପ ଆପତ୍ତି ହୋଇ ପାରେ ଯେ ଯଦ୍ୟପି କି ଅସାମୀକୁ ଉକ୍ତ ପ୍ରକାର ଦରଖାସ୍ତ ଦେବାକୁ ଅଧିକାର ଥିଲା ମାତ୍ର ଯେସବୁ କଥା ସକାଶେ ଏ ଦୁର୍ନାମ ମୋକଦ୍ଦମା ଉପସ୍ଥିତ ହୋଇଅଛି ସେସବୁ ତହିଁରେ ଲେଖିବାର ଅଧିକାର ତାହାକୁ ନ ଥିଲା କାରଣ ସେସବୁର ଯଦ୍ୟପି କି ଜାଲ କରିବାର ଦୁର୍ନାମ ସ୍ପଷ୍ଟ ପ୍ରକାଶ ନାହିଁ ତଥାପି ଏମନ୍ତ ଅର୍ଥ ତହିଁରୁ ହେଉଅଛି ଯେ ଅନ୍ୟାୟ ପ୍ରକାରରେ କେତେଖଣ୍ଡ ଦସ୍ତାବିଜ ପ୍ରସ୍ତୁତ ହୋଇଥିଲା । ଏଥକୁ ଅଦାଲତଙ୍କ ବିବେଚନାରେ ଏ ଦେଶର ମାମଲତ କାରିଙ୍କର ସାଧାରଣ ରୀତି ଏହି ଯେ 'ଯୋଗ ଓ କୃତ୍ରିମ ଦଲିଲ ହାସଲ' ପ୍ରଭୃତି କଥାଦ୍ୱାରା ଆପଣା ବିପକ୍ଷର ଦାଖଲି ଦଲିଲ ସବୁ ପ୍ରତି ଦୋଷାରୋପ କରନ୍ତି ଓ ମୁଚାଲେହ୍ମୀ ଦରଖାସ୍ତ ଜମ୍ମା ଖରଚ ଜବାବ ପ୍ରଭୃତି କାଗଜରେ ଏପରି ଶବ୍ଦମାନ ବ୍ୟବହାର କଲେ ଯେ ତାହା ଅପବାଦସୂଚକ ହେବ ଅପୀଲ ଅଦାଲତ ଏରୂପ ଜ୍ଞାନ କରି ନ ପାରନ୍ତି । ଫରିୟାଦୀ ପକ୍ଷରୁ ଅନ୍ତତଃ ଏତିକି ପ୍ରମାଣ ହେବାର ଆବଶ୍ୟକ କି ଅସାମୀ କୁତ୍ସିତ ପ୍ରଭୃତି ଶବ୍ଦମାନ ବ୍ୟବହାର କାଳରେ ଦୁର୍ନାମ

Digitized by srujanika@gmail.com

Split by PDF Splitter



ରୂପେ ଜାଣୁଥିଲା ଯେ ଦସ୍ତାବିଜମାନ ଅସିଦ୍ଧ ବା ଅପ୍ରକୃତ ନୁହଇ ଏବଂ ଏ ଅଦାଲତଙ୍କ ବିବେଚନାରେ ଆସାମିକୁ ଏତବ ଜଣାଥିଲା ଯେ ଯେତେ ଗଣ୍ଡ ଦସ୍ତାବିଜ ତାହାର ପୂର୍ବଙ୍କର ଦାବୀ ବିପକ୍ଷରେ ରହିଅଛି ଓ ଏଥିପାଇଁ ସେ ଯେବେ ଏଠା ମାମଲତକାରମାନେ ଆପଣା ମକଦ୍ଦମାର ବାଧ୍ୟ ସମୟରେ ଯେ ସବୁ ଶବ୍ଦ ବ୍ୟବହାର କରିବାକୁ ସୁଖ ପାନ୍ତି ସେହି ସବୁ ଶବ୍ଦ ବ୍ୟବହାର କଲା ତେବେ ତହିଁରେ କିଛି ବିଚିତ୍ର ନାହିଁ । ବିଶେଷ ଏମନ୍ତ କିଛି ପ୍ରଦର୍ଶିତ ହୋଇ ନାହିଁ ଯେ ଆସାମିର ବ୍ୟବହୃତ ଶବ୍ଦମାନ ଅପବାଦସୂଚକ ଅଟଇ କାରଣ ସେ ତାହା ମିଥ୍ୟା ଥିବାର ଜାଣୁଥିଲା । ଏମନ୍ତ ହୋଇପାରେ ଯେ ଉକ୍ତ ଶବ୍ଦମାନ ଗୋଟିଏ ମନ୍ଦ ଅଥଚ ଅତିପ୍ରଚଳିତ ରୀତି ଅନୁସାରେ ବ୍ୟବହାର ହୋଇଅଛି । ଏ ଅବସ୍ଥାରେ ଆସାମୀ ପକ୍ଷରେ ଯେ ସମସ୍ତ ସଂଶୟ ଜାତ ହୋଇଅଛି ତହିଁର ଫଳ ସେ ପାଇବାର ଉଚିତ ଅତଏବ ତାହାକୁ ଦଣ୍ଡରୁ ମୁକ୍ତ ଦିଆଗଲା ।

ଜଜ ସାହେବଙ୍କର ଉପରଲିଖିତ ମତ ଯେ ଏଠା ସର୍ବସାଧାରଣଙ୍କ ମତ ସହିତ ସମ୍ପୂର୍ଣ୍ଣରୂପେ ଐକ୍ୟ ହୋଇଅଛି ଓ ତହିଁପାଇଁ ତାହାଙ୍କର ବିଚାର ସର୍ବସାଧାରଣରେ ପ୍ରଶଂସନୀୟ ହୋଇଅଛି ଏକଥା ବୋଲିବାର ବାହୁଲ୍ୟ ମାତ୍ର ବଡ଼ ଦୁଃଖର ବିଷୟ ଯେ ମାଜିଷ୍ଟ୍ରେଟ ସାହେବ ମକଦ୍ଦମା ଗ୍ରହଣ କରିବା କିମ୍ବା ଦଣ୍ଡ ଦେବା ସମୟରେ ଧା ୪୯୯ ରର ବର୍ଣ୍ଣିତ ବିଧାନମାନଙ୍କ ପ୍ରତି କିଛିମାତ୍ର ଦୃଷ୍ଟି ନ କଲେ । ସାଧାରଣ ବର୍ଣ୍ଣିତ ବିଧାନ ଛଡ଼ା ଏହି ଧାରାର ବିଶେଷ ବର୍ଣ୍ଣିତ ବିଧାନ ୧୦ଟି ଅଛି ଓ ବିଷୟ ରକ୍ଷାର ଦରଖାସ୍ତରୁ ଅପବାଦର କଥା ବାହାରୁଥିବାରୁ ସ୍ପଷ୍ଟତଃ ୯ମ ବର୍ଣ୍ଣିତ ସମ୍ମୁଖୀନ ହେଉଅଛି ତହିଁପ୍ରତି ଦୃଷ୍ଟି କରିଥିଲେ ହେଲେ ଆସାମୀ ବିନେ ସୁଦ୍ଧା ଦଣ୍ଡ ଭୋଗ କରି ନ ଥାନ୍ତା ।

ଯାହା ହେଉ ଏଣିକି ଏଠା ମାମଲତକାରଙ୍କର ଉଚିତ ଯେ ଜଜସାହେବଙ୍କ ରାୟର ଗୋଟିଏ କଥା ସର୍ବଦା ସ୍ମରଣ ରଖି ବିପକ୍ଷର ଦଲିଲକୁ ନିନ୍ଦା କରିବେ । ଜଜସାହେବ କହି ଅଛନ୍ତି ଯେ ବିପକ୍ଷର ଦଲିଲକୁ କୃତ୍ରିମ ସାଜସ ଇତ୍ୟାଦି ପ୍ରଭୃତି ବୋଲି ନିନ୍ଦା କରିବାର ଏଠାର ସାଧାରଣ ରୀତି ହେଲେହିଁ ସେ ରୀତି ମନ୍ଦ ଅଟଇ ଅତଏବ ଆମ୍ଭେମାନେ ଭରସା କରୁଁ ଯେ ମାମଲତକାର କିମ୍ବା ଉକିଲ ମୁକ୍ତାରମାନେ ଏଣିକି ଏ ମନ୍ଦ ରୀତିର ଅନୁରୋଧରେ ଭୁଲରୁ ଉକ୍ତ ଶବ୍ଦମାନ ବ୍ୟବହାର ନ କରି ସାବଧାନ ପୂର୍ବକ ଲେଖାପଢ଼ି କରିବେ ଯେମନ୍ତ କି ଅଉ କାହାକୁ ଅକାରଣରେ ଦଣ୍ଡବିଧିର ଅଧୀନରେ ଆସିବାକୁ ନ ହୁଅଇ । ଆମ୍ଭେମାନେ ଅନେକ ମକଦ୍ଦମାରେ ଦେଖିଅଛୁଁ ଯେ ଏକପକ୍ଷ ଅନ୍ୟ ପକ୍ଷର ଗୁହାମାନଙ୍କୁ ହରସଗର ମିଥ୍ୟାସାକ୍ଷୀ ବୋଲି ଲେଖିଅଛନ୍ତି ଏପରି ଲେଖିବା କେତେଦୂର ନ୍ୟାଯ୍ୟ ଆମ୍ଭେମାନେ କହି ନ ପାରୁଁ ମାତ୍ର ଅନେକ ସ୍ଥଳେ ଅକାରଣ ସେପରି ଲେଖିବାର ଦେଖାଯାଏ । ଏ ସବୁ ମନ୍ଦରୀତି ଅଦାଲତର କାଗଜରୁ ପରିତ୍ୟକ୍ତ ହେଲେ ବଡ଼ ସୁଖର ବିଷୟ ହେବ ।

## ସାପ୍ତାହିକ ସଂବାଦ ।

ଆମ୍ଭମାନଙ୍କର ଜଜ ଜ, ଫ, ବ୍ରାଉନସାହେବ ବିଲାତକୁ ଯିବାସକାଶେ ୮ ମାସର ଛୁଟୀ ନେଇଅଛନ୍ତି ଓ ଏ ଜିଲ୍ଲାର ସାବିକ କଲେକ୍ଟର ଡବଲିଉ ମାକଫର୍ସନ ସାହେବ ଏକ୍ଟିଂ ଜଜ ହୋଇ ଏଠାକୁ ଆସିଅଛନ୍ତି । ବ୍ରାଉନସାହେବ ଅଳ୍ପଦିନରେ ଯିବେବୋଲି ଶୁଣାଯାଏ ଓ ଏହାଙ୍କ ଅକସ୍ମାତ୍ ଯିବାର ଦୁଃଖ ମାକଫର୍ସନସାହେବଙ୍କ ନିଯୁକ୍ତ ହେବାରେ ଅନେକ ଲାଘବ ହେଉଅଛି ।

ଓଡ଼ିଶାର ତଲଲିଖିତ ସବ୍‌ଡେପୁଟୀ କଲେକ୍ଟରମାନେ ଡେପୁଟୀ କଲେକ୍ଟରୀ ଓ ତୃତୀୟ ଶ୍ରେଣୀର ମାଜିଷ୍ଟ୍ରେଟର କ୍ଷମତା ପାଇଅଛନ୍ତି ଯଥା ବାବୁ କମଲନାଥ ଘୋଷ ଖୋରଧା ଓ ବାବୁ କୁମୁଦନାଥ ମୁଖୁର୍ଯ୍ୟା ଭଦ୍ରଖ ।

ବାବୁ ବିଜୟ ପଟ୍ଟନାୟକ ଅନୁଗୁଳର ତହସିଲଦାର ପଦରେ ନିଯୁକ୍ତ ହେବାର ଗବର୍ଣ୍ଣମେଣ୍ଟ ଗେଜେଟରେ ଛପା ହୋଇଅଛି ।

କଟକ ହାଇସ୍କୁଲର ଯେଉଁ ଦୁଇ ଛାତ୍ର ଫାଷ୍ଟ ଆର୍ଟସ ପରୀକ୍ଷାରେ ଉତୀର୍ଣ୍ଣ ହୋଇ ଅଛନ୍ତି ସେମାନେ ଉଚ୍ଚଶ୍ରେଣୀର ଛାତ୍ରବୃତ୍ତିର ଦ୍ୱିତୀୟ ବିଭାଗର ବୃତ୍ତି ପାଇ ଅଛନ୍ତି । ଆମ୍ଭେମାନେ ଭରସା କରୁଁ ଯେ ଏ ଦୁହେଁ କଲିକତାକୁ ଯାଇ କଲେଜରେ ଅଧ୍ୟୟନ କରିବେ ।

ପୁରୀର ପଣ୍ଡିତ ଶ୍ରୀ ନୀଳକଣ୍ଠ ମିଶ୍ର ଲେଖି ଅଛନ୍ତି ଯେ ଖଲ୍ଲିକୋଟର ରାଜା ପୁରୁଷୋତ୍ତମ କ୍ଷେତ୍ର ଦର୍ଶନ ସକାଶେ ଆସି ଅନ୍ୟାନ୍ୟ ସହାଯ୍ୟ ମଧ୍ୟରେ ପୁରୀ ଉତ୍କଳବିଦ୍ୟାଳୟର ଅନାଥ ବାଳକଙ୍କ ଭବିଷ୍ୟତ ଉନ୍ନତି ନିମିତ୍ତ ବାର୍ଷିକ ଟ ୫୦୦୲ ଦାନ କରିବାକୁ ସ୍ୱୀକୃତ ହୋଇଅଛନ୍ତି ।

ହିନ୍ଦୁପେଟ୍ରିଅଟ ଏମନ୍ତ ଶୁଣିଅଛନ୍ତି ଯେ ସରୁ ହେନରୀ ଡେଭିସ କର୍ମ ତ୍ୟାଗକଲେ ଅନରବଲ ଆସ୍ଲି ଇଡନ ପଞ୍ଜାବର ଲେଫ୍ଟନେଣ୍ଟ ଗବର୍ଣ୍ଣର ହେବେ ଏବଂ ପାଟନାର କମିଶନର ବେଲସାହେବ ବ୍ରହ୍ମଦେଶର ପ୍ରଧାନ କମିଶନର ହେବେ ମାତ୍ର ସୁଖର ବିଷୟ ଯେ ଇଡନସାହେବ ଭବିଷ୍ୟତରେ ବଙ୍ଗଦେଶକୁ ଆସିବାର ଅଧିକାର ରଖି ଅଛନ୍ତି । ଏଙ୍କୁ କାର୍ଯ୍ୟରେ ଦେଖାଗଲେ ପଞ୍ଜାବ ଶାସନର କଳଙ୍କ ଘୁଞ୍ଚିବ ସନ୍ଦେହ ନାହିଁ ।

ଉତ୍କଳଦର୍ପଣରୁ ଅବଗତହେଲୁଁ ଯେ ବାଲେଶ୍ୱର ଉତ୍ତରାଂଶର ବାତ୍ୟାପୀଡ଼ିତଲୋକଙ୍କ ସାହାଯ୍ୟ ନିମିତ୍ତ ଗବର୍ଣ୍ଣମେଣ୍ଟ ଟ ୨୦୦୦୲ ଟଙ୍କା ଦାନ କରି ଅଛନ୍ତି । ଏ ଟଙ୍କା ସ୍ଥାନୀୟ କର୍ମଚାରୀମାନେ କିରୂପେ ବ୍ୟୟ କରିବେ ଜଣାଯାଇନାହିଁ ।

ଉକ୍ତ ପତ୍ରିକା ବୋଲନ୍ତି ଯେ ବାଲେଶ୍ୱରରେ ସବଅର୍ଡିନେଟ ଜଜ ରଖିବା କାରଣ ସେଠା କଲେକ୍ଟର ଗବର୍ଣ୍ଣମେଣ୍ଟଙ୍କୁ ପୁନର୍ବାର ଅନୁରୋଧ କରି ଅଛନ୍ତି ମାତ୍ର ସେଠାରେ ପ୍ରଚୁର ମୋକଦ୍ଦମା ନ ଥିବାରୁ ହାଇକୋର୍ଟ ତହିଁର ବିରୋଧୀ ହୋଇ ଅଛନ୍ତି ।


ବିଜ୍ଞାପନ ।

## ନୂତନପଞ୍ଜିକା ।

ସନ ୧୮୭୫।୭୬ ମସିହାର ନୂତନପଞ୍ଜିକା ଅର୍ଥାତ୍ ଯାହା ଆଗାମୀ ବୈଶାଖମାସଠାରୁ ପ୍ରଚଳିତ ହେବ ଉତ୍କଳଭାଷାରେ ମୁଦ୍ରିତ ହୋଇ କଟକପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି ମୂଲ୍ୟ ଟ ୦ ।୵ ଓ ମୋଫସଲପାଇଁ ଡାକମାସୁଲ ଟ ୦ ୵

ବିଖ୍ୟାତ କବି ଉପେନ୍ଦ୍ରଭଞ୍ଜ କୃତ ଦଶପୋଇ ନାମକ ପୁସ୍ତକ ଏହି ଅଫିସରେ ବିକ୍ରୟ ହେଉ ଅଛି ମୂଲ୍ୟ ଟ ୦ /୷ ମୋଫସଲପାଇଁ ଡାକମାସୁଲ ଖ ୧ ଖଣ୍ଡଠାରୁ ଖ ୧୦ ଖଣ୍ଡ ଯାଏ ଟ ୦/


ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ଶ୍ରୀମହନ୍ତ ବାଲମୁକୁନ୍ଦ ଦାସ | କଟକ | ବକେୟା ଟ୬ |
| ଅମୀର ଖାନ | ଅନୁଗୁଳ | ,, ଟ୪୷ |
| ବାବୁ ଦୀନନାଥ ସରକାର | କଟକ | ,, ଟ୬ |
| ,, ବୈକୁଣ୍ଠନାଥଦେ ବାଲେଶ୍ୱର | | ଅଗ୍ରିମ ଟ୬୷ |

☞ ଏହି ଉତ୍କଳଦୀପିକା ସହରକଟକ ଦରଘାବଜାର କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter

EGISTERED NO. 18



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୧୦ମ } ଇଂରାଜୀ ଜାନୁଆରୀ ସନ ୧୮୭୬ ମସିହା ୧ମ । ପୌଷ ୨୬ ନ ସନ ୧୨୮୩ ସାଲ ଶନିବାର { ଅଗ୍ରିମ ବାର୍ଷିକ ମୂଲ୍ୟ ୨
ସଂଖ୍ୟା ୫ } { ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୨॥
{ ମଫସଲ ପାଇଁ ଡାକମାସୁଲ ୧୦

ଗତ ପ୍ରକାଶିତ କଲିକତା ଗେଜେଟରେ ବାବୁ ନନ୍ଦକିଶୋରଦାସ ଓଡ଼ିଶାସ୍କୁଲସମୂହର ଜଏଣ୍ଟ ଇନ୍‌ସ୍ପେକ୍ଟର ନିଯୁକ୍ତ ହେବାର ଦେଖି ଏଠାଲୋକେ ଯତ୍ପରୋନାସ୍ତି ଚମତ୍କୃତ ଓ କ୍ଷୋଭିତ ହୋଇ ଅଛନ୍ତି । ବାସ୍ତବରେ ଏ ଘଟନା ସକାଶେ କାହାକୁ ଧନ୍ୟବାଦ ଦେବାକୁ ହେବ ଆମ୍ଭେମାନେ ସ୍ଥିର କରି ପାରୁ ନାହୁଁ । ଆମ୍ଭମାନଙ୍କର କମିଶ୍ନର ରେଭେନ୍‌ସା ସାହେବ ଏଥିର ମୂଳ କାରଣ ଏକଥାରେ ହେଉ ଅଛନ୍ତି ସନ୍ଦେହ ନାହିଁ କାରଣ ସେ ଏ ସମ୍ପର୍କରେ ସମ୍ମୁଖରେ ସବୁ ପରାମର୍ଶ ଗବର୍ଣ୍ଣମେଣ୍ଟଙ୍କୁ ଦେଇଥିବାରୁ ଯଦ୍ୟପି ବା ପରିଶେଷରେ 'ଅତି ଲୋଭରେ ତନ୍ତ୍ରମରେ' ପ୍ରବାଦଟି ତାହାଙ୍କ କାର୍ଯ୍ୟରେ ଖଟିଅଛି ତଥାଚ ବୋଲିବାକୁ ହେବ ଯେ ଲେଫ୍‌ଟେନେଣ୍ଟ ଗବର୍ଣ୍ଣରଙ୍କଠାରୁ ଅଧିକ ଆଶା ଆମ୍ଭେମାନେ ରଖିଥିଲୁଁ । ଉକ୍ତ ମହାତ୍ମା ସ୍ୱୟଂ ଅଳ୍ପକାଳ ହେଲା ଏ ପ୍ରଦେଶକୁ ଆସି ଏଠାର ଅବସ୍ଥା ଦେଖି ଶୁଣି ଯାଇ ଯେ ଆପଣା ବୁଦ୍ଧିର କିଛି ଖଟାଇ ନ ପାରିଲେ ବଡ଼ଦୁଃଖର ବିଷୟ ଅଟଇ । ଏଠାରେ ବିଦ୍ୟାଶିକ୍ଷାର ଉନ୍ନତିକାରଣ କମିଶ୍ନର ସାହେବ ଅହରହ ଯତ୍ନବାନ୍ ଓ ସେହି ଯତ୍ନର ପରବଶ ହୋଇ ସେ ଏଠାରେ ପ୍ରଥମେ ଜଣେ ଜଏଣ୍ଟ ଇନ୍‌ସ୍ପେକ୍ଟର ଓ ଶେଷରେ ସ୍ୱତନ୍ତ୍ର ଜଣେ ଇନ୍‌ସ୍ପେକ୍ଟର ନିଯୁକ୍ତ କରାଇଲେ ଓ ଯଦ୍ୟପି ବା ଏଥିର ବିବେଚନାରେ ତ୍ରୁଟି ଅଥବା ଓଡ଼ିଶାର ହିତମାନସ ପ୍ରଯୁକ୍ତ ଜଣେ ଉତ୍କଳୀୟକୁ ଶେଷଲିଖିତ କର୍ମରେ ନିଯୋଗ କରିବାର ଗବର୍ଣ୍ଣମେଣ୍ଟଙ୍କୁ ପରାମର୍ଶ ଦେଲେ ମାତ୍ର ତହିଁର ଏମନ୍ତ ଅର୍ଥ ହୋଇ ନ ପାରେ ଯେ ଉତ୍କଳୀୟ କେହି ଏ କର୍ମ ସକାଶେ ଯଥାବିହିତରୂପେ ଉପଯୁକ୍ତ ନାହାନ୍ତି ବୋଲି ଉକ୍ତ ପଦ ଉଠାଇଦେବା ତାହାଙ୍କର ମାନସ ଥିଲା । ମାତ୍ର ଲେଫ୍‌ଟେନେଣ୍ଟ ଗବର୍ଣ୍ଣର ତାହାହିଁ କରିଅଛନ୍ତି । ସେ ଏକଥାରେ କମିଶନରଙ୍କୁ ବାଧିତ କରିବାକୁ ଯାଇ ଅନ୍ୟଆଡ଼େ ଶୁଣ୍ଡିଙ୍କର ଶଙ୍କଟ ଘଟାଇ ଅଛନ୍ତି । ଇନ୍‌ସ୍ପେକ୍ଟରୀ ପଦର ଉପଯୁକ୍ତ କେହି ଓଡ଼ିଆ ନ ମିଳିବାରୁ ସେ ବାବୁ ନନ୍ଦକିଶୋର ଦାସଙ୍କୁ ଜଏଣ୍ଟ ଇନ୍‌ସ୍ପେକ୍ଟର ନିଯୁକ୍ତ କରିଅଛନ୍ତି ! ଏଜର ସାହେବ ଜଏଣ୍ଟ ଇନ୍‌ସ୍ପେକ୍ଟର ହୋଇ କିଣି ମନ୍ଦ ହୋଇଥିଲା ଯେ ଏବେ ଫେରଫାର କରି ନନ୍ଦକିଶୋର ବାବୁଙ୍କୁ ସେ କାର୍ଯ୍ୟରେ ଆଣିଲେ । ଏଥିରେ ନା ଓଡ଼ିଶାର ଉନ୍ନତି ହେଲା ନା ନନ୍ଦକିଶୋର ବାବୁଙ୍କର ଭବିଷ୍ୟତ ବୃଦ୍ଧିର ଭଲ ଉପାୟ ହେଲା । ନନ୍ଦକିଶୋର ବାବୁ ଡେପୁଟୀ କଲେକ୍ଟରୀ ପଦରେ ଉତ୍ତମ କାର୍ଯ୍ୟ କରୁଅଛନ୍ତି ଓ ତହିଁରେ ତାହାଙ୍କର ଉନ୍ନତିର ସୁବିଧା ଯେମନ୍ତ ଅଧିକ ଅଛି ତେମନ୍ତ ତାହାଙ୍କ ପଦବୃଦ୍ଧିରେ ଏଠା ଲୋକଙ୍କ ହର୍ଷ ହେବାର ଅଧିକ କାରଣ ଅଛି । ଜଏଣ୍ଟ ଇନ୍‌ସ୍ପେକ୍ଟରୀ କାର୍ଯ୍ୟ ସକାଶେ ତାହାଙ୍କୁ ତହିଁର ଆଣିବାର କୌଣସିମତେ ଭଲ ହୋଇ ନାହିଁ ଓ ଯଦ୍ୟପି ବା ଏମନ୍ତ ବୋଲାଯାଏ ଯେ ଗବର୍ଣ୍ଣମେଣ୍ଟ ପ୍ରଥମେ ତାହାଙ୍କୁ ଏହି ଅଭିପ୍ରାୟରେ ନିଯୁକ୍ତ କରିଅଛନ୍ତି ଯେ ତାହାଙ୍କ କର୍ମ ଦେଖିଲା ଉତ୍ତାରୁ ଭବିଷ୍ୟତରେ ଇନ୍‌ସ୍ପେକ୍ଟର କରିବେ ତେବେ ସେପରି ନିୟମରେ ଅନ୍ୟ କାହାରିକୁ ଏ କର୍ମ ଦେଇଥିଲେ ମନ୍ଦ ହୋଇ ନ ଥାନ୍ତା କାରଣ ଆମ୍ଭମାନଙ୍କ ବିବେଚନାରେ ଓଡ଼ିଆଙ୍କ ମଧ୍ୟରେ ସେପରି ଲୋକର ଅଭାବ ନାହିଁ । ଯାହା ହେଉ ଓଡ଼ିଶା ସକାଶେ ଜଣେ ସ୍ୱତନ୍ତ୍ର ଇନ୍‌ସ୍ପେକ୍ଟର ନିଯୁକ୍ତ ହୋଇ ଉକ୍ତ ପଦ ଯେ ଏତେଶୀଘ୍ର ଉଠିଗଲା ବଡ଼ ଦୁଃଖର ବିଷୟ ଅଟଇ ଓ ଏ ବିଷୟରେ କମିଶନର ଓ ଲେଫ୍‌ଟେନେଣ୍ଟ ଗବର୍ଣ୍ଣର ଉଭୟଙ୍କ ବିବେଚନା ଏଠା ସର୍ବସାଧାରଣଙ୍କ ମନୋନୀତ ହୋଇ ନାହିଁ ।

---

### ଓଡ଼ିଶାର ସମ୍ବାଦପତ୍ର ।

ଉତ୍କଳଦର୍ପଣର ଆକାର ପରିବର୍ତ୍ତନରେ ବାଲେଶ୍ୱର ସମ୍ବାଦବାହିକା ଆକ୍ଷେପ ପ୍ରକାଶ କରି କହିଅଛନ୍ତି ଯେ ପରିବର୍ତ୍ତନଟି ଭଲ ହେଉ ନାହିଁ, କାରଣ ଓଡ଼ିଶାରେ ଅନେକ ସ୍ଥିତଏ ସମ୍ବାଦପତ୍ର ଅଛି, ତଦ୍ୱାରା ସାହିତ୍ୟର ଉପକାର ହେଉ ନାହିଁ । ସାହିତ୍ୟର ଉତ୍କର୍ଷସାଧନ ନିମିତ୍ତ ଖଣ୍ଡିଏମାତ୍ର ମାସିକ ପତ୍ରିକା ଉତ୍କଳଦର୍ପଣ ଥିଲା ତାହା ସ୍ଥଗିତ ହେବା ଅନୁଚିତ ହୋଇଅଛି ! ଲେଖକ ସ୍ୱୀକାର କରନ୍ତି ଯେ ଦର୍ପଣକୁ ମାସିକ ପତ୍ରିକାରୂପେ ବାହାର କରିବାରେ ଅଧିକାରୀଙ୍କର କ୍ଷତି ହେଉଥିଲା ମାତ୍ର ତାହାଙ୍କର ମତରେ ସାହି-

Digitized by srujanika@gmail.com

Split by PDF Splitter



ତ୍ୟର ଉନ୍ନତି ଅନୁରୋଧରେ ସେପ୍ରକାର କ୍ଷତି ସ୍ୱୀକାର କରିବା ଅଯୁକ୍ତ ନୁହଇ । ମାସିକପତ୍ରିକା ଅନ୍ତତଃ ଖଣ୍ଡେ ଓଡ଼ିଶାରେ ରହିବା ଅବଶ୍ୟ ଉଚିତ ଓ ତାହା ସାହିତ୍ୟର ଉତ୍କର୍ଷ ସାଧନର ମହତ୍ ଉପାୟ ସନ୍ଦେହ ନାହିଁ । କିନ୍ତୁ ଯେଉଁଠାରେ ଗ୍ରାହକ ନାହାନ୍ତି ସେଠାରେ କିପରି ଉପକାର ହେବ ? ପାଠକବର୍ଗଙ୍କ ସଂଖ୍ୟା ଅଧିକ ନ ହେଲେ କୌଣସି ଉପକାର ନାହିଁ । ଯେବେ କେହି ବିନାମୂଲ୍ୟରେ ଅନେକ ସଂଖ୍ୟକ ମାସିକ ପତ୍ରିକା ବିତରଣ କରି ପାରେ ତେବେ ଓଡ଼ିଆ ସାହିତ୍ୟର ଉନ୍ନତିର ସମ୍ଭାବନା ମାତ୍ର ସେପ୍ରକାର କରିବାକୁ କାହାର ବଳ ଅଛି । ମାସିକ ପତ୍ରିକାଠାରୁ ସାପ୍ତାହିକ ବା ପାକ୍ଷିକ ପତ୍ରିକା ଏଠାରେ ଅଧିକ ପରିମାଣରେ ପ୍ରଚଳିତ ଅଛି ଓ ସମ୍ବାଦ ଜାଣିବା ପାଇଁ ଏଠା ଲୋକେ ସମଧିକ ଆଗ୍ରହ ପ୍ରକାଶ କରିବାର ଦେଖାଯାଏ । ଯେବେ ଏହି ସବୁ ପତ୍ରିକା ସମସ୍ତେ ଏକାବାଟରେ ନ ଚଳି ସାହିତ୍ୟର ଉତ୍କର୍ଷ ପ୍ରତି କେତେକ ଦୃଷ୍ଟି ରଖନ୍ତି ତେବେ ଅନୁମାନ ହୁଅଇ ମାସିକ ପତ୍ରିକାଠାରୁ ଏସବୁ ପତ୍ରିକାଦ୍ୱାରା ଅଧିକ ଉପକାର ହେବ, କାରଣ ତହିଁରେ ବିବିଧ ପ୍ରକାର ବୃତ୍ତ ଜାତ ଓ କ୍ରମଶଃ ସ୍ୱମାର୍ଜିତ ହେବାର ସମ୍ଭାବନା । ଉତ୍କଳଦର୍ପଣ ଯେମନ୍ତ ସାପ୍ତାହିକ ପତ୍ରିକା ହୋଇଅଛି ଯେବେ ତହିଁ ସଙ୍ଗେ ଆପଣାର ମୂଳ ଉଦ୍ଦେଶ୍ୟ ରକ୍ଷା ପ୍ରତି ସମୁଚିତ ଯତ୍ନବାନ୍ ହୁଅଇ ତେବେ ମାସିକ ପତ୍ରିକାର ଅଭାବ ମୋଚନ ହେବ ଏତିକି ନୁହଇ ମାତ୍ର ଏହାଦ୍ୱାରା ଅଧିକତର ଉପକାର ହେବ ଏମନ୍ତ ଆଶା ହେଉଅଛି । ହେଲେହେଁ ଅମ୍ଭମାନଙ୍କ ମନରେ ଆଉ ଗୋଟିଏ ଆପତ୍ତି ଉଦୟ ହେଉଅଛି ; ତାହା ଏହି ଯେ ଓଡ଼ିଶାକୁ ସମ୍ବାଦପତ୍ର ବଳାଇଅଛି । ଏକେ ତ ଏ ପ୍ରଦେଶ ଅତି କ୍ଷୁଦ୍ର ଦ୍ୱିତୀୟେ ବିଦ୍ୱାନ୍ ଓ ସଭ୍ୟ ଲୋକଙ୍କ ସଂଖ୍ୟା ଅତି ଅଳ୍ପ ତୃତୀୟରେ ଅଧିକାଂଶ ଲୋକ ଧନହୀନ ଚତୁର୍ଥରେ ଗମନାଗମନର ଅସୁଯୋଗରୁ ଆପଣାର ଘର ଛଡ଼ା ଅନ୍ୟତ୍ରରେ ଅପରିଚିତ ସୁତରାଂ ଏ ପ୍ରକାର ସ୍ଥାନ ଓ ଲୋକଙ୍କ ମଧ୍ୟରେ ଅନେକ ଗୁଡ଼ିଏ ସମ୍ବାଦପତ୍ର ପ୍ରତିପାଳିତ ହେବାର ଅତ୍ୟନ୍ତ କଠିନ ବସ୍ତୁତଃ ଦେଖାଯାଉଅଛି ଯେ ପ୍ରାୟ କୌଣସି ସମ୍ବାଦପତ୍ର ଆପଣା ବ୍ୟୟ ନିର୍ବାହ କରି ପାରୁ ନାହିଁ, ଅଧିକାରୀଙ୍କୁ ଲାଭ ଦେବାର କଥା ତ ଏ ପଛରେ । ଏ ସବୁ ଦେଖି ଶୁଣି ଯେ ସମ୍ବାଦପତ୍ରର ସଂଖ୍ୟା ଅଧିକ ହେଉଅଛି ଏଥିରୁ କେବଳ ଏହି ଉପଲବ୍ଧ ହୁଅଇ ଯେ ଏଠା ଲୋକଙ୍କ ମଧ୍ୟରେ ଐକତା ନାହିଁ, ଯେବେ ତାହା ଥାନ୍ତା ତେବେ ଏକ ଏକ ସ୍ଥାନର ଅଳ୍ପସଂଖ୍ୟକ କୃତବିଦ୍ୟ ଲୋକ ଏକମତ ହୋଇ ଏକଖଣ୍ଡ ପତ୍ରିକା ଚଳାଇଲେ ତାହାର ଅବସ୍ଥା ଭଲ ହୁଅନ୍ତା । ଓ ଲୋକଙ୍କର ମଧ୍ୟ ଉପକାର ଅଧିକ ହୁଅନ୍ତା । ଅମ୍ଭମାନଙ୍କ ବିବେଚନାରେ ଏକଖଣ୍ଡ ପତ୍ରିକା ଓଡ଼ିଶା ପକ୍ଷରେ ଯଥେଷ୍ଟ ତହିଁରୁ ଅଧିକ ହେଲେ ତିନଜଣରେ ତିନଖଣ୍ଡ ଏକପ୍ରକାରେ ଚଳି ପାରେ । ଏଥିରୁ ବର୍ତ୍ତମାନ ତହିଁର ଦଶଗୁଣରୁ ଅଧିକ ସମ୍ବାଦପତ୍ର ଅଛି ଓ ସେ ସବୁର ଭାବଭଙ୍ଗି ପ୍ରାୟ ଏକପ୍ରକାର ଥିବାରୁ କେହି ଆଶାନୁରୂପ ଫଳ ପାଉ ନାହାନ୍ତି କି ଗ୍ରାହକମାନଙ୍କର ଆଗ୍ରହ ବଢ଼ୁ ନାହିଁ । ଅମ୍ଭେମାନେ ସ୍ୱୟଂ ସମ୍ପାଦକ ଥିବାରୁ ଅତିଶୟ ଭୀତ ହୋଇ ଉପରଲିଖିତ ଭାବ ପ୍ରକାଶ କରୁଅଛୁଁ । ପ୍ରାର୍ଥନା କରୁଁ ଯେ ଅମ୍ଭମାନଙ୍କ ସହଯୋଗିମାନେ ଅମ୍ଭମାନଙ୍କ କୌଣସି ମନାଭିସନ୍ଧିର ଦୋଷ ନ ଦେଇ ଅମ୍ଭମାନଙ୍କ ବାକ୍ୟର ତ୍ରୁଟି ଥିଲେ ତାହା ଦେଖାଇଦେଇ ଅମ୍ଭମାନଙ୍କୁ ଚିରବାଧିତ କରିବେ ।

---

### ବରୋଦାର ଗୁଇକୁଅଁର ।

ବରୋଦାର ଗୁଇକୁଅଁର ମହାମାନ୍ୟ ମଲ୍ହାରରାଓ ବଡ଼ ହରବରରେ ପଡ଼ି ଅଛନ୍ତି । ଗତ ପ୍ରକାଶିତ ଅତିରିକ୍ତ ଇଣ୍ଡିଆ ଗଜେଟର ପ୍ରକାଶ ଯେ ଫେଅରସାହେବ ନାମରେ ବରୋଦା ଦରବାରରେ ଇଂରାଜଙ୍କ ପକ୍ଷରୁ ରେସିଡେଣ୍ଟ ପଦରେ ନିଯୁକ୍ତ ଥିଲେ ତାହାଙ୍କୁ ବିଷ ଖୁଆଇ ହତ୍ୟା କରିବାର ଉଦ୍ୟମ ହୋଇଥିଲା ଏବଂ ଏମନ୍ତ ପ୍ରମାଣ ମିଳିଅଛି ଯେ ଉକ୍ତ ହତ୍ୟା ଚେଷ୍ଟାରେ ମହାମାନ୍ୟ ଗୁଇକୁଅଁର ଲିପ୍ତ ଥିଲେ । ଯେହେତୁ ଏପ୍ରକାର ମନ୍ଦ ଚେଷ୍ଟାରେ ସାହାଯ୍ୟ କରିବା ଶ୍ରୀମତୀମହାରାଣୀଙ୍କ ବିରୁଦ୍ଧରେ ଭାରି ଅପରାଧ ଏବଂ ଯେଉଁ ରାଜଭକ୍ତି ପ୍ରଦର୍ଶନ ସର୍ତ୍ତରେ ମଲ୍ହାରରାଓ ବରୋଦାର ଶାସନକର୍ତ୍ତା ବୋଲି ଚଳିତ ହୋଇ ଅଛନ୍ତି ସେ ସର୍ତ୍ତ ଲଙ୍ଘନ ଏହାଦ୍ୱାରା ହେବାର ଅଛି ବିଶେଷରେ ଏପ୍ରକାର ଚେଷ୍ଟା ବ୍ରିଟିଶ୍ ଗବର୍ଣ୍ଣମେଣ୍ଟ ବିରୁଦ୍ଧରେ ଶତ୍ରୁତା ବ୍ୟବହାର ହେବାର ଏବଂ ଏଥିପାଇଁ ମହାମାନ୍ୟ ମଲ୍ହାରରାଓ ଗୁଇକୁଅଁରଙ୍କୁ ଏମନ୍ତ ଗୁରୁତର ସନ୍ଦେହରୁ ଆପଣାକୁ ମୁକ୍ତକରିବାର ସୁଯୋଗ ଦେବା ନିମନ୍ତେ ସମ୍ପୂର୍ଣ୍ଣ ଓ ପ୍ରକାଶ୍ୟରୂପେ ଏ ବିଷୟରେ ଅନୁସନ୍ଧାନ କରିବାର ନିତାନ୍ତ ପ୍ରୟୋଜନ ଅତଏବ ମହାମାନ୍ୟ ପ୍ରତିନିଧି ଓ ଭାରତବର୍ଷର ଗବର୍ଣ୍ଣର ଜେନରଲ ସାହେବ ଘୋଷଣାଦ୍ୱାରା ପ୍ରସଂଶିତ ମଲ୍ହାରରାଓଙ୍କୁ ରାଜ୍ୟର ଶାସନରୁ ସସ୍ପେଣ୍ଡ କରି ଆପଣା ହସ୍ତରେ କିଛିକାଳ ନିମିତ୍ତ ରାଜ୍ୟର ଭାର ଗ୍ରହଣ କରି ଅଛନ୍ତି । ବରୋଦା ରାଜ୍ୟର ଶାସନକାର୍ଯ୍ୟ ଜଣେ ଏଜେଣ୍ଟ ଓ ଖାସ କମିଶନରଙ୍କଦ୍ୱାରା ନିର୍ବାହିତ ହେବ ଓ ଉକ୍ତ ଶାସନକାର୍ଯ୍ୟ ଦେଶର ପ୍ରଚଳିତ ରୀତି ନୀତି ଓ ଆଇନଦ୍ୱାରା ସମ୍ପାଦିତ ହେବ । ବରୋଦାର ସମସ୍ତ ସର୍ଦ୍ଦାର, ଇନାମଦାର, ଜମିଦାର, ନିବାସୀ ଓ ରାଜକର୍ମଚାରୀମାନଙ୍କୁ ଆଦେଶ ହୋଇ ଅଛି ଯେ ଏ ଘୋଷଣାପତ୍ରାନୁସାରେ ନିଯୁକ୍ତ ହୋଇଥିବା ଏଜେଣ୍ଟ ଓ ଖାସ୍‌କମିଶନରଙ୍କ ଆଜ୍ଞାଧୀନରେ ରହି ଆପଣା ଆପଣା କର୍ତ୍ତବ୍ୟକାର୍ଯ୍ୟ କରିବେ । ପରନ୍ତୁ ଶ୍ରୀଶ୍ରୀମତୀମହାରାଣୀ ଏଦେଶୀୟ ରାଜା ଓ ଶାସନକର୍ତ୍ତାମାନଙ୍କୁ ଯେ ଆଶ୍ୱାସ ଦେଇ ଅଛନ୍ତି କି ତାହାଙ୍କର ବଂଶ ଓ ଆଧିପତ୍ୟ ଚିରକାଳ ନିମିତ୍ତ ସୁରକ୍ଷିତ ହେବ ତଦନୁସାରେ ମହାମାନ୍ୟ ଗବର୍ଣ୍ଣର ଜେନରଲ ସାହେବ ପ୍ରକାଶ କରୁଅଛନ୍ତି ଯେ ଉପରଲିଖିତ ତଦନ୍ତଦ୍ୱାରା ଯେ ଫଳଲାଭ ହେବ ତଦନୁସାରେ ଯେପ୍ରକାର ନିୟମରେ ଦେଶୀୟ ଶାସନ ଉକ୍ତ ରାଜ୍ୟ ସକାଶେ ବିଧାନ କରିବାକୁ ଉପଯୁକ୍ତ ବୋଧ ହେବ ସେ ପ୍ରକାର ଦେଶୀୟ ଶାସନ ପୁନର୍ବାର ସେଠାରେ ସ୍ଥାପନ କରିବାକୁ ହେବ ।

ବରୋଦା ଗୁଇକୁଅଁରଙ୍କ ଉପରେ ଏତାଦୃଶ ବିପଦ ପଡ଼ିବ ବୋଲି ଅମ୍ଭମାନଙ୍କୁ ଜଣା ନ ଥିଲା ଏବଂ ବିଷପାନ କରାଇବାର ଚେଷ୍ଟା ସମ୍ପର୍କରେ ଖାସ ପୁଲିସ କର୍ମଚାରୀ ପ୍ରେରିତ ହୋଇ କି ପ୍ରକାର ଅନୁସନ୍ଧାନ କରି ଅଛନ୍ତି ଓ କେମନ୍ତ ଗୁରୁତର ପ୍ରମାଣ ଗୁଇକୁଅଁରଙ୍କ ବିରୁଦ୍ଧରେ ପାଇ ଅଛନ୍ତି ତାହା ଜଣାପଡ଼ି ନାହିଁ ପ୍ରକାଶ୍ୟ ବିଚାର ହେଲେ ସବୁ ଜଣା ପଡ଼ିବ ସମ୍ପ୍ରତି ଏତିକି ବୋଲିଯାଇ ପାରେ ଯେ ମହାମାନ୍ୟ ଲର୍ଡନର୍ଥବ୍ରୁକଙ୍କ ପରି ଶାସନକର୍ତ୍ତା ଉପଯୁକ୍ତ କାରଣ ପାଇ ନ ଥିଲେ ଏମନ୍ତ ଘୋଷଣା ପ୍ରଚାର କରନ୍ତେ ନାହିଁ ଓ ଘୋଷଣାପତ୍ରର ମର୍ମରୁ ଜଣାଯାଏ ଯେ ବରୋଦାକୁ ଇଂରାଜ ଶାସନାଧୀନର ଅନ୍ତର୍ଗତ କରିବାର କୌଣସି ଅଭିଳାଷ ଅମ୍ଭମାନଙ୍କ ଗବର୍ଣ୍ଣମେଣ୍ଟ ରଖନ୍ତି ନାହିଁ ବରଂ ତହିଁ ବିପରୀତ ଇଚ୍ଛା ସ୍ପଷ୍ଟରୂପେ ପ୍ରକାଶ ହୋଇ ଅଛି । ଗବର୍ଣ୍ଣମେଣ୍ଟ ଆପଣା ମନ୍ତବ୍ୟ ପୂର୍ବରୁ ପ୍ରକାଶ କରିବାରେ ବଡ଼ ଉତ୍ତମ ବିଚାର କରି ଅଛନ୍ତି କାରଣ ଯେଉଁମାନେ ଦେଶୀୟ ଶାସନକୁ ସୁଖ ପାନ୍ତି ସେମାନେ ଜାଣିବେ ଯେ ମଲ୍ହାରରାଓ ଆପଣା ଦୋଷରେ ପଦ[illegible]

Digitized by srujanika@gmail.com

ହୋଇ ଅଛନ୍ତି ନୋହିଲେ ରାଜବଂଶ ଲୋପ କରିବାକୁ ଗବର୍ଣ୍ଣମେଣ୍ଟ ପ୍ରସ୍ତୁତ ହୋଇ ନାହାନ୍ତି । ତାହେଲେ ଗୁଇକୁଅଁରଙ୍କପ୍ରତି ଅନୁପଯୁକ୍ତ ଅନୁରାଗ ବଶବର୍ତ୍ତୀ ହୋଇ ସେଠା ଲୋକମାନେ ବିଦ୍ରୋହାଚରଣ କରନ୍ତି ଏହା ଭାବି ଗବର୍ଣ୍ଣମେଣ୍ଟ ପୂର୍ବରୁ ଅନେକ ପଦାତିକ ଅଶ୍ୱାରୋହୀ ଓ ଗୋଲନ୍ଦାଜ ସିପାହି ଓ ତୋପ ପ୍ରଭୃତି ଯୁଦ୍ଧର ଉପକରଣ ବରୋଦାକୁ ପଠାଇଥିଲେ ସେମାନେ ସେଠାରେ ଯାଇ ଛାଉଣି କରି ଅଛନ୍ତି । ସୌଭାଗ୍ୟର ବିଷୟ ଯେ ଯେଉଁଦିନ ଘୋଷଣାପତ୍ର ପ୍ରଚାରିତ ହେଲା ସେଦିନ କୌଣସି ପ୍ରକାର ଗୋଳମାଳ କି ଆଜ୍ଞା ଲଙ୍ଘନର ଚେଷ୍ଟା ହୋଇ ନାହିଁ । ଗୁଇକୁଅଁର କୌଣସି ଆପତ୍ତି ବିନା ଇଂରାଜଙ୍କ ହସ୍ତରେ ଆତ୍ମ ସମର୍ପଣ କଲେ ଓ ସମ୍ପ୍ରତି ଜ ୫୦ ଣ ଇଂରାଜ ସୈନ୍ୟଙ୍କର ନଜରବନ୍ଦରେ ଅଛନ୍ତି । ରାଜଭବନ ଓ ସମସ୍ତ ଦ୍ରବ୍ୟାଦି କୋରକ ହୋଇଅଛି ଓ ଗଡ଼ ଉପରେ ପାହାରା ପ୍ରହରୀ ବିଶେଷରୂପେ ନିଯୁକ୍ତ ହୋଇ ଅଛନ୍ତି । ଗୁଇକୁଅଁରଙ୍କର ସେନାମାନେ ନିରସ୍ତ ହୋଇ ଅଛନ୍ତି ଓ ଦେଶୀୟ ନିବାସିମାନେ ଶାନ୍ତ ଭାବରେ ରହି ଅଛନ୍ତି କୌଣସି ଆନ୍ଦୋଳନ ନାହିଁ ।

---

# ସାପ୍ତାହିକ ସଂବାଦ ।

ଅମ୍ଭେମାନେ କୃତଜ୍ଞତା ସହିତ ନିମ୍ନଲିଖିତ ପୁସ୍ତକମାନ ଉପହାରସ୍ୱରୂପ ପାଇଥିବାର ସ୍ୱୀକାର କରୁଅଛୁଁ ଯଥା ହିତପାଠ ପ୍ରଥମଭାଗ ଓ ରାମବନବାସ । ଯଥାସମୟରେ ଏସବୁର ସମାଲୋଚନା କରାଯିବ ।

କଲିକତାର ଥାଦାମ୍ୱ ଜସିତ୍ତ ଖଣ୍ଡିଏ ନୂତନ ଆଇନର ପାଣ୍ଡୁଲିପି ପ୍ରସ୍ତୁତ ହୋଇ ବଙ୍ଗଳା ବ୍ୟବସ୍ଥାପକ ସଭାରେ ତହିଁର ବିଚାର ହେଉଅଛି । ପ୍ରଚଳିତ ଆଇନପ୍ରତି ଅଧିକ କିଛି ପରିବର୍ତ୍ତନ ହେବାର କଥା ନାହିଁ ।

ଗତ ବୁଧବାର ବାବୁ ସୁରେନ୍ଦ୍ର ଦତ୍ତ କଲିକତାକୁ ପ୍ରତ୍ୟାଗମନ କଲେ । ଯେଉଁ ଉଦ୍ଦେଶ୍ୟରେ ସେ ଏଠାକୁ ଆସି ଯାହାସବୁ କଳ୍ପନା କରି ଯାଇଅଛନ୍ତି ତହିଁର ବିବରଣ ଏପତ୍ରେ ପ୍ରକାଶ ହେବ । ଆମ୍ଭେମାନେ ଶୁଣିଅଛୁଁ ଯେ କଟକ ଓ ଚାନ୍ଦବାଲି ମଧ୍ୟରେ ଜାହାଜ ଚଳାଇବା ଏହାଙ୍କର ପ୍ରଧାନ ଉଦ୍ଦେଶ୍ୟ ଅଟଇ ।

ଗତ ଗୁରୁବାର ରାତ୍ର ଚାରିଜଣ ପୁଲିସ କନଷ୍ଟବଲ ଜଣେ ବାୟାକୁ ପାଗଲଖାନାରୁ ଘେନି ଯାଉଥିଲେ ଯେ ସେ ବାୟାକୁ ଗୋଟାଏ ବାଉଁଶରେ ବାନ୍ଧି ତହିଁର ଦୁଇପାଖ ଦୁଇ କନଷ୍ଟବଲ ଧରିଥାନ୍ତି ଓ ମୁଣ୍ଡ ବାଳରେ ଦଉଡ଼ି ବାନ୍ଧି ଆଉଜଣେ କନଷ୍ଟବଲ ଧରିଥାଏ ଲୋକମାନେ ପୁଲିସର ଏରୂପ ଚାତୁର୍ଯ୍ୟ ବୁଦ୍ଧି ଦେଖି ଅଥବା ବାୟାକୁ ପଲଟନର ମନୁଷ୍ୟବାଘ ମନେକରି ଦେଖିବା ନିମନ୍ତେ ପଛେ ପଛେ ଧାଇଥାନ୍ତି । ବାସ୍ତବରେ ବାୟାଟା ବଡ଼ କାମୁଡ଼ା ହୋଇଥିଲା ।

କେନ୍ଦ୍ରାପଡ଼ା ନାଳର ବରପ୍ରାପ୍ତ ଡେପୁଟୀ ସୁପ୍ରେଣ୍ଟେଣ୍ଡ ନିମ୍ନଶ୍ରେଣିରେ ଆଇନ ଏବ ଉଚ୍ଚଶ୍ରେଣିରେ ଓଁଭସ୍ୱାଭ୍ରଥାରେ ପରୀକ୍ଷୋତ୍ତୀର୍ଣ୍ଣ ହୋଇଅଛନ୍ତି ।

ପୌଷମାସରେ କଲିକତାରେ କୁଅପଥର ବୃଷ୍ଟି ହୋଇଥିବାରୁ ହିନ୍ଦୁପେଟ୍ରିଅଟ କହନ୍ତି ଯେ ବଙ୍ଗଳା ପ୍ରବାଦ ଅନୁସାରେ ଏହା ଅତିଶୟ ନିୟମର ବହିର୍ଭୂତ ଓ ଅସମ୍ଭାବିତ ଘଟନା ଅଟଇ । ପ୍ରବାଦଟି ଏହି ଯେ 'ଅଘ୍ରାଣର ଅନାବୃଷ୍ଟି' ପୌଷମାସେ ଶିଳାବୃଷ୍ଟି ।

ହିନ୍ଦୁପେଟ୍ରିଅଟର ସମ୍ପାଦକ ବାବୁ କୃଷ୍ଣଦାସ ପାଲ ବଙ୍ଗଳା ବ୍ୟବସ୍ଥାପକ ସଭାର ଜଣେ ସଭ୍ୟ ନିଯୁକ୍ତ ହୋଇଅଛନ୍ତି ।

ହିନ୍ଦୁପେଟ୍ରିଅଟ ଅବଗତ ହୋଇଅଛନ୍ତି ଯେ ବମ୍ବେଇର ବଣିକସଭା ପରାମର୍ଶ କରନ୍ତି କି କପା ଉପରେ ଯେ ମାସୁଲ ଲାଗୁଅଛି ତାହା ଉଠାଇ ଦେଇ ତମାଖୁ ଉପରେ ଟାକ୍ସ ବସାଇବେ । କିମ୍ବଦନ୍ତୀ ସୌଜନ୍ୟତା ସରଜାନ ଷ୍ଟ୍ରାଚି ଗବର୍ଣ୍ଣମେଣ୍ଟ ଇଣ୍ଡିଆରେ ପ୍ରସ୍ତାବ କରିଅଛନ୍ତି ଯେ ସରକାରୀ ଟଙ୍କାରେ ବୃନ୍ଦାବନର ଗୋବିନ୍ଦଦେଉଙ୍କ ମନ୍ଦିରର ଜୀର୍ଣ୍ଣ ସଂସ୍କାର କରିବେ । ବର୍ତ୍ତମାନ ସେ ମନ୍ଦିର ଅତି ଦୁରବସ୍ଥାରେ ଅଛି । ଲେଫଟନେଣ୍ଟ ଗବର୍ଣ୍ଣରଙ୍କ କାର୍ଯ୍ୟରେ ହିନ୍ଦୁସମାଜ ବଡ଼ ଆନନ୍ଦିତ ହେବେ ସନ୍ଦେହ ନାହିଁ ।

କଲିକତାର ସେଠ ଓ ବୈଶାଖମାନେ ବିବାହର ବ୍ୟୟ ଉଣା କରିବା କାରଣ ଅତିଶୟ ଉଦ୍ୟମଶୀଳ ହୋଇଅଛନ୍ତି । ଅମ୍ଭେମାନେ ଭରସା କରୁଁ ଯେ ଏ ମହତ୍ତ୍ୱ ଅନୁଷ୍ଠାନଟି ସଫଳ ହେଉ ଏବଂ ଓଡ଼ିଶାର କରଣମାନେ ଏଥିର ଅନୁକରଣ କରିବାକୁ ଚେଷ୍ଟା କରନ୍ତୁ ।

ତ୍ରିବାଙ୍କୁରର ରାଜା ଆଗାମୀମାସରେ କଲିକତାକୁ ଆସିବେ ବୋଲି ସମ୍ବାଦ ଅଛି ।

ଗତ ଶନିବାରରେ ଶେଷ ହେବା ସାପ୍ତାହିକ ତାଲିକାପତ୍ରରୁ ଜଣାଯାଏ ଯେ କଲିକତାରେ ରପ୍ତାନି ଦ୍ରବ୍ୟର କାରବାର ବହୁତ ଉଣା ଅଛି । ପ୍ରାୟ କୌଣସି ଦ୍ରବ୍ୟ ଆଗ୍ରହପୂର୍ବକ ମହାଜନମାନେ ନେଉ ନାହାନ୍ତି ।

ଅଫ୍ରିଦି ଜାତୀୟ ଲୋକମାନେ ଜଣେ ଇଂରାଜବାଦ୍ୟକାରକୁ ଧରି ନେଇ ଯାଇଥିଲେ । ଡେଲିନ୍ୟୁସ ଶୁଣିଅଛନ୍ତି କି ଏରୂପ କରିବାର ଅଫ୍ରିଦିମାନେ ଏହି ହେତୁ ଦର୍ଶାଇଅଛନ୍ତି ଯେ ତାହାଙ୍କ ପ୍ରେରିତ ଆବେଦନପତ୍ରମାନ ଡେପୁଟି କମିସନର ଗ୍ରହଣ ନ କରିବାରୁ ସେମାନେ ବିଚାରିଲେ ଯେ ଜଣେ ଇଉରୋପବାସି ଲୋକକୁ ସେମାନେ ଧରି ନେଲେ ସାହେବମାନଙ୍କ ଦୃଷ୍ଟିପଥରେ ଆସିବେ । ଏକଥା ସତ୍ୟ ହେଲେ ବଡ଼ ଦୁଃଖର ବିଷୟ ଯେ ରାଜକର୍ମଚାରୀର ବିଶେଷରେ ଶୈଥିଲ୍ୟତା ହେତୁରୁ ଲୋକମାନେ ଆପଣା ଦୁଃଖ ଜଣାଇବା ନିମନ୍ତେ ଏତାଦୃଶ ଦୁଷ୍କର୍ମରେ ବଳାତ୍କାରରୂପେ ପ୍ରବୃତ୍ତ ହୁଅନ୍ତି ।

ମାନ୍ଦ୍ରାଜ ଆଥିନିୟମରୁ ଅବଗତ ହେଲୁଁ ଯେ ଜଣେ ଫରାସିସ କାରିଗର ଏପ୍ରକାର କାଚଦ୍ରବ୍ୟ ପ୍ରସ୍ତୁତ କରିବାର ଉପାୟ ଆବିଷ୍କାର କରୁଅଛି ଯେ କଂସା ପିତ୍ତଳପରି କାଚବାସନ ନିର୍ମାଣ ହୋଇପାରିବ । ସେ କାଚରେ ଉତ୍ତାପର ଗୃହର ପରି ସହଗୃହର ପ୍ରସ୍ତୁତ ହେଉଅଛି ଓ ତଳେ ପଡ଼ିଗଲେ ଭାଙ୍ଗି ନ ଯାଇ ବଙ୍କା ହୋଇ ଯାଉଅଛି । ସାଧାରଣ କାଚଠାରୁ ଏହା ଅଧିକ ଆଘାତ ସହିପାରେ । ଏ ଦ୍ରବ୍ୟର ବାସନାଦି ପ୍ରସ୍ତୁତ କରିବା ନିମନ୍ତେ ଗୋଟିଏ କମ୍ପାନୀ ସ୍ଥାପିତ ହୋଇ ତାହାଙ୍କଦ୍ୱାରା ଏଦ୍ରବ୍ୟର ପରୀକ୍ଷା ଓ ଦ୍ରବ୍ୟ ପ୍ରସ୍ତୁତର ଆୟୋଜନ ହେଉଅଛି । ଏପରି କାଚବାସନ ମିଳିଲେ ଯେ ତାହା ସବୁଠାରୁ ଆଦରଣୀୟ ହେବ ଏଥିରେ କିଛି ସନ୍ଦେହ ନାହିଁ । କାଚଠାରୁ ସୁନ୍ଦର ଦ୍ରବ୍ୟ ନାହିଁ କେବଳ ଭୟ ଏତିକି ଯେ ତାହା ଅତିଶୀଘ୍ର ଭାଙ୍ଗିଯାଏ ।

ବାବୁ ଭୂଦେବ ମୁଖୋପାଧ୍ୟାୟ ସ୍କୁଲ ଇନସ୍ପେକ୍ଟର ଶିକ୍ଷାବିଭାଗର ଦ୍ୱିତୀୟଶ୍ରେଣିର କର୍ମଚାରୀଙ୍କ ମଧ୍ୟରେ ପ୍ରବେଶ ହୋଇଅଛନ୍ତି ମାସକୁ ଏକ ହଜାର ଟଙ୍କା ବେତନ ପାଇବେ । ବଡ଼ ସୁଖର ବିଷୟ ଅଟଇ ।

ଚଳିତମାସ ତା ୫ ରିଖ ଅପରାହ୍ନରେ କଲିକତାରେ ବର୍ଷା ଓ କରକାପାତ ହୋଇଥିଲା ଏଥିରେ ଇଡ଼େନ ଉଦ୍ୟାନର ଅନେକ ଗୁଡ଼ିଏ ଲଣ୍ଠନ ଭାଙ୍ଗି ଯାଇଅଛି ମାତ୍ର ନଗରର ବାଟ ଦୁଇପାଖର ଲଣ୍ଠନସବୁ ବଞ୍ଚି ଯାଇଅଛି ।

ମାନ୍ଦ୍ରାଜ ଆଥିନିୟମରେ ଲେଖାଅଛି ଯେ ବଙ୍ଗାଲୋରର ଡାକଘରରେ କେରାନୀ ଓ ହର-

Split by PDF Splitter

Digitized by srujanika@gmail.com

Split by PDF Splitter



ଜନ୍ମାନେ ପ୍ରାୟ ୫ ୨୦୦୧ ଙ୍କାର ନୋଟ ଓ ମନିଅର୍ଡର ଗ ୨୪ ଶ୍ର ପଦଣ୍ଟ ସମୟ୨ ରେ ରେଖା କରିଥିଲେ । ସନ୍ଧ୍ରୁତ ଏମାନେ ଋଷ୍ଟ ପଡ଼ିଅଛନ୍ତି କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ଏତେ କାଲ ଏପରି ରେଖା ଧରାପଡ଼ି ନ ଥିଲା ।

ଟାଇମସ୍ ଅବ୍‌ଇଣ୍ଡିଆର୍ ଅବଗତ ହେଲୁଁ ଯେ ବମ୍ବେଇର ଲୋକମାନେ ଆଉ ଗୋଟିଏ ନୂତନ ବ୍ୟବସାୟର ଅଯୋଜନ କରିଅଛନ୍ତି । ଷଡ଼ଷ୍ଟିତ ମିଶ୍ରି ଏଠାରେ ପ୍ରସ୍ତୁତ ହୋଇ ପାରଇ ନାହିଁ । ଅନ୍ୟାନ୍ୟ ଦେଶରୁ ଅନେକ ଆମଦାନୀ ହୁଅଇ ସେପ୍ରକାର ମିଶ୍ରି ଏଠାରେ ପ୍ରସ୍ତୁତ କରିବାପାଇଁ ବମ୍ବେଇରେ ଏକ କମ୍ପାନୀ ସ୍ଥାପିତ ହୋଇଅଛି ଓ ଏ ବ୍ୟବସାୟରେ ଆଶୁ ଲାଭ ହେବାର ଅନେକ ଆଶା ଦେଖାଯାଏ ଏକାରଣ ବିଦେଶରୁ ଆମଦାନୀ ହେବା ମିଶ୍ରି ଉପରେ କର ବସିଅଛି ।

ତେଲିଗ୍ରାଫ ବୋଲନ୍ତି ଯେ ଉତ୍ତରପଡ଼ାର ଜମିଦାର ବାବୁ ଜୟକୃଷ୍ଣ ମୁଖୁର୍ଯ୍ୟା ବିଗତ ଦୁର୍ଭିକ୍ଷ ସମୟରେ ସ୍ୱୟଂ ଅନେକ ପରିଶ୍ରମ ଓ ଦ୍ରବ୍ୟ ସହିତ ସାହାଯ୍ୟଦାନ କରିଥିବାରୁ ତାହାଙ୍କୁ ସ୍ୱୟଂ-ବାହାଦୁର ପଦ ଦେବାପାଇଁ ପ୍ରସ୍ତାବ ହେଉଅଛି ।

ପାୟୋନିଅର ପତ୍ରିକା ଲାହୋରର ସମ୍ବାଦ ପାଇଅଛନ୍ତି ଯେ ଚଳିତମାସ ତା ୫ ରଖରେ ଯୁବରାଜ ସେଠାରେ ପହୁଞ୍ଚିବେ ଓ ତାହାଙ୍କୁ ତୋ ୧୯ ଟା ତୋପ ସଲାମୀ ଦିଆଯିବ । ଏଥିରୁ ତେଲିଗ୍ରାଫ ଅନୁମାନ କରନ୍ତି ଯେ କଥିତ ଯୁବରାଜ କାବୁଲର ଯୁବରାଜ ନ ହୋଇ ୟାରକନ୍ଦର ଯୁବରାଜ ହୋଇଥିବେ ।

ବମ୍ବେଇରୁ ଏକ ଜମାତ ସାଧୁ ଆସିଥିଲେ ଯେ ତାହାଙ୍କ ସ୍ତ୍ରୀ ଏକଶତ ପଦାରେ ଲମ୍ବା କଣ୍ଟାମାନ ମାରି ତହିଁ ଉପରେ ଶୋଇବା ବସିବା କରନ୍ତି । ଜଣେ ବଣିଆ ଏମାନଙ୍କୁ ଏକଦିନ ଭୋଜନ ଦେଇଥିଲା ଏମାନେ ଏତେ ଖାଇଲେ ଯେ ଜଣେ ଅଜୀର୍ଣ୍ଣ ରୋଗରେ ତହିଁ ଆରଦିନ ମରିଗଲା । ସଂସାର ତ୍ୟାଗୀ ବୈରାଗୀଙ୍କ ଏତେ ଗୁରୁପାକ ଓ ଲଲତ୍ରିକ ବସ୍ତୁ ନାହିଁ କି ଲୋକେ ଖାଇବାକୁ ଦିଅନ୍ତି ଓ ଅପରିମିତ ଖାଇ ମରନ୍ତି?

କଥିତ ହୁଅଇ ଯେ ବମ୍ବେଇ ଗବର୍ଣ୍ଣମେଣ୍ଟର ପ୍ରଶ୍ନରେ ଗବର୍ଣ୍ଣମେଣ୍ଟ ଅଫ୍ ଇଣ୍ଡିଆ ସ୍ଥିର କରିଅଛନ୍ତି ଯେ ଦେଶୀୟ କର୍ମଚାରୀଙ୍କ ପକ୍ଷରେ ଦଶବର୍ଷ ଜନ୍ମସ୍ଥାନରେ କର୍ମ କରିବାର ଯେ ବିଧି ଅଛି ତାହାକୁ ସ୍ଥାନୀୟ ଗବର୍ଣ୍ଣମେଣ୍ଟ ବୃଦ୍ଧି କରିବାକୁ କ୍ଷମତାବାନ୍ ଅଟନ୍ତି ।

କିନ୍ତୁ ଶୁଣିଅଛନ୍ତି ଯେ ଯାପାନରେ ଏକ ପ୍ରକାର ପ୍ରାତ୍ୟହିକ ଭାଷା ସମ୍ବାଦପତ୍ର ଅଛି ଓ ତା ୧ ରଖ ଜାନୁଆରୀଠାରୁ ଜୁନମାସ ଶେଷ ପର୍ଯ୍ୟନ୍ତ ୧୧,୧୯,୨୬୭ ଖଣ୍ଡ କାଗଜ ଡାକରେ ପ୍ରେରିତ ହୋଇଥିଲା ।

### ପ୍ରେରିତପତ୍ର ।

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ ।

ସବିନୟ ନିବେଦନ ମିଦଂ ।

ମହାଶୟ !

ନିମ୍ନଲିଖିତ କେତେକ ପଂକ୍ତିକୁ ଆପଣଙ୍କର ପତ୍ରିକାର ଏକ ପାର୍ଶ୍ୱରେ ସ୍ଥାନଦାନ କରି ବାଧିତ କରିବା ହେବେ ।

ଆଳି ପ୍ରଗଣାର ଅନ୍ତର୍ଗତ ଇରମ୍ ନାମକ ଏକ କ୍ଷୁଦ୍ର ଗ୍ରାମ ଅଛି । ସେଠାରେ ମାନ୍ୟବର ଶ୍ରୀଯୁକ୍ତ ଶ୍ୟାମସୁନ୍ଦର ମୋହନ ପାତ୍ରି ଓ ବ୍ରଜବଲ୍ଲଭ ପାତ୍ରି ଏ ଦୁଇ ମହାତ୍ମାଙ୍କର ବାସସ୍ଥାନ, ଉକ୍ତ ମହାତ୍ମାଦ୍ୱୟ ନିଜ ତହବିଲରୁ ପ୍ରାୟ ୫୮୦୦ ଙ୍କା ପର୍ଯ୍ୟନ୍ତ ଖରଚ କରି ଇରମ ନିକଟବର୍ତ୍ତୀ ଗୁମାଇ ନାଳ ନାମକ ନଦୀର ପଙ୍କୋଦ୍ଧାର କରି ପ୍ରଜାମାନଙ୍କର ମହତ୍ ଉପକାର କରି ଅଛନ୍ତି । ତାଙ୍କ ଯତ୍ନରେ ଏଠାରେ ଏକବର୍ଷ ହେଲା ଗୋଟିଏ ଏଡେଡ଼ ସ୍କୁଲ ସ୍ଥାପିତ ହୋଇଅଛି ସେ ସ୍କୁଲରେ ମାସିକ ୫ ୧୮ ଙ୍କା କରି ଏଡ଼ ଦେଉ ଅଛନ୍ତି ବାଳକମାନେ ବିନା ବେତନରେ ଅଧ୍ୟୟନ କରୁ ଅଛନ୍ତି ଏବଂ ଦରିଦ୍ରବାଳକମାନଙ୍କୁ ପୁସ୍ତକ ଦାନ କରୁ ଅଛନ୍ତି, ତାଙ୍କର ଇଚ୍ଛା ଅଛି ଅଧିକ ଏଡ଼ ଦେଇ ଉକ୍ତ ସ୍କୁଲକୁ ମାଇନର କରି ପ୍ରଜାମାନଙ୍କର ଅଜ୍ଞାନାନ୍ଧକାର ମୋଚନ କରିବେ✻ ସ୍କୁଲଗୃହ ପ୍ରସ୍ତୁତ କରାଇ ଅଛନ୍ତି ଏବଂ ଅଳ୍ପଦିନ ମଧ୍ୟରେ ସମସ୍ତ ଉପକରଣ ପ୍ରସ୍ତୁତ କରାଇ ଦେବା ନିମନ୍ତେ ପ୍ରତିଶ୍ରୁତ ହୋଇଅଛନ୍ତି, ଉକ୍ତ ସ୍କୁଲରେ ବର୍ତ୍ତମାନ ଦୁଇଜଣ ଶିକ୍ଷକ ଅଛନ୍ତି ସେମାନଙ୍କର

✻ ସମ୍ପାଦକ ମହାଶୟ ? ଉକ୍ତ ସ୍କୁଲକୁ ମାଇନର କଲେ ଅମ୍ଭମାନଙ୍କର ଯେ କ ପର୍ଯ୍ୟନ୍ତ ଉପକାର ହେବ ତାହା ବର୍ଣ୍ଣନାତୀତ ଅଟେ ଏ ତନ୍ନିମିତ୍ତ ଉକ୍ତ ମହାତ୍ମାଦ୍ୱୟଙ୍କୁ ହୃଦୟ ପଟରୁ ଅବସୃତ କରି ପାରିବୁ ନାହିଁ ।

ମହାଶୟ ଉକ୍ତ ମହାତ୍ମାଦ୍ୱୟ ଅମ୍ଭମାନଙ୍କର ଯେପର୍ଯ୍ୟନ୍ତ ଉପକାର କରି ଅଛନ୍ତି ତାଙ୍କ ଗୁଣ ଆପଣଙ୍କ ପତ୍ରିକାରେ ଗାନ ନ କରି ରହି ପାରିଲୁଁ ନାହିଁ ।

ବେତନ ଛଡ଼ା ବସା ଖର୍ଚ୍ଚ ନିମନ୍ତେ କିଛି ସାହାଯ୍ୟ କରୁଅଛନ୍ତି ଏବଂ ବେତନର କାଲ ପାଶ ନ ହେଉଣୁ ଶିକ୍ଷକମାନଙ୍କୁ ନିଜ ତହବିଲରୁ ବେତନ ଦେଇ ସେମାନଙ୍କ ପରିବାର ବର୍ଗର ମହତ୍ ଉପକାର କରୁଅଛନ୍ତି । ଗମାଇ ନାଳ ନଦୀର ଛକଟି ତୁଡ଼ାମଣ ବନ୍ଦରକୁ ଷ୍ଟିମର ଆଣିବା ନିମନ୍ତେ ବହୁତ ଯତ୍ନ କରୁଅଛନ୍ତି ତାଙ୍କର ସେ ଆଶା ଫଲବତୀ ହେଲେ ଅମ୍ଭମାନଙ୍କର ମହତ୍ ଉପକାର ହେବ । ପ୍ରାର୍ଥନା କରୁଅଛୁଁ ଜଗଦୀଶ୍ୱର ଉକ୍ତ ଅନାଥନାଥ ମହାତ୍ମାଦ୍ୱୟଙ୍କୁ ଦୀର୍ଘଜୀବୀ ଆଉ ଭାଗ୍ୟପଦ କରନ୍ତୁ ଏବଂ ଯାବଜ୍ଜୀବନ ସୁଖରେ ରଖନ୍ତୁ ।

ଉପସଂହାର ସ୍ଥଳରେ ବକ୍ତବ୍ୟ ଏହି ଯେ ହେ ମଫସଲସ୍ଥ ଦେଶହିତୈଷିମହାତ୍ମାଗଣ ! ଆପଣମାନେ ଆପଣା୨ ଗ୍ରାମରେ ଏହି ପ୍ରକାର ସଂକାର୍ଯ୍ୟ କରି ଦରିଦ୍ର ମୂର୍ଖ ପ୍ରଜାମାନଙ୍କର ଅଜ୍ଞାନାନ୍ଧକାର ମୋଚନ କରି ଯଶ ଲାଭ କରନ୍ତୁ ଇତି ।

୭।୧।୭୫ } ବଶମ୍ବଦ
ଇରମ } ଶ୍ରୀ ନ, ବ, ଗୁପ୍ତ

ବିଜ୍ଞାପନ ।

# ନୂତନପଞ୍ଜିକା ।

ସନ ୧୮୭୫।୭୬ ସାଲର ନୂତନପଞ୍ଜିକା ଅର୍ଥାତ୍ ଯାହା ଆଗାମୀ ବୈଶାଖମାସଠାରୁ ପ୍ରଚଳିତ ହେବ ଉତ୍କଳଭାଷାରେ ମୁଦ୍ରିତ ହୋଇ କଟକପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି ମୂଲ୍ୟ ୦ ୶ ଓ ମୋଫସଲପାଇଁ ଡାକମାସୁଲ ୦ ୶

ଗ୍ରମକଳାପ । (ସର୍ଷ୍ଣୁସ୍ତ୍ରମାନ୍ୟଣରଇନ୍ଦ) ଏହା ଉତ୍କଳଭାଷା ଓ ଗଦ୍ୟରେ ଅନୁବାଦ କରିତ ଏବଂ କଟକ ପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ହୋଇ ବିକ୍ରୟ ହେଉଛି ମୂଲ୍ୟ ୫ ୶ ମୋଫସଲ ଗ୍ରାହକଙ୍କୁ ମୂଲ୍ୟଛଡ଼ା ଡାକମାସୁଲ ଦେବାକୁ ହେବ ।

୨୨।୧।୭୫ ଶ୍ରୀ ନୃପେନ୍ଦ୍ରଶୁର ଦେବ୍ୟାନୁଷଣନ ଦଶମି

ବଙ୍ଗୀୟ ଲବ କଲେଜ୍‌ବାଳ ନୂଡ ଦଶ ପୋଇ ନାମକ ପୁସ୍ତକ ଏହି ଅଫିସରେ ବିକ୍ରୟ ହେଉ ଅଛି ମୂଲ୍ୟ ୦ ୵ ମୋଫସଲପାଇଁ ଡାକମାସୁଲ ଖ ୧ ଶ୍ରଠାରୁ ଖ ୧୦ ଶ୍ର ଯାଏ ୦୵

☞ ଏହି ଉତ୍କଳଦୀପିକା ସହରକଟକ ବଜାର କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter

EGISTERED NO. 18



# ଅତିରିକ୍ତ

ଉତ୍କଳ ଦୀପିକା ତା ୨୩ ରିଖ ମାହେ ଜାନୁଏରୀ ସନ ୧୮୭୬ ମସିହା ।

ମାନ୍ୟବର ଶ୍ରୀଯୁକ୍ତ, ଉତ୍କଳ ଦୀପିକା ସମ୍ପାଦକ
ମହାଶୟ ହିତ-ସାଧକେଷୁ ।

ମହାଶୟ !

ଶ୍ରୀବାବୁ ବଚ୍ଛନ ପଟ୍ଟନାୟକ ଯେ ଅନୁଗୁଳ ତହସିଲ୍‌ଦାରୀ ପଦରେ ଏ ଜିଲ୍ଲାରୁ ପରିବର୍ତ୍ତିତ ହୋଇ ଯାଉଅଛନ୍ତି ତାଙ୍କ ସମ୍ମାନର ଉପଲକ୍ଷେ ଏ ନଗରର ଉପଯୁକ୍ତ କୌଣସି ସ୍ଥାନରେ ଗୋଟିଏ ସଭା ସଂସ୍ଥାପିତ ହୋଇ ତହିଁରେ ଦେଶ ବିଦେଶ ବାସୀ ବହୁତର ସଭ୍ୟ ଆମନ୍ତ୍ରିତ ଥିଲେ ।

ସଭା ମଧ୍ୟରେ ଏଠା ନିବାସୀ ଶ୍ରୀ ବାବୁ ସଚ୍ଚିଦାନନ୍ଦ ପାଠୀ ବରଗଡ଼ ତହସିଲ୍‌ଦାର ମହାଶୟ ଦେଶୀୟଙ୍କ ପକ୍ଷରୁ ଖଣ୍ଡିଏ ସମ୍ମାନସୂଚକ ପତ୍ର ଆଦ୍ୟୋପାନ୍ତ ପାଠକରି ପ୍ରଶଂସିତ ପଟ୍ଟନାୟକଙ୍କ କରକମଳରେ ସମର୍ପଣ କଲେ ଆଉ ତହିଁରେ ପଟ୍ଟନାୟକ ମହାଶୟ ଯେଉଁ କେତେକ ମୌଖିକ ବକ୍ତୃତା ପ୍ରଦାନ କରି ଅଛନ୍ତି ଏହି ଉଭୟ ବିଷୟର ଅବିକଳ ପ୍ରତିଲିପି ନିମ୍ନେ ପ୍ରକଟିତ କରି ସର୍ବସାଧାରଣଙ୍କ ଅବଗତ କାରଣ ଆପଣଙ୍କ ନିକଟକୁ ପ୍ରେରଣ କରୁଅଛୁଁ । ଅନୁଗ୍ରହପୂର୍ବକ ଆପଣଙ୍କ ସ୍ୱତନ୍ତ୍ର ପତ୍ରିକାର ପାର୍ଶ୍ୱେ କେତେବେ ସ୍ଥାନଦାନ କଲେ ଚିରବାଧିତ ହେବୁଁ ।

ପାଠକେ !

ଏଥିରୁ ଦେଶୀୟଙ୍କ ସଭ୍ୟତା କେତେ ପରିମାଣରେ ବୃଦ୍ଧି ହେଉଅଛି ପରିଚୟ ପାଇବେ ।

ପ୍ରତିଲିପି

ଅଭିନନ୍ଦନପତ୍ର

ପରମାଦରଣୀୟ ଶ୍ରୀଯୁକ୍ତ ବାବୁ ବଚ୍ଛନ ପଟ୍ଟନାୟକ ମହାଶୟ ଅସ୍ମଦୀୟ ଶ୍ରଦ୍ଧାସ୍ପଦେଷୁ ।

ମହାଶୟ !

ମଧ୍ୟପ୍ରଦେଶାନ୍ତର୍ଗତ ସମ୍ବଲପୁର ପ୍ରଦେଶ ନିବାସିମାନଙ୍କ ମତାବଲମ୍ବୀ ହୋଇ ନିମ୍ନାଙ୍କିତ କତିପୟ ବ୍ୟକ୍ତି କୃତଜ୍ଞତା ପ୍ରଦର୍ଶନପୂର୍ବକ ଆପଣଙ୍କୁ ଏହି ପତ୍ରିକାଟି ଉପହାରସ୍ୱରୂପ ପ୍ରଦାନ କରୁଅଛୁଁ, ମାତ୍ର ଏହା ଆପଣଙ୍କ ଉପହାରଯୋଗ୍ୟ ନ ହେଲେ ମଧ୍ୟ ସ୍ୱୀୟ ଗୁଣଗ୍ରାହକତା ଗୁଣରେ ଗ୍ରହଣ କଲେ କୃତ କୃତ୍ୟ ଓ ଚରିତାର୍ଥ ହେବୁଁ ।

ଇତିପୂର୍ବେ ଏହି ଦେଶ ଅଜ୍ଞାନାନ୍ଧକାରରେ ଆବୃତ ହୋଇ ଅସ୍ମମାନଙ୍କୁ ପ୍ରଗାଢ଼ ତମିସ୍ରାଚ୍ଛନ୍ନ ଅମାବାସ୍ୟା ନିଶୀଥବତ୍ ପ୍ରତୀୟମାନ ହେଉଥିଲା ପରେ ସୌଭାଗ୍ୟକ୍ରମେ ଆପଣ ଶରତ୍କାଳୀନ ପୌର୍ଣ୍ଣମାସୀ ନିଶାକରତୁଲ୍ୟ ବିରାଜମାନ୍ ପୂର୍ବକ ବିଦ୍ୟୋନ୍ନତି ବିଷୟକ ଯତ୍ନ ଆଉ ସଦୁପଦେଶ ସ୍ୱରୂପ କିରଣ ଜାଳ ବିତରଣ କରି ସାଧାରଣଙ୍କୁ ସୁଦୃଶୋଭିତ ପଥରେ ପଥିକ କରାଇଅଛନ୍ତି ।

ପରନ୍ତୁ ଭବଦାୟାଗମନପୂର୍ବର ଏତଦ୍ ପ୍ରଦେଶୀୟ ବିଦ୍ୟାଳୟଚୟରେ ଯେଉଁ ଦୁଇ ତିନିଖଣ୍ଡି ଉତ୍କଳୀୟପୁସ୍ତକ ପ୍ରଚଳିତ ଥିଲା ତଦ୍ୱାରା ଅସ୍ମଦାୟ ମାତୃଭାଷାର ପ୍ରକୃତମାର୍ଗ ପ୍ରକଟିତ ହେଉ ନ ଥିବା ପର୍ଯ୍ୟାଲୋଚନାରେ ପ୍ରଗାଢ଼ ପରିଶ୍ରମ ସ୍ୱୀକାର ପୁରଃସର ତଦ୍‌ଭାବ ମୋଚନାର୍ଥ ସ୍ୱକପୋଳକଳ୍ପିତ, ଟନ୍ତାନ୍ତରାନୁବାଦିତ ଓ ଜ୍ଞାନମାର୍ଗ ପ୍ରଦୀପକ କତିପୟ ପୁସ୍ତକ ପ୍ରକାଶିତ କରି ଅସ୍ମମାନଙ୍କର ମହୋପକାର ସାଧନ କରିଅଛନ୍ତି ।

ଫଳତଃ ବହୁକାଳପର୍ଯ୍ୟନ୍ତ ଗାଢ଼ତର ପରିଶ୍ରମ ସହ ସଂସ୍କୃତାଧ୍ୟୟନରୁ ଯାଦୃଶ ଫଳୋଦୟ ହେଉ ନ ଥିଲା ତଦାନୀଂ ଭବଦାୟ ପ୍ରଚଳିତ ପୁସ୍ତକନିଚୟର ଭାବ ଗ୍ରହଣରେ ଜ୍ଞାନସମ୍ପନ୍ନ ହୋଇ ଅନତି ବିଲମ୍ବରେ ନିର୍ଦ୍ଧନ ବ୍ୟକ୍ତିମାନେ ପରିବାର ପ୍ରତିପାଳନରେ ସମର୍ଥ ଓ ସାମାଜିକ ନିୟମରେ ସମାଦୃତ ହେଉ ଅଛନ୍ତି ।

ଅପିଚ ତଦନୁଶୀଳନରେ ଅବାଳ ବୃଦ୍ଧ ସମସ୍ତଙ୍କର ଅସତ୍ ପ୍ରବୃତ୍ତି ସମୂହ ସଙ୍କୁଚିତ ହୋଇ ବିନୟ, ଶିଷ୍ଟାଚାର, ବୁଦ୍ଧିବୃତ୍ତି ଓ ଧର୍ମଭୀରୁ ପ୍ରବୃତ୍ତି ସତତ ସମୁଜ୍ଜ୍ୱଳ ହେଉଅଛି ପରନ୍ତୁ ଦେଶୀୟ ଦୃଷ୍ୟତର କୁତ୍ସିତ ସମୁଦାୟ ବହିରିତ ହୋଇ ଅଶେଷ ସୁଖାବହ ଅମୂଲ୍ୟରତ୍ନ ସ୍ୱରୂପ ଅଭିନବ ସଦ୍ୟାଚାର ପ୍ରତିଦିନ ବର୍ଦ୍ଧନଶୀଳ ହେଉଅଛି ।

Digitized by srujanika@gmail.com

Split by PDF Splitter



ବିଦ୍ୟାଶିକ୍ଷାର ପ୍ରାକୃତିକ ନିୟମ ଓ ଏବଂ ତାହା କୀଦୃଶ ଫଳୋପଧାୟକ ବସ୍ତୁତଃ ଇତ୍ୟାଦି ଦୃଶ୍ୟାଦୃଶ୍ୟ ସକଳପଦାର୍ଥର ଐଶ୍ୱରିକ ଶିଳ୍ପ ନୈପୁଣ୍ୟାଦି ବା କିପ୍ରକାରେ ପରିବୋଧିତ ହୁଏ ପ୍ରାୟ ଇହା ସ୍ଥାନୀୟ ଜନସମାଜର ଅଦୃଷ୍ଟପୂର୍ବ ଓ ସ୍ୱପ୍ନାକଳ୍ପିତ ଥିଲା ।

ଯଦିଚ ତାଦୃଶ ସମସ୍ତ ଜ୍ଞାନଲାଭରୁ ବଞ୍ଚିତ ଅଛୁଁ ତଥାପି ଆଧୁନିକ ଉଦ୍‌ଦୃଷ୍ଟାନ୍ତରେ ପ୍ରୋତ୍ସାହିତ ହୋଇ ଐକାଂଶିକ ଜ୍ଞାନୋପାର୍ଜ୍ଜନରେ ସମିଚୀନ ବ୍ୟୁତ୍ପତ୍ତିଲାଭ କରଣାନନ୍ତର ଅତୁଲାନନ୍ଦ ଅନୁଭବ କରି କାଳାତିବାହିତ କରୁଥିଲୁଁ ପରନ୍ତୁ ଅଚିରାତ୍କର କାଳ ମଧ୍ୟରେ ଅବଶିଷ୍ଟ ଅଂଶର ସମ୍ପୂର୍ଣ୍ଣତା ଲାଭାର୍ଥ ଯଥାସାଧ୍ୟ ଉତ୍କଣ୍ଠିତ ଅଛୁଁ ଈଦୃଶ ଜ୍ଞାନରତ୍ନାକରର ଉଦ୍ରେକ ଓ ସ୍ଥୈର୍ଯ୍ୟର ସଞ୍ଚାର ପ୍ରତି ଦୃକ୍‌ପାତ କଲେ କେଉଁ ଜ୍ଞାନଶୀଳ ପ୍ରାଞ୍ଜଳପ୍ରକୃତି ପୁଣ୍ୟାତ୍ମାଗଣ ଆପଣଙ୍କୁ ଅଗାଧ ଭକ୍ତିସାଗରରେ ପରିପ୍ଲାବିତ ଏବଂ ସୁମଧୁର କୃତଜ୍ଞତା ରସରେ ଅଭିଷିକ୍ତ ନ କରିବେ ? ଅଥଚ ଆପାମର ଯେଉଁବ୍ୟକ୍ତି ଭବଦୀୟ ଅପକ୍ଷପାତିତା ଗୁଣରେ ବିମୋହିତ ତଥା ଅକୃତ୍ରିମ ପ୍ରଣୟ ପାଶରେ ଆବଦ୍ଧ ହୋଇ ନାହିଁ ଏମନ୍ତ ଲୋକ ଅନ୍ୱେଷଣ କରିବାକୁ ଗଲେ ଏ ପ୍ରଦେଶରେ ଦୁଷ୍ପ୍ରାପ୍ୟ ହେବ !

ପରିଶେଷରେ ବକ୍ତବ୍ୟ ଯେ ଭବଦୀୟ ନିଷ୍କାରିତା ତ୍ରିଭୁବନମୋହିନୀ ସର୍ବଗୁଣସୂ ଅସ୍ୱାର୍ଥପରତା ଆଉ ଉପଚିକୀର୍ଷାବୃତ୍ତି ଏହି ଉଭୟ ଗୁଣ ସହକାରରେ ସ୍ଥାନୀୟ ଜନୈଷିଗଣଙ୍କୁ ଯେ କେତେଦୂର ପରିତୃପ୍ତ ଓ ଆହ୍ଲାଦିତ କରାଇ ଅଛନ୍ତି ତାହା କାହାରିକୁ ଅବିଦିତ ନାହିଁ ସୁତରାଂ ଏତାଦୃଶ ସକଳଗୁଣାକର ମହାତ୍ମାଙ୍କ ବିରହାନଳରେ ସନ୍ତପ୍ତ ଥାଇ ଅମ୍ଭେମାନେ ଯେ କେପର୍ଯ୍ୟନ୍ତ ମନୋବେଦନା ସହ୍ୟ କରୁଅଛୁଁ ତାହାର ସବିଶେଷ ବର୍ଣ୍ଣନାରେ ଲେଖନୀ ଅସମର୍ଥ ହେବାରୁ ହେଥି କ୍ଷାନ୍ତ ହେଲୁଁ । କିଂ ବହୁନା ସରଳାନ୍ତଃକରଣେଷୁ । ଇତି ତା ୩ ପୌଷ ମାହେ ଜାନୁଏରୀ ସନ ୧୮୭୫ ମସିହା ।

ସ୍ୱାକ୍ଷରକାରୀ

୧ । ଶ୍ରୀ ପଣ୍ଡିତ ହରିହର ସ୍ୱାଇଁକର
୨ । ଶ୍ରୀ ବାବୁ ତ୍ରିଲୋଚନ ବ୍ରହ୍ମା
୩ । ଶ୍ରୀ ବାବୁ ବାସୁଦେବ ପହରାଜ
୪ । ଶ୍ରୀ ବାବୁ ଗଣେଶ୍ୱର ସୁଆର
୫ । ଶ୍ରୀ ବାବୁ ବଳରାମ ପଟ୍ଟନାୟକ
ତହସିଲଦାର

ଇତ୍ୟାଦି ସ୍ଥାନୀୟ ସମ୍ଭ୍ରାନ୍ତବ୍ୟକ୍ତିଗଣ ।

ଉତ୍ତର ।

ସଭ୍ୟ ଭବ୍ୟ ଦେଶହିତୈଷୀ ପ୍ରିୟସୁଜନ ସମ୍ଭ୍ରାନ୍ତବ୍ୟକ୍ତି ଓ ନବ୍ୟ ସୁହୃଦ୍‌ଗଣମାନେ ।

ଅଦ୍ୟ ଆପଣମାନଙ୍କଠାରୁ ଯେଉଁ ମର୍ଯ୍ୟାଦା ପ୍ରାପ୍ତ ହେଲୁଁ ତନ୍ନିମନ୍ତେ ଅମ୍ଭେ କୃତକୃତ୍ୟ ହୋଇ ଆପଣମାନଙ୍କୁ ଧନ୍ୟବାଦ ଦେଉଅଛୁଁ । ଏହି ସାୟଂକାଳରେ ଆପଣମାନେ ଯେଉଁ ବ୍ୟାପାରରେ ପ୍ରବୃତ୍ତ ହୋଇ ଅଛନ୍ତି ତାହା ଅମ୍ଭଙ୍କୁ ଅତୀବ ଆନନ୍ଦ ବୋଧ ହେଉଅଛି [illegible] ଆମ୍ଭେ ଯେଉଁ ସମୟରେ ଅତ୍ରସ୍ଥ ଶିକ୍ଷାବିଭାଗର ତତ୍ତ୍ୱାବଧାରକତା ପଦରେ ନିଯୁକ୍ତ ହୋଇଥିଲୁଁ ତତ୍କାଳୀନ ଅବସ୍ଥା ସଙ୍ଗେ ବର୍ତ୍ତମାନର ଅବସ୍ଥାର ତୁଳନା କରି ଦେଖିବାରେ ଆମ୍ଭ ଅନ୍ତଃକରଣରେ କୀଦୃଶ ଅପରସୀମ ଆନନ୍ଦ ସମୁଦ୍ଭୂତ ହେଉଅଛି ତାହା ଅନିର୍ବଚନୀୟ ।

ଦ୍ୱାଦଶବର୍ଷ ପର୍ଯ୍ୟନ୍ତ ଆମ୍ଭ ଉପରେ ଯେଉଁ ଗୁରୁତର କାର୍ଯ୍ୟଭାର ସମର୍ପିତ ଥିଲା ତାହା ନିର୍ବିଘ୍ନରେ ସମ୍ପାଦିତ କରି ଆପଣମାନଙ୍କର ଯେ ସନ୍ତୋଷ ଲାଭ କରିଅଛୁଁ ତହିଁରେ ଅମ୍ଭେ ଆପଣାକୁ ଚରିତାର୍ଥ ବୋଧ କଲୁଁ । ଅମ୍ଭର ଉପଚିକୀର୍ଷା ବୃତ୍ତି ପ୍ରସଙ୍ଗରେ ଆପଣମାନେ ଯାହା ଉଲ୍ଲେଖ କରି ଅଛନ୍ତି ସେଥିର ମୂଳ ଏଠାର ରାଜପୁରୁଷମାନେ ଅଟନ୍ତି ଓ ଅମ୍ଭେ କେବଳ ଆପଣମାନଙ୍କ ଠାରୁ ଲବ୍ଧପ୍ରତିଷ୍ଠ ହୋଇ ଏତାଦୃଶ ଫଳ ଭୋଗର ପାତ୍ର ହୋଇ ଅଛୁଁ ଯେହେତୁ ଏତଦ୍ଦେଶୀୟ ବିଦ୍ୟାନୁରାଗ ବିଷୟରେ ରାଜପୁରୁଷମାନଙ୍କର ବିଶେଷ ଯତ୍ନ ଥିବାରୁ ଅମ୍ଭେ ସର୍ବଦା ତାହାଙ୍କ ଅନୁକୂଳରେ ଥାଇ ଉପଦେଶାନୁଯାୟୀ ବାଳକ ମାନଙ୍କର କୋମଳୀୟ ବୁଦ୍ଧିକ୍ଷେତ୍ରରେ ଜ୍ଞାନବୀଜ ବପନ କରିବାନିମିତ୍ତ ପ୍ରବୃତ୍ତ ହୋଇ ସେମାନଙ୍କ ଆନ୍ତରିକ ବୃତ୍ତିର ଉନ୍ନତି ସାଧନରେ ତ୍ରୁଟି କରି ନାହୁଁ ତନ୍ନିମିତ୍ତ ପ୍ରୀତି ଓ କୃତଜ୍ଞତା ଗୁଣର ସୁସ୍ପଷ୍ଟ ଲକ୍ଷଣ ବର୍ତ୍ତମାନ ପ୍ରତୀୟମାନ ହେଉଅଛି ଏଥିରେ ଅମ୍ଭେ ଆପଣାର ପରିଶ୍ରମ ଓ କର୍ତ୍ତବ୍ୟ କର୍ମ ସାଧନରୁ ସଫଳତା ଜ୍ଞାନ କରୁଅଛୁଁ ।

ଏତଦ୍ଦେଶରେ ଅମ୍ଭର ବହୁକାଳ ଅବସ୍ଥିତ ପ୍ରଯୁକ୍ତ ମହତ୍ପ୍ରତି ଆପଣମାନେ ଯେପରି ସମ୍ମାନ ଓ ପ୍ରୀତିପୂର୍ବକ ସଦାଚାର ଦର୍ଶାଉଥିଲେ ସେଥିରେ ଅମ୍ଭେ ଏ ସ୍ଥାନକୁ ଆପଣା ନିବାସଭୂମି ସ୍ୱରୂପ ଜ୍ଞାନ କରୁଥିଲୁଁ ।

ସମ୍ପ୍ରତି ଏସ୍ଥାନ ଅମ୍ଭେ ତ୍ୟାଗ କରିବାରେ କେପର୍ଯ୍ୟନ୍ତ ଦୁଃଖିତ ଅଛୁଁ ତାହା କହିବା ବାହୁଲ୍ୟମାତ୍ର । ଆପଣମାନେ ଜାଣୁଅଛନ୍ତି ଅମ୍ଭର ସ୍ଥାନାନ୍ତର ଯାତ୍ରା କେବଳ ରାଜକାର୍ଯ୍ୟ ଉଦ୍ଦେଶରେ ହେଉଅଛି ଅନ୍ୟ ଅଭିପ୍ରାୟରେ ନୁହେ, କିନ୍ତୁ ତାହା ସଙ୍ଗେ ୨ ଆଉ ଗୋଟିଏ ମହତ୍ ସୁଖର ଉତ୍ପତ୍ତି ହେଉଅଛି ଯେ ଅମ୍ଭେ ଯେଉଁ ଶିଶୁମାନଙ୍କୁ ବିଦ୍ୟାଧ୍ୟୟନ କରିବାର ଦେଖିଥିଲୁଁ ଅଧୁନା ସେମାନେ ଉତ୍ତମ ୨ ରାଜକାର୍ଯ୍ୟରେ ନିଯୁକ୍ତ ହୋଇ ସୁଚାରୁରୂପେ କର୍ମ ନିର୍ବାହ କରିବାର ଦେଖୁଅଛୁଁ ଆଉ ସେମାନଙ୍କ ମଧ୍ୟରୁ ଜଣେ ସୁଶିକ୍ଷିତ ବାବୁ ଧରଣୀଧରମିଶ୍ର ଆମ୍ଭ ସମକକ୍ଷ ହୋଇ ମହତ୍ପ୍ରତି ସମର୍ପିତ ଥିବା କାର୍ଯ୍ୟର ଭାର ବହନ କରୁ ଅଛନ୍ତି ।

ପରିଶେଷରେ ବକ୍ତବ୍ୟ ଏହି ଯେ ଯେଉଁମାନଙ୍କ ସହବାସରେ ଅମ୍ଭେ ଏତାଧିକ କାଳ ପରମ ସୁଖରେ ଅତିବାହିତ କରିଅଛୁଁ ଅତଏବ ଯେଉଁ ସ୍ଥାନରେ ଅବସ୍ଥିତ କରିବୁଁ ସେମାନଙ୍କ ମଙ୍ଗଳସମ୍ବାଦ ପାଇ କେବେହେଁ ତ୍ରୁଟି କରିବୁଁ ନାହିଁ । ଆପଣମାନଙ୍କଠାରୁ ଯେଉଁ ସଦ୍ଭାବ ପ୍ରାପ୍ତ ହୋଇଅଛୁ ତହିଁର ଆଉ କି ପରିଚୟ ଦେବୁଁ । ପରମପିତା ପରମେଶ୍ୱର ଆପଣମାନଙ୍କୁ ଦୀର୍ଘାୟୁ କରନ୍ତୁ ସୁଖରେ ରଖନ୍ତୁ ଓ ସୁଖ-ବର୍ଦ୍ଧନ କରନ୍ତୁ ଆଉ ଆପଣମାନେ ସ୍ୱଦେଶୀୟ ଓ ବିଦେଶୀୟମାନଙ୍କ ସହିତରେ ପରସ୍ପର ସଦ୍ଭାବ ଓ ଭ୍ରାତୃଭାବ ରକ୍ଷି ନିଜଦେଶର ଉନ୍ନତି ସାଧନ କରନ୍ତୁ ଏହି ହେତୁ ଆପଣମାନଙ୍କଠାରୁ ଅଧିକ ଉନ୍ନତିର ଆଶା ରଖେ ଅତଏବ ଉତ୍କଳଭୂମିର ଅନ୍ୟାନ୍ୟ ସଭ୍ୟତମ ଦେଶପରି ଏହି ଦେଶକୁ ସମାନସ୍ତରରେ ଆଣିବା ପ୍ରତି ଯତ୍ନ କରନ୍ତୁ ଏହି ବିଷୟରେ ଆପଣମାନେ ସ୍ୱଦେଶ ପକ୍ଷରେ ବିଶେଷ ଋଣୀ ଅଟନ୍ତି ଇତି ।

୧୩ଜାନୁଆରି
ସମ୍ବଲପୁର
ନର୍ମାଲସ୍କୁଲ

ଭବଦୀୟ
ଶ୍ରୀପୁରୁଷୋତ୍ତମଚନ୍ଦ୍ର ଶର୍ମା
ପ୍ରଧାନାଧ୍ୟାପକ

[illegible] ମୂଲ୍ୟପତ୍ର ଦେଖ ।

Digitized by srujanika@gmail.com

Split by PDF Splitter

REGISTERED NO. 18



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୧୦ } ତା ୧୬ ରିଖ ଜାନୁଏରି ସନ ୧୮୭୫ ମସିହା । ମୂ । ପୌଷ ଦ ୧୯ ନ ସନ ୧୨୮୨ ସାଲ ଶନିବାର { ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୫
ସଂଖ୍ୟା } ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ଟ ୬
ମଫସଲ ପାଇଁ ଡାକମାସୁଲ ଟ ୧।୵

ବେଙ୍ଗଲୀ ନାମରେ କଲିକତାର ଏକ ସମ୍ବାଦପତ୍ରରେ ଲେଖାଅଛି ଶିକ୍ଷାବିଭାଗର କାର୍ଯ୍ୟ ବୁଝିବାର ଦାୟ । ସେଦିନ ସବ୍‌ଜଜ୍ଜ ଢାମ୍ପଲ କେତେ କଷ୍ଟରେ ମାସି ଟ ୨୫୦ଙ୍କା ବେତନରେ ଓଡିଶାପାଇଁ ଜଣେ ଜଏଣ୍ଟଇନ୍‌ସ୍ପେକ୍ଟର ଦେଇଥିଲେ ମାତ୍ର ସବ୍‌ରଗ୍‌ବର୍ତ୍ତ ଟେମ୍ପଲ ତାହା ଉଠାଇ ଦେଇ ମାସି ଟ ୫୦୦ଙ୍କା ବେତନରେ ଜଣେ ଇନ୍‌ସ୍ପେକ୍ଟର ନିଯୁକ୍ତ କଲେ ଏଥିମଧ୍ୟରେ ପୁଣି ଗେଜେଟରେ ଦେଖାଗଲା ଯେ ବାବୁ ନନ୍ଦକିଶୋର ଦାସ ଯେ ସେ ଅଳ୍ପକାଳପୂର୍ବେ କଟକ ସ୍କୁଲରେ ପଢି ବିଶ୍ୱବିଦ୍ୟାଳୟର ପ୍ରବେଶିକା ପରୀକ୍ଷାର ସାର୍ଟିଫିକଟ ପାଇଅଛନ୍ତି ଓଡିଶାର ଜଏଣ୍ଟ ଇନ୍‌ସ୍ପେକ୍ଟର ହୋଇଅଛନ୍ତି । ଏଥିଉତ୍ତାରୁ ଅନୁମାନ ହୁଅଇ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଜଣେ ଓଡିଆଛାତ୍ର ପ୍ରସ୍ତାବିତ କଟକ କଲେଜର ପ୍ରିନ୍‌ସିପଲ ପଦରେ ନିଯୁକ୍ତ ହୋଇ ପାରିବ । ଏପ୍ରକାର ହେଲେ ଭବିଷ୍ୟତରେ ଓଡିଶାର ଗୌରବବୃଦ୍ଧି ପକ୍ଷରେ ଆଉ ସନ୍ଦେହ ରହିବ ନାହିଁ ।

---

ପ୍ରୋଫେସର ସାଇମନ ନାମରେ ଜଣେ ସାହେବ ଅନେକ ସ୍ଥାନରେ କୁହୁକସାଧନା (ଯାହାକୁ କେଲାବାଜି କହନ୍ତି) ବୁଲି ଦେଖାଇ ଅଜକୁ ଦ ୧୫ ନ ହେଲା ଏନଗରରେ ପହୁଁଚି ଅଛନ୍ତି ଏଠାରେ ଥ ୫।୬ ର ଏହାଙ୍କର କୁହୁକ ଦେଖାଗଲାଣି । ଏବିଦ୍ୟାରେ ସାହେବ ବଡ଼ ବ୍ୟୁତ୍ପତ୍ତି ଲାଭ କରିଅଛନ୍ତି ଓ ତହିଁପାଇଁ ବର୍ତ୍ତମାନର ମହାରାଜା ପ୍ରଭୃତି ଅନେକ ସମ୍ଭ୍ରାନ୍ତ ଲୋକଙ୍କଠାରୁ ପ୍ରଶଂସାପତ୍ର ଲାଭ କରିଅଛନ୍ତି । ଇନ୍ଦ୍ରଜାଲ ଦେଖାଇବାରେ ଏହାଙ୍କର ହାତ ଏଡ଼େ ଚଞ୍ଚଳ ଓ ଏମନ୍ତ ନିପୁଣତା ଲାଭ କରିଅଛନ୍ତି ଯେ ଯେଉଁଠାରେ ଏହାଙ୍କର ବାଜି ହୁଅଇ ସେଠାରେ ପ୍ରଶଂସା ପ୍ରାପ୍ତ ହେଉଅଛନ୍ତି ଓ ଥରେ ଦେଖିଲେ ପୁନଃ୨ ଦେଖିବାକୁ ଇଚ୍ଛା ହେଉଅଛି । ଅବଶ୍ୟ ଏହାଙ୍କର ଅନେକଗୁଡିଏ କାର୍ଯ୍ୟ ଏଠା କେଲାମାନେ କରିବାର ଦେଖାଯାଇଅଛି ଓ ସେମାନେ ଦିନରେ ସେସବୁ ଦେଖାନ୍ତି ବୋଲି ତାହାଙ୍କର ନୈପୁଣ୍ୟତାକୁ ସାମାନ୍ୟ ଜ୍ଞାନ କରିବାର ନୁହଇ ତଥାଚ ଇଉରୋପୀୟ ଲୋକଙ୍କ କାର୍ଯ୍ୟ କୌଶଳ ଓ ଗାମ୍ଭୀର୍ଯ୍ୟତା ଦେଶୀୟ ଲୋକଙ୍କଠାରୁ ଆଶା କରିବା ଅସମ୍ଭବ ବୋଇଲେ ଅତ୍ୟୁକ୍ତି ହେବ ନାହିଁ ଏବଂ ସଭ୍ୟତାର ବିଶେଷ ତାରତମ୍ୟ ହେତୁରୁ ଇଉରୋପୀୟ ବାଜିକର ଯେମନ୍ତ ସମ୍ଭ୍ରାନ୍ତ ବ୍ୟକ୍ତିଙ୍କ ସଭାରେ ଶୋଭା ପାଇବ ତେମନ୍ତ ଦେଶୀୟ ଲୋକ ହେବାର କଠିନ । ଏଣୁକରି ସାହେବଙ୍କ ବାଜି ଅତିଶୟ ମନୋହର ହୋଇଅଛି ଓ ସେ ଏ ନଗରରେ ବାଜି ଦେଖାଇ ଅନେକ ଟଙ୍କା ମଧ୍ୟ ଆୟ କରିଅଛନ୍ତି । ଆମ୍ଭେମାନେ ଆଶାକରୁଁ ଯେ ଯେଉଁମାନେ ଅଦ୍ୟାପି ସାହେବଙ୍କ ବାଜି ଦେଖି ନାହାନ୍ତି ଥରେ ହେଲେ ଦେଖନ୍ତୁ ଯେ କେଲାବାଜଠାରୁ ଏହା ଅଧିକ ଶ୍ରଦ୍ଧାପୂର୍ବକ ଦେଖିବାର ଯୋଗ୍ୟ କି ନା ତାହା ସେମାନେ ହୃଦୟଙ୍ଗମ କରି ପାରିବେ ।

---

ଗତ ବିଶ୍ୱବିଦ୍ୟାଳୟର ପ୍ରବେଶପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଓଡିଶାର ଛାତ୍ରଙ୍କ ମଧ୍ୟରୁ ନିମ୍ନଲିଖିତ ବ୍ୟକ୍ତିମାନେ ଯୁନିୟର ସ୍କଲାର୍ଶିପ ଅର୍ଥାତ୍ ନିମ୍ନଶ୍ରେଣୀର ବୃତ୍ତି ପାଇଅଛନ୍ତି ଯଥା–

ଦ୍ୱିତୀୟ ବିଭାଗ

| | |
|---|---|
| ଅତୁଲଚନ୍ଦ୍ର ମୁଖର୍ଯ୍ୟା | କଟକ ହାଇସ୍କୁଲ |
| ରଘୁନାଥ ଚୌଧୁରୀ | ବାଲେଶ୍ୱର ସ୍କୁଲ |

ତୃତୀୟ ବିଭାଗ

| | |
|---|---|
| ଭଗବତ ନନ୍ଦ | କଟକ ହାଇସ୍କୁଲ |
| ଶେଖ ବାବୁଜାନ | ବାଲେଶ୍ୱରସ୍କୁଲ |

ଓଡିଶା ସକାଶେ ୧୦ ଗୋଟି ଛାତ୍ରବୃତ୍ତି ଗବର୍ଣ୍ଣମେଣ୍ଟ ମଞ୍ଜୁର କରିଅଛନ୍ତି ତହିଁମଧ୍ୟରୁ କେବଳ ୪ ଗୋଟି ଦିଆଗଲା ଆଉ ୬ ଗୋଟି କାହିଁକି ଅସ୍ୱୀକୃତ ହେଲା ତହିଁର କାରଣ ଆମ୍ଭେମାନେ ବୁଝିପାରୁ ନାହୁଁ । ବୋଧ ହୁଅଇ ଅପର ଛାତ୍ରମାନେ ଉତ୍ତୀର୍ଣ୍ଣ ହୋଇଥିଲେ ସୁଦ୍ଧା ତାହାଙ୍କର ନମ୍ବର ଏତେ ଊଣା ଯେ ସେମାନଙ୍କୁ ବୃତ୍ତି ଦେବାର ଉପଯୁକ୍ତ ଜ୍ଞାନ ହୋଇ ନାହିଁ । ମାତ୍ର ଆମ୍ଭେମାନେ ବାଲେଶ୍ୱର ଦର୍ପଣଙ୍କ ସହିତ ଐକ୍ୟ ହୋଇ କହୁଅଛୁଁ ଯେ ଓଡିଶାର ଅବସ୍ଥାଦୃଷ୍ଟିରେ ସେରୂପ କଠିନନିୟମ ଅବଲମ୍ବନ କରିବା ଉଚିତ ହୋଇ ନାହିଁ । ଏଠା ଛାତ୍ରଙ୍କ ଉତ୍ସାହ ନିମିତ୍ତ ପରୀକ୍ଷ୍ୟାର ବୃତ୍ତି ନିହାତି ପକ୍ଷରେ ତୃତୀୟ

Digitized by srujanika@gmail.com

Split by PDF Splitter



ବିଭାଗର ୬ ଗୋଟି ବୃତ୍ତି ଦିଆଯାଇଥିଲେ ଭଲ ହୋଇଥାନ୍ତା । ଆମ୍ଭେମାନେ ଭରସା କରୁଁ ଯେ ଶିକ୍ଷାବିଭାଗର ସ୍ଥାନୀୟ କର୍ତ୍ତୃପକ୍ଷ ଏଥିପାଇଁ ଅବରେ ଚେଷ୍ଟା କରିବେ ।

ଆମ୍ଭମାନଙ୍କ କଲେକ୍ଟର ଶ୍ରୀଯୁକ୍ତ ଜାମ୍ସ ସାହେବଙ୍କ ବିରୁଦ୍ଧରେ ଗବର୍ଣ୍ଣମେଣ୍ଟରେ ଦରଖାସ୍ତ ହେବାବିଷୟରେ ଅମୃତବଜାରପତ୍ରିକାରେ ଯାହା ବାହାରିଥିଲା ( ଇହାଁର ବିବରଣ ଆମ୍ଭେମାନେ ଏଥିପୂର୍ବ ଏପତ୍ରିକାରେ ଲେଖିଅଛୁଁ ) ଇହାଁ ସମ୍ପର୍କରେ ଉତ୍କଳହିତୈଷିଣୀ ଅନେକ କଥା ଲେଖିଅଛନ୍ତି । ଡାଲି ନେବା କଥାରେ ସେ ବୋଲନ୍ତି କି ଯଦ୍ୟପି ଡାଲି ନେବା ବିଷୟରେ ସ୍ଥାନୀୟ ସମ୍ବାଦପତ୍ରମାନଙ୍କରେ ଗତବର୍ଷ ଅନେକ କଥା ବାହାରିଥିଲା ମାତ୍ର ସେପ୍ରକାର ଉପଢୌକନ କି ଯଦ୍ଦ୍ୱାରା ଏକା ଏଠା ଜମିଦାର ନାହିଁକି ଅନ୍ୟାନ୍ୟ ଲୋକମାନେ ସ୍ୱବା ହାକିମଙ୍କ ସହିତ ଚିହ୍ନା ପରିଚୟ ହେବା ଆଶାରେ ଉକ୍ତ ହାକିମମାନଙ୍କୁ ସମ୍ମାନିତ କରନ୍ତି ଇହାଁର ଉପଯୋଗିତା ପକ୍ଷରେ ସନ୍ଦେହ କରିବାର କୌଣସି କାରଣ ସେ ଦେଖୁ ନାହାନ୍ତି । ଏଥିର ନିଶ୍ଚୟ ଅର୍ଥ ଆମ୍ଭେମାନେ ବୁଝିବାକୁ ଅକ୍ଷମ ହେଲେହେଁ ଭାବରୁ ଏହି ଜଣା ଯାଉଅଛି ଯେ ଡାଲି ଭେଟିବା ହାକିମଙ୍କ ସଙ୍ଗେ ପରିଚୟ ଓ ତାହାଙ୍କଠାରେ ସମ୍ମାନ ପାଇବାର ନିଶ୍ଚୟ ଉପଯୁକ୍ତ ଉପାୟ ଅଟଇ ଓ ଯେଉଁମାନେ ଡାଲି ଭେଟନ୍ତି ସେମାନେ ଜାମ୍ସ ସାହେବଙ୍କ ଠାରେ ସମ୍ମାନ ପାନ୍ତି । ଭଦ୍ରଲୋକଙ୍କୁ ଅପମାନ କରିବା ବିଷୟରେ ହିତୈଷିଣୀ କହିଅଛନ୍ତି ଯେ ନିର୍ଦ୍ଦିଷ୍ଟ ସମୟରେ ଯେଉଁମାନେ ଜାମ୍ସ ସାହେବଙ୍କ କୋଠିରେ ତାହାଙ୍କ ଦର୍ଶନଲାଭ କରନ୍ତି ସେମାନଙ୍କ ପ୍ରତି ସାହେବ ବଡ଼ ସୌଜନ୍ୟତା ପ୍ରକାଶ କରନ୍ତି ଓ ଭଦ୍ରଲୋକଙ୍କ ବଗି କୋଠିଠାରୁ ଅଧମାଇଲ ଅନ୍ତରରେ ରହଇ ଓ ସାହେବଙ୍କ ଅନେକ ଉତ୍କୃଷ୍ଟ ଗୁଣ ଥିଲେହେଁ ସେ ଅତି ସ୍ୱେଚ୍ଛାଚାରୀ ଓ ଉଗ୍ରସ୍ୱଭାବାନ୍ୱିତ ଅଟନ୍ତି ଓ ନାମୀ ଧନାଢ୍ୟ ବ୍ୟକ୍ତିଙ୍କ ସହିତ ତାହାଙ୍କର ମନ ମିଶଇ ନାହିଁ । ଆମ୍ଭମାନଙ୍କର ଏଥିରେ ଏହି ସଂଶୟ ହୋଇଅଛି କି ଯେବେ ଡାଲି ଦେଲେ ସାହେବଙ୍କ ମନ ହାତକୁ ଆସଇ ତେବେ ଧନାଢ୍ୟ ବ୍ୟକ୍ତିଙ୍କ ସହିତ ତାହାଙ୍କର ମନ ମିଶଇ ନାହିଁ କାହିଁକି ? ଏକି ହେଲେତ ଡାଲି ଦେବାର ଉପଯୋଗିତା କିଛି ନାହିଁ ନୋହିଲେ ଧନାଢ୍ୟ ବ୍ୟକ୍ତିମାନେ ଡାଲି ଦିଅନ୍ତି ନାହିଁ ।

---

### ଉକିଲଙ୍କର ଦାୟ ବେଢେ ।

ବାବୁ ହେମଚନ୍ଦ୍ର ନନ୍ଦନ (କଟକ ଜଜ ଅଦାଲତର ଜଣେ ଉକିଲ) ଙ୍କନାମରେ କି ସେ ଗତ ବର୍ଷରୁ ଏଠାରେ ଅସି ଅପଣା ବ୍ୟବସାୟ କରୁଥିଲେ ଦଶହରା କଚେରୀବନ୍ଦ ସମୟରେ ଅପଣା ଘର କଲିକତାକୁ ଯାଇ ସେହିଆଡେ ରହିଗଲେ । କଚେରୀ ଫିଟିବାର କିଛିଦିନ ଉତ୍ତାରୁ ଜଣେ ଦରଖାସ୍ତକଲା କି ସେ ଅପିଲକରିବା ଅର୍ଥରେ ଅପଣା ମୋକଦ୍ଦମାର କାଗଜପତ୍ର ଓ କିଛି ଟଙ୍କା ହେମବାବୁ ଉକିଲଙ୍କୁ ଦେଇଥିଲା ମାତ୍ର ଉକିଲବାବୁ ଅପିଲ ଉପସ୍ଥିତ ଦାଖଲ କରିବେ ବୋଲି କହି ତାହା ନ କରିବାରୁ ସେ କ୍ଷତିଗ୍ରସ୍ତ ହୋଇଅଛି । ଦରଖାସ୍ତକାରୀଠାରୁ ରୀତିମତ ପ୍ରମାଣ ନେଇ ଜଜସାହେବ ଉକିଲଙ୍କ ନାମରେ ସମନ ପଠାଇଲେ ଓ ତଦନୁସାରେ ଉକିଲବାବୁ ଗତ ସପ୍ତାହରେ ଉପସ୍ଥିତ ହୋଇ ଉତ୍ତର ଦେଲେ ଯେ ମୋକଦ୍ଦମାର କାଗଜ ସେ ନେଇ ଅପିଲ ଉପସ୍ଥିତ ଲେଖାଇ ଦେଇ ଥିଲେ ଓ ସେ ଜାଣିଥିଲେ ଯେ ତାହାଙ୍କ ମୋହରର ତାହା ଦାଖଲ କରିଅଛି ମାତ୍ର ପ୍ରକୃତରେ ତାହା ହୋଇ ନ ଥିବାରୁ ମୋହରରଦ୍ୱାରା ସେ ପ୍ରତାରିତ ହୋଇ ଅଛନ୍ତି । ଜଜସାହେବ ତାହାଙ୍କ ଖାତାବହି ଦୃଷ୍ଟି କରିବାରେ ଜଣାଗଲା ଯେ ଉକ୍ତ ବ୍ୟକ୍ତିର ନାମ ଇହାଁରେ ନାହିଁ ମାତ୍ର ୧୬ ଟା ଅପିଲ ମୋକଦ୍ଦମାରେ ବାବୁ ଉକିଲ ହୋଇ ଅଛନ୍ତି ଅଥଚ କଚେରୀ ଫିଟିଲାବେଳେ ସେ ଉପସ୍ଥିତ ନ ହେଲେ କିମ୍ବା ଅନ୍ୟ ଉକିଲ କି ମୌକଲମାନଙ୍କୁ ଇହାଁର ସମ୍ବାଦ ନ ଦେଲେ ତାହାଙ୍କୁ ପଚରିବାରେ ସେ କହିଲେ କି ଶାରୀରିକପୀଡା ଓ ହାଇକୋର୍ଟରେ କାର୍ଯ୍ୟାନ୍ତରର ଅର୍ଥରେ ସେ ଏତେଦିନ ରହିଗଲେ ଓ ଅନ୍ୟ ଉକିଲଦ୍ୱାରା ମୌକଲମାନେ କାର୍ଯ୍ୟ ଚଳାଇନେବେ ଭାଳି ଭୁଲି ହୋଇ ରହିଲେ । ଏଥିଲୁ ଜଜସାହେବ ବାବୁ ହେମଚନ୍ଦ୍ର ନନ୍ଦନଙ୍କୁ ମୌକଲର କାର୍ଯ୍ୟପ୍ରତି ଅନାସ୍ଥା କରିବା ଅପରାଧରେ ଦୋଷିକରି ବହୁତ ଅଙ୍କ ଛମିତ୍ କଲିକତା ହାଇକୋର୍ଟକୁ ନଥି ପଠାଇ ଅଛନ୍ତି ।

ବାବୁ ହେମଚନ୍ଦ୍ର ନନ୍ଦନ ଏଠାକୁ ଅଳ୍ପକାଳ ସକାଶେ କାର୍ଯ୍ୟ କରିବାକୁ ଅସି ଏପରି ବିପଦରେ ପଡିଲେ ଏଥିରେ ଆମ୍ଭେମାନେ ଅତିଶୟ ଦୁଃଖିତ ଅଛୁଁ ବିଶେଷରେ ଏ ଅସାବଧାନତା ଦୋଷଟି କେବଳ ବହୁଦର୍ଶିତାର ଅଭାବରୁ ଜନ୍ମିଅଛି । ବାବୁ ଅଳ୍ପକାଳ ଉକାଲତ କରି ଥିଲେ କିମ୍ବା ଏଥିପୂର୍ବେ ସାମାନ୍ୟ ଦାୟରେ ପଡିଥିଲେ ମୋହରର ପ୍ରତି ଅଳ୍ପ ବିଶ୍ୱାସ ଓ ମୌକଲର ହିତପ୍ରତି ଅଧିକ ଯତ୍ନକରିବାକୁ ଶିକ୍ଷିଥାନ୍ତେ ତଥାଚ ଆମ୍ଭେମାନେ ମୁକ୍ତକଣ୍ଠରେ ସ୍ୱୀକାର କରୁଅଛୁଁ ଯେ ହାଇକୋର୍ଟ ବିଚାର ପର୍ଯ୍ୟନ୍ତ ଏ ନଥିକୁ ପଠାଇବାରେ ଜଜସାହେବ ବିଶେଷ ସାଧାରଣ ଉପକାର କରି ଅଛନ୍ତି ଓ ଉକିଲମାନେ ଭବିଷ୍ୟତରେ ଭୟ ରଖି କାର୍ଯ୍ୟ କରିବାର ଉପାୟ କରି ଦେଇଅଛନ୍ତି । ବର୍ତ୍ତମାନ ଏଠା ବଡଅଦାଲତରେ ଯେତେ ବଡ଼ ଉକିଲ ଅଛନ୍ତି ଏମାନେ ପ୍ରାୟ ସମସ୍ତେ ବଙ୍ଗଳାବାସୀ ଓ ଦଶହରା କଚେରୀବନ୍ଦ ସମୟରେ ଘରକୁ ଯାନ୍ତି । ତାହା ଅବଶ୍ୟକ ନ ହେଲେ ଯଥା ସମୟରେ ଘରୁ ଫେରିଅସିବାକୁ ଅନେକ ଲୋକ କ୍ଳେଶକର ବୁଝନ୍ତି କାରଣ ଏଆଡେ ମାମଲତକାରମାନେ ସେମାନଙ୍କୁ ଅପଣା ଗଳା ସମର୍ପଣ କରିଅଛନ୍ତି ଓ ତାହାଙ୍କ ଭରସାରେ ଘରେ ବସି ଅପଣା ବ୍ୟବସାୟରେ ରହି ଅଛନ୍ତି । ଏପରି ଅବସ୍ଥାରେ ଉକିଲ ଭୁଲ ହୋଇ ଘରେ ବସିଲେ ଯେ କେତେ ଅନିଷ୍ଟ ଜାତ ହେବାର ସମ୍ଭାବନା ତାହା ପାଠକମାନେ ସହଜରେ ଅନୁଭବ କରି ପାରନ୍ତି । ମାମଲତକାରଙ୍କର ଖର୍ଚ୍ଚାନ୍ତ ହେବାତ ସହଜକଥା ମାତ୍ର ସର୍ବନାଶ ହେବାର ମଧ୍ୟ ଅସମ୍ଭବ ନୁହଇ । ଅତଏବ ଜଜସାହେବ ଯାହା କରିଅଛନ୍ତି ଇହାଁରେ କେବଳ ଏତିକି କଥାର ପରିଚୟ ମିଳୁଅଛି ଯେ ସର୍ବସାଧାରଣ ହିତ କରିବା ତାହାଙ୍କ ମନରେ ଅତି ଦୃଢ଼ରୂପେ ସ୍ଥାନ ପାଇଅଛି ଏଥିପାଇଁ ସେ ବ୍ୟକ୍ତି ବିଶେଷର ଅନିଷ୍ଟକୁ ଅସ୍ତା କରି ନାହାନ୍ତି । ଯାହା ହେଉ ହେମବାବୁଙ୍କ ପକ୍ଷରେ ଏତିକି କୁହାଯାଇ ପାରେ ଯେ ତାହାଙ୍କ ଅସାବଧାନତା ପ୍ରଯୁକ୍ତ କୌଣସି ମୌକଲର ନିଶ୍ଚୟ କ୍ଷତି ହୋଇ ନାହିଁ ଓ ଏଥି ଦୃଷ୍ଟିରେ ହାଇକୋର୍ଟ ତାହାଙ୍କୁ ଭବିଷ୍ୟତକୁ ସାବଧାନ ହେବାପାଇଁ ତିରସ୍କାର କରି ଏଥର ମୁକ୍ତିଦେଲେ ନ୍ୟାୟ ଓ ଦୟା ଉଭୟ ବୃତ୍ତି ଚରିତାର୍ଥ ହେବ ।

---

### ଓଡସ୍ୱାଙ୍କ ବୃତ ।

ବଙ୍ଗଳାରୁ ଏଠାକୁ ନୂଆ ଅସିଥିବା ଅନେକ ଲୋକଙ୍କଠାରୁ ଆମ୍ଭେମାନେ ଶୁଣିଅଛୁଁ ଯେ ଏଠାରେ କୌଣସି ଭଲ ସାମଗ୍ରୀ ମିଳଇ ନାହିଁ ଓ ଖାଇବା ବସ୍ତୁ ବଡ଼ ଦୁଅର । ମଫସଲ ଚଳି-

Digitized by srujanika@gmail.com

ମାନଙ୍କରେ ବଗଡ଼ା ଚାଉଳ ଓ ବଉଡ଼ାଳି ଭିନ୍ନ ଅଉ କିଛି ନ ଥାଏ ଓ ଘିଅ ଦୁଧ ଯଦ୍ୟପି କି ମିଳଇ ମାତ୍ର ତହିଁର ମୂଲ୍ୟ ଅଧିକ ଓ ଶୁଦ୍ଧଦ୍ରବ୍ୟ ମିଳଇ ନାହିଁ, ସବୁଥିରେ ପ୍ରାୟ ମିଶାମିଶି ଥାଏ। ସହରରେ ଯଦ୍ୟପି କି କେତେ ଦୋକାନରେ ଭଲ ମିଷ୍ଟାନ୍ନ ଓ ଅନ୍ୟାନ୍ୟ ଦ୍ରବ୍ୟ ପାଯାଯାଏ ମାତ୍ର ତହିଁର କାରଣ ଏମନ୍ତ ହୋଇ ପାରେ ଯେ ବିଦେଶୀୟ ଲୋକେ ସହରରେ ବାସ କରିଥିବାରୁ ସେ ସବୁ ଦ୍ରବ୍ୟର ପ୍ରୟୋଜନ ହୁଅଇ ନଚେତ୍ ଓଡ଼ିଆମାନଙ୍କ ହେତୁରୁ ନୁହଇ। ଓଡ଼ିଶାର ଉତ୍କୃଷ୍ଟ ମିଷ୍ଟାନ୍ନ ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦଠାରୁ ବଳକର ଅନ୍ୟ କିଛି ନାହିଁ ଓ ତହିଁରେ ମଧ୍ୟ କେବଳ ଦୁଇ ଏକ ବାସ୍ତବରେ ଉତ୍କୃଷ୍ଟ ସାମଗ୍ରୀ ଦେଖାଯାଏ ନୋହିଲେ ଅଧିକାଂଶ ଗୁଡ଼ ଚାଉଳର ବ୍ୟାପାର। ଖାଦ୍ୟସାମଗ୍ରୀ ଛଡ଼ା ପରିଧାନ, ଅଲଙ୍କାର, ବାସସ୍ଥାନ, ଗୀତ, ନୃତ୍ୟ, ବାଦ୍ୟ ପ୍ରଭୃତି ମାନସିକ ଆମୋଦ ପ୍ରମୋଦ ସବୁଥିରେ ହୀନତା ଲକ୍ଷିତ ହୁଅଇ। ସୁମାର୍ଜିତ ରୁଚିର ପରିଚୟ କୌଣସିଥିରୁ ମିଳଇ ନାହିଁ।

ଅମ୍ଭେମାନେ ଉପରଲିଖିତ ମତ ସବୁକୁ ପୁନଃପୁନଃ ମନରେ ଆନ୍ଦୋଳନ କରିଅଛୁଁ ଓ ଓଡ଼ିଶା ପ୍ରତି ଯେତେ ପକ୍ଷପାତୀ ହେବାକୁ ଚେଷ୍ଟା କରିଅଛୁଁ ତେତେ ଆପଣାକୁ ଅପେ ପରାସ୍ତ ହୋଇ ଉକ୍ତ କଥା ସବୁର ସତ୍ୟତା ନ୍ୟୂନାଧିକରେ ହୃଦୟଙ୍ଗମ କରିଅଛୁଁ। ଅମ୍ଭେମାନେ ଚିନ୍ତା କରି ଦେଖିଅଛୁଁ ଯେ ଓଡ଼ିଶାରେ ପରିମାଣର ଆଦର, ଗୁଣର ଆଦର ନାହିଁ। ଦ୍ରବ୍ୟ ପକ୍ଷକେ ମନ୍ଦ ହେଉ ତହିଁରେ ଶୋଚନା ନାହିଁ, ପରିମାଣରେ ଅଧିକ ହେଲେ ହେଲା। ଭଲ ତିଅଣ ଗିନାଏ ହେଲେ ତହିଁରେ ଶାନ୍ତି ହେବ ନାହିଁ, ମନ୍ଦ ପକ୍ଷକେ ହେଉ କଂସାଏ ପ୍ରୟୋଜନ। ମଣ୍ଡିବାଇଗଣ ଓ ବୃନ୍ଦାସଜନାଗଡ଼ା ବଜାରକୁ ଆସିବ, କଅଁଳବେଳେ କେହି ତୋଳ ଆଣିବେ ନାହିଁ; କାରଣ ତହିଁ ପାଇଁ ଅଧିକ ମୂଲ୍ୟ ମିଳିବ ନାହିଁ। ଭଲ ଦ୍ରବ୍ୟ ମହରଗ ପଡ଼ିବ, କେହି ଛୁଇଁବେ ନାହିଁ; ମନ୍ଦ ପକ୍ଷକେ ହେଉ ଶସ୍ତା ଓ ଅଧିକୁ ଦଶିଲେ ହେଲା। ଭଲ ଗୁଅଘିଅର ଦାମ ଅଧିକ ସୁତରାଂ ଗୁଅ ମହୁଷା ମିଶାଇ ଦେବାର ଭଲ। କଚେଲା ସୋରିଷତେଲ ବଜାରରେ ଖୋଜିଲେ ମିଳିବ ନାହିଁ, କାରଣ ସୋରିଷ ବଡ଼ ମହରଗ ଓ ମିଶାତେଲ ଯେମନ୍ତ ଶସ୍ତା ତେମନ୍ତ ଏକପ୍ରକାରରେ କାର୍ଯ୍ୟ ବେଶ୍ ଚଳିଯାଏ। ଅସ୍ୱାଦନ ଏଡ଼େ ତାତ୍ପର୍ଯ୍ୟ ନୁହଇ ଯେ ମିଶାତେଲରେ ରନ୍ଧିଲେ ଖାଇବାକୁ କ୍ଲେଶ ହେବ। ଏହିପରି ଯାବନ୍ତ ଦ୍ରବ୍ୟରେ ଦେଖିବ ଯେ ଓଡ଼ିଶାରେ କେବଳ ଶସ୍ତାର ଆଦର, ଭଲ ମନ୍ଦର ଆଦର ନାହିଁ। ଏଠାରେ ସରୁଚାଉଳ, ଗୁଅଘିଅ, ସୋରିଷତେଲ କି କଅଁଳପରିବା ପର୍ଯ୍ୟାପ୍ତରୂପେ ମିଳିବାର କୌଣସି ବାଧା ନାହିଁ କିନ୍ତୁ ଲୋକଙ୍କର ରୁଚି ତାଦୃଶ ଉତ୍କୃଷ୍ଟ ହୋଇ ନ ଥିବାରୁ ବ୍ୟବସାୟିମାନେ ତହିଁପ୍ରତି ମନୋଯୋଗ ଦିଅନ୍ତି ନାହିଁ, ଯାହା ଲୋକେ କିଣିବେ ଓ ଅଧିକ ଲାଭକର ହେବ ସେହି ଦିଗକୁ ମନ ବଳାନ୍ତି। ଓଡ଼ିଆ ଭଦ୍ରଲୋକଙ୍କମଧ୍ୟରେ କେତେ ଲୋକଙ୍କର ଅବଶ୍ୟ ଭଲ ରୁଚି ଅଛି ଓ ସେମାନେ ଆପଣା ଖର୍ଚ୍ଚ ସଙ୍କାଶେ ଭଲ ସାମଗ୍ରୀ ଯୋଗାଇ ରଖିଥାନ୍ତି ମାତ୍ର ଏମାନଙ୍କ ସଂଖ୍ୟା ଏତେ ଅଳ୍ପ ଯେ ଏହାଙ୍କ ଉପରେ ନିର୍ଭର କରି କେହି ବ୍ୟବସାୟ ଚଳାଇ ପାରି ନାହାନ୍ତି ବୋଲି ସେପରି ଦ୍ରବ୍ୟମାନ ବଜାରକୁ ଆସଇ ନାହିଁ। ଯେମନ୍ତ ଆହାର ସେହିରୂପ ପରିଧାନ ଓ ଅଳଙ୍କାରାଦିରେ ଦେଖାଯାଏ। କିଛି ପ୍ରୟୋଜନ ନାହିଁ ତଥାଚ ଗୁରୁହାତ ଓସାରର ଦୋପଟା ଗୃଦର ଗଣ୍ଡେ କାନ୍ଧରେ ନ ପକାଇଲେ ନୁହଇ। ସ୍ତ୍ରୀମାନଙ୍କର ଅଲଙ୍କାର ସୁନ୍ଦର ହେଉ ବା ନ ହେଉ ଭାରି ହେବାର ମୂଳ, ରୂପା ସୁନା ଥିଟା ହେଲେ ହେଲା। ଇତର ଲୋକଙ୍କ କଂସା ପିତ୍ତଳର ଗହଣା କଥାତ ଧରିବାର ନୁହଇ। ଏହିପରି ବାଦ୍ୟରେ ତାନମାନର ଲୋଡ଼ା ନାହିଁ, ବନ୍ଧିତ ଗୁଡ଼ାଏ ଢୋଲ କି ବଡ଼କାଠ ବାଜିଲେ ହେଲା। ନାଚରେ ପୃଥିକା କର୍ମମାନ ହୁଅନ୍ତୁ, ମୃଦଙ୍ଗବାଜା ଯଥେଷ୍ଟ ହୁଅଇ ନାହିଁ ବୋଲି ମୁହଁରେ ଗୁଡ଼ାଏ କହିବାକୁ ହୁଅଇ ଓ ଗୀତ ଗାଇବା ବେଳେ ସୁର ଭଲ ହେଉ ବା ନ ହେଉ ଚାରି ଗୁରୁଜଣ ମିଶି ଉଚ୍ଚସ୍ୱରରେ ଗାଇ ନ ପାରିଲେ ସେ ଗାଇବାଟା ମନକୁ ରଞ୍ଜଇ ନାହିଁ। ଖେଳ ମଧ୍ୟରେ ପଶା ସାର, କିନ୍ତୁ ଅନୁମାନ ହୁଅଇ କେବଳ ବଡ଼ପାଟି କରିବାରେ ତହିଁର ମର୍ଯ୍ୟାଦା ରହିଅଛି, ଯେବେ କଚ୍ଚାଅ କଲାପରି ପାଟି ନ ହେଲା ତେବେ ସେ ଖେଳରେ ତ ମନ ତୁଷ୍ଟ ହେଲା ନାହିଁ। ଏହିପରି ଯେତେ ବିଷୟର ଆଲୋଚନା କରିବ ସବୁଥିରେ ଦେଖିବ ଯେ ଓଡ଼ିଆଙ୍କ ରୁଚି କେବଳ ପରିମାଣ ଉପରେ ନିର୍ଭର କରଇ ଭଲ ମନ୍ଦ ଉପରେ ନୁହଇ। ଏଥିର କାରଣ ଅମ୍ଭମାନଙ୍କ ବିବେଚନାରେ ଓଡ଼ିଶାର ଦରିଦ୍ରତା ନୁହଇ କେବଳ ଏହାଙ୍କଠାରୁ ଅପେକ୍ଷାକୃତ ସଭ୍ୟଲୋକଙ୍କ ସଙ୍ଗେ ଏମାନଙ୍କର ଅନୈକ୍ୟତା ହେତୁରୁ ହୋଇ ଅଛି। ଭିନ୍ନ୨ ଦେଶୀୟ ଲୋକଙ୍କ ସହିତ ଯେତେ ଅଧିକ ସମ୍ଭାଷଣ ବଢଇ ତେତେ ନୂଆ ନୂଆକଥା ଶିଖିବାର ସୁଯୋଗ ମିଳଇ ମାତ୍ର ଦୁଃଖର ବିଷୟ ଯେ ଓଡ଼ିଆମାନେ ସେପ୍ରକାର ସଦ୍ଭାବ ସଙ୍ଗପ୍ରକାରରେ ରଖିବାକୁ ସୁଖ ପାନ୍ତି ନାହିଁ। କାର୍ଯ୍ୟବଶତଃ କେତେକ ବିଷୟରେ କେହି୨ ଭଦ୍ର ବଙ୍ଗାଳୀ ଓ ମୁଗଲମାନଙ୍କ ସଙ୍ଗେ ମିଶିବାର ଦେଖାଯାଏ ଓ ସେପରିମାଣରେ ସେମାନଙ୍କର ପରିଧାନ ପ୍ରଭୃତି ବାହ୍ୟବିଷୟରେ ଅନେକ ରୁଚିର ପରିବର୍ତ୍ତନ ହୋଇଅଛି। ଏଣିକି ଅନେକ ଲୋକ ଭଲ ଲୁଗା ପିନ୍ଧିବାକୁ ଓ ଭଲଘରେ ଭଲ ବିଛଣା ପାରି ବସିବାକୁ ଶିଖିଲେଣି ଓ ପର୍ବାଦି ସମୟରେ ଆମନ୍ତ୍ରଣରେ ଦେଖା ଯାଇଅଛି ଯେ ଭଲଦ୍ରବ୍ୟ ମଧ୍ୟ ଖାଇବାକୁ ମନ ବଳାଉଅଛନ୍ତି ମାତ୍ର ଏପରି ଲୋକଙ୍କ ସଂଖ୍ୟା ଅତ୍ୟଳ୍ପ ଅଟଇ। ଅଧିକାଂଶ ଲୋକଙ୍କର ରୁଚିକୁ ମନ୍ଦ ବୋଲିବାକୁ ହେବ। ଆପଣା୨ ରୁଚିକୁ ଯେତେ ଦିନ ଏଠା ଲୋକେ ଉନ୍ନତ କରିବାକୁ ଚେଷ୍ଟା କରି ନାହାନ୍ତି ତେତେ ଦିନ ଯାଏ ଏଠା ଲୋକଙ୍କ ଦୁରବସ୍ଥା ମୋଚନ ହେବାର ଆଶା ବିଫଳ ଅଟଇ ଅତଏବ ଅମ୍ଭେମାନେ ଏଠାର ଭଦ୍ରମଣ୍ଡଳଙ୍କୁ ଅନୁରୋଧ କରୁଅଛୁଁ ଯେ ରୁଚି ପରିବର୍ତ୍ତନ ପକ୍ଷରେ ଯତ୍ନବାନ୍ ହେଉନ୍ତୁ।

## ନୂତନ ପୁସ୍ତକର ସମାଲୋଚନା।

ହିତପାଠ ପ୍ରଥମଭାଗ—ପୁରୀଜିଲ୍ଲା ସ୍କୁଲସମୂହର ଭୂତପୂର୍ବ ଡେପୁଟୀ ଇନ୍‌ସ୍ପେକ୍ଟର ବାବୁ ଗୋବିନ୍ଦଚନ୍ଦ୍ର ମହାପାତ୍ରଙ୍କଦ୍ୱାରା ରଚିତ ଓ କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ହୋଇଅଛି।

ଗ୍ରନ୍ଥକର୍ତ୍ତା ଭୂମିକାରେ ଯାହା ଲେଖିଅଛନ୍ତି ତହିଁରୁ ପ୍ରକାଶ ଯେ ବିଦ୍ୟାଳୟସମୂହର ପାଠୋପଯୋଗୀ ସାହିତ୍ୟ ପୁସ୍ତକର ଅଭାବ ଥିବାରୁ ତାହା ପୂର୍ଣ୍ଣ କରିବା ଉଦ୍ଦେଶରେ ସେ ଶ୍ରେଣୀକ୍ରମେ ଛଅଖଣ୍ଡି ପୁସ୍ତକ ରଚନା କରିବେ ତହିଁ ମଧ୍ୟରୁ ବର୍ତ୍ତମାନ ପୁସ୍ତକ ଶିଶୁଙ୍କ ଆଦ୍ୟଶ୍ରେଣୀ ଅଟଇ। ଏଥିରେ ୫୦ ଟି ଗଦ୍ୟ ପଦ୍ୟ ମିଶ୍ରିତ ପାଠ ଅଛି। ପାଠଗୁଡ଼ିକ ନୀତିବିଜ୍ଞାନ ଓ ପ୍ରକୃତି

Split by PDF Splitter

Digitized by srujanika@gmail.com

ବର୍ଣ୍ଣନା ଘଟିତ ଥିବାରୁ ବାଳକଙ୍କର ବଡ ଉପଯୋଗୀ ହୋଇଅଛି । ଏଠାର ପୁସ୍ତକନିର୍ବାଚନ କମିଟୀ ଏ ପୁସ୍ତକକୁ ଭଲ ପାଠ୍ୟପୁସ୍ତକ ବୋଲି ମତ ଦେଇଅଛନ୍ତି ଓ ଅମ୍ଭେମାନେ ମଧ୍ୟ ସେ ମତ ବିଷୟରେ କୌଣସି ହେତୁ ଦେଖୁ ନାହୁଁ । ତେବେ ଅମ୍ଭମାନଙ୍କ ମନରେ ଏତିକି ସନ୍ଦେହ ହେଉଅଛି ଯେ ଏହାକୁ ପ୍ରଥମ ଶ୍ରେଣୀର ପୁସ୍ତକ ସ୍ଥାନ କଲେ ଏହାର ଦ୍ୱିତୀୟଶ୍ରେଣୀ ରଚନା କରିବା ଅତି ଦୁଷ୍କର ହୋଇ ଉଠିବ ବାସ୍ତବରେ ଯଦ୍ୟପି ଗ୍ରନ୍ଥକର୍ତ୍ତା ପ୍ରଥମଭାଗକୁ ସରଳ କରିବା ନିମନ୍ତେ ଅନେକ ଯତ୍ନ କରିଥିବାର ନାନାସ୍ଥାନରେ ଉଦାହରଣ ପାଇ ଯାଏ ତଥାପି ଅମ୍ଭେମାନେ ବାଧ୍ୟ ହୋଇ କହୁଅଛୁଁ ଯେ ଅନେକ ରଚନା ଏପରି ଅଛି ଯେ ତାହା ପ୍ରଥମଶ୍ରେଣୀର ପୁସ୍ତକ ଅପେକ୍ଷା ଗୁରୁ ବୋଧ ହେଉଅଛି । ଏଥିରୁ ଅତିସରଳ ଦୁଇ ଚାରିଟି ପାଠ ବାହାର କରି ନେଇ ଅନ୍ୟ କିଛି ମିଶାଇ ଦ୍ୱିତୀୟଭାଗ କଲେ ଅଧିକ ଉପଯୋଗୀ ହେବାର ସମ୍ଭାବନା ।

ରାମବିଳାସ—ପଣ୍ଡିତ କପିଳେଶ୍ୱର ବିଦ୍ୟାଭୂଷଣଙ୍କଦ୍ୱାରା ରଚିତ ଓ କଟକ ପ୍ରିଣ୍ଟିଂକମ୍ପାନିଙ୍କ ଦ୍ୱାରା ମୁଦ୍ରିତ ହୋଇଅଛି । ବିଦ୍ୟାଳୟର ପାଠ୍ୟପୁସ୍ତକର ଅଭାବ ମୋଚନ କରିବା ଏହାର ଉଦ୍ଦେଶ୍ୟ ଅଟଇ । ଏଥିରେ ରାମଚନ୍ଦ୍ରଙ୍କର ଜୀବନବୃତ୍ତାନ୍ତ ଓ ରାବଣ ସହିତ ଯୁଦ୍ଧ ସବିଶେଷରେ ବର୍ଣ୍ଣିତ ହୋଇଅଛି । ପୁସ୍ତକନିର୍ବାଚକ କମିଟୀ ଏହାକୁ ପାଠୋପଯୋଗୀ ବୋଲି ସ୍ଥିର କରିଅଛନ୍ତି ଓ ଅମ୍ଭମାନଙ୍କ ମତରେ ଏହାର ଭାଷା ଓ ରଚନାପ୍ରଣାଳୀ ଉତ୍ତମ ଅଟଇ । ପୁଣି ରାମଚନ୍ଦ୍ରଙ୍କ ଜୀବନବୃତ୍ତାନ୍ତ ଅଦ୍ୟୋପାନ୍ତ ସୁନ୍ଦରରେ ପୂର୍ଣ୍ଣ ଏହାକୁ ଏଦେଶୀୟ ଛାତ୍ରମାନେ ଯେତେ ଅଧିକ ପଢିବେ ତେତେ ନୀତିଶିକ୍ଷା ଲଭି ଆପଣା ଚରିତ୍ର ବିଶୁଦ୍ଧ କରିବାକୁ ଉତ୍ସାହିତ ହେବେ । ଅତଏବ ସର୍ବପ୍ରକାରରେ ବିଦ୍ୟାଳୟର ପାଠ୍ୟପୁସ୍ତକ ହୋଇଅଛି ମାତ୍ର ବଡ଼ ଦୁଃଖର ବିଷୟ ଯେ ଏଠାର ଶିକ୍ଷାକମିଟୀ ଉପରଲିଖିତ ଦୁଇପୁସ୍ତକକୁ ବିଦ୍ୟାଳୟମାନଙ୍କରେ ପଢାଇବାକୁ ସମ୍ମତ ହୋଇ ନାହାନ୍ତି ।

# ସାପ୍ତାହିକ ସଂବାଦ ।

ଅବାଳଡ ବରେଣ୍ଟୀ ମହାଫିଜଖାନାରୁ ଦୁଇଟା କାଗଜ ହଜିଲା ଦେଖାଯାଇଥିଲା । ଫୁଲିସ ତଦାରଖରେ ଜଣାଗଲା ଯେ ଘର ମରମତରେ ନିଯୁକ୍ତ ଥିବା କୁଲିମାନେ ଅଇନାବୁଝି ଚୋରୀ କରିଅଛନ୍ତି । ଏକଖଣ୍ଡ କାଗଜକୁ ଜଣେ କୁଲି ଅଫେଇପଇସାରେ ବିକ୍ରୀ କରିଥିଲା ସେ ଚୋର ଧରାପଡିଅଛି । ଚୋରର ଅଗ୍ରାହ୍ୟ କିଛି ନାହିଁ ।

ପୁରୀ ସରକେ ଉଦଗଜ ଉଠିଗଲା ଓ ଏ ମହକୁମାର ଅମଲାମାନେ ନୂତନ ସ୍ଥାପିତ ହେବା ବାଲେଶ୍ୱର ସରକେ ତଦନ୍ତରେ କର୍ମ ପାଇବାର ଆଦେଶ ହୋଇଅଛି । ଶ୍ରୀ ଯେ, ସି, ବର୍ଟାଲିସ ସାହେବ ଏ ମହକୁମାର ଏକ୍‌ଷ୍ଟ୍ରାଏସିଷ୍ଟାଣ୍ଟ ଇଞ୍ଜିନିୟର ହୋଇ ଅଛନ୍ତି ।

ଗତମଙ୍ଗଳବାର ଠାରୁ ବୁଧବାର ସକାଳଯାଏ ଏ ନଗରରେ ବୃଷ୍ଟି ହୋଇଥିଲା ଓ ଯେମନ୍ତ ମେଘ ଘୋଟିଥିଲା ତହିଁରେ ବୋଧହୁଅଇ ଯେ ମୋଫସଲର ଅନେକ ସ୍ଥାନରେ ବର୍ଷା ହୋଇଥିବ । ଏ ସମୟରେ ବର୍ଷା ହେବା ଭଲ ନୁହଇ ଏଥିରେ କ୍ଷେତ୍ର ଓ ରବିର କ୍ଷତି ହୋଇଥିବ ଏବଂ ଆମ୍ବଫସଲ ପ୍ରତି ବିଶେଷ ହାନିକର ହେବାର ବୋଧହୁଅଇ । ଏବର୍ଷ ଯେମନ୍ତ ରବି ମହରଗ ତହିଁରେ ଆମ୍ବ ହେଲେ ଦୁଃଖୀଙ୍କର କ୍ଲେଶ ଅନେକ ନିବାରଣ ହୁଅନ୍ତା ।

ଗତବର୍ଷ ବଙ୍ଗଳା ଦୁର୍ଭିକ୍ଷ ହେତୁରୁ କୃଷ୍ଣଦେଶରୁ ଅନେକ ଚାଉଳ ଆମଦାନି ହୋଇ ଥିବାରୁ ସେଠା ଲୋକେ ଅଧିକ ଲାଭ କରିବା ଆଶାରେ ଏବର୍ଷ ନିମନ୍ତେ ବିସ୍ତର ପରିମାଣରେ ଧାନକ୍ଷେତ କରିଥିଲେ ଓ ଉପଯୁକ୍ତ ପରିମାଣରେ ଫଳ ଫଳିବାରୁ ସ୍ଥାନୀୟ ବ୍ୟୟ ଛଡା ପ୍ରାୟ ତିନକୋଟିମହଣ ଚାଉଳ ବିଦେଶ ରପ୍ତାନି ନିମନ୍ତ ପ୍ରସ୍ତୁତ ଅଛି । ଏଥିକୁ ବିଲାତରେ ଚାଉଳର ଦର ଏମନ୍ତ ଯେ କୃଷ୍ଣଦେଶରୁ ରପ୍ତାନି କଲେ ଲାଭ ନ ହୋଇ କ୍ଷତି ପଡୁଅଛି ଏଥିପାଇଁ ସେଠା ଲୋକେ ଚୀନକୁ ଚାଉଳ ପଠାଇବାର ପ୍ରସ୍ତାବ କରିଅଛନ୍ତି ଓ ଯେବେ ସେଠାରେ ବଜାର ନ ପଟେ ତେବେ ଏହାଙ୍କ ଉତ୍ସାହ ଭଙ୍ଗ ହେବା ଦ୍ୱାରା ବଡ ଅଶୁଭ ହେବ ।

ହିନ୍ଦୁପେଟ୍ରିଅଟ ଅବଗତ ହୋଇଅଛନ୍ତି ଯେ ଡେଲି ଟେଲିଗ୍ରାଫ ନାମକ ସମ୍ବାଦପତ୍ରର ପ୍ରତିସଂଖ୍ୟାରେ ୧୮୦୦୦୦ ଖଣ୍ଡ ପ୍ରଚରିତ ହୁଅଇ ଓ ଏଥିରେ ପ୍ରଧାନ ଅଧିକାରୀଙ୍କୁ ବାର୍ଷିକ ଦଶଲକ୍ଷ ଟଙ୍କା ଲାଭ ମିଳଇ ।

ପାରସ ନଗରର ଜଣେ ଦରଜି ବ ୧୦୯ ବର୍ଷ ବୟସରେ ମରିଅଛି । ସେ ବ ୯ ବର୍ଷ ବୟକ୍ରମ ସମୟରୁ ବ୍ୟବସାୟ ଆରମ୍ଭ କରି ବ ୧୦୦ ବର୍ଷ ବୟକ୍ରମ ପର୍ଯ୍ୟନ୍ତ କର୍ମ କରିଥିଲା । ସୁତରାଂ ବ ୯୧ ବର୍ଷ କର୍ମ କରିଅଛି ।

ବାବୁ ରାଜକୃଷ୍ଣ ମୁଖର୍ଯ୍ୟା ଏମ, ଏ, ବି ଯେ ପୂର୍ବେ କଟକ ହାଇସ୍କୁଲର ଦ୍ୱିତୀୟଶିକ୍ଷକ ଅଥିନ ଉପଦେଷ୍ଟା ଥିଲେ ବଙ୍ଗଳା ଭାଷାରେ ଗୋଟିଏ ବଙ୍ଗଳାର ଇତିହାସ ଲେଖିଅଛନ୍ତି ଓ ହିନ୍ଦୁପେଟ୍ରିଅଟ ଉକ୍ତ ପୁସ୍ତକର ପ୍ରଶଂସା କରିଅଛନ୍ତି ।

ଉତ୍କଳଦର୍ପଣ କହନ୍ତି ଯେ ମୟୂରଭଞ୍ଜର ରାଜା ଉତ୍କଟରୋଗାକ୍ରାନ୍ତ ହେବାରୁ କମିଶନର ସାହେବଙ୍କ ଆଦେଶମତେ ବାଲେଶ୍ୱରର ସିବିଲ ସରଜନ ତାହାଙ୍କ ଚିକିତ୍ସା ନିମିତ୍ତ ଯାଇଥିଲେ ମାତ୍ର ରାଜା ତାହାଙ୍କ ସାହାଯ୍ୟ ଗ୍ରହଣ ନ କରିବାରୁ ସେ ମ୍ଳାନ ବଦନରେ ଫେରିଆସିଲେ । ରାଜବୈଦ୍ୟମାନେ କିଛି କରିଅଛନ୍ତି କି? ।

ଉକ୍ତ ପତ୍ରିକାରୁ ଅବଗତ ହେଲୁଁ ଯେ ସେଠାରେ ଜଣେ ହିନ୍ଦୁସ୍ଥାନୀ ପରମହଂସ କବୂତ ପ୍ରଦାନ ଓ ହାତବୁଲାଇବାଦ୍ୱାରା ରୋଗୀ ଓ କାମନା ଶୀଳଙ୍କର ମାନସ ପୂର୍ଣ୍ଣ କରିଅଛନ୍ତି ଓ ଅବସ୍ଥାଅନୁସାରେ ତାହାଙ୍କଠାରୁ ଦକ୍ଷିଣା ନେଉଅଛନ୍ତି । ଏହିପରି ଆଉଜଣେ ରୂପିଘରେ 'ବାବା ବୈଦ୍ୟନାଥ' ନାହାଦ କରିଣି କହାଉଅଛନ୍ତି । ବାଲେଶ୍ୱର ଅତି ଭାଲ ପୁଣ୍ୟଧାମ ହୋଇଅଛି ।

ଅବକାରୀ ମହକୁମାର ଗଭର୍ଣ୍ଣରର ବିଜ୍ଞାପନରୁ ବୋଧହୁଅଇ ଯେ ବଙ୍ଗଳାରେ ପୂର୍ବ ବର୍ଷଠାରୁ ଏବର୍ଷ ଦୁଇଲକ୍ଷ ଟଙ୍କା ଅଧିକା ଲାଭ ହୋଇଅଛି ଓ ଏ ଶୁଭଫଳ ମାଦକଦ୍ରବ୍ୟ ଅଧିକ ଖର୍ଚ୍ଚ ହେବାଦ୍ୱାରା ନ ହୋଇ ଅଫିମର ମୂଲ୍ୟ ଓ ସଗ୍‌ବପତ୍ରର ଫିସ ବଢାଇବାଦ୍ୱାରା ହୋଇଅଛି । ବାସ୍ତବରେ ମାଦକଦ୍ରବ୍ୟର ପରିମାଣ ଊଣା ହୋଇଅଛି ।

ଦେଶୀୟ ସିବିଲସରବିସର ଆଗାମୀ ପରୀକ୍ଷା ମାର୍ଚ୍ଚମାସ ତା ୨୨ ରଖରେ ଗୃହୀତ ହେବାର ସ୍ଥିର ହୋଇଅଛି । କଲିକତା ଢାକା ପାଟନା ଓ କଟକ ଏହି ଚାରିସ୍ଥାନରେ ପରୀକ୍ଷା ଗୃହୀତ ହେବ ।

---

ମୂଲ୍ୟପ୍ରାପ୍ତି ।

---

| | | |
|---|---|---|
| ବାବୁ କୃଷ୍ଣବଲ୍ଲଭ ଘୋଷ କଟକ କଳାଯ୍ୟା | | ଟ ୨୧ |
| ଶ୍ରୀଶ୍ରୀ ରାଜା ବଲ୍ଲୀ ବହମ୍ପୁରା | ,, | ଟ ୬୮ |
| ଶ୍ରୀ ନାରାୟଣ ବହୁତେଜା ମଣ୍ଡ଼ା ଅଗ୍ନିନ | | ଟ ୫ |

---

ଏହି ଉତ୍କଳଦୀପିକା ସହରକଟକ ଦରଘାବଜାର କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରଚାରିତ ହେଲା ।

Split by PDF Splitter
Digitized by srujanika@gmail.com

Split by PDF Splitter

REGISTERED NO. 18



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଖଣ୍ଡ ୧୦ମ } ତା ୬ ରିଖ ଫେବୃଏରୀ ସନ ୧୮୭୫ମସିହା ।ଯୁ। ମାଘ ବ ୨୭ ଦିନ ସନ ୧୨୮୨ସାଲ ଶନିବାର { ଅଗ୍ରିମ ବାର୍ଷିକ ମୂଲ୍ୟ ୩॥
୬ ସଂଖ୍ୟା } { ବର୍ଷାନ୍ତେମୂଲ୍ୟ ଦେଲେ ବର୍ଷକୁ ୫୨
{ ମଫସଲ ପାଇଁ ଡାକମାସୁଲ ୫୧୧/

ବାଲେଶ୍ୱରର ସମ୍ବାଦପତ୍ରିକାମାନଙ୍କରୁ ଜଣାଯାଏ ଷ୍ଟେସନର ଗ୍ରେଡ଼ସେସ୍ ମହକୁମାର ହେଡ କ୍ଳର୍କ ବାବୁ ଶ୍ୟାମାଚରଣ ସରକାର ତହବିଲ ତୋସରୂପ ମକଦ୍ଦମାରେ ବିଚାରାଧୀନରେ ଅଛନ୍ତି ଓ ଶ୍ରୀଯୁକ୍ତ ଫିଡ଼ସ୍ମିଥ ସାହେବଙ୍କ ନିକଟରେ ମକଦ୍ଦମାର ତଦନ୍ତ ହେଉଅଛି । ସେଠା ପୋଷ୍ଟେଲଫିସ୍ର କେରାଣୀ ଉମେଶଚନ୍ଦ୍ର କର ମଧ୍ୟ ଏହିପରି ଦାୟଗ୍ରସ୍ତ ହୋଇଅଛନ୍ତି । ଏମାନେ ଗଚ୍ଛିତଣାମାନଙ୍କ ଦୋବାର୍ ଟଙ୍କା ବାହାର କରି ନେବାର ଚର୍ଚ୍ଚା ହୁଅଇ । ଶ୍ରୀଯୁକ୍ତ ଲେକକ୍ସ ସାହେବ ଓ ବାବୁ ବରଦାକାନ୍ତ ମଜୁମଦାର ଏ ଦୁଇ ମହକୁମାର ହେସାବ ତଦନ୍ତ କରୁଅଛନ୍ତି । ଶୁଣାଯାଏ ଯେ ଶ୍ୟାମାଚରଣ ବାବୁ ହାଜତରେ ଥିବାରୁ ଜାମିନ ନିମନ୍ତେ ଜଜ ସାହେବଙ୍କ ନିକଟକୁ ଦରଖାସ୍ତ ପଠାଇଥିଲେ ତାହା ଗ୍ରାହ୍ୟ ହୋଇ ନାହିଁ । ଶ୍ୟାମାଚରଣ ସରକାରଙ୍କ ନାମରେ ଏପରି ମକଦ୍ଦମା ହେବାର ଶୁଣି ଆମ୍ଭେମାନେ ଆଶ୍ଚର୍ଯ୍ୟ ହୋଇଅଛୁଁ କାରଣ ସ୍ମରଣ ହୁଅଇ ଯେ ଶ୍ରୀଯୁକ୍ତ ବାମ୍ସ ସାହେବ ସେଠାରେ କଲେକ୍ଟର ଥିବା ବେଳେ ଏହାଙ୍କର ସୁଖ୍ୟାତି ଗବର୍ଣ୍ଣମେଣ୍ଟ ପର୍ଯ୍ୟନ୍ତ ଲେଖି ପଠାଇଥିଲେ ।

---

ଆମ୍ଭମାନଙ୍କର କଲେକ୍ଟର ଶ୍ରୀଯୁକ୍ତ ବାମ୍ସ ସାହେବ କଟକ ଓ ଯାଜପୁର ସବ୍‌ଡିଭିଜନ ମାନଙ୍କର ଅନେକ ସ୍ଥାନ ଭ୍ରମଣ କରି ଗତ ସପ୍ତାହରେ ଫେରି ଅସି ପୁନର୍ବାର ଏସପ୍ତାହରେ ଜଗତ୍‌ସିଂହପୁର ସବ୍‌ଡିଭିଜନକୁ ଭ୍ରମଣ କାରଣ ଯାଉଅଛନ୍ତି । ଏଠାରେ ଜନରବ ହୋଇଅଛି ଯେ ସାହେବ ପ୍ରଶଂସିତ ଏହି ଅବସରରେ ରଘୁନାଥପୁରକୁ ଯିବେ ସେଠାରେ ତାହାଙ୍କ ସମ୍ମାନନିମିତ୍ତ ଘୋଷଣା ଇତ୍ୟାଦି ଅନେକ ଆୟୋଜନ ହୋଇଅଛି ଓ ଏଠାର ଛୋଟ ଅଦାଲତର ଉକିଲ ବାବୁ ଗୋପାଳପ୍ରସାଦ ମିଶ୍ର ଏ ସବୁର ପ୍ରଧାନ ଉଦ୍ୟମକାରୀ ଅଟନ୍ତି । ସଦର ମୁକାମରେ ଲେଫ୍‌ଟେନାଣ୍ଟ ଗବର୍ଣ୍ଣର ଓ ଗବର୍ଣ୍ଣର ଜେନରଲଙ୍କ ସମ୍ମାନନିମିତ୍ତ ଏସବୁ ଆୟୋଜନ ହେବାର ପ୍ରଥା ଅଛି ମାତ୍ର ଏମାନେ ମୋଫସଲକୁ ଯାଆନ୍ତି ନାହିଁ । ମୋଫସଲପାଇଁ କମିଶ୍ନର ଓ କଲେକ୍ଟର ଗବର୍ଣ୍ଣର ଜେନରଲ ପ୍ରଭୃତି ଅଟନ୍ତି ସୁତରାଂ ଏହାଙ୍କପାଇଁ ସେପ୍ରକାର ଆୟୋଜନ ନ କଲେ ମୋଫସଲବାସିଙ୍କର ଏପ୍ରକାର ସୁଖ ଭୋଗ କରିବାର ଉପାୟାନ୍ତର ନାହିଁ ! ଏଥିପାଇଁ ଆମ୍ଭେମାନେ ଅନୁମାନ କରୁଁ ଯେ ଏ ଜନରବ ସତ୍ୟ ହେଲେ ହୋଇପାରେ ଏଥିରେ ପୁଣି ଦୋଲଯାତ୍ରା ନିକଟ ରହିଲା ସେସମୟରେ ରୋଷଣୀ କରିବାପାଇଁ ଫାନୁସ ଗିଲାସ ପ୍ରଭୃତି ଅନେକ ଆୟୋଜନ ଲୋକେ କରୁଥାନ୍ତି । କିନ୍ତୁ ଅଧିକା ବାଜୀଗର୍ଦ୍ଦି କରି ବଡ଼ ହାକିମଙ୍କର ସମ୍ମାନ କରି ନେଲେ ମନ୍ଦକାର୍ଯ୍ୟ ହେବ ନାହିଁ ।

---

### କଟକ ।

ଖୁରଦାଅଞ୍ଚଳ ବନ୍ଦୋବସ୍ତନିମିତ୍ତ ଯେଉଁ କମିଶ୍ନ ବସିବାର ସ୍ଥିର ହୋଇଅଛି ତହିଁର ସଭ୍ୟ ଶ୍ରେଣୀରେ ନିମ୍ନଲିଖିତ ବ୍ୟକ୍ତିମାନେ ନିଯୁକ୍ତ ହୋଇଅଛନ୍ତି ଯଥା ।—ଚିଫ୍ ଜଷ୍ଟିସ୍ ସରରଚର୍ଡ଼ କାଉଚ, ଯଷ୍ଟିସ୍ ଓଏଷ୍ଟ, ସରଆର, ମିତ୍ର ଓ ହରଦିନକର ଘୋଷ । ଏତଦ୍ ଲୋକରେ କମିଶ୍ନ ବସିବ କି ଆଉ ଅଧିକ ସଭ୍ୟ ହେବେ ତାହା ଜଣାପଡ଼ ନାହିଁ । ଯେବେ ଅଧିକ ନ ହୁଅଇ ତେବେ ବଡ଼ ଦୁଃଖର ବିଷୟ ଯେ ଜଣେମାତ୍ର ଦେଶୀୟ ଲୋକ ନିଯୁକ୍ତ ହୋଇଅଛନ୍ତି । ଇତାଙ୍କ ପକ୍ଷରେ ଅର୍ଦ୍ଧେସଂଖ୍ୟା ଦେଶୀୟ ଲୋକ ହେବାର ଥିଲା । ପୁଣି ଜଣେ ସ୍ୱାଧୀନ ବିଚାର ବମ୍ବର ନିମନ୍ତ ଆମ୍ଭମାନଙ୍କ ବିବେଚନାରେ ବିଲାତର କୌଣସି ଲର୍ଡ଼କୁ ନିଯୁକ୍ତ କରିବାର ଉଚିତ ଥିଲା । ଏଣେ ଗୁଇକୁଅଁର ଆପଣା ରକ୍ଷାନିମନ୍ତେ ଯଥାସାଧ୍ୟ ଉପାୟ କରୁଅଛନ୍ତି । ବମ୍ବେଇର ଟେଲର ସାହେବ ବାରିଷ୍ଟର ଓ ଆଉଜଣେ ଦେଶୀୟ ଉକିଲ ମହାରାଜ ଗୁଇକୁଅଁରଙ୍କ ସହିତ ପରାମର୍ଶ କରି ବିଲାତର ଅତି ଖ୍ୟାତିବନ୍ତ ବାରିଷ୍ଟର ସର୍ଜଣ୍ଟ ବାଲେଣ୍ଟାଇନକୁ ମକଦ୍ଦମାର ସବାଲ ଜବାବ ନିମିତ୍ତ ନିଯୁକ୍ତ କରିଅଛନ୍ତି ଓ ଉକ୍ତ ସାହେବ ୧୦ ହଜାର ଗିନି ଅର୍ଥାତ୍ ପ୍ରାୟ ଏକଲକ୍ଷ ୧୦ ହଜାର ଟଙ୍କା ଫୀସ ବନ୍ଦୋବସ୍ତ କରି ଆସିବାକୁ ସମ୍ମତ ହୋଇଅଛନ୍ତି । ଏପରି ଅନ୍ୟାନ୍ୟ ବାରିଷ୍ଟର ଉକିଲମାନେ ମଧ୍ୟ ନିଶ୍ଚୟ ଲାଭ କରିବେ ଏଥିରେ କେବଳ ବ୍ୟୟ ହେବ ବୋଲଯାଇ ନ

Digitized by srujanika@gmail.com

Split by PDF Splitter



ପାରେ । ସମ୍ପ୍ରତି ମକଦ୍ଦମାର ଖର୍ଚ୍ଚା ସକାଶେ ରେସିଡେଣ୍ଟ ସାହେବ ୭୨ ହଜାର ଟଙ୍କା ଦେଇଅଛନ୍ତି । ସରକାରଙ୍କ ପକ୍ଷରୁ ମକଦ୍ଦମା ଚଳାଇବାପାଇଁ ବମ୍ବେଇର ଆଡଭୋକେଟ ଜେନରଲ ଓ ଆଉଜଣେ ବାରଷ୍ଟର ନିଯୁକ୍ତ ହୋଇଅଛନ୍ତି ଏବଂ ପୁଲିସ କମିଶ୍ନର ସାଉଟର ସାହେବ ଅନୁସନ୍ଧାନର ଭାର ନେଇଅଛନ୍ତି । ମକଦ୍ଦମାର ଆୟୋଜନ ଯେରୂପ ଦେଖାଯାଏ ଅନୁମାନ ହୁଅଇ ଏ ବିଷୟର ଗୋଟିଏ ବୃହତ୍ ବ୍ୟାପାର ହେବ ଓ ଏଥିରେ ଅନେକ ବିଷୟର ତର୍କ ବିତର୍କ ଉପସ୍ଥିତ ହେବ ।

ସମ୍ପ୍ରତି ରେସିଡେଣ୍ଟ ସାହେବ ଗାଇକୁଅଁରଙ୍କ ଟଙ୍କା ସବୁ ହୋରକ କରିବା ଓ ରାଜ୍ୟର ବ୍ୟବସ୍ଥା କରିବାରେ ନିଯୁକ୍ତ ଅଛନ୍ତି । ଗାଇକୁଅଁର ବନ୍ଦ ହେବା ଦୁଇଦିନ ପୂର୍ବରୁ ତାହାଙ୍କର ସେନାପତି ୮୫ ଲକ୍ଷ ଟଙ୍କା ନୋଟ ବନ୍ଧାଇ ଆଣିଥିଲେ । ସର ଫେଲ ସାହେବ ଯଥାସମୟରେ ତହିଁର ସନ୍ଧାନପାଇ ସେନାପତିଙ୍କୁ ଧରିବାରେ ସେ କିଛି ତତ୍ତ୍ୱ ବତାଇଲେ ନାହିଁ କିନ୍ତୁ ରାଣୀଙ୍କ ମହଲ ତଲାସ କରିବାରେ ତହିଁ ମଧ୍ୟରୁ ୪୦ ଲକ୍ଷ ଟଙ୍କାର ନୋଟ ମିଳିଲା ଓ ଏହାପରେ ଆଉ ଏକ ମହଲରେ କୋଡ଼ିଏଲକ୍ଷ ଟଙ୍କାର ନୋଟ ମିଳିଲା ଲୋକେ ଅନୁମାନ କରନ୍ତି ଯେ ଏଟଙ୍କା ଧରାପଡ଼ି ନ ଥିଲେ ପରିଶେଷରେ ସେନାପତି ଏହା ହସ୍ତଗତ କରିଥାନ୍ତେ । ସେନାପତି ଗାଇକୁଅଁରଙ୍କ ଶଳା ଅଟନ୍ତି ମାତ୍ର ବର୍ତ୍ତମାନର ଉତ୍ପାତରେ ରେସିଡେଣ୍ଟ ସାହେବ ତାହାଙ୍କପ୍ରତି ଅବିଶ୍ୱାସ କରି କର୍ମରୁ ବରଖାସ୍ତ କରିଅଛନ୍ତି । ସେହିଦିନୁ ରାଜପ୍ରାସାଦର ନାନାସ୍ଥାନରେ ଗୁପ୍ତଧନର ଖୋଜା ଲାଗିଅଛି । ପୁଲିସ କମିଶ୍ନର ସଉଟର ସାହେବ ଓ ଆଉ କେତେ ଲୋକ ଏ କର୍ମରେ ନିଯୁକ୍ତ କରିଅଛନ୍ତି । ଏହାଙ୍କ ପରିଶ୍ରମରେ ଅନେକ ଧନ ବାହାରିଲାଣି ଓ ମଧ୍ୟ ଏଥିରେ ଆଶ୍ଚର୍ଯ୍ୟ କି ଅଛି ? ଗାଇକୁଅଁର ଭାରତବର୍ଷର ଏକ ସ୍ୱାଧୀନ ରାଜା ଓ ଏହାଙ୍କ ଘର ଅଳ୍ପକାଳର ନୁହେ ତହିଁରେ ପୁଣି ଦେଶୀୟ ଧନୀ ଓ ରାଜ୍ୟାଧିପତିଙ୍କର ରତ୍ନାଦି ବହୁମୂଲ୍ୟ ଧନ ସଞ୍ଚୟର ବାଞ୍ଛା ଅତି ପ୍ରବଳ ଓ ଗୌରବର କାରଣ ଅଟଇ । ଏସ୍ଥାନରେ ଅନେକ ଧନ ନ ବାହାରିଲେ ଆଉ କେଉଁଠାରେ ବାହାରିବ । ରେସିଡେଣ୍ଟ ସାହେବ ଆପଣା ରେସିଡେନ୍ସି ଏଲାକା ମଧ୍ୟରେ ସବୁଧନ ରଖାଉଅଛନ୍ତି ଓ ତହିଁର ଯଥାର୍ଥ ହିସାବ ପ୍ରସ୍ତୁତ କରାଇ ବରୁଦାର ସରଦାରମାନଙ୍କୁ ବୁଝାଇ ଦେଉଅଛନ୍ତି ସରଦାରମାନଙ୍କୁ ସେଥି ଦରବାର କରିଅଛନ୍ତି ଓ ରାଜ୍ୟରେ ସୁଶାସନ ସ୍ଥାପନ ପକ୍ଷରେ ନାନାଦିଉପାୟ ଅବଲମ୍ବନ କରିଅଛନ୍ତି । ଏସବୁ କାର୍ଯ୍ୟରେ ସର ଲୁଇସ ସାହେବ ପ୍ରଶଂସାର ଯୋଗ୍ୟ ଅଟନ୍ତି ଓ ସରଦାରମାନେ ତାହାଙ୍କପ୍ରତି ସନ୍ତୋଷ ହେବାର ସମସ୍ତ ଚିହ୍ନ ଦେଖାଯାଉଅଛି କାରଣ ଏ ସାହେବ ମହୋଦୟ କୌଣସି ବିଷୟରେ ତାହାଙ୍କ ସହିତ କପଟ ବ୍ୟବହାର ନ କରି ଭଲ ମନ୍ଦ ତାହାଙ୍କ ସମ୍ମୁଖରେ କହି ତାହାଙ୍କ ମନକୁ ଆପଣାଦିଗକୁ ଆକର୍ଷଣ କରିଅଛନ୍ତି । ଏପ୍ରସ୍ତାବ ଲେଖା ହେଲା ଉତ୍ତାରୁ ଅବଗତ ହେଲୁଁ ଯେ ନବାବ ସରସାଲାର ଜଙ୍ଗ ବାହାଦୂର ଗାଇକୁଅଁରଙ୍କ ବିଚାର କମିଟିର ଜଣେ ସଭ୍ୟ ନିଯୁକ୍ତ ହୋଇଅଛନ୍ତି ।

ଉଲ୍ଲିଖିତ ଭାରତୀୟ ସଂବାଦମାନ ଗତମାସ ତା ୨୬ ଓ ୨୭ ରିଖରେ ବମ୍ବେଠାରୁ ଆସିଥିବାରୁ ଗତମାସ ତା ୧ ରିଖର ଡେଲିନ୍ୟୁସରେ ଛପା ହୋଇଥିଲା ଯଥା ସର୍ଜ୍ଜେଣ୍ଟବାଲଣ୍ଟାଇନ ଇଂଲଣ୍ଡରୁ ଯାତ୍ରା କରିଅଛନ୍ତି । ଚଞ୍ଚଲ ଲେଖକମାନେ ମଧ୍ୟ ଆସୁଅଛନ୍ତି ।

ଗାଇକୁଅରଙ୍କ ସେନାସବୁର ପିଚ୍ଛିଲା ବେତନ ଟ ୮୮୦୦୦୦ ଟଙ୍କା ଅଙ୍କ ଦିଆଗଲା ।

ହୀରାଖଣ୍ଡି ବିଷରେ ମିଶାଇବା ପାଇଁ କିଣିବାର ପ୍ରମାଣ ମିଳିଅଛି ।

ଗାଇକୁଅଁର ଭଲ ଅଛନ୍ତି ।

ମୋକଦ୍ଦମାର ବିଚାର ନିମିତ୍ତ କାଣ୍ଟନମେଣ୍ଟ ମାଜିଷ୍ଟ୍ରେଟଙ୍କ କଚେରୀଘର ସୁସଜ୍ଜିତ ହେଉଅଛି ।

ବରୋଦା ଦରବାର ଉପରେ ଥିବା ଯଥାର୍ଥ ଦାବାସବୁ ବୁଝାଇ ଦେବା କାରଣ ସର ଲୁଇସ ପେଲି ବମ୍ବେଇ ବାଙ୍କ ସହିତ ବନ୍ଦୋବସ୍ତ କରିଥିବାରୁ ମହାଜନମାନେ ସନ୍ତୋଷ ହୋଇଅଛନ୍ତି ।

ଶ୍ରୀ ଖାନ୍ତ୍ରାମ ନାଗପୁରେଣ ଟ ୨୫୦୦୦ ଟଙ୍କା ସଙ୍ଗରେ ଘେନି ଅଙ୍କ ବମ୍ବେଇକୁ ଯାତ୍ରା କଲେ ।

---

### ମୃତ୍ୟୁସଂଖ୍ୟା ।

ପାଠକମାନେ ଜାଣିଥିବେ ଯେ ସନ ୧୮୭୧ ମସିହାର ଲୋକସଂଖ୍ୟା ଉତ୍ତାରୁ ପ୍ରତ୍ୟେକ ଜିଲ୍ଲାର ଜନ୍ମ ମୃତ୍ୟୁସଂଖ୍ୟା ନିରୂପଣ କରିବାର ନାନାଦି ଚେଷ୍ଟା ଗବର୍ଣ୍ଣମେଣ୍ଟ କରିଅଛନ୍ତି । ତହିଁ ମଧ୍ୟରେ ଅବଧି ଜନ୍ମର ବିବରଣ ସଂଗୃହୀତ ହେବାର କୌଣସି ଉପାୟ ଦେଖାଯାଉ ନାହିଁ ମାତ୍ର ଗତ ବର୍ଷ ହେଲା ମୃତ୍ୟୁର ସଂଖ୍ୟା ବଙ୍ଗଳାର ସମସ୍ତ ଜିଲ୍ଲାରେ ସଂଗୃହୀତ ହେଉଅଛି । ପୁଲିସଦ୍ୱାରା ଏଥିର ତାଲିକା ସଂଗୃହୀତ ହୋଇ ମାଜିଷ୍ଟ୍ରେଟ ସାହେବଙ୍କ ଯୋଗେ ସିଭିଲସରଜନଙ୍କ ନିକଟକୁ ପ୍ରେରିତ ହୁଅଇ ଓ ସେ ତାହା ବଙ୍ଗଳାର ସାନିଟାରିକମିଶ୍ନରଙ୍କ ନିକଟକୁ ପଠାନ୍ତି । ଏତାଲିକା କିପ୍ରକାରେ ପ୍ରସ୍ତୁତ ହୁଅଇ ଓ ତଦ୍ଦ୍ୱାରା କି କି ବିଷୟ ଜଣାଯାଏ ତାହା ସର୍ବସାଧାରଣଙ୍କୁ ଜଣାଇବା ସକାଶେ ଅମ୍ଭେମାନେ କଟକଜିଲ୍ଲାର ଗତ ଡିସେମ୍ବରମାସର ତାଲିକା ନିମ୍ନେ ପ୍ରକାଶ କଲୁଁ ଯଥା ।

ଜିଲ୍ଲାକଟକ

ଭୂମିପରିମାଣ ୩୧୭୮ ବର୍ଗମାଇଲ

ଲୋକସଂଖ୍ୟା ପୁରୁଷ ୭,୨୫,୩୩୦ ସ୍ତ୍ରୀ ୭୬୯୪୫୪

ଜାତିର ବିବରଣ

| | | |
|---|---|---|
| ଖ୍ରୀଷ୍ଟିୟାନ | ଜ | ୨୩୧୪ |
| ମୁସଲମାନ | ଜ | ୪୦,୦୧୩ |
| ହିନ୍ଦୁ | ଜ | ୧୪,୩୦,୦୪୦ |
| ବୌଦ୍ଧ | ଜ | ୦ |
| ଅନ୍ୟାନ୍ୟଜାତି | ଜ | ୨୨୪୧୭ |
| ମୋଟ | ଜ | ୧୪,୯୪,୭୮୪ |

କେଉଁ ଜାତିରେ କେତେ ମୃତ୍ୟୁ

| | | |
|---|---|---|
| ଖ୍ରୀଷ୍ଟିୟାନ | ଜ | ୯ |
| ମୁସଲମାନ | ଜ | ୬୮ |
| ହିନ୍ଦୁ | ଜ | ୨୬୪୪ |
| ବୌଦ୍ଧ | ଜ | ୦ |
| ଅନ୍ୟାନ୍ୟଜାତି | ଜ | ୧ |
| ମୋଟ | ଜ | ୨୭୨୨ |

ଯେଉଁ ରୋଗରେ ମୃତ୍ୟୁ

| ରୋଗର ନାମ | ପୁରୁଷ | ସ୍ତ୍ରୀ |
|---|---|---|
| ଓଲାଉଠା | ୭ | ୧୦ |
| ବସନ୍ତ | ୦ | ୧ |
| ଜ୍ୱର | ୭୩୬ | ୬୭୩ |
| ଉଦରରୋଗ | ୧୫୨ | ୧୦୫ |
| ଆତ୍ମହତ୍ୟା | ୨ | ୮ |
| ଆଘାତ | ୦ | ୦ |
| ଦୁର୍ଘଟନା | ୯ | ୮ |
| ସର୍ପାଘାତ ଓ ହିଂସ୍ରଜନ୍ତୁଦ୍ୱାରା ହତ | ୫ | ୩ |
| ଅନ୍ୟକାରଣ | ୫୦୪ | ୪୦୦ |
| ମୋଟ | ୧୪୧୫ | ୧୩୦୭ |

Digitized by srujanika@gmail.com

| ଯେତେକବୟସରେ ମୃତ୍ୟୁ | ପୁରୁଷ | ସ୍ତ୍ରୀ |
|---|---|---|
| ମୃତଜାତ | ୨୭ | ୨୩ |
| ଏକବର୍ଷର ଅନଧିକ | ୩୭୭ | ୩୨୫ |
| ଏକଠାରୁ ଛବର୍ଷ | ୧୯୭ | ୨୧୪ |
| ୬ ,, ୧୨ ,, | ୪୮ | ୫୨ |
| ୧୨ ,, ୨୦ ,, | ୭୭ | ୭୪ |
| ୨୦ ,, ୩୦ ,, | ୧୧୯ | ୧୧୭ |
| ୩୦ ,, ୪୦ ,, | ୧୦୭ | ୮୩ |
| ୪୦ ,, ୫୦ ,, | ୯୭ | ୭୫ |
| ୫୦ ,, ୬୦ ,, | ୧୨୩ | ୮୭ |
| ୬୦ ବର୍ଷର ଊର୍ଦ୍ଧ୍ୱ | ୧୫୦ | ୨୭୭ |

ଏ ନକ୍ସା ଯେବେ ଠିକ ପ୍ରସ୍ତୁତ ହୋଇଥାଏ ତେବେ ଏହା ଯେ କେତେଦୂର ଉପକାରୀ ଅମ୍ଭେମାନେ ତାହା ବର୍ଣ୍ଣନା କରି ନ ପାରୁଁ କାରଣ ଏଥିରୁ ମନୁଷ୍ୟର ପ୍ରାଣରକ୍ଷାର ଓ ପ୍ରାଣ ନାଶର ବିଶେଷ ବିବରଣ ପାଇଯାଏ ଓ ତହିଁ ପ୍ରତି ନିର୍ଭର କରି ଗବର୍ଣ୍ଣମେଣ୍ଟ କର୍ମଚାରମାନେ ସ୍ୱାସ୍ଥ୍ୟରକ୍ଷାର ଉପାୟମାନ ଅବଲମ୍ବନ କରି ପାରନ୍ତି । ଏ ତାଲିକା ପୁଲିସଦ୍ୱାରା ଗୃହୀତ ହୁଅଇ ସୁତରାଂ ଯାହା ପୁଲିସର କ୍ଷମତାରେ ଅଛି ତାହା ଏଥିରେ ସ୍ଥାନ ପାଏ ମାତ୍ର ସବୁ ମୃତ୍ୟୁସମ୍ବାଦ ଯେ ପୁଲିସକୁ ଆସୁଥିବ ଏମନ୍ତ ଅନୁମାନ ହେଉନାହିଁ ଅବଶ୍ୟ କେତେ କୁଅଟେ ଗଳପଡ଼ ରହି ଯାଉଥିବ । ଏପର ରୋଗର ନିର୍ଣ୍ଣୟ ମୋଫସଲ ଲୋକେ ସର୍ବଦା ଠିକ କରି ପାରନ୍ତି ନାହିଁ ଓ ପୁଲିସ କିଛି ଡାକ୍ତର ନୁହଇ ଯେ ରୋଗର ପରୀକ୍ଷା କରିକ କମ୍ପା ମୃତ୍ୟୁ ପୂର୍ବ ପ୍ରତ୍ୟେକ ରୋଗୀକୁ ଦେଖିବାର ପୁଲିସର କର୍ମ ନୁହଇ । ସୁତରାଂ ପୁଲିସ ଯାହା ଶୁଣିବ ତାହାହିଁ କାଗଜରେ ଲେଖିବ ଓ ମୋଫସଲଲୋକେ ଚିହ୍ନି ନ ପାରି ଅନେକ ରୋଗକୁ ଜ୍ୱର ବୋଲି ପରିଚୟ ଦେବାର ସଚରାଚର ଦେଖାଯାଏ ଏ ସବୁ କାରଣରୁ ଅନୁମାନ ହୁଅଇ ଯେ ଏ ତାଲିକା ସମ୍ପୂର୍ଣ୍ଣରୂପେ ଯଥାର୍ଥ ଥିବାର ବୋଲାଯାଇ ନ ପାରେ । କିନ୍ତୁ ଅବସ୍ଥାରୁ ଦୃଷ୍ଟି ହେଉଅଛି ଯେ ତାଲିକାଟି ନିତାନ୍ତ ଅକର୍ମଣ୍ୟ ନୁହଇ ଓ ଉପସ୍ଥିତ ଉପାୟଦ୍ୱାରା ଯେତେଦୂର ଯଥାର୍ଥ ତାଲିକା ପାଇବାର ଆଶା ହୋଇପାରେ ତାହା ପ୍ରାପ୍ତ ହୋଇଅଛି । ପୁଲିସର ଉଚ୍ଚ କର୍ମଚାରମାନେ ଯତ୍ନ କରୁଥିଲେ ଉତ୍ତରୋତ୍ତର ଭଲ ତାଲିକା ମିଳିବାର ସମ୍ଭାବନା । ସମ୍ପ୍ରତି ଯେରୂପ ତାଲିକା ଆସୁଅଛି ତହିଁରେ ମୃତ୍ୟୁସଂଖ୍ୟା ଊଣା ଓ ମୃତ୍ୟୁର କାରଣରେ ବ୍ୟତିକ୍ରମ ଥାଇପାରେ ମାତ୍ର ମୃତ୍ୟୁସଂଖ୍ୟା ମିଛରେ ଅଧିକ ଲେଖା ହୋଇଥିବାର ଜ୍ଞାନ ହୋଇ ନ ପାରେ ।

ଯାହା ହେଉ ଏହି ତାଲିକାରୁ ଦେଖାଯାଏ ଯେ ଲୋକସଂଖ୍ୟାନୁସାରେ ଖ୍ରୀଷ୍ଟିୟାନଙ୍କ ମଧ୍ୟରେ ହଜାରପ୍ରତି ଚଉଦଜଣ ହିନ୍ଦୁ ମୁସଲମାନଙ୍କ ମଧ୍ୟରେ ପ୍ରାୟ ଦୁଇଜଣ ଏକମାସରେ ମରି ଅଛନ୍ତି । ଅନ୍ୟାନ୍ୟ ଜାତିରେ ଗୋଟିଏ ମୃତ୍ୟୁ ଘଟି ଥିବାରୁ ତୁଳନାର ଯୋଗ୍ୟ ହେଉ ନାହିଁ ହିନ୍ଦୁ ଓ ମୁସଲମାନ ଏଠାର ପ୍ରାଚୀନଜାତି ଓ ଏହାଙ୍କ ମଧ୍ୟରେ ସମାନ ମୃତ୍ୟୁ ଘଟିଥିବାରୁ ବୋଧ ହୁଅଇ ଏହାଙ୍କ ପ୍ରକୃତି ଓ ଅବସ୍ଥାରେ ବିଶେଷ ବୈଲକ୍ଷଣ୍ୟ ନାହିଁ । ଖ୍ରୀଷ୍ଟିୟାନଙ୍କ ମଧ୍ୟରେ ମୃତ୍ୟୁ ଅତ୍ୟନ୍ତ ଅଧିକ ଓ ଅନ୍ୟାନ୍ୟଜାତିଙ୍କ ମଧ୍ୟରେ ଅତ୍ୟନ୍ତ ଊଣା ହେବାର କାରଣ କିଛି ବୋଲାଯାଇ ନ ପାରେ ଦୁଇ ଚାରିମାସ ତାଲିକା ଦେଖିଲେ ଏଥିର ଅବସ୍ଥା କିଛି ଜଣା ପଡ଼ିବ ସୁତରାଂ ସମ୍ପ୍ରତି କିଛି ବୋଲିବା ନାହିଁ ।

ମୃତ୍ୟୁର କାରଣ ପ୍ରତି ଦୃଷ୍ଟି କଲେ ଦେଖାଯାଏ ଯେ ପ୍ରାୟ ଅର୍ଦ୍ଧେ ମୃତ୍ୟୁ କେବଳ ଜ୍ୱରରୋଗରୁ ହୋଇଅଛି ଓ ଏକଥା ସାଧାରଣ ବିଶ୍ୱାସ ସହିତ ଐକ୍ୟ ଥିବାରୁ ବରଂ ଅଣୁଅଛି କାରଣ ସମସ୍ତେ ଜାଣନ୍ତି ଯେ ଗତ ଦୁଇ ତିନିମାସରେ ଜ୍ୱରରୋଗ ଏ ପ୍ରଦେଶରେ ଅଧିକ ପ୍ରବଳ ଥିଲା ଓ ମାର୍ଗଶିର, ପୁଷମାସରେ ଏହାଦ୍ୱାରା ଅନେକଲୋକ ନାଶ ହୋଇଅଛନ୍ତି । ଏପର ଉଦର ରୋଗରେ ଅନେକଲୋକ ମରି ପଡ଼ି ଅଛନ୍ତି ମାତ୍ର ଏହା ବଡ଼ ଧର୍ତ୍ତବ୍ୟ ନୁହଇ କାରଣ ପେଟବିକାର, ଅମରକ୍ତ ପ୍ରଭୃତି ରୋଗ ସଦାକାଳରେ ଏ ଦେଶରେ ଉପସ୍ଥିତ ଥିବାର ବୋଧ ହୁଅଇ । ମୃତ୍ୟୁର ଆଉ ଗୋଟିଏ ପ୍ରଧାନ କାରଣ ସର୍ପାଘାତ ଓ ହିଂସ୍ରକଜନ୍ତୁଦ୍ୱାରା ବଧ ବୋଲି ଦେଖାଯାଏ ମୋଟ ମୃତ୍ୟୁର ଏକଚତୁର୍ଥାଂଶ ଏହି କାରଣରୁ ମରିବାର ଦେଖାଯାଏ ଏବଂ ଅମ୍ଭମାନଙ୍କ ବିବେଚନାରେ ଏହା ଅତି ଶୋଚନୀୟ ଅଟଇ । ଏପ୍ରକାର ଅକାଲମୃତ୍ୟୁ ନିବାରଣ ପକ୍ଷରେ ଗବର୍ଣ୍ଣମେଣ୍ଟ ସାପ ବାଘ ଇତ୍ୟାଦି ନାଶ କରିବାପାଇଁ ପାରିତୋଷିକ ଦେବାର ନିୟମ କରିଅଛନ୍ତି ତଥାପି ଏମାନଙ୍କ ଉତ୍ପାତ ଏତେ ଅଧିକ ପରିମାଣରେ ରହି ଅଛି ଭଲ ଦିଶୁ ନାହିଁ । ଏପକ୍ଷରେ ବୋଧ ହୁଅଇ ଅନ୍ୟ ଭଲ ଉପାୟ ଅବଲମ୍ବନ କରିବାର ଉଚିତ ଅଟଇ ।

ବୟସ ଅନୁସାରେ ମୃତ୍ୟୁ ଘଟନା ପ୍ରତି ଦୃଷ୍ଟି କଲେ କାହାର ମନ ସ୍ଥିର ହୋଇ ନ ପାରିବ ? ମୋଟ ମୃତ୍ୟୁର ଚତୁର୍ଥାଂଶ ଏକବର୍ଷର ଅନଧିକ ପିଲଙ୍କ ପ୍ରତି ଘଟନା ହୋଇଅଛି ପୁଣି ତହିଁ ମଧ୍ୟରେ ବାଳକାଙ୍କଠାରୁ ବାଳକଙ୍କ ସଂଖ୍ୟା ଅଧିକ । କି ହିନ୍ଦୁ କି ମୁସଲମାନ ସମସ୍ତେ ଝିଅଠାରୁ ପୁଅକୁ ଅଧିକ ସୁଖପାନ୍ତି ତଥାପି ପୁଅ ମୃତ୍ୟୁ ଅଧିକ । ଏଥିରେ ଯେ କେତେ ଲୋକଙ୍କର ମନସ୍ତାପ ହୋଇଅଛି ତାହା କିଏ ଅନୁମାନ କରିବାକୁ ସମର୍ଥ ହେବ ! ଏପ୍ରକାର ଶିଶୁ ନାଶ ହେବାର କୌଣସି ବିଶେଷ କାରଣ ଅଛି କି ନାହିଁ ଅନୁସନ୍ଧାନ କରିବାର କର୍ତ୍ତବ୍ୟ । ବାସ୍ତବରେ ଦେଖାଯାଇ ଅଛି ଯେ ଏବର୍ଷ କାର୍ତ୍ତିକମାସଠାରୁ ଯେତେ ଶିଶୁ ନଷ୍ଟ ହୋଇ ଅଛନ୍ତି ଏମନ୍ତ ସାଧାରଣ ସମୟରେ ଘଟିବାର ଦେଖାଯାଇ ନାହିଁ । ଏଥିରୁ ବୋଧ ହୁଅଇ ଯେ କୌଣସି ଆକସ୍ମିକ ଘଟନା ଏହାର କାରଣ ହୋଇଥିବ । ଫଳତଃ ତାଲିକାରୁ ଦେଖାଯାଏ ଯେ ଶୈଶବ ଓ ଯୌବନକାଳରେ ଅଧିକ ମୃତ୍ୟୁ ଏବଂ ଲୋକସଂଖ୍ୟା ଅନୁସାରେ ପୁରୁଷଠାରୁ ସ୍ତ୍ରୀ ଅଧିକ ହେଲେ ହେଁ ସ୍ତ୍ରୀଠାରୁ ପୁରୁଷ ଅଧିକ ମରୁ ଅଛନ୍ତି । ଯେବେ ଏହି ନିୟମ ପରବର୍ତ୍ତନ ପକ୍ଷରେ କୌଣସି ଉପାୟ ନ ହୁଅଇ ତେବେ ସହଜରେ ଅନୁମାନ ହେଉ ଅଛି ଯେ ସ୍ତ୍ରୀଙ୍କ ସଂଖ୍ୟା କ୍ରମଶଃ ଅଧିକ ହେଉଥିବ ଓ ପୁରୁଷମାନେ କି ଯାହାଙ୍କଦ୍ୱାରା ଦେଶର ଦୁରବସ୍ଥା ମୋଚନ ହେବାର ସମ୍ଭବ କ୍ରମେ ଊଣା ହୋଇଯିବେ । ବାସ୍ତବରେ ଦେଖାଯାଉଅଛି ଯେ ସ୍ତ୍ରୀମାନେ ଦୀର୍ଘଜୀବୀ ଅଟନ୍ତି ଯେହେତୁ ଷାଠିଏ ବର୍ଷରୁ ଅଧିକକାଳ ଅନେକ ସ୍ତ୍ରୀ ବଞ୍ଚିବାର ଏହି ତାଲିକାରେ ପ୍ରମାଣ ହେଉ ଅଛି । ଏ ପ୍ରଦେଶର ଲୋକମାନଙ୍କ ମଧ୍ୟରେ ଯଦ୍ୟପି କେହି ଆପଣା ଜନ୍ମସ୍ଥାନର ଉନ୍ନତିର ବାସନା କରନ୍ତି ତେବେ ତାହାଙ୍କୁ ଏବିଷୟରେ ଭାବିବାର ନିତାନ୍ତ କର୍ତ୍ତବ୍ୟ ଓ ଏଠା ସ୍ତ୍ରୀ ଓ ପୁରୁଷଙ୍କ ସ୍ୱଭାବ ଓ କାର୍ଯ୍ୟରେ କି କି ବୈଲକ୍ଷଣ୍ୟମାନ ଥିବାରୁ ସ୍ତ୍ରୀମାନେ ଦୀର୍ଘଜୀବୀ ଓ ପୁରୁଷମାନେ ଅଳ୍ପାୟୁବିଶିଷ୍ଟ ହେଉଅଛନ୍ତି ତାହା ନିର୍ଣ୍ଣୟ କରିବାର ଅତ୍ୟନ୍ତ ପ୍ରୟୋଜନ । ଯେଉଁମାନଙ୍କୁ ଏପ୍ରଦେଶର ଆଭ୍ୟନ୍ତରିକ ରୀତି ନୀତି ସବୁ ଜଣାଅଛି ସେମାନେ ଏଥିର ଅନୁସନ୍ଧାନରେ ମଗ୍ନ ହୋଇ ଜନସମାଜର ଉପକାର ନିମିତ୍ତ ତହିଁର ଦୋଷ ଗୁଣମାନ ପ୍ରକାଶ କଲେ ଯେ କିପର୍ଯ୍ୟନ୍ତ ଉପକାର ହେବ ଅମ୍ଭେମାନେ କହି

Split by PDF Splitter

Digitized by srujanika@gmail.com

Split by PDF Splitter



ନ ପାରୁଁ । ଅମ୍ଭେମାନେ ଅଶାକରୁଁ ଯେ ଏପରି ଦୁର୍ଭିକ୍ଷ ଲୋକଙ୍କ ସାହାଯ୍ୟ ନିମନ୍ତେ ଅମ୍ଭେମାନେ କଟକ ପୁରୀ ଓ ବାଲେଶ୍ୱର ତିନିଜିଲ୍ଲାର ମୃତ୍ୟୁ ଜାଣିବା ମାସକୁମାସ ପ୍ରକାଶ କରବୁଁ ଓ ତହିଁର ଉଦ୍ୟମ କରୁଅଛୁଁ ।

# ସାପ୍ତାହିକ ସଂବାଦ ।

ବାବୁ ବଛଦପଟ୍ଟନାଏକ ଗତମାସ ତାଙ୍ଗରାଗରେ ସମ୍ବଲପୁର ଠାରେ ଅପଣା କର୍ମର ଗୃହସ୍ଥଦେଇ ଅନୁକୂଳକୁ ଅସିଲେ ଚଳିତମାସ ଶେଷରାଗରେ ଅନୁକୂଳରେ ପହୁଞ୍ଚିଥିବେ ।

କେନ୍ଦ୍ରାପଡାର ଅଶିଷ୍ଟାଣ୍ଟ ମାଜିଷ୍ଟ୍ରେଟ ଅଟକିନ୍ସନ ସାହେବ ଏକମାସ ଛୁଟୀ ନେଇଅଛନ୍ତି ।

ମୁନ୍ସି ଅବଦୁଲରହମାନ ଖାଜ ସବଡେପୁଟୀ ସୁଜଙ୍ଗାର ତିନିମାସର ଛୁଟୀ ନେଇଅଛନ୍ତି । ଏହାଙ୍କ ରୋଗ ଅବଧି ଅରାମ ହୋଇ ନାହିଁ ।

କଟକର ସ୍କୁଲ ଡେପୁଟୀ ଇନ୍ସପେକଟର ବାବୁ ପ୍ୟାରୀମୋହନ ସେନ ତିନିମାସ ଛୁଟୀ ନେଇଅଛନ୍ତି ଓ ଏହାଙ୍କ କର୍ମରେ ବାବୁ ଭଗବତୀଚରଣ ସେନ ଏକଟିଂ ହୋଇ ଅଛନ୍ତି ।

ଉତ୍କଳଦର୍ପଣରେ ପାଠକଲୁଁ ଯେ ବୃନ୍ଦାବନଠାରୁ କରଲିନାମକ ଜାହାଜ ଛାଡିବାବେଳେ ଗୋଟିଏ ନୌକାରେ କେତେଜଣ ବସି ଜାହାଜରେ ଚଢିବାକୁ ଯାଉଥିଲେ । ଏଥି ମଧ୍ୟରେ ଜାହାଜର କଳ ଚଳିତ ହେବାରୁ ଧକ୍କାଖାଇ ନୌକା ବୁଡିଗଲା ତହିଁରେ ତଟଣମନୁଷ୍ୟ ଅନୁଦ୍ଦେଶ ହୋଇଅଛନ୍ତି ଓ ନ ୧୭ ଣ ବଞ୍ଚିଅଛିଲେ । ଜାହାଜର କର୍ମଚାରୀ କେହି ନୌକା ପଠାଇଥିଲେ ତାହାକୁ ଦଣ୍ଡ ଦେବାର ଉଚିତ ।

କଟକ ହାଇସ୍କୁଲର ଚତୁର୍ଥ ଶିକ୍ଷକ ବାବୁ ହରିବଲ୍ଲଭ ମୈତ୍ର ବି ଏ, ବି ଏଲ୍, କଟକ ଜଜସାହେବଙ୍କ ଅଦାଲତରେ ଓକାଲତୀ କର୍ମ କରିବେ ବୋଲି ଅପଣା କର୍ମ ପରିତ୍ୟାଗ କରି ଅଛନ୍ତି ।

ମଙ୍ଗଳପୁରର ଖୁନମକଦ୍ଦମାରେ ସେସନଜଜ ଦୁଇଜଣପୁରୁଷ ଆସାମୀ ମଧ୍ୟରୁ ଜଣକୁ ଫାଶୀ ଓ ଜଣକୁ ପାଞ୍ଚବର୍ଷ ଓ ଦୁଇଜଣ ସ୍ତ୍ରୀ ଅସାମିଙ୍କୁ ଦୁଇବର୍ଷ ଲେଖାଏ କାରାବାସ ଦଣ୍ଡର ଅଜ୍ଞା ଦେଇଥିଲେ । ଅପୀଲରେ ହାଇକୋର୍ଟ ଫାଶୀ ଅସାମୀକୁ ପାଞ୍ଚବର୍ଷ ଓ ଅନ୍ୟ ଜଣକୁ ଦୁଇବର୍ଷ ଦଣ୍ଡ ଦେଇ ସ୍ତ୍ରୀମାନଙ୍କୁ ଖଲାସ ଦେଇଅଛନ୍ତି ।

କଲିକତାରେ ଜଣେ ସ୍ତ୍ରୀ ଅପଣା ଶାଶୁନାମରେ ଏହି ଅଭିଯୋଗ କରିଥିଲା କି ସେ ଟିକିଏ ଦୁଧ ତାହାର ଅନୁମତି ବିନା ଖାଇଥିବାରୁ ଶାଶୁ ତାକୁ ତପ୍ତଲୌହଦ୍ୱାରା ତାହା ଦେହରେ ଦାଗ ଦେଇଅଛି । ମାଜିଷ୍ଟ୍ରେଟ ସବୁସ୍ୱରୂପେ ମକଦ୍ଦମା ବିଚାରକରିବାକୁ କହିଲେ ଓ ବହୁ ବସ୍ତ୍ରକରିବାର ହେବାକୁ ପ୍ରାର୍ଥନାକଲେ ସୁଦ୍ଧା ହାକୀମ ଅସାମୀକୁ ଏକସପ୍ତାହ କାରାବାସରଦଣ୍ଡ ଦେଲେ । ଏଣିକି ଘରକରିବା କଡ଼ କଠିନ ହେବ ।

ଇଂଲଣ୍ଡର ଜଣେ ଇଟା ଓ ଟାଇଲ ବ୍ୟବସାୟୀ ମୃତ୍ୟୁକାଳରେ ଜିରୁସଲେମ ନଗରର ଉପକାରାର୍ଥେ ତିନିଲକ୍ଷ ଟଙ୍କା ଦାନ କରି ଯାଇଅଛି । ସାଧାରଣ ମତ ଇଂଲଣ୍ଡର କୁମ୍ଭାରଙ୍କ ମନରେ ଯେମନ୍ତ ଜାଗରୂକଅଛି ଏଠା ସମ୍ଭ୍ରାନ୍ତବ୍ୟକ୍ତିଙ୍କ ମନରେ ସେରୂପ ନାହିଁ ।

ଶୀନ୍ତ ଭଜିଲ୍ଲା ଦୁଇଭାଗରେ ବିଭକ୍ତ ହୋଇ ପୃଥକ୍ ଦୁଇଜିଲ୍ଲା ହୋଇଅଛି ଅର୍ଥାତ୍ ପୂର୍ବଶିହୁତ ଓ ପଶ୍ଚିମଶିହୁତ । ପୂର୍ବଶିହୁତର ସଦରସ୍ଥାନ ଦରଭଙ୍ଗା ଓ ପଶ୍ଚିମଶିହୁତର ସଦରସ୍ଥାନ ମୁଜଫରପୁର ହୋଇଅଛି ।

ବଙ୍ଗାଲୋରର ଏକଖଣ୍ଡ ସମ୍ବାଦପତ୍ରରେ ଲେଖାଅଛି ଯେ ସେଠା ମହାଜନମାନେ କେବଳ ଭାରତବର୍ଷରେ ପ୍ରସ୍ତୁତ ହେବା ଲୁଗା ଅଣି ବାଣିଜ୍ୟ କରିବା ସକାଶେ ଏକ କମ୍ପାନୀ ସ୍ଥାପନ କରିଅଛନ୍ତି ଓ ସେମାନେ ଅଙ୍ଗୀକାର କରିଅଛନ୍ତି ଯେ ବିଲାତି ଲୁଗା ଅବାର ବିକ୍ରୟ କରିବେ ନାହିଁ । ଏରୂପ ସ୍ୱଦେଶାନୁରାଗ ପ୍ରଶଂସନୀୟ ଅଟଇ ।

ଅଗ୍ରାର ତାଜମହଲକୁ ରକ୍ଷା କରିବା ସକାଶେ ଅନେକ ଟଙ୍କା ବ୍ୟୟ କରିବାକୁ ସବୁତାନ୍ ଷ୍ଟ୍ରାଚି ସାହେବ ପ୍ରସ୍ତାବ କରିଅଛନ୍ତି ।

ବଙ୍ଗଳା ଜେଲ ସମୂହର ଇନସ୍ପେକ୍ଟର ଜେନରଲ ହିଲି ସାହେବ ବିଲାତ ଯିବାପାଇଁ ଦୁଇବର୍ଷର ଛୁଟୀ ନେଇଅଛନ୍ତି ।

ଡେଲିନିଉସ ଶୁଣିଅଛି ଯେ ଆଗାମୀ ମାସ ମଧ୍ୟଭାଗରେ ଲେଫଟନେଣ୍ଟଗବର୍ଣ୍ଣର ସାହେବ ଦାର୍ଜିଲିଂକୁ ଗମନ କରିବେ ଓ ଏବର୍ଷ ସେଠାରେ ସାହେବ ପ୍ରଶଂସିତ ମାର୍ଚ୍ଚମାସଠାରୁ ଅକ୍ଟୋବରମାସ ପର୍ଯ୍ୟନ୍ତ ଅବସ୍ଥିତ କରିବାର କଳ୍ପନା କରିଥିବାରୁ ଅଧିକାଂଶ ମହକୁମା ସେଠାକୁ ଉଠିଯିବ ।

ବଙ୍ଗଳା ହାଇକୋର୍ଟର ପ୍ରଧାନ ଜଜ ସରରିଚର୍ଡକାଉଚ କର୍ମ ତ୍ୟାଗ କରି ବିଲାତକୁ ଯିବାର ସ୍ଥିର ହେବାରୁ ତାହାଙ୍କ ସମ୍ମାନ ସକାଶେ ଉପଯୁକ୍ତ ପ୍ରକାର ପ୍ରଶଂସାପତ୍ର ଦେବା ପାଇଁ ହାଇକୋର୍ଟର ଓକିଲପରିମାନେ ସ୍ଥିର କରିଅଛନ୍ତି ଓ ଏଥିର ଅୟୋଜନ ନିମନ୍ତେ ଗୋଟିଏ ସଭା ହୋଇ ଟେଙ୍କା ସଂଗ୍ରହ ହେଉଅଛି ।

ବର୍ମ୍ମାଦେଶରେ ଏଥିମଧ୍ୟରେ ଗୋଟିଏ ଝାନ ତୋଫାନ ହୋଇଗଲା । ନଗରର ଘରଦ୍ୱାର ପ୍ରଭୃତି କିଛିର ଅନିଷ୍ଟ ହୋଇ ନାହିଁ କିନ୍ତୁ ବନ୍ଦରରେ କେତେଖଣ୍ଡିଏ ଜାହାଜ ମାରି ପଡିଅଛି । ଶୁଣାଯାଏ ଯେ ଏକ ଜାହାଜରେ ନ ୧୫୦ ଣ ଥିଲେ ତହିଁ ମଧ୍ୟରୁ ଏକଜଣ ଧରା ହୋଇ ହାସପାତାଲରେ ପଡିଅଛି ଅବଶିଷ୍ଟ ଲୋକଙ୍କର କିଛି ସନ୍ଧାନ ମିଳି ନାହିଁ ।

ବରଦାରେ ବଳବନ୍ତରାଓ ବଡ ଧୂମଧାମରେ ଅଭିଷିକ୍ତ ହୋଇଥିଲା ବୋଧହୁଅଇ ପ୍ରତି ବର୍ଷ ଏହିରୂପ ହେଉଥିବ ମାତ୍ର ଏବର୍ଷ ଖଣ୍ଡେରାଓଙ୍କର କନ୍ୟା ହୋଇଥିବାରୁ ସର ଲୁଇସପେଲି ତାହାଙ୍କର ଷ୍ଟାଲାଇଷିକ୍ତ ସ୍ୱରୂପ ସ୍ୱୟଂ ଉପସ୍ଥିତ ହୋଇ ସକଳକାର୍ଯ୍ୟ ସମାଧା କଲେ ।

ପାୟୋନିୟର ବୋଲନ୍ତି ଯେ ମଧ୍ୟପ୍ରଦେଶର ପ୍ରଧାନ କମିଶନର ମରିସ ସାହେବ ଜବ୍ବଲପୁରକୁ ଶୁଭାଗମନ କରିଥିଲେ ଓ ସେଠାଲୋକେ ରୋଷନାଇ ଓ ବାଣପୋଡି ଦ୍ୱାରା ତାହାଙ୍କର ଯଥୋଚିତ ସମ୍ମାନ କରିଅଛନ୍ତି । ଉଚ୍ଚ କର୍ମଚାରୀଙ୍କ ଅହ୍ୱାନ କରିବା ବିଷୟରେ ଅଜି କାଲି ସର୍ବତ୍ରରେ ରୋଷନାଇ ଓ ବାଣ ପ୍ରାଧାନ୍ୟ ଲାଭ କରିଅଛି । ଅମ୍ଭେମାନେ ଶୁଣିଅଛୁଁ ଯେ ମରିସସାହେବଙ୍କ ଶାସନ ମଧ୍ୟପ୍ରଦେଶରେ ଅଦରଣୀୟ ଓ ଅନନ୍ଦ ପ୍ରଦ ହୋଇଅଛି ।

କଲିକତାର ବଜାର ରିପୋର୍ଟରୁ ଜଣାଯାଏ ଚତ୍ମାନାର ବଜାର ଦର ଭଲ ନାହିଁ କପୁକାରବାର ସ୍ଥିର ରହିଅଛି ଓ ଲାଭର କୌଣସି ଉତ୍ସାହଜନକ ସମ୍ବାଦ ଅସୁ ନାହିଁ ଗତି ୪ ୮୪ ଓ କଥା ୪ ୧୮୪ ରେ ରହିଅଛି । ନୂଆ ଚୋରଗୁଡ ବସ୍ତ୍ରର ଉତ୍ପନ୍ନ ହୋଇ ଅଳ୍ପ ଅମଦାନୀ ହେଉଅଛି ।

ଷ୍ଟାନ୍ଡାର୍ଡ ଅଟ କୌଣସି ସମ୍ବାଦପତ୍ରରେ ଦେଖୁଅଛନ୍ତି ଯେ ପାରସର ଶାହା ସ୍ୱାଭୁବଙ୍ଗନର ସ୍ୱର ସ୍ୱାଭବଶାନକୁ ଅର୍ଥ ସାହାଯ୍ୟ କରିଅଛନ୍ତି ଓ ତାହାକୁ ସାହାଯ୍ୟ କରିବାପାଇଁ ଧର୍ମ୍ମମାନଙ୍କୁ ମତଦେଇ ଦେଇଅଛନ୍ତି ।

---

ଶ୍ରୀଶ୍ରୀ ଏହି ଉତ୍କଳଦୀପିକା ସହରକଟକ ଚାନ୍ଦିଚୌକ ପାକଳାର କଟକପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter

REGISTERED NO. 18



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୧୦ } ସଂଖ୍ୟା
ତାଂ ୨୦ରଖ ଫେବୃଏରି ସନ ୧୮୭୫ ମସିହା । ମୂ । ଫାଲ୍‌ଗୁନ ୧୦ନ ସନ ୧୨୮୨ ସାଲ ଶନିବାର
ଅଗ୍ରିମ ବାର୍ଷିକ ମୂଲ୍ୟ ୨॥
ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୨୧୦
ମଫସଲ ଘାଇ ଡାକମାସୁଲ ୨୧୯୵

ଜେଲବନ୍ଧୁସର ଅବଗତ ହେଲୁଁ ଯେ ବରହାର କମିସନ ଚଳିତମାସ ତା ୨୩ ରଖ ପୂର୍ବେ ବସିବ ନାହିଁ ବୋଲି ଗୁଇଲୁଅଁରଙ୍କ ପ୍ରାର୍ଥନାମତେ ଗବର୍ଣ୍ଣମେଣ୍ଟ ଆଜ୍ଞା ଦେଇଅଛନ୍ତି । ଉକ୍ତ ସମୟରୁ ବାରିଷ୍ଟ ବାଲେଣ୍ଟାଇନସାହେବ ବଲାଡରୁ ଆସି ପହଞ୍ଚିବେ ଓ କମିସନରେ ନିଯୁକ୍ତ ହୋଇଥିବା ସଭ୍ୟମାନେ ମଧ୍ୟ ସେହି ସମୟରେ ସେଠାରେ ଏକତ୍ରିତ ହେବେ ।

---

କଲିକତାରୁ ପ୍ରତିଦିନ ଦୁଇ ଘଣ୍ଟା ସମୟରେ ଏ ନଗରର ଡାକ ଯାଉଥିଲା । ମାତ୍ର ଦେଖାଗଲା ଯେ ଏ ନିୟମରେ କଲିକତାରେ ଡାକ ଯଥା ସମୟରେ ନ ପହଞ୍ଚିବାରୁ ସେଠାରୁ ରେଲଗାଡ଼ିରେ ଯିବାର ଅସୁବିଧା ହେଲା । ଏଥିପାଇଁ ବଙ୍ଗଳାର ପୋଷ୍ଟମାଷ୍ଟର ଜେନରଲ ଆଜ୍ଞା ଦେଇ ଅଛନ୍ତି ଯେ ଏଣିକି ପ୍ରତିଦିନ ସନ୍ଧ୍ୟା ଛଅଘଣ୍ଟା ସମୟରେ ଡାକ ପ୍ରେରିତ ହେବ । ଅତଏବ ଅପରାହ୍ଣ ଘ ୫ ଘଣ୍ଟା ମଧ୍ୟରେ ଯେସବୁ ଚିଠିପତ୍ର ଡାକଘରେ ପହଞ୍ଚିବ ସେସବୁ ସେହିଦିନ ପଠାଯିବ ଓ ତହିଁ ଉତ୍ତାରୁ ଯାହା ଡାକଘରେ ଦିଆଯିବ ତାହା ପରଦିନକୁ ପଡ଼ିରହିବ । ଏ ନିୟମଟି ଚଳିତମାସ ତା ୧୦ ରଖରୁ ପ୍ରଚଳିତ ହୋଇ ଅଛି ଓ ଏଠା ପୋଷ୍ଟମାଷ୍ଟରଙ୍କ ଅନୁରୋଧକ୍ରମେ ଆମ୍ଭେମାନେ ସର୍ବସାଧାରଣଙ୍କୁ ଏଥିର ବୃତ୍ତାନ୍ତ ଜଣାଇଲୁଁ ।

---

ଚଳିତମାସ ତା ୨ ରଖରେ ଲଣ୍ଡନନଗରରୁ ତାରଡାକରେ ସମ୍ବାଦ ଆସିଅଛି ଯେ ଉକ୍ତଦିନ ପାର୍ଲିମେଣ୍ଟ ସଭା ବସିଲା ଓ ସଭାରେ ଶ୍ରୀମତୀ ମହାରାଣୀଙ୍କର ଯେଉଁ ବକ୍ତୃତା ପଠିତ ହେଲା ତହିଁରେ ଭାରତବର୍ଷ ସମ୍ପର୍କରେ ଏହି ଉଲ୍ଲେଖ ହୋଇଅଛି ଯେ ଦୁର୍ଭିକ୍ଷପୀଡ଼ିତ ପ୍ରଦେଶରେ ଏଥର ଯଥେଷ୍ଟ ଫସଲ ଜାତ ହୋଇ ଅଛି ଓ ଈଶ୍ୱରଙ୍କ କୃପାରୁ ଭାରତବର୍ଷୀୟ ଗବର୍ଣ୍ଣମେଣ୍ଟ ଦୁର୍ଭିକ୍ଷ ହେତୁ ପ୍ରାଣୀନାଶ ନିବାରଣ କରିବାକୁ ସମ୍ପୂର୍ଣ୍ଣରୂପେ ସକ୍ଷମ ହୋଇଥିଲେ । ଦେଶର ଅର୍ଥ ବ୍ୟୟର ଅବସ୍ଥା ସୁଖକର ଅଟଇ । ବାଣିଜ୍ୟ ବୃଦ୍ଧି ଗତବର୍ଷରୁ ଜଣା ହୋଇଅଛି ସତ୍ୟ ମାତ୍ର ସାଧାରଣତଃ ସୌଭାଗ୍ୟ ପ୍ରତୀୟମାନ ହୁଅଇ ଓ ଉତ୍ତମ କୃଷି ଏବଂ ଟାକ୍ସ ଜଣା ଉକ୍ତ ସୌଭାଗ୍ୟର ସହକାରୀ ହୋଇ ଅଛି ।

ଏମନ୍ତେ ଦେଖାଯାଏ ଯେ ଏଥର ଭାରତବର୍ଷ ଶ୍ରୀମତୀ ମହାରାଣୀଙ୍କର ମନରୁ ପାସୋର ଯାଇ ନାହିଁ ମାତ୍ର ଅନ୍ୟାନ୍ୟ ବର୍ଷର ଅବସ୍ଥା ସଙ୍ଗେ ତୁଳନାକଲେ ପ୍ରକାଶପାଏ ଯେ ଦୁର୍ଭିକ୍ଷ ଏଥିର ମୂଳ କାରଣ ଅଟଇ । କୌଣସି ବୃହତ୍ ଦୁର୍ଘଟନା ନହେଲେ ଭାରତବର୍ଷ ଲୁପ୍ତ ରହିଯାଏ ।

---

ବାବୁ ବନମାଳୀସିଂହ ପୂର୍ବେ ଏକବର୍ଷ ସୁଦ୍ଧା ଅନୁଗୁଳରେ କର୍ମ କରି ତାହାରୁ କିଛୁ ବଡ଼ ଆନନ୍ଦର ବିଷୟ ଯେ ସେ ଏତେ ଅଳ୍ପକାଳ ମଧ୍ୟରେ ଆପଣା ଚରିତ୍ର ଓ କାର୍ଯ୍ୟଦ୍ୱାରା ସେଠା ନିବାସିଙ୍କର ବିଶେଷରୂପେ ପ୍ରୀତିର ଭାଜନ ହୋଇ ଅଛନ୍ତି । ତାହାଙ୍କ କର୍ମ ତ୍ୟାଗରେ ଜଣେ ପତ୍ରପ୍ରେରକ ଅତ୍ୟନ୍ତ ଦୁଃଖିତ ହୋଇ ଖଣ୍ଡିଏ ପତ୍ର ଲେଖିଅଛନ୍ତି ମାତ୍ର ତାହା ଅତି ଦୀର୍ଘ ଥିବାରୁ ସମସ୍ତ ପ୍ରକାଶ ନ କରି ତଲଲିଖିତ କଥା ତହିଁରୁ ଉଦ୍ଧୃତ କଲୁଁ ଯଥା ।—

"ଶ୍ରୀ ବାବୁ ବନମାଳୀସିଂହ ତହସିଲଦାରୀ ପଦାଭିଷିକ୍ତ ହୋଇ ଅସ୍ମାନ୍ ରାଜ୍ୟ ଜନସମାଜର ପରମ ଉପକାର କରଣାର୍ଥ ଦୃଢ଼କଳ୍ପିତ ହୋଇ ପରମାହ୍ଲାଦିତରେ ଅନତି ବିଳମ୍ବ ଓ ଅନୁକ୍ଷଣ ପ୍ରଜାବର୍ଗଙ୍କୁ ସାକ୍ଷାତ ଦେଇ ସେମାନେ ବିଦ୍ୟା ଓ ବୁଦ୍ଧିବୃତ୍ତି ଓ ଶିଷ୍ଟାଚାର ପ୍ରଭୃତିରେ ଅନୁରକ୍ତ ହେବାର ହୃଦୟଙ୍ଗମପୂର୍ବକ ସଦୁପଦେଶ ଦେଇ ଓ ସଦୟ ହୃଦୟରେ କତିପୟ ମକଦ୍ଦମାମାନ ସରଜମିନାବଲୋକନେ ତହିଁର ତତ୍ତ୍ୱ ଅବଗତାନ୍ତେ ଅପକ୍ଷପାତ ପୁରଃସର ନିଷ୍ପତ୍ତି କରୁଥିବାରେ ଇଦାନୀଂ ଅଳ୍ପକାଳ ମଧ୍ୟରେ ପ୍ରଜାସମୂହର ଅସଦ୍‌ବୃତ୍ତିଚୟ ସଙ୍କୁଚିତ ହୋଇ ସଦାଚାର ଓ ବିନୟ ଓ ମେଧାଦି ସମୁତ୍ପନ୍ନ ଓ ବର୍ଦ୍ଧନଶୀଳ ହେଉଥିବାରୁ ସର୍ବସାଧାରଣର ପରମାହ୍ଲାଦିତ ଓ ପରିତୋଷ ଓ ସନ୍ତୁଷ୍ଟ ଥିବାପ୍ରତ୍ୟକ୍ଷେ ଅସ୍ମ ଦୁର୍ଭାଗ୍ୟବଶତଃ ବାବୁମହୋଦୟ ସଦ୍‌ଗୁଣଶୀଳ ଓ ପ୍ରଜାବତ୍ସଳ ଓ ଦୟାଶୀଳ ଥିବାରୁ ଏହାଙ୍କୁ ଶ୍ରୀଯୁକ୍ତ ମହାମାନ୍ୟ ନୃପେନ୍ଦ୍ରମଣ୍ଡଳମଣ୍ଡନ ମହାରାଜା ବଳେ ଢେଙ୍କାନାଳ ସ୍ୱରାଜ୍ୟଭାର ଅର୍ପଣ କରି ନେଇଯିବାର ସମ୍ବାଦ ଶ୍ରବଣପର୍ଯ୍ୟନ୍ତ ଅତ୍ୟନ୍ତ

Digitized by srujanika@gmail.com

ଜନମଣ୍ଡଳୀର ଏପର୍ଯ୍ୟନ୍ତ ଭାବନା ଓ ମନସ୍ତାପ ଓ ବିଷାଦ ହୋଇଅଛି ଯେ ଏହା ପୂର୍ବଶୋକର ଅଧିକ ବୁଝାଯାଇ ପାରିବ ଅଧିକନ୍ତୁ କେତେ ଲୋକ ଅନଗୁଳ ଓ ଢେଙ୍କାନାଳର ପୂର୍ବ ସୀଉଣା ଥିବାରେ କାପ୍ତେନହୋଦୟଙ୍କଦ୍ୱାରା ଅମ୍ଭ ଉନ୍ନତି ହେବା ସମ୍ଭାବନାରେ ସେ କେଉଁଠା ଯାଇଥିବା ଓ ଉକ୍ତ ପ କେତେ ଲୋକ ପ୍ରଶଂସିତ ମହାତ୍ମା ଅଶ୍ଳିଲ ଶୁଣାଇଥିବାରୁ ସେ ଶୁଣିବାମାତ୍ର ଚିହ୍ନିହେଇ ଯାଉଥିବା ଏବଂ କେତେ ଲୋକ ପରମଦୟାଳୁ ପ୍ରଶଂସିତ ଶ୍ରୀ କମିଶନରସାହେବଙ୍କ ହଜୁରରେ ଦରଖାସ୍ତ କରି କାପ୍ତେନହୋଦୟଙ୍କୁ ଛାଡି ନ ଦେବାର ଏପରି ସର୍ବସାଧାରଣ ବିଚାର ଓ କଥୋପକଥନ ହୋଇ ଯେପର୍ଯ୍ୟନ୍ତ ବିଷ୍ମୟାପନ୍ନ ଅଛନ୍ତି ଏବଂ କାପ୍ତେନହୋଦୟ ବିଦାୟ ହୋଇ ଯିବାକାଳରେ ଯେପରି ଅମ୍ଭ ହୃଦୟ ବିଦୀର୍ଣ୍ଣପୂର୍ବକ ସେ ତାଙ୍କ ବିଚ୍ଛେଦ ଦରଶାଇଲେ ବିଦଗ୍ଧ ହେବ ତାହା ଏ କାଷ୍ଟଲେଖନୀଦ୍ୱାରା ଲେଖିବାର ଅକ୍ଷମ”

ଗଡ଼ଜାତର ପ୍ରୁପରଣ୍ଟେଣ୍ଡେଣ୍ଟମାନେ ଯେବେ ଏହିପ୍ରକାର ବିଦ୍ୱାନ୍ ଓ ସଚ୍ଚରିତ୍ରବନ୍ତ ଲୋକଙ୍କୁ ଗଡ଼ଜାତମହାଲର ଛବଡିଲଦାରି କର୍ମରେ ନିଯୁକ୍ତ କରନ୍ତେ ତେବେ ଏହିରୁ ସ୍ଥାନର ଉନ୍ନତିର ସମ୍ଭାବନା ନଥିଲା ଏହିରୁ ରାଜ୍ୟ ବର୍ତ୍ତମାନ ଯେମନ୍ତ ଜଙ୍ଗଲୀ ଅଛି ବହୁକାଳ ସେହିପରି ରହିଥିବ ।

---

ସଂସ୍କୃତଭାଷା ଅଧ୍ୟୟନ ବିଷୟରେ ସର୍ ଜର୍ଜ କାମ୍ବେଲସାହେବ ଯେଉଁ ନିୟମ କରିଥିଲେ ବର୍ତ୍ତମାନ ଲେଫ୍‌ଟନେଣ୍ଟ ଗବର୍ଣ୍ଣର ତହିଁରେ ସନ୍ତୁଷ୍ଟ ନ ହୋଇ କେତେଗୁଡିଏ ପରିବର୍ତ୍ତନ କରିଅଛନ୍ତି । ତାହା ଏହିଯେ ପୂର୍ବେ କଲେଜିଏଟ ସ୍କୁଲ ଓ ହାଇସ୍କୁଲ ସବୁର ପ୍ରଥମ ଛଅ ଶ୍ରେଣିରେ ସଂସ୍କୃତ ପଢାଇବାର ନିୟମ ଥିଲା ବର୍ତ୍ତମାନ ଚତୁର୍ଥ ଶ୍ରେଣୀ ପର୍ଯ୍ୟନ୍ତ ତାହା ବିସ୍ତାର ହୋଇଅଛି ଓ ବିଶ୍ୱବିଦ୍ୟାଳୟର ପ୍ରୟୋଜନ ଦୃଷ୍ଟିରେ ଏରୂପ ପରିବର୍ତ୍ତନ ହୋଇଅଛି । ଆଉ ଗୋଟିଏ ନିୟମ ଏହି ଥିଲା ଯେ ଏକ ଶ୍ରେଣୀର ୨୦ ଣ ଛାତ୍ର ପ୍ରାର୍ଥୀ ହେଲେ ତହିଁରେ ସଂସ୍କୃତ ଶିକ୍ଷା ଦିଆଯିବ ବର୍ତ୍ତମାନ ଆଜ୍ଞା ହୋଇଅଛି ଯେ ଉକ୍ତ ସଂଖ୍ୟକ ଏକଶ୍ରେଣୀର ଛାତ୍ର ନ ହେଲେ ଏକରୁ ଅଧିକ ଶ୍ରେଣୀର ଛାତ୍ର ମିଳି ପ୍ରୟୋଜନୀୟ ସଂଖ୍ୟା ପୂର୍ଣ୍ଣ କରିପାରନ୍ତି । ଗୁରୁଙ୍କ ପଣ୍ଡିତମାନଙ୍କୁ ଶିକ୍ଷା ଦେବା ସକାଶେ ସ୍ଥାପିତ ହୋଇଥିବା ନର୍ମାଲ୍ ସ୍କୁଲମାନ ସନ ୧୮୭୩ ମସିହା ତା୯ ରଖ ମାର୍ଚ୍ଚ ଲିଖିତ ନଂ ୮୮୩ ମ୍ବର ଗବର୍ଣ୍ଣମେଣ୍ଟ ଚିଠୀରେ ଥିବା ନିଷେଧାଜ୍ଞାରୁ ବର୍ଜିତ ହେବ ଓ ଉକ୍ତ ଆଜ୍ଞା କେବଳ ଗୁରୁମାନଙ୍କୁ ଶିକ୍ଷା ଦେବା ନର୍ମାଲ ସ୍କୁଲସମସ୍ତ ପ୍ରତି ଖଟିବ । ଏଥିର ମର୍ମ ଏହି ଯେ ଯଦ୍ୟପିଚ ଗୁରୁଙ୍କ ସକାଶେ ସଂସ୍କୃତ ଶିକ୍ଷାର ପ୍ରୟୋଜନ ନ ଥିବାରୁ ନର୍ମାଲ ସ୍କୁଲର ନିମ୍ନ ଶ୍ରେଣୀରେ ତାହା ପଠିତ ହେବ ନାହିଁ ମାତ୍ର ଉଚ୍ଚ ଶ୍ରେଣୀମାନଙ୍କରେ ପଣ୍ଡିତଙ୍କ ଶିକ୍ଷା ନିମିତ୍ତ ଉକ୍ତ ଭାଷା ପଠିତ ହେବ । ଏଥିରୁ ଦେଖାଯାଏ ଯେ ଏଥର ସଂସ୍କୃତ ଅଧ୍ୟୟନ ସମ୍ପର୍କୀୟ ଆଜ୍ଞାଟି ବାଟରୁ ଫେରିଲା ଓ କୋଇବାର କାନ୍ଥଲି ଯେ ଏ ଆଜ୍ଞାରେ ବଙ୍ଗ ଦେଶର ସର୍ବସାଧାରଣ ଅତ୍ୟନ୍ତ ସନ୍ତୁଷ୍ଟ ହୋଇଅଛନ୍ତି । କ୍ରମେ ସର୍ ଜର୍ଜଙ୍କ ନିୟମ ସବୁର ଏରୂପ ଦୁର୍ଦ୍ଦଶା ଦେଖି ଅମ୍ଭେମାନେ ଭାଳୁଅଛୁଁ ଯେ ଯେବେ ଏ ମହାଶୟ ଆଉରି ଦୁଇବର୍ଷ ଲେଫ୍‌ଟନେଣ୍ଟ ଗବର୍ଣ୍ଣର ହୋଇ ରହିଥାନ୍ତେ ତେବେ ଏହାଙ୍କଦ୍ୱାରା ସ୍ୱେଚ୍ଛାଚାରର ନିୟମମାନଙ୍କୁ ସଞ୍ଜାତ କରିବା ସକାଶେ ଏହାଙ୍କ ପଶ୍ଚାଦ୍ୱର୍ତ୍ତୀ କର୍ମଚାରୀଙ୍କର ଶାସନକାଳର ଅଧିକାଂଶ ଯୋଗ ହୋଇଯାନ୍ତା ।

---

କଟକ ଜେଲଖାନା ପାଖ ଦେଇ ଯେଉଁମାନେ ଯାତାୟାତ କରନ୍ତି ସେମାନେ ଦେଖିଥିବେ ଯେ ଅଳ୍ପ ଦିନରୁ ୧୫୦ ନଂ ହେଲା ଜେଲଖାନା ସମ୍ମୁଖ ସଡକ ପାଖରେ ଖଣ୍ଡିଏ କଳାପଟା ଗୋଟାଏ ଖୁଣ୍ଟରେ ଲାଗି ରହିଅଛି ଓ ତହିଁରେ ଧଳାଅକ୍ଷର ଲେଖା ହୋଇଅଛି । ଏ ତକ୍ତାଟି କିସ ? ଏହା ଖଣ୍ଡିଏ ଇସ୍ତାହାର ଜେଲଖାନାରେ ଯେସବୁ ଦ୍ରବ୍ୟ ବିକ୍ରିୟ ହୁଅଇ ତହିଁର ତାଲିକା ଏଥିରେ ଲେଖାଅଛି ମାତ୍ର କି ପରିମାଣରେ କେଉଁ ଦ୍ରବ୍ୟ ମିଳିବାର ସମ୍ଭବ ଓ ତାହାର ମୂଲ୍ୟ କିରୂପ ତାହା ଲେଖା ନ ଥିବାରୁ ଇସ୍ତାହାରକୁ ଅସମ୍ପୂର୍ଣ୍ଣ ବୋଲିବାକୁ ହେବ ଯାହାହେଉ ଏରୂପ ଇସ୍ତାହାର ପୂର୍ବେ ଦିଆ ଯାଇ ନ ଥିଲା ବର୍ତ୍ତମାନ ଦିଆ ଯିବାର କାରଣ ଏହି ଯେ ଏଠାର ନୂତନ ଜେଲର ପଣ୍ଡିଂସାହେବ ଜଇଦମାନଙ୍କଠାରୁ ପ୍ରକୃତରୂପେ କାର୍ଯ୍ୟ ନେଇ ଅନେକ ପ୍ରକାର ଦ୍ରବ୍ୟ ତାହାଙ୍କ ହାତରେ ପ୍ରସ୍ତୁତ କରାଉଅଛନ୍ତି ଓ ପୂର୍ବଠାରୁ ଜେଲଖାନାର କାରବାର ଅନେକ ବଢିଅଛି । ଅନେକ ନୂତନ ପ୍ରକାର ଦ୍ରବ୍ୟ ପ୍ରସ୍ତୁତ ହେଉଅଛି । ଅମ୍ଭେମାନେ ଦେଖିଲୁଁ ଯେ ଲଗା ବୁଣିବାର ତନ୍ତ ଅନେକ ଗୁଡିଏ ବସିଅଛି ଓ ବସ୍ତ୍ରର ଅଗାଉଟୀ ପ୍ରସ୍ତୁତ ହେଉଅଛି । ରୁମାଲ, ତୌଲିଆ, ମେଜରଖିବାର ଦେଶୀ ଓ ଜଳ-ସ୍ଥଳର ଯୋଗ ପ୍ରଭୃତି ନାନାପ୍ରକାର ପ୍ରସ୍ତୁତ ହେଉଅଛି । ଏପରି ସୋରିଷ ଗୁଆ ଓ ଜଡା ଇତ୍ୟାଦିର ନିର୍ମଳା ତେଲ ପ୍ରସ୍ତୁତ ହେଉଅଛି । ଏପରି ନିର୍ମଳା ତେଲ କଟକରେ ଅନ୍ୟ କୁଆଡି ମିଳଇ ନାହିଁ । ଅମ୍ଭେମାନେ ଜେଲଖାନାରେ ବାଣିଜ୍ୟର ଉନ୍ନତି ଦେଖି ବଡ ସନ୍ତୁଷ୍ଟ ହୋଇଅଛୁଁ । ଓ ଏଠା ନିବାସିମାନେ ଯେବେ ଏଠାରୁ ପ୍ରୟୋଜନୀୟ ଦ୍ରବ୍ୟ କିଣନ୍ତି ତେବେ ଉତ୍ସାହ ପାଇ ଆହୁରି ଅଧିକ ଭଲ ଭଲ ଦ୍ରବ୍ୟମାନ ହେବ । ଜେଲଖାନାରେ ଦ୍ରବ୍ୟ ପ୍ରସ୍ତୁତ ହୋଇ ବିକ୍ରିୟ ହେଲେ କେହି କେହି ମନେ କରିପାରନ୍ତି ଯେ ଏଥିରେ ବଜାରର ବ୍ୟବସାୟିଙ୍କର କ୍ଷତି ହୋଇପାରେ ମାତ୍ର ଅମ୍ଭେମାନେ ବୋଧକରୁଁ ଯେ ଉକ୍ତ ଅନୁମାନ ଭ୍ରମାତ୍ମକ ଅଟଇ । ବାସ୍ତବରେ ଜେଲଖାନାରେ ଉତ୍କୃଷ୍ଟ ଦ୍ରବ୍ୟ ଯେତେ ପ୍ରସ୍ତୁତ ହେବ ତେତେ ସାଧାରଣ ଉପକାର ଅଟଇ । କାରଣ ଯେଉଁମାନେ ଦୁର୍ଭାଗ୍ୟବଶତଃ ଅପରାଧ ଛନ୍ତି ହୋଇ ସେଠାରେ ଦଣ୍ଡଭୋଗ କରୁଅଛନ୍ତି ସେମାନେ ଏଠାରେ ଶିଳ୍ପକାର୍ଯ୍ୟର ଭଲ ଶିକ୍ଷା ପାଇ ଯେତେବେଳେ ଦଣ୍ଡରୁ ମୁକ୍ତି ପାଇବେ ସେତେବେଳେ ଆଉ ପେଟ ପାଇବାର ଭାବନା ଏହାଙ୍କର ଥିବ ନାହିଁ ଓ ଭଲଦ୍ରବ୍ୟରେ ଲୋକଙ୍କର ରୁଚି ହୋଇଥିଲେ ଏହିମାନେ ବ୍ୟବସାୟରେ ଅଧିକ କୃତକାର୍ଯ୍ୟ ହୋଇ ଅନ୍ୟ ବ୍ୟବସାୟିଙ୍କର ଶିକ୍ଷକ ସ୍ୱରୂପ ହେବେ ।

ଏଠାରେ ଜେଲରସାହେବଙ୍କୁ ମଧ୍ୟ ଗୋଟିଏ ପରାମର୍ଶ ଦେଉଅଛୁଁ । ଜେଲଖାନାରେ ଯେସବୁ ଦ୍ରବ୍ୟ ହେଉଅଛି ତାହା ଏଠାର ବହୁଲୋକମାନେ ଜାଣି ପାଇବାର ବିଶେଷ ସୁଯୋଗ ନାହିଁ । ଯେବେ ସବୁ ଦ୍ରବ୍ୟର ତାଲିକା ଓ ମୂଲ୍ୟ ସମୟେ ସମୟେ ବିଜ୍ଞାପନଦ୍ୱାରା ପ୍ରକାଶ ହୁଅଇ ତେବେ ସାଧାରଣଙ୍କ ଗୋଚରରେ ଆସିବ ଓ ଯେତେବେଳେ ଯାହା ପ୍ରୟୋଜନ ହେବ ଜେଲଖାନାରୁ କିଣିବାକୁ ମନ ବଳାଇବେ ଓ ସେଠାର ଭଲ ସମସ୍ତଙ୍କ ପ୍ରତି ଏକପ୍ରକାର ଥିବାରୁ ଲୋକର ହାକିମଙ୍କ ପ୍ରତାରଣା କରି ଅଧିକ ମୂଲ୍ୟ ନେବାର ସୁଯୋଗ ରହିବ ନାହିଁ ।

---

ଏକଉଟିଆ ଓ ଅଡବାଣିଜ୍ୟ ।

ଓଡିଶାକୁ ସମ୍ବାଦପତ୍ର ବଳାଇଅଛି ବୋଲି

Split by PDF Splitter



ଆମ୍ଭେମାନେ ଏଥିପୂର୍ବେ ଲେଖିଥିବାର ଗତ ପ୍ରକାଶିତ ଉତ୍କଳପତ୍ରରେ ତହିଁର ଗୋଟିଏ ପ୍ରତିବାଦ ବାହାରଅଛି । ଆମ୍ଭେମାନେ ସରଳଭାବରେ ଆପଣା ମତ ବ୍ୟକ୍ତ କରିଥିଲେହେଁ ସେହି ସମୟରେ ଆଶଙ୍କା କରିଥିଲୁଁ ଯେ ସ୍ୱାର୍ଥପରତା ଦୋଷ ଆମ୍ଭମାନଙ୍କପ୍ରତି ଆରୋପ ହୋଇପାରେ ତଥାଚ ପ୍ରତିଉତ୍ତରଲେଖକ ଯେ ଆମ୍ଭମାନଙ୍କୁ ଆଶ୍ୱାସ ଦେଇଅଛନ୍ତି ତ ଆମ୍ଭମାନଙ୍କ ଗ୍ରାହକ ସଂଖ୍ୟା ଊଣା ପଡ଼ିବ ନାହିଁ ଏଥିରେ ଆମ୍ଭେମାନେ ତାହାଙ୍କଠାରେ କୃତଜ୍ଞ ରହିଲୁଁ ମାତ୍ର ଦୁଃଖରସହିତ କହୁଅଛୁଁ ଯେ ଆମ୍ଭମାନଙ୍କ ମତ ଖଣ୍ଡନ ପକ୍ଷରେ ପ୍ରଚୁର ଯୁକ୍ତି ଦେଖୁ ନାହୁଁ । ଆମ୍ଭେମାନେ ଏକଚଟିଆ ବ୍ୟବସାୟର ପକ୍ଷପାତୀ ନୋହୁଁ ବାସ୍ତବରେ ଏକଚଟିଆ ବ୍ୟବସାୟ ଯେପରି ଅନିଷ୍ଟକର ଅତିବ୍ୟବସାୟ ମଧ୍ୟ ସେହିରୂପ ଅଟଇ ଓ ଓଡ଼ିଶାର ବର୍ତ୍ତମାନ ଅବସ୍ଥା ଦୃଷ୍ଟିରେ ଏଠାର ସମ୍ବାଦପତ୍ରମାନ ପ୍ରଥମ ଲିଖିତ କମ୍ପା ଶେଷ ଲିଖିତ ଦୋଷକୁ ପାଇଅଛି ତାହା ପାଠକମାନେ ସ୍ଥିରଚିତ୍ତରେ ଥରେ ଅନୁମାନ କଲେ ଅବଶ୍ୟ ହୃଦୟଙ୍ଗମ କରି ପାରିବେ । ଏକଚଟିଆ ବ୍ୟବସାୟର ଫଳ ଏହି ଯେ ସାଧାରଣରେ ସେହିପ୍ର ଫଳ ଘଟିବ ସମ୍ଭାବନା ତହିଁର ଅଧିକ ଫଳ ଏକ ବ୍ୟକ୍ତିକୁ ଲାଭ ହୁଅଇ ଓ ଅପର ବ୍ୟକ୍ତିମାନେ ସେହି ଲାଭର ଅଂଶୀ ହେବାକୁ ଇଚ୍ଛା କଲେସୁଦ୍ଧା କୌଣସି ବିଶେଷ ନିୟମ ବା ନିଷେଧ ହେତୁରୁ ତାହା କରିବାକୁ ଅକ୍ଷମ ହୁଅନ୍ତି । ଅତିବ୍ୟବସାୟର ଫଳ ଠିକ ଏଥିର ବିପରୀତ ଅଟଇ । ପ୍ରୟୋଜନ ନ ବୁଝି ଅନେକଲୋକ ଏକାଦ୍ରବ୍ୟର ବାଣିଜ୍ୟରେ ମୂଳଧନ ନିଯୁକ୍ତ କରନ୍ତି ଓ ଲାଭ ପାଇବା ତେଣିକି ଥାଉ କେତେବେଳେ ହାନିରୁଦ୍ଧା କ୍ଷତି ପୂରଣ କରିବାକୁ ହୁଅଇ । ସୁତରାଂ ଫଳ ଏହି ହେଲା ଯେ ବଜାରର ଗତି ପ୍ରତି ଦୃଷ୍ଟିପାତକର କାର୍ଯ୍ୟ କଲେ ଭଲ ହୁଅଇ ଏବଂ ବଜାରର ଅବସ୍ଥାନୁସାରେ କେତେବେଳେ ଏକଚଟିଆ ବ୍ୟବସାୟ ଶୁଭଫଳ ପ୍ରଦାନ କରିପାରେ ମାତ୍ର ଅତିବ୍ୟବସାୟରେ ତାହା କେତେବେଳେ ହେବାର ନୁହଇ । ବିଶେଷରେ ଯେ ପ୍ରଦେଶରେ ଅଳ୍ପ ପରିମାଣରେ ହେଲେହେଁ ନାନାପ୍ରକାର ନୂତନ ବ୍ୟବସାୟର ପ୍ରୟୋଜନ ଅଛି ଯେବେ ସେଠାର ଅଳ୍ପସଂଖ୍ୟକ ସାହସୀ ଓ ଶୁଭାକାଂକ୍ଷୀଲୋକସମସ୍ତେ ଏକ ବ୍ୟବସାୟରେ ଲିପ୍ତ ନ ହୋଇ ଭିନ୍ନ ଭିନ୍ନ ବ୍ୟବସାୟରେ ନିଯୁକ୍ତ ହୁଅନ୍ତି ତେବେ କେତେ ଗୁଡ଼ିଏ ନୂତନବ୍ୟବସାୟଦ୍ୱାର ଉଦ୍‌ଘାଟନ ଏବଂ ତଦ୍ୱାରା ସେମାନଙ୍କର ଉପଯୁକ୍ତ ଲାଭ ଓ ଦେଶର ପ୍ରକୃତ ମଙ୍ଗଳସାଧନ ହୁଅଇ । ସମ୍ବାଦପତ୍ରଦ୍ୱାରା କାହାରିକୁ ଲାଭ କରିବାର ଦେଖିଲେ ଆମ୍ଭେମାନେ ଅବଶ୍ୟ ତହିଁରେ ଆନନ୍ଦିତ ହେବୁଁ ମାତ୍ର ଯେତେବେଳେ ତହିଁର ବିପରୀତଫଳ ଦେଖାଯାଉଅଛି ତେତେବେଳେ ଅନିବାର୍ଯ୍ୟରୂପେ ଆମ୍ଭମାନଙ୍କମନରେ ଏହି ଭାବ ଉଦୟ ହେଉଅଛି ଯେ ଯେତେ ଅର୍ଥ ଶ୍ରମ ଓ ହିତଚେଷ୍ଟା ଏଥିରେ ହାନି ହେଉଅଛି ତାହା ବ୍ୟବସାୟାନ୍ତରରେ ନିଯୁକ୍ତ ହେଲେ ତହିଁରେ ଯେବେ ପ୍ରଥମରେ ଏ ସବୁ କ୍ଷତିକର ହୁଅନ୍ତା ତଥାଚ ଗୋଟିଏ ନୂତନ ବିଷୟ ବାହାରନ୍ତା ଯେ ପରିଣାମରେ ଫଳ ଭଲ ହୋଇ ପାରନ୍ତା ।

---

ଅମ୍ଭମାନଙ୍କର ଯାଜପୁର ସମ୍ବାଦଦାତା ଲେଖିଅଛନ୍ତି ଯେ "ଇତପୂର୍ବେ ଉତ୍କଳଦୀପିକାରେ ଜମିଦାରମାନେ ସ୍ୱୟଂ ମଫସଲର ଅବସ୍ଥା ଦୃଷ୍ଟି ନ କରି ତାଙ୍କ ତହସିଲଦାର ଓ ଗୁମାସ୍ତାଙ୍କଠାରେ ଭାର ଦେଇଥିବାରୁ ସେ ଅମଲାମାନେ ପ୍ରଜାମାନଙ୍କ ପ୍ରତି ଅତିଶୟ ଅତ୍ୟାଚାର କରୁଥିବାର ପ୍ରକାଶ ପାଇଥିଲା ସେ କଥାଟି ସତ୍ୟ ଅଟେ । ପ୍ର । କଳାମାଟିଆ ଜମିଦାର ବାବୁ ଶ୍ୟାମାନନ୍ଦ ଦେ ଇତେ ତାଙ୍କ ଜମିଦାରୀରେ ପ୍ରବେଶ ହୋଇ କିଛିଦିନ ରହିଲେ ପ୍ରଜାମାନଙ୍କ ଦୁଃଖ କିଛି ନ ଶୁଣି ବାଲେଶ୍ୱର ଚାଲିଗଲେ ତାଙ୍କ ତହସିଲଦାରନାମରେ କେତେକ ପ୍ରଜାଜୁଲମ ବିଷୟରେ ଏଠା ଶ୍ରୀଯୁତ ଅଗ୍ନିଷ୍ଟନ ମେଜିଷ୍ଟରସାହେବଙ୍କ ହଜୁରରେ ନାଲିଶ କରିବାକୁ ଉଦ୍ୟତ ଅଛନ୍ତି ଜଣେ ରୟତ ନାଲିଶ କରିଅଛି । କାୟପଡା ଜମିଦାର ଚଣ୍ଡିପ୍ରସାଦଘୋଷଙ୍କ ନାମରେ ଦୁଇଜଣ ରୟତ ଟଙ୍କା ନେଇ ପାଉତି ଦେଇ ନ ଥିବା ବିଷୟରେ ନାଲିଶ କରିଅଛନ୍ତି । ଭଗାଣି ପ୍ରଗନାର ଜମିଦାର ବାବୁ ହରେକୃଷ୍ଣଦାସଙ୍କ ନାଏବ ନାମରେ ଜଣେ ରୟତ ଜୁଲମ କରି ଅନ୍ୟାୟରୂପେ ଟଙ୍କା ନେଇଥିବା ବିଷୟରେ ନାଲିଶ କରିଅଛି ସେ ମକଦ୍ଦମାମାନଙ୍କର ବିଚାର ଶେଷ ହୋଇ ନାହିଁ ସାହେବ ମୋଫସଲରେ ବାବୁ ହରେକୃଷ୍ଣଦାସଙ୍କ ପୁତ୍ର ବାବୁ ଶ୍ୟାମସୁନ୍ଦରଦାସଙ୍କୁ ଦେଖି ତାଙ୍କ କହିବା ବୋଲିବା ରୀତିରେ ଅତିଶୟ ସନ୍ତୁଷ୍ଟ ହୋଇ ତାଙ୍କ ଗୃହଠାକୁ ଯାଇ ଘର ଓ ବଗିଚ୍ଚ ଦେଖିଲେ କହିଲେ ତୁମ୍ଭେ ହୁସିଆର ଅଛ ଆପଣା ଜମିଦାରୀର ଓସୁଲ ତହସିଲକର୍ମ କରି ଓ ଚାକରଙ୍କଠାରେ ଭାର ନ ରଖି ପ୍ରଜାମାନଙ୍କୁ ଉତ୍ତମରୂପେ ପ୍ରତିପାଳନ କର ଓ ମାସ ମଧ୍ୟରେ ଦୁଇଦଫା ଆମ୍ଭ ନିକଟକୁ ଦେଖାଆସିବାକର ଆମ୍ଭଠାରୁ ଉପଦେଶ ପାଇବ ଶ୍ୟାମସୁନ୍ଦର ସେହିରୂପ କରୁଅଛନ୍ତି ଅତଏବ ସାହେବ ତାଙ୍କୁ ସ୍କୁଲ ମେମ୍ବରରେ ମୁକରର କରିଅଛନ୍ତି ଓ ରୋଡସେସ କମିଟିରେ ମୁକରର କରିବାର କହିଅଛନ୍ତି ।

ଶ୍ରୀଯୁକ୍ତ ମହମାବର ବିମସ ସାହେବ କଲେକ୍ଟର ଓ ଶ୍ରୀଯୁକ୍ତ ଗନସାହେବ ଅସିଷ୍ଟାଣ୍ଟ କଲେକ୍ଟର ଏକସଙ୍ଗରେ ସଙ୍ଗ ହୋଇ ଜେନାପୁରଠାରୁ ସୁକିନ୍ଦାଗଡ଼ ପର୍ଯ୍ୟନ୍ତେ ଗସ୍ତ କରିଥିଲେ ଓ ସୁକିନ୍ଦା ରାଜା ନିଜେ କରେସ୍ତିକରି ତାଙ୍କ କଲ୍ ବନ୍ଦୋବସ୍ତ କରିଥିବା ଇତ୍ୟାଦି ଦେଖି ରାଜାଙ୍କପ୍ରତି ସନ୍ତୁଷ୍ଟ ହୋଇ ତାଙ୍କୁ ଅନରେରି ମାଜିଷ୍ଟ୍ରେଟ କରିବାର ଆଜ୍ଞା ଦେଇ ଅଛନ୍ତି ସେଠା ପାଏକଙ୍କ ମଧ୍ୟରୁ ଜଣେ ପୂର୍ବରୁ ବଣମଧ୍ୟରେ ହାତୀମାରିଥିବାର କହି ଦାନ୍ତମାନ ଭେଟି ଦେବାରୁ ତାକୁ ୫ ଟଙ୍କା ଓ ଜଣେ ପାଏକ ଗୋଟିଏ ମୃଗମାରି ଆଣିଦେବାରୁ ତାକୁ ୧୦ ଟଙ୍କା ପାରିତୋଷିକ ଦେଇଅଛନ୍ତି ଓ ମଧୁପୁର, ବଲରାମପୁରର ରାଜାମାନଙ୍କ ମଧ୍ୟରେ ଯେ ସରହଦସୀମାନା ବିଷୟରେ ମାମଲା ଉପସ୍ଥିତ ଥିଲା ତାହା ମୀମାଂସା କରି ସବୁଡିଅଲକୁ ସୀମାନା ଚିହ୍ନତ କରିଦେବା ସକାଶେ ନକ୍ସା ଦେଇ ରଖାଇ ଅସି ଅଛନ୍ତି ଦେଖିବାରେ ଆସିଲା ଶ୍ରୀଯୁତ କଲେକ୍ଟର ସାହେବ ବର୍ତ୍ତମାନ ଭାରି ଦୟାବନ୍ତ ହୋଇ ଅଛନ୍ତି ରସଦ ବିଷୟରେ କିଛିମାତ୍ର ଧୂମଧାମ ନାହିଁ ଯେଉଁଠାରେ କେହି ଜମିଦାର ରସିଦ ନ ଦେଲେ ସେଠାରେ ମଫସଲର ତଲ୍ଲସକର ଖରିଦକରି ଖାଇବାର ଆଦେଶ କରୁଅଛନ୍ତି ଓ ପୂର୍ବେ ଜମିଦାରଙ୍କର କଥା ନ ଶୁଣି ପ୍ରଜାମାନଙ୍କ କହିବା କଥା ଶୁଣୁଥିଲେ ତାହା ରହିତ କରି ରାଜା ଓ ପ୍ରଜାମାନଙ୍କୁ ମେଳ କରିବାରେ ଅଛନ୍ତି ତାଙ୍କ ବିଚାରରେ ଲୋକମାନେ ଆନନ୍ଦିତ ଅଛନ୍ତି ଆମ୍ଭ ଜାଣିବାରେ । କ । ମଧୁପୁର ଓ । କ । ବଲରାମପୁର । କ । ଚଉଷଠୀପଡ଼ା ଓ । କ । ସୁକିନ୍ଦା ମଧ୍ୟରେ ସରକାରୀ ଫାଣ୍ଡି ନ ଥାଇ ପାଞ୍ଚ ସାତ କୋଶ ତଫାତରେ ଧର୍ମଶାଳା ଓ ଖଣ୍ଡିତର ଓ କୋରେଇ ଫାଣ୍ଡି ଅଛି ଉକ୍ତ କିଲ୍ଲାମାନଙ୍କ ମଧ୍ୟରେ କିଛି ମାମଲା ଉଦୟ ହେଲେ ତହିଁର ସମ୍ବାଦ ଉକ୍ତ ଫାଣ୍ଡିମାନଙ୍କୁ ଯାଉଁ୨ ମାମଲା ଗୋଳମାଳ ହୋଇଯାଏ ।"

---

Digitized by srujanika@gmail.com

# ସାପ୍ତାହିକ ସଂବାଦ ।

ଗତକାଲି ରଘୁନାଥପୁରଠାରେ ଶ୍ରୀଯୁକ୍ତ ହମ୍‌ସ ସାହେବ କଲେକ୍ଟରଙ୍କ ଅଭ୍ୟର୍ଥନା ଉପଲକ୍ଷରେ ଉତ୍ସବ ହୋଇଥିବ । ତାହା ଦେଖିବା ସକାଶେ ଏଠାରୁ କେତେକ ଭଦ୍ରଲୋକ ଅମନ୍ତ୍ରିତ ହୋଇ ଯାଇଅଛନ୍ତି । ଏଥିର ସବିଶେଷ ଏ ଉତ୍ତାରୁ ଜଣାଇବୁଁ ।

ଶ୍ରୀଯୁକ୍ତ ମାକଫର୍ସନ ସାହେବ ଜଜ ଅଦ୍ୟକାଲି ଏଠାରେ ପହଞ୍ଚିବେ ବୋଲି ଶୁଣାଯାଏ ।

ଜଣେ ପତ୍ରପ୍ରେରକ ଲେଖିଅଛନ୍ତି ଯେ ନୀଳଗିରି ରାଜାଙ୍କ ମୃତ୍ୟୁର ଦଶରଥ ପଟ୍ଟନାୟକ ଛଅବର୍ଷ ବୟସର ଗୋଟିଏ ପୁତ୍ର ରଖି ବୈକୁଣ୍ଠଗାମୀ ହୋଇ ଅଛନ୍ତି ମୃତ୍ୟୁ ସମୟରେ ଏହାଙ୍କ ବୟସ ବ ୨୮।୩୦ ହୋଇଥିଲା ଏହାଙ୍କର ପୂର୍ବ ଚରିତ୍ରଗୁଣ ଓ ଏବର୍ତ୍ତି ସ୍ୱୟଂ ଅବିଚ୍ଛେଦ ରୂପେ ନୀଳଗିରି ରାଜାଙ୍କ ମନ୍ତ୍ରୀ କର୍ମକରି ଆସୁଥିଲେ ଓ କୌଣସି ଦୁଷ୍ଟଭାବ ତାହାଙ୍କଠାରୁ ପ୍ରକାଶ ହୋଇ ନାହିଁ । ରାଜା ନାବାଲକଙ୍କର ପ୍ରତିପାଳନର ଉପାୟ କରିଦେଲେ ବଡ ଉତ୍ତମ ହେବ । ଅମ୍ଭେମାନେ ବୋଧକରୁଁ ଯେ ରାଜାମାନେ ଗୀନବାନି ଶତ୍ରୁଙ୍କର ଏମନ୍ତ ବିପଦ ସମୟରେ ବହୁତ ଉପକାର କରନ୍ତି ଓ ଏ ସ୍ଥଳରେ ମଧ୍ୟ ତାହାଁର ଅନ୍ୟଥା ହେବାର ଶଙ୍କା ହୋଇ ନ ପାରେ ।

ବାଗ୍‌ପରଗନ୍ନାର ଜଣେ ଜମିଦାର ଏକପ୍ରକାର ଧାନଫସଲ ବଳପୂର୍ବକ କାଟିନେଇଥିବାରୁ ଯାଜପୁର ଅଣ୍ଟମନ୍ଷ୍ଟ ମାଜିଷ୍ଟ୍ରେଟ ତାହା ଉପରେ ୫୦ଟଙ୍କା ଅର୍ଥଦଣ୍ଡ ବିଧାନ କରିଥିଲେ ଜମିଦାର ଟଙ୍କାଦେଇ ନିସ୍ତୃତ ଲଭିଅଛି । ପ୍ରଜାଙ୍କ ଫସଲ ପ୍ରତି ଜମିଦାରଙ୍କ ଲୋଭ କେବେ ଯିବ !

ସର୍ ରିଚର୍ଡ କାଉଚଙ୍କ ସ୍ଥାନରେ ସର୍ ରିଚର୍ଡ ଗାର୍ଥସାହେବ କଲିକତା ହାଇକୋର୍ଟର ପ୍ରଧାନଜଜ ଅର୍ଥାତ୍ ଚିଫ୍ ଜଷ୍ଟିସ ନିଯୁକ୍ତ ହୋଇ ଅଛନ୍ତି ।

ତ୍ରିବାଙ୍କୁରର ମହାରାଜା କଲିକତାକୁ ଆସିଅଛନ୍ତି । କି ପ୍ରୟୋଜନରେ ଅଦ୍ୟାପି ଜଣାପଡ଼ିନାହିଁ ।

ଡେଲିନ୍ୟୁସରୁ ଅବଗତ ହେଲୁଁ ଯେ ସର ସାଲାରଜଙ୍ଗ ବରଦାକମିସନର ଜଣେ ସଭ୍ୟ ହେବାର ସମ୍ବାଦ ଅମୂଳକ ବୋଧ ହେଉଅଛି ।

କାବୁଲର ସମ୍ବାଦରୁ ଜଣାଯାଏ ଯେ ୟାକୁବଖାନଙ୍କର ସୈନ୍ୟ କ୍ରମଶଃ ବୃଦ୍ଧି ହେଉଅଛି । ଓ ୟାକୁବଖାନଙ୍କୁ ମୁକ୍ତ କରିବା ପର୍ଯ୍ୟନ୍ତ ଲଢ଼ାଇ କରିବା ସକାଶେ ୧୦୦୦୦ ପଦାତିକ ଓ ୫୦୦୦ ଅଶ୍ୱାରୋହୀ କୋରାନଧରି ସପଥ କରିଅଛନ୍ତି ।

ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟ ନିଷ୍ପତ୍ତି କରିଅଛନ୍ତି ଯେ ମୋଫସଲରେ ଅବୈତନିକ ମାଜିଷ୍ଟ୍ରେଟମାନ ନିଯୁକ୍ତ କରିବେ ।

ହିନ୍ଦୁପେଟ୍ରିଅଟ ଶୁଣିଅଛନ୍ତି ଯେ ଚୀନଦେଶର ସାମ୍ରାଟ୍ ଗତମାସ ତା ୧୨ ରିଖରେ ବସନ୍ତ-ରୋଗଦ୍ୱାରା କାଲଗ୍ରାସରେ ପତିତ ହୋଇଅଛନ୍ତି ଓ ତାହାଙ୍କର ନାତି ରାଜଗାଦି ପ୍ରାପ୍ତ ହେବେ ।

ପୁରୁଷ ଓ ସ୍ତ୍ରୀଙ୍କର ବୃଦ୍ଧି ବୟସରେ ତଲଲିଖିତ ତାଲିକା ପ୍ରଚୁରିତ ହୋଇଅଛି ଯଥା—ଜନ୍ମସମୟରେ ପୁରୁଷପିଲାର ହାରାହାରିଓଜନ ୭½ ପାଉଣ୍ଡ ଓ ସ୍ତ୍ରୀପିଲାର ଓଜନ ୭¼ ପାଉଣ୍ଡ ବା୧୦ଂର୍ଷ ବୟସ ବେଳେ ପୁରୁଷର ଓଜନ ୧୪୩ ପାଉଣ୍ଡ ଓ ସ୍ତ୍ରୀର ଓଜନ ୧୨୦ ପାଉଣ୍ଡ ପୁରୁଷଙ୍କର ସର୍ବାପେକ୍ଷା ଅଧିକ ଓଜନ ବ ୩୫ ର୍ଷ ବୟସ ସମୟରେ ହୁଅଇ ତାହା ହାରାହାରିରେ ୧୫୨ ପାଉଣ୍ଡ ଓ ସ୍ତ୍ରୀଙ୍କର ବ ୫୦ ର୍ଷ ବୟସଠାରେ ଓଜନ ୧୨୮ ପାଉଣ୍ଡ ? ପାଉଣ୍ଡକ ହାଲେଖ୍ୱର୍ଦ୍ଦୀ ଅଧସେର ହେବ ।

ବ୍ରହ୍ମପ୍ରଦେଶର ପ୍ରଧାନକମିଶ୍ନର ଅନରେବଲ ଇଡନସାହେବ କଲିକତାକୁ ଆସି ଅଛନ୍ତି । ଏଠାରେ ଏକମାସ ରହିବେ ବୋଲି ଶୁଣାଯାଏ ।

## ପ୍ରେରିତପତ୍ର ।

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ ।

ସମ୍ମାନପୁରଃସର ନିବେଦନ ୮ ଏହି ଯେ ଏହି ମାଘମାସ ତ ୫ ମର ବାଲେଶ୍ୱର ସମ୍ବାଦବାହିକାରୁ ଅବଗତ ହେଲୁଁ ଯେ କଟକ-ଜିଲା ଅଠଗଡ଼ସ୍କୁଲର ଛାତ୍ରର ଅଗ୍ରର୍ଯ୍ୟ ଓ ରାଧାବଲ୍ଲଭ ମୃଗାର୍ଯ୍ୟା ନାମରେ ଦୁଇଗୋଟି ଗତ ଛାତ୍ରବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଅଛନ୍ତି, ତନ୍ମଧ୍ୟରୁ ଅନ୍ତମନ୍ତି ଯେ ମୋଗଲବନ୍ଦି ନିବାସୀ ଜଣେ ଦେଶୀୟବଙ୍ଗାଳୀ ଏଥିରେ କିଛି ସନ୍ଦେହ ନାହିଁ । ସେ ତୃତୀୟଶ୍ରେଣୀରେ ପାସ କରିଅଛି ।

କିନ୍ତୁ ଆଦ୍ୟୋକ୍ତ ଛାତ୍ରଟି କଟକଜିଲାରେ ପ୍ରଥମ ଶ୍ରେଣୀରେ ପାସକରି ସମସ୍ତଙ୍କ ଉପରେ ସ୍ଥାନ ପାଇଅଛି । ଏ ଗଡଜାତ ଶିକ୍ଷାର ଫଳ କି ମୋଗଲବନ୍ଦି ଶିକ୍ଷାର ଫଳ କିଛି ସ୍ପଷ୍ଟରୂପେ ଜଣାଯାଉ ନାହିଁ । ଅନେକ ଲୋକ ଉପହାସ କରିଥାନ୍ତି ଯେ ଉତ୍ତମୋତ୍ତମ ସ୍କୁଲରୁ ଛାତ୍ରକୁ ନେଇ ଦୁଇମାସ ମାତ୍ରେ ପଢ଼ାଇ ପାଠକଗୁଡ଼ିକ ସ୍ୱୟଂ ସୁଖ୍ୟାତି ନିଅନ୍ତି । ଏପରିକି ଅଠଗଡ଼ରେ ହୋଇ ନାହିଁ ? ଏ ଛାତ୍ରଟିର ନିବାସ କେଉଁଠାରେ ? ପୂର୍ବେ ଏ କେଉଁଠାରେ ପଢ଼ୁଥିଲା ? ଅଠଗଡ଼ସ୍କୁଲର ଯେପରି ଅବସ୍ଥା ସେଥିରୁ ଏପରି ଫଳ ହେବାର କି ସମ୍ଭାବନା ? ତା୨୩ ମାଘ ସନ୧୨୮୨ସାଲ ।

ଆପଣଙ୍କର ବାଧ୍ୟ
କେହି ଅନୁସନ୍ଧିତ୍ସୁ ।

## ବିଜ୍ଞାପନ ।

ଗତବର୍ଷ ମଧ୍ୟମଶ୍ରେଣୀର ବର୍ଣ୍ଣାକ୍ୟୁଲରସ୍କୁଲମାନଙ୍କର ଉଚ୍ଚବର୍ଷ ଶ୍ରେଣୀରେ ଅମୁଦ୍ରିତ ଉପପାଠନାମକ ପୁସ୍ତକ ପାଠ୍ୟ ହେବା ନିମିତ୍ତ କଟକ ଶିକ୍ଷାକମିଟୀ ନିରୂପଣ କରିଥିଲେ ମାତ୍ର ଉକ୍ତ ପୁସ୍ତକର ମୁଦ୍ରାଙ୍କନ ନୋହି ଥିବାରୁ ବ୍ୟବହାର ହୋଇ ପାରିଲା ନାହିଁ । ଏବର୍ଷ ଉକ୍ତପୁସ୍ତକ ବିକ୍ରୟାର୍ଥ କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ଓ ଶ୍ରୀବାବୁ ତାରିଣୀଚରଣ ମୁଖୋପାଧ୍ୟାୟଙ୍କଠାରେ ଅଥଚ ଅମ୍ଭଠାରେ ଅଛି । ଗ୍ରାହକମାନେ ଅନୁଗ୍ରହପୂର୍ବକ ଲେଖିଲେ ପ୍ରାପ୍ତ ହେବେ । ପ୍ରତିଖଣ୍ଡରୁ ମୂଲ୍ୟ ଟ ୦।୵

ଢେଙ୍କାନାଳ }
୧।୨।୭୫ } ଶ୍ରୀ ଗୋବିନ୍ଦ ଶର୍ମା ।

## NOTICE.

Wanted for the Al aided English School a Head master on Rs. 35 and a Head Pundit on Rs. 15 per month. Applications should be sent to the undersigned before the 8th Proximo.

Bhuggobutty Churn Sein
Offg. Dy. Inspector of Schools,
Cuttack District.

Cuttack
The 9th Feby. 1875.

An Oriya meaning book containing the meanings of the words, idiomatic phrases &c. of P. C. Sarkar's Second book of Reading has been published and is ready for sale at cash price of 4 annas a copy. Apply to

Gopiballabh Roy
Balasore.

Balasore,
The 2nd February, 1875.

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ମୁନସି ପିତାମ୍ବର ପିପିଲି | ଅଗ୍ରିମ | ୫ ୭୫।୭୬ |
| „ ସେଖ ରାମଜାନୁଲ୍ଲା ଧର୍ମଶାଳ | „ | ୫ ୭୬ |
| ବାବୁ ହରେକୃଷ୍ଣ ଦାସ ବାଲେଶ୍ୱର ବଙ୍କାସା | | ୫ ୭ |
| „ ଅଭୟଚନ୍ଦ୍ରକର କଟକ | „ | ୫ ୭ |
| „ ରାଜକୃଷ୍ଣ ଦେ | „ „ | ୫ |
| ଜି, ଏଚ୍ ଅଟେନ୍ସସାହେବ ଦେହାପଡା | „ | ୫ ୭ |

ଏହି ଉତ୍କଳଦୀପିକା ସହର କଟକ ଚାନ୍ଦନୀଚୌକ କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରଚାରିତ ହେଲା ।

Digitized by srujanika@gmail.com

Split by PDF Splitter

EGISTERED NO. 18



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୧୦ | ସଂଖ୍ୟା ୮ | ତା ୨୦ ରିଖ ଫେବୃଏରି ସନ ୧୮୭୫ ମସିହା । ମୁ । ଫାଲ୍ଗୁନ ୯ ଦିନ ସନ ୧୨୮୨ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ୪
ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୫
ମଫସଲ ପାଇଁ ଡାକମାସୁଲ ୧୫

ଗବର୍ଣ୍ଣର ଟେମ୍ପଲ ସାହେବ ଦେଶୀୟ ଭାଷାର ପ୍ରକୃତ ଉତ୍ସାହଦାତା ହେବାର ଦେଖାଯାଏ । ଗତମାସ ପ୍ରଥମସପ୍ତାହରେ ଏକଦିନ ସେ କଲିକତାର ପ୍ରଧାନ୨ ଗ୍ରନ୍ଥକର୍ତ୍ତାଙ୍କୁ ଅପରାହ୍ନ ସମୟରେ ଆପଣା ଘରକୁ ଆମନ୍ତ୍ରଣ କରିଥିଲେ । ଏଥିରେ ପ୍ରାୟ ଜ ୩୦ ଣ ଦେଶୀୟ ଗ୍ରନ୍ଥକର୍ତ୍ତା ଉପସ୍ଥିତ ଥିଲେ ଓ ସାହେବ ମହୋଦୟ ପ୍ରାୟ ଦେଢ଼ଘଣ୍ଟା ପର୍ଯ୍ୟନ୍ତ ଜଣ୨ କରି ତାହାଙ୍କ ସଙ୍ଗେ କଥାବାର୍ତ୍ତା ଓ ମଧୁରାଳାପ କରି ସେମାନଙ୍କୁ ବିଦାୟ ଦେଲେ । ତାହାଙ୍କ ଦୟା ଓ ସଦ୍ଭାବରେ ଗ୍ରନ୍ଥକର୍ତ୍ତାମାନେ ବଡ଼ ଆନନ୍ଦିତ ହୋଇଥିଲେ । ଦେଶୀୟ ଗ୍ରନ୍ଥକର୍ତ୍ତାଙ୍କ ଦୁରବସ୍ଥା କହିଲେ ସରଇ ନାହିଁ । ଗ୍ରନ୍ଥ ରଚନା ବ୍ୟବସାୟରେ ନା ଏହାଙ୍କର ଧନଲାଭ ହୁଅଇ ନା ସମାଜରେ ଆଦର ବଢ଼ଇ । ଯେମନ୍ତ ଅବଧି ଆମ୍ଭମାନଙ୍କ ସମାଜରେ ସ୍କୁଲମାଷ୍ଟରଙ୍କ ଅବସ୍ଥା ରହିଅଛି ତହିଁରୁ ଗ୍ରନ୍ଥକର୍ତ୍ତାଙ୍କ ଅବସ୍ଥା ବରଂ ଊଣା ହେବ ଅଧିକ ନୁହଇ । ଯାହା ହେଉ ଗବର୍ଣ୍ଣମେଣ୍ଟ ଯେ ଏମାନଙ୍କୁ ମର୍ଯ୍ୟାଦା ଦେବାର ଏଣିକି ସୂତ୍ରପାତ କଲେ ଏଥିରେ ପରମୋପକାର ସାଧିତ ହେବ ।

— —

ପୂର୍ବୋକ୍ତ ବରଦା କମିସନର ସଦସ୍ୟମାନଙ୍କର ଯେଉଁ ତାଲିକା ପ୍ରକାଶିତ ହୋଇଥିଲା ତାହା ପୂର୍ଣ୍ଣ ନ ଥିବାରୁ ତହିଁର ନୂଆ ତାଲିକା ନିମ୍ନେ ପ୍ରକାଶିତ ହେଲା । ଏଥର ସ୍ଥିର ହୋଇଅଛି ଯେ ଏ କମିସନରେ ତିନିଜଣ ଇଉରୋପୀୟ ଓ ତିନିଜଣ ଦେଶୀୟ ସଭ୍ୟ ରହିବେ । ତଦନୁସାରେ ସର ରିଚାର୍ଡ କୌଚ, ସର ଆରମିଡ଼ ଏବଂ ମେଲବିଲ ସାହେବ ଏ ତିନିଜଣ ଇଂରାଜ ଏବଂ ମହାରାଜା ସିନ୍ଧିଆ, ଜୟପୁର ମହାରାଜା ଏବଂ ସର ଦିନକର ରାଓ ଏ ତିନିଜଣ ଦେଶୀୟ ନିଯୁକ୍ତ ହୋଇଅଛନ୍ତି । ଏଥର କମିସନ ନିଯୋଗ ପକ୍ଷରେ ଭରସା ହୁଅଇ କେହି ଆପତ୍ତି କରି ପାରିବେ ନାହିଁ ଏବଂ ଗବର୍ଣ୍ଣମେଣ୍ଟ ଇଂରାଜ ଓ ଦେଶୀୟ ସଭ୍ୟଙ୍କ ସଂଖ୍ୟା ସମାନ କରି ଦେବାରେ ବଡ଼ ସୁବିଚାର କରିଅଛନ୍ତି । କମିସନ ବସିବାର ଆୟୋଜନ ସବୁ ଲାଗିଅଛି ମାତ୍ର ତା ୨୩ ରିଖରେ କର୍ମାରମ୍ଭ ହେଲାପରି ଜଣାପଡ଼ୁ ନାହିଁ କାରଣ ବମ୍ବଇର ତାରଡ଼ାକରୁ ଜଣାଯାଏ ଯେ ଗୁଇକୁଆଁର ମହାରାଜଙ୍କ ଉକୀଲ ସରଜାଣ୍ଟ ବାଲଣ୍ଟାଇନ ସାହେବ ଗତମାସ ତା ୧୬ ରିଖରେ ବିଲାତରୁ ଯାତ୍ରା କରିଅଛନ୍ତି ଓ ପନ୍ଦରଦିନର ନ୍ୟୂନରେ ବିଲାତରୁ ଭାରତବର୍ଷକୁ ଧୂଆଁକଲ ଜାହାଜ ଆସିବାର ପ୍ରାୟ ଦେଖାଯାଇ ନାହିଁ ।

— —

ଗତ ଶନିବାରର ପତ୍ରିକାରେ ଇଣ୍ଡିୟାନ ଡେଲିନିଉସ କାବୁଲ ସମ୍ପର୍କରେ କେତେଗୁଡ଼ିଏ ଶୁଭସମ୍ବାଦ ଲେଖିଅଛନ୍ତି ଓ ଯେବେ ତାହା ସତ୍ୟ ହୁଅଇ ତେବେ ଅବଶ୍ୟ ବୋଲିବାକୁ ହେବ ଯେ ସମ୍ପ୍ରତି କାବୁଲର ଗୋଲମାଲ ଏକପ୍ରକାର ସ୍ଥଗିତ ହେଲା । ସମ୍ବାଦଟି ସତ୍ୟ ହେବା ବିଷୟରେ ଏତିକି ସନ୍ଦେହର ସ୍ଥଳ ବୋଧ ହୁଅଇ ଯେ ତାହା ଅମିରଙ୍କର ଜଣେ ବନ୍ଧୁଠାରୁ ପ୍ରାପ୍ତ ହୋଇଅଛି । ଏକସମ୍ବାଦ ଏହି ଯେ କୌଶଳକ୍ରମେ ହିରାତ ନଗରଅଧିକୃତ ହୋଇଅଛି । ଛସପ୍ତାହ ପୂର୍ବେ ଶୁଣାଯାଇଥିଲା ଯେ ଅମିରଙ୍କ ସୈନ୍ୟ ହିରାତକୁ ଉଦ୍ଧାର କରିବାକୁ ଉଦ୍ୟତ ଥିଲେ ଓ ସୈନ୍ୟାଧ୍ୟକ୍ଷମାନେ ସମ୍ପୂର୍ଣ୍ଣରୂପେ ଜୟର ଭରସା କରିଥିଲେ ତେବେ କେବଳ ଏତିକି ଆପତ୍ତି ଦେଖାଯାଉଥିଲା ଯେ ଯାଉବଖାନ ବିରୁଦ୍ଧରେ ସାମାନ୍ୟକର୍ମ ଲାଗି ବହୁତ ସୈନ୍ୟ ପ୍ରେରିତ ହୋଇଥିଲେ । ଆଫଗାନ ସ୍ଥାନରେ ଆପଣାମଧ୍ୟରେ ବହୁତଦିନ ଯୁଦ୍ଧ ଲାଗି ରହିବା ଓ ହିରାତର ଲୋକମାନେ ବିଦ୍ରୋହାଚରଣ କରିବାରୁ ଅମିରଙ୍କ ମୁଣ୍ଡ ଟଳଲୁ ହୋଇ ଯାଇଥିଲା । ଆପଣା ରାଜ୍ୟରେ କିମ୍ବା ପ୍ରତିବାସି ପ୍ରସିୟା ପ୍ରଭୃତି ରାଜାଙ୍କ ନିକଟରେ ତାହାଙ୍କ ଟେକ ରହିବା କଠିନ ଥିଲା । ଅତଏବ ହିରାତକୁ ଶୀଘ୍ର ଅଧିକାର କରି ବିଦ୍ରୋହିଙ୍କୁ ଶାସିତ କରିବା ଯେ ଅମିରଙ୍କର ଅତ୍ୟନ୍ତ କର୍ତ୍ତବ୍ୟ ଥିଲା ସେ ବିଷୟରେ କିଛି ସନ୍ଦେହ ନାହିଁ ଓ ବଡ଼ ସୁଖର ବିଷୟ ଯେ ଅମିର ଆଶାତୀତ ଅଳ୍ପକାଳରେ ହିରାତକୁ ଆୟତ୍ତ କରିଅଛନ୍ତି । ଏଥର ଅମିର ନିଶ୍ଚିନ୍ତ ହୋଇ ଆପଣା ପରାକ୍ରମ ବଢ଼ାଇବାର ଉଦ୍ୟମରେ ଅଛନ୍ତି । ବ୍ରିଚଲୋଡିଂ ନାମକ ତୋପ ଗୁଡ଼ାଗୋଟା ଆପଣା ରାଜ୍ୟରେ ପ୍ରସ୍ତୁତ କରାଉଅଛନ୍ତି ଶୀଘ୍ର ତାହା ପ୍ରସ୍ତୁତ ହେଲେ ଜେନରଲ

Digitized by srujanika@gmail.com

ପୋଲ୍‌କ ସାହେବଙ୍କ ପସନ୍ଦ ନିମିତ୍ତ ପେସାବରକୁ ପଠାଇବେ ।

———

ଗତ ବୁଧବାର ଏ ନଗରର ଗୋଟିଏ ବାର୍ଷିକ ପର୍ବ ମୋହରମ ଉତ୍ସବରୂପେ ଶେଷ ହେଲା । ପର୍ବଟି ମୁସଲମାନଙ୍କର ସତ୍ୟ ମାତ୍ର କାର୍ଯ୍ୟତଃ ଏହାକୁ ସାଧାରଣ ପର୍ବ ବୋଲିବାକୁ ହେବ କାରଣ ହିନ୍ଦୁ ମୁସଲମାନ ସମସ୍ତେ ଏଥିରେ ଯୋଗ ଦିଅନ୍ତି । ଅନ୍ୟାନ୍ୟ ବର୍ଷ ପରି ଏବର୍ଷସୁଦ୍ଧା ଅଖଡ଼ାସବୁ ବାହାରି ଥିଲେ ଓ କେତେ ଗୁଡ଼ିଏ ତାଜିଆ ନିର୍ମିତ ହୋଇଥିଲା । ମାତ୍ର ଏ ବର୍ଷର ସମାରୋହ ସବୁପ୍ରକାରରେ ଅନ୍ୟାନ୍ୟ ବର୍ଷଠାରୁ ଊଣା ହୋଇଥିଲା । ଏକା ପଲଟନର ତାଜିଆ ନିର୍ମିତ ନ ହେବାରୁ ଅଧେ ଧୂମଧାମ ସେହିବାଟେ ଅଦୃଶ୍ୟ ହୋଇଗଲା ଓ ନଗରବାସିମାନେ କ୍ରମଶଃ ଏସବୁ ପର୍ବ ରକ୍ଷାକୁ ଏକପ୍ରକାର ଦାୟ ପରିଶୋଧ ପରି ଦେଖିଲେଣି । ଆପଣା ଉଦର ପୋଷଣ କରିବା କଠିନ ଦେଖି ଲୋକେ ଅଖଡ଼ା ଖେଳରେ ଆଗପରି ମାତି ପାରୁ ନାହାନ୍ତି ଓ ନାନା ପ୍ରକାରେ ଅର୍ଥର ଟଣାଟଣି ପଡ଼ିବା ଓ ମୂଲ ମଜୁରି ଅଧିକ ହେବାରୁ କେତେ ବ୍ୟୟ କରି ତାଜିଆ ମଧ୍ୟ ସଜାଇ ପାରୁ ନାହାନ୍ତି ସୁତରାଂ ଏସବୁ ହ୍ରାସ ପାଇ ଆସୁଅଛି । ଯେଉଁମାନେ ତାଜିଆ ନିର୍ମାଣରେ ଅର୍ଥ ସାହାଯ୍ୟ କରୁଥିଲେ ସେମାନଙ୍କ ସଙ୍ଖ୍ୟା ମଧ୍ୟ ବର୍ଷକୁବର୍ଷ ଊଣା ପଡ଼ି ଆସୁଅଛି । ତାଜିଆ ଯଦ୍ୟପି ମୁସଲମାନଙ୍କ ପର୍ବ ହେଲେହେଁ ହିନ୍ଦୁମାନଙ୍କର ଏଥିରେ ଅର୍ଥ ସାହାଯ୍ୟ ଅନେକ ହୁଅଇ । ବିଶେଷରେ ଭୋଳପୁରୀ ମହାଜନମାନେ ଆଗେ ଅନେକ ସାହାଯ୍ୟ କରୁଥିଲେ ଏତେବେଳେ ଏ ନଗରର ଭୋଜପୁରୀଆ ମହାଜନମାନେ ସାମାନ୍ୟ ଅବସ୍ଥାକୁ ଲଭିଲେଣି ଫଳତଃ ଏଣିକି ଦୁସ୍ତର କାଳ ଆସି ପଡ଼ିଲା ଓ କି ହିନ୍ଦୁ କି ମୁସଲମାନ କେହି ପୂର୍ବପରି ସମାରୋହ ସହିତ ପର୍ବ ରକ୍ଷା କରିବାକୁ ସମର୍ଥ ହେଉ ନାହାନ୍ତି । ପଣକ ଯାହାରେ କାହାରେ କିଦ୍ୟମ୍ ହେଉଅଛି ଅଥଚ ସେପରିମାଣରେ ଯଶ ମିଳୁ ନାହିଁ । କି କେଉଁ ବର୍ତ୍ତମାନ ସମୟରେ ଏରୂପ ଫଳ ଘଟୁଅଛି ଆମ୍ଭେମାନେ ସହସା ତାହା ଉକ୍ତି ସ୍ଥିର କରି ପାରୁ ନାହୁଁ । ଦେଶର ମଙ୍ଗଳାକାଂକ୍ଷୀମାନେ ଏଥିର ଅନୁସନ୍ଧାନ କଲେ ଅବଶ୍ୟ ତାହା ବାହାର ପାରେ ଓ କହିଁ କ ଗୁହିଁ ଏଣିକି ନୂତନ ରୀତି ଅବଲମ୍ବନ ନ କଲେ କିଛି ଭଲ ଦିଶୁ ନାହିଁ ।

ଯାହା ହେଉ ଏ ବର୍ଷର ମହରମ ପର୍ବ କେବଳ ପଲଟନରେ ତାଜିଆ ନ ହେବାରୁ ଅତି ସାମାନ୍ୟରୂପେ ନିର୍ବାହିତ ହୋଇଅଛି । ସହରର ତାଜିଆସବୁ ଶ୍ରେଷ୍ଠ ହେଲେହେଁ କେତେ ଗୁଡ଼ିକରେ ଶିଳ୍ପ ନୈପୁଣ୍ୟତାର ନିତାନ୍ତ ଅଭାବ ନ ଥିଲା । ଗୋଟିଏ ତାଜିଆ ଦକ୍ଷିଣୀ ପଲଟନୀୟାଙ୍କ ଓ ଅଉ ଗୋଟିଏ ପଞ୍ଜିମା ପଲଟନୀୟାଙ୍କ ତାଜିଆର ଆଦର୍ଶରେ ହୋଇଥିଲା ଓ ନିମଚୌଡ଼ୀ ଓଡ଼ିଆବଜାର ଓ ଲାଲବାଗ ତାଜିଆମାନ ଯଥାକ୍ରମେ ସୁଦୃଶ୍ୟ ହୋଇଥିଲା ଅପରସବୁ ସାଧାରଣ ପ୍ରକାରର ଥିଲା । ଅଖଡ଼ା ବାଲାଙ୍କର ଖେଳ ଏବର୍ଷ ଅନେକ ଊଣା କରିବାଦେଲ ଅପରାହ୍ନ ଘ ୫ ଘଣ୍ଟାଠାରୁ ରାତ୍ରି ଘ ୮ ଘଣ୍ଟା ପର୍ଯ୍ୟନ୍ତ ତିନିଘଣ୍ଟା ମଧ୍ୟରେ ଅଖଡ଼ାବାଲାମାନେ ଘରୁ ବାହାରି କାଠଯୋଡ଼ିକୂଳରୁ ଫେରି ଆସିଲେ । ପୂର୍ବବର୍ଷମାନଙ୍କରେ ଏଥିରେ ଘ ୩୬ ଘଣ୍ଟା ଲାଗୁଥିଲା ।

ଏବର୍ଷ ମୋହରମ ପର୍ବରେ କୌଣସି ଦୁର୍ଘଟନା ହୋଇ ନାହିଁ ଓ ଯଦ୍ୟପି କ ଲାଲବାଗ ହତାରେ ଏକବ୍ୟକ୍ତି ଆଘାତ ପାଇ କିଛିକାଳ ପଡ଼ି ରହିବାର ଶୁଣା ଯାଏ ମାତ୍ର ସେ ଏମନ୍ତ କିଛି ଗୁରୁତର ଆଘାତ ପାଇ ନାହିଁ । ଆପଣା ମଧ୍ୟରେ ଲୁଣ୍ଠି ଖେଳି ସେପରି ହୋଇଥିଲା ଓ ବୋଧ ହୁଅଇ ମାଦକଦ୍ରବ୍ୟ ଏ ପକ୍ଷରେ କିଛି ସାହାଯ୍ୟ କରିଥିଲେ କେହି କଟାଳ ମଣିବେ ନାହିଁ । ଫଳତଃ ଏପ୍ରକାର ସାମାନ୍ୟ ଘଟନାମାନ ଧର୍ତ୍ତବ୍ୟ ନୁହଇ ଓ ଆମ୍ଭେମାନଙ୍କ ବିବେଚନାରେ ପୁଲିସ ସାବଧାନ ପୂର୍ବକ ଆପଣା କାର୍ଯ୍ୟରେ ନିଯୁକ୍ତ ଥାଇ ଶାନ୍ତିରକ୍ଷା କରିଅଛନ୍ତି ।

———

ଶ୍ରୀଯୁକ୍ତ ବିମ୍‌ସସାହେବ କଲେକ୍ଟରଙ୍କ ଅଭ୍ୟର୍ଥନା ।

ବିଗତ ଶୁକ୍ର ଓ ଶନିବାର ରଘୁନାଥପୁର ମୁକାମରେ ଶ୍ରୀଯୁକ୍ତ ବିମସ୍‌ସାହେବ ମହୋଦୟଙ୍କ ସମ୍ମାନାର୍ଥ ଅତିଶୟ ସମାରୋହହୋଇ ଯାଇଅଛି ।

ଜଗନ୍ନାଥପୁରହାଟଠାରୁ ଙ୍ଗୁଡ଼ିରିଯାଏ ରିଗାସ ପାନୁଷ ମୂଲକମଲ ପ୍ରଭୃତିର ଶ୍ରେଣୀ ଓ ସେଠାରୁ ଥାଇକାନଦୀଧାରିଯାଏ ବାଟର ଦୁଇ ପାଖରେ କେଳିର ଶ୍ରେଣୀ ହୋଇଥିଲା । ରଘୁନାଥପୁର ଭିତରକୁ ସ୍ଥାନେ୨ ମନୋହର ଶୋଭିତ ଫାଟକମାନ ଶୋଭା ହୋଇ ରିଗାସ ପାନୁଷ ପ୍ରଭୃତିର ଶ୍ରେଣୀ ଲାଗିଥିଲା । ମାର୍ଗସବୁ ପରିଷ୍କାର ହୋଇ ଦୁଇପାର୍ଶ୍ୱରେ ଆମ୍ର ଓ ଦେବଦାରୁ ପତ୍ରର ତୋରଣରେ ମଣ୍ଡିତ ହୋଇଥିଲା । ମଧ୍ୟରେ୨ ରଙ୍ଗ ପତାକାମାନ ଉଡ୍ଡୀୟମାନ ହୋଇ ପରମ ରମଣୀୟତା ସମ୍ପାଦନ କରୁଥିଲା । ଗ୍ରାମବାସିମାନେ ପ୍ରଫୁଲ୍ଲମନରେ ଆପଣା୨ ଦ୍ୱାରଦେଶରେ ରମ୍ଭାତରୁ ଓ ପୂର୍ଣ୍ଣକୁମ୍ଭମାନ ସୁମଙ୍ଗଳର ଲକ୍ଷଣ ସ୍ୱରୂପ ସ୍ଥାପନକରି ଦୀପାବଳୀ ଜାଳୁଥିଲେ । କେତେକ ସ୍ଥାନରେ ନହବତ୍ ବସିଥିଲା ।

ସାହେବ ମହୋଦୟଙ୍କୁ ବାଟରୁ ପାଛୋଟି ନେବାପାଇଁ ଶ୍ରୀଯୁକ୍ତ ବାବୁ ଗୋପାଳପ୍ରସାଦ ମିଶ୍ର ଭୂଲସାହି କୋଠିଠାରେ ଅପେକ୍ଷା କରି ରହିଥିଲେ । ଶୁକ୍ରବାର ରାତ୍ରି ପ୍ରାୟ ଘ ୮ ଘଣ୍ଟା ସମୟରେ ସାହେବ ମହୋଦୟ ଏକାକୀ ଅଶ୍ୱାରୋହଣପୂର୍ବକ ଉକ୍ତ କୋଠିଠାରେ ଉପସ୍ଥିତ ହେଲେ ଘୋଡ଼ା ଚମକିବା ଭୟରେ ସେଠାରେ କିଛି ବାଣବାଜି ପୋଡ଼ାଯାଇ ନ ପାରିଲା । ନହବତ୍ ବାଜିବାର ମଧ୍ୟ ସ୍ଥଗିତ ରହିଲା । ସେଠାରୁ ଗୋପାଳବାବୁଙ୍କ ସଙ୍ଗେ୨ ପ୍ରଶଂସିତ ସାହେବ ଆସି ଜଗନ୍ନାଥପୁର ହାଟଠାରେ ଉପସ୍ଥିତ ହେଲେ । ଟିକର ଓ ଭଲୁ ଗ୍ରାମର କେତେକ ଭଦ୍ରଲୋକ ଅଗ୍ରତଃ ସେଠାରେ ସମବେତ ହୋଇଥିଲେ ସାହେବ ମହୋଦୟଙ୍କ ସାକ୍ଷାତ୍‌କାରେ ପରମ ସମାଦର ସହିତ ତାହାଙ୍କ ସଙ୍ଗେ ସଙ୍ଗେ ଶ୍ରେଣୀ ଦେଖାଇ୨ ଆସିଲେ ।

ରଘୁନାଥ ମିଶ୍ରଙ୍କ ଉଦ୍ୟାନରେ ନିବାସ ଉପ୍ଯୁକ୍ତ ହୋଇଥିଲା । ଘ ୯ ଘଣ୍ଟା ସମୟରେ ସେଠାରେ ପହଞ୍ଚି କିଞ୍ଚିତ୍ ବିଶ୍ରାମ ଉପରେ ଆଗନ୍ତୁକ ସାହେବ ଭଦ୍ରଲୋକମାନଙ୍କୁ ମେଲାଣିଦେଇ ଆହାର କାର୍ଯ୍ୟ ସମାପନ କଲେ । ପୁନଶ୍ଚ ରାତ୍ରି ଘ ୧୧ ଘଣ୍ଟା ସମୟରେ ସେମାନଙ୍କୁ ଡକାଇ ନାନାପ୍ରକାର ଆଳାପ କରି ବିଦାୟ ଦେଲେ ।

ଶନିବାର ସକାଳ ସାତଘଣ୍ଟାଠାରୁ ଘ ୯ ଘଣ୍ଟା ଯାଏ ବନ ଭଦାରଖ କଲେ । ଘ ୧୧ ଘଣ୍ଟା ସମୟରେ ଆପଣା ତମ୍ବୁରେ କଚେରୀ କଲେ । ଘ ୧୨ ଘଣ୍ଟା ଉତ୍ତାରେ ଗ୍ରାମବାସୀ ଭଦ୍ରଲୋକେ ସାକ୍ଷାତ୍ କରି ଗୋଟିଏ ନୂତନପଥ ନିର୍ମାଣର ପ୍ରାର୍ଥନା କଲେ ତାହା ମଞ୍ଜୁର ହେଲା ଦିବା ଘ ୪ ଘଣ୍ଟା ସମୟରେ ଡାକ୍ତରଖାନା ପୋଷ୍ଟଅଫିସ ଓ ସ୍କୁଲ ଦେଖିଲେ ।

ରାତ୍ରିକାଳ ବାଣବାଜି ଘୋଡ଼ା ଅସୁବିଧାଜନକ ହୋଇ ପାରୁ ନାହିଁ ଅତଏବ ମହୋଦୟଙ୍କୁ ଅତି ସନ୍ତୋଷ କିମ୍ବା ଜାନଯାନରେ ଅନୁ-

Split by PDF Splitter

Digitized by srujanika@gmail.com

Split by PDF Splitter



ବୃଦ୍ଧି ସହିତ ଥରେ ଆଗମନ କରିବାକୁ ହେବ ଗ୍ରାମବାସୀ ଭଦ୍ରଲୋକମାନେ ଏରୂପ ପ୍ରାର୍ଥନା କରିବାରେ ସାହେବ ଯାନାରୋହଣ ନ କରି ସନ୍ଧ୍ୟା ଘ ୭ ଘଣ୍ଟା ସମୟେ ପଦବ୍ରଜରେ କୌତୁକ ସନ୍ଦର୍ଶନରେ ବାହାରିଲେ ଅନେକ ବାଣବାଜି ପୋଡ଼ାଗଲା ଓ ପୁନଶ୍ଚ ରୋଷନୀ ହେଲା। ସ୍ଥାନେ୨ ଗୋଟିଏ ନାଚ ଆରମ୍ଭ ହୋଇଥିଲା ସାହେବ ତାହା ଦେଖି ପ୍ରତ୍ୟାଗମନ କଲେ। କୋଠିଠାରେ ଭଦ୍ରମଣ୍ଡଳୀ ପରିବୃତ ହୋଇ ନାନାବିଧ ବାକ୍ୟାଳାପରେ ପରମ ପରିତୋଷ ଲଭିବାର ବ୍ୟକ୍ତ କଲେ। ଗୃଷ୍ଠୀ ମଧ୍ୟ ଛାଡ଼ି ଲଣ୍ଠନରେ ସୁସଜ୍ଜିତ ହୋଇଥିଲା। ରବିବାର କଶ୍ମାନବୀର ଭାବୀ ବିଦାୟସୂଚକ ତୋପ ଯାହା ପ୍ରସ୍ତୁତ ରହିଥିଲା ତେତେବେଳେ ତାହା ଛଡ଼ାଗଲା।

ରବିବାର ଦିର୍ଲୌ ସଡ଼କ ଉଦାରଖ କରି ସାୟାହ୍ନ ସମୟରେ ସମସ୍ତଙ୍କୁ ମେଲାଣିଦେଇ ରଘୁନାଥପୁର ଗଡ଼ ବିସନନଗଗ୍ରନ୍ଥିମୁଖରେ ଯାଇଥିଲେ ଶନିବାର ପ୍ରାୟ ଡଲହଜାର ଦେଖଣାହାରି ଜମା ହୋଇଥିଲେ। ଶୁକ୍ରବାର ସାହେବଙ୍କ ଆଗମନର ବହୁକାଳ ପରେ ତାଙ୍କର ଆମଲାମାନେ ଆସି ପହୁଞ୍ଚିଥିଲେ।

ଆମ୍ଭେମାନେ ସଂକ୍ଷେପରୂପେ ଉପରଲିଖିତ ବ୍ୟାପାରମାନ ବ୍ୟକ୍ତକଲୁଁ କିନ୍ତୁ ଏ ସବୁ କାର୍ଯ୍ୟ ପ୍ରଶଂସନୀୟରୂପେ ନିର୍ବାହିତ ହୋଇଥିବାର ସମସ୍ତେ କହୁଅଛନ୍ତି। ଯେ ସବୁ ଆୟୋଜନ ହୋଇଥିଲା ତହିଁର ଅବଶ୍ୟ ସ୍ୱୀକାର କରିବାକୁ ହେବ ଯେ ଲେଫ୍ଟନଣ୍ଟଙ୍କ ଶୁଭାଗମନ ଉପଲକ୍ଷରେ ଏଠାରେ ହୋଇଥିବା ଆୟୋଜନସବୁ ବାବୁ ଗୋପାଳପ୍ରସାଦ ମିଶ୍ର ଉତ୍ତମରୂପେ ଶିଖିଅଛନ୍ତି ଓ କେତେଗୁଡିଏ କାର୍ଯ୍ୟ ଅଧିକା ମଧ୍ୟ କରିଥିବାରେ ସ୍ୱକୀୟ ଭାବନା ଶକ୍ତିର ଯଥୋଚିତ ପରିଚୟ ଦେଇଅଛନ୍ତି। ଗୋପାଳବାବୁ ଲୋକଙ୍କୁ ଖାତିର କରିବାକୁ ବିଲକ୍ଷଣରୂପେ ପଟୁ ଓ ତାହାଙ୍କ ବନ୍ଦୋବସ୍ତରେ ସାହେବଠାରୁ ଅମଲା ପର୍ଯ୍ୟନ୍ତ ଏବଂ କଟକରୁ ଯାଇଥିବା ଭଦ୍ରଲୋକମାନେ କୌଣସି କ୍ଳେଶ ନ ପାଇ ପରମ ସୁଖଲାଭ କରିଅଛନ୍ତି।

ଜିଲ୍ଲାର କଲେକ୍ଟରସାହେବଙ୍କୁ ଏରୂପ ସମ୍ମାନ କରିବା ବଙ୍ଗଳା ହତା ମଧ୍ୟରେ ପୂର୍ବେ କେବେ ହୋଇ ନ ଥିଲା ଓ ବାଲେଶ୍ୱରର ଲୋକମାନେ ଶ୍ରୀଯୁକ୍ତ ବିମସ୍ସାହେବଙ୍କୁ ଏତେ ଆଦର କରିଥିବା ପ୍ରତ୍ୟକ୍ଷେ ଏପରି କୌଣସି ସମାରୋହ ତାହାଙ୍କ ପାଇଁ କରି ନ ଥିଲେ। ବଙ୍ଗଳା ମଧ୍ୟରେ କଟକଜିଲ୍ଲା ଓ କଟକଜିଲ୍ଲାରେ ବାବୁ ଗୋପାଳପ୍ରସାଦମିଶ୍ର ଏ ବିଷୟରେ ଅଗ୍ରଗଣ୍ୟ ହୋଇ ରହିଲେ।

ଏ ସମାରୋହର ବ୍ୟୟ କେଉଁଠାରୁ ଆସିଲା ଆମ୍ଭେମାନେ ନିଶ୍ଚୟ କହି ନ ପାରୁଁ। ଶୁଣାଯାଏ ଯେ ରଘୁନାଥପୁର ପ୍ରଭୃତି ଗ୍ରାମବାସିମାନେ ଦେଢ଼ାକର କିଛି ଟଙ୍କା ଦେଇଅଛନ୍ତି ଓ ଗୋପାଳବାବୁ କିଛି ଅଧିକାବ୍ୟୟ ହାତରୁ ମଧ୍ୟ କରିଅଛନ୍ତି। ଏରୂପ କରିବାର କାରଣ ଏହି ଯେ ଗ୍ରାମଭିତରେ ସରକାରୀ ବନ୍ଧ ଲଗାଇ ବାରିକମାସ୍ତ୍ରୀ ମହକୁମା ଗ୍ରାମବାସିଙ୍କର କଷ୍ଟ ଅନିଷ୍ଟ କରିଥିଲେ ଶ୍ରୀଯୁକ୍ତ ବିମ୍ସାହେବ ଗ୍ରାମବାସିଙ୍କ ପକ୍ଷ ସମର୍ଥନ କରି ଏ ଦାୟରୁ ତାହାଙ୍କୁ ମୁକ୍ତ କଲେ। ସୁତରାଂ ସ୍ୱଗ୍ରାମପ୍ରତି ଅନୁରାଗ ଏ ସମାରୋହର ମୂଳ ଅଟଇ।

---

# ସାପ୍ତାହିକ ସଂବାଦ।

ଗତସପ୍ତାହରେ ବଡ଼ମ୍ବା ରାଜା ଏ ନଗରକୁ କୌଣସି କାର୍ଯ୍ୟୋପଲକ୍ଷରେ ଆସି ବାଲୁବଜାରରେ ବସା କରିଥିଲେ ତାହାଙ୍କ ସଙ୍ଗରେ ଥିବା ଜଣେ ଲୋକ ଜଣେ ପ୍ରତିବାସୀ ସହିତ କଳିଆ ଓ ମାରପିଟ କରିବାରୁ ପୁଲିସ ତାହାକୁ ଧରି ଚଲାଣ କଲା ଓ ସେ ପାଗଲ ଥିବାର ପ୍ରକାଶ ହେବାରୁ ପାଗଲଖାନାକୁ ପଠାଯାଇଅଛି। ରାଜା ବସାକୁ ଆସି ଏ ସମସ୍ତ ବ୍ୟାପାର ଦେଖି ବୋଧ ହୁଅଇ କୌଣସି ଅନିଷ୍ଟ ଆଶଙ୍କା କରି ତତ୍କ୍ଷଣାତ୍ ଆପଣା ଗଡ଼କୁ ପ୍ରସ୍ଥାନ କଲେ। ଗଡ଼ଜାତ ଲୋକଙ୍କର ସାହସ କେବେ ହେବ?

ଆମ୍ଭେମାନେ ଅତ୍ୟନ୍ତ ଦୁଃଖରସହିତ ଅବଗତ ହେଲୁଁ ଯେ ଭଦ୍ରଖର ସବ୍‌ଡେପୁଟୀ କଲେକ୍ଟର ଭୂୟାଁ ଅବ୍‌ଦୁଲରହମାନଖାଁ ଦୀର୍ଘକାଳ ପୀଡ଼ା ଭୋଗକରି ଗତ ମଙ୍ଗଳବାର ମାନବଲୀଳା ସମ୍ବରଣ କଲେ। ଭୂୟାଁ ଅତି ଶାନ୍ତପ୍ରକୃତିର ଭଦ୍ରଲୋକ ଥିଲେ ଓ ଏହାଙ୍କ ମୃତ୍ୟୁରେ ଓଡ଼ିଶା ଜଣେ ସ୍ୱଦେଶୀୟ ଉତ୍ତମ କର୍ମଚାରୀର ଆଶାରୁ ବଞ୍ଚିତ ହେଲା।

ଗତ ସୋମବାର ଶ୍ରୀଯୁକ୍ତ ମାକ୍‌ଫର୍ଶନ ସାହେବ ଏ ନଗରରେ ଆସି ପହୁଞ୍ଚି ଅଛନ୍ତି ମାତ୍ର ମାର୍ଚ୍ଚମାସ ତା ୧ ରଖ ପର୍ଯ୍ୟନ୍ତ କର୍ମର ଭାର ନେବାର ସମ୍ଭାବନା ନାହିଁ।

ଶ୍ରୀଯୁକ୍ତ ଟାଇନବୀ ସାହେବ ଛୁଟୀ ନେଇ ବିଲାତକୁ ଯାଉଥିବାରୁ ଏ ନଗରକୁ ଆସିଅଛନ୍ତି କଥିତ ହୁଅଇ ଯେ ନାଲସମ୍ପର୍କୀୟ କୌଣସି କାର୍ଯ୍ୟ ସକାଶେ ତାହାଙ୍କର ଆଗମନ ହୋଇଅଛି।

ବଙ୍ଗଳାର ଜଣେ ସାବକ ପ୍ରଧାନ ସଦରଅମିନ ଓ ବର୍ଦ୍ଧମାନର ମହାରାଜାଙ୍କର ସଭାର ଆଇନସଂକ୍ରାନ୍ତ ସଭ୍ୟ ବାବୁ ତାରକନାଥ ସେନଙ୍କ ମୃତ୍ୟୁରେ ହିନ୍ଦୁପେଟ୍ରିଅଟ ଶୋକ ପ୍ରକାଶ କରି ତାହାଙ୍କର ଅନେକ ସୁଖ୍ୟାତି ଗାନ କରିଅଛନ୍ତି। ଏଠାର ଅନେକଲୋକ ତାରକନାଥ ବାବୁଙ୍କୁ ଦେଖିଅଛନ୍ତି ଓ ତାହାଙ୍କର ସଦ୍‌ଗୁଣାବଳୀର ପ୍ରଶଂସା ତାହାଙ୍କଠାରୁ ଶୁଣାଯାଏ।

ବିଲାତର ପାର୍ଲିମେଣ୍ଟର ଜଣେ ମେମ୍ବର ଗ୍ରାଣ୍ଟଡଫ ସାହେବ ଭାରତବର୍ଷର କେତେକସ୍ଥାନ ଭ୍ରମଣ କରିଆସି କଲିକତାରେ ଅବସ୍ଥିତ କରିଅଛନ୍ତି। ନୂନାଧିକ ଏକମାସ ଏଠାରେ ରହିବେ।

ବମ୍ବେଇ ବ୍ୟବସ୍ଥାପକ ସଭାର ଜଣେ ଦେଶୀୟ ସଭ୍ୟ ସର ମଙ୍ଗଳଦାସନାଥ ଭାୟାଙ୍କୁ ଶ୍ରୀମତମହାରାଣୀ ଗ୍ରେଟବ୍ରିଟେନ ଓ ଆଇର୍ଲଣ୍ଡର ଜଣେ ନାଇଟର ମର୍ଯ୍ୟାଦା ଦେଇଅଛନ୍ତି।

ସରଜଙ୍ଗ ବାହାଦୁରଙ୍କ ପ୍ରତି ଯେଉଁ ଦୁର୍ଘଟଣା ହୋଇଥିଲା ତହିଁରୁ ସେ ଅନେକ ଆରୋଗ୍ୟଲାଭ କରିଥିଲେ ମଧ୍ୟ ସମ୍ପ୍ରତି ବିଲାତକୁ ଯିବେ କି ନାହିଁ ସ୍ଥିର କରି ନାହାନ୍ତି।

ବଙ୍ଗଳାର ରେଜଷ୍ଟ୍ରାର ଜେନରଲଙ୍କ ପ୍ରକାଶିତ ବିଜ୍ଞାପନୀରୁ ପ୍ରକାଶ ଯେ ଗତବର୍ଷ ୩୧ ଟା ନୂଆକମ୍ପାନି ରେଜଷ୍ଟରି ହୋଇଥିଲା ଏମାନଙ୍କର ମୂଳଧନ ଟ ୧,୯୨,୭୦,୦୦୦ଙ୍କା ଓ ଆଉ ୯ ଟା କମ୍ପାନିଆପଣା ମୂଳଧନ ଟ୧୮,୦୮୦୦୦ଙ୍କା ବୃଦ୍ଧି କରିଅଛି ବର୍ଷ ଶେଷରେ ସର୍ବସୁଦ୍ଧା ୯୭ କମ୍ପାନି ଥିଲା ସବୁଠାରୁ କ୍ଷୁଦ୍ରକମ୍ପାନି ନାସନଲଥିଏଟର କମ୍ପାନି ଓ ଏହାର ମୂଳଧନ ଟ ୨୦୦୦ଙ୍କା।

ଚଳିତମାସ ତା ୨୨ ରଖରେ ମହାରାଜା ହୋଲକାର କଲିକତାରେ ପହୁଞ୍ଚିବାର ସମ୍ବାଦ ଆସିଅଛି।

ଗବର୍ଣ୍ଣମେଣ୍ଟଙ୍କ ପ୍ରକାଶିତ ବିଜ୍ଞାପନୀରୁ ଜଣାଯାଏ ଯେ ଗତବର୍ଷ ଖ ୨୩ ଶ୍ର ଉତ୍କଳ ପୁସ୍ତକ ଗବର୍ଣ୍ଣମେଣ୍ଟ ଲାଇବ୍ରେରିରେ ପ୍ରାପ୍ତ ହୋଇଅଛି। ତହିଁମଧ୍ୟରୁ ଖ ୨୨ ଶ୍ର ରଚିତ ଗ୍ରନ୍ଥ ଓ କେବଳ ଖ ୧ ଶ୍ର ଅନୁବାଦିତ ଗ୍ରନ୍ଥ। ଏଥିରୁ ବୋଧ ହେଉଅଛି ଯେ ଏଠାର ପୁସ୍ତକ ରଚୟିତାମାନେ ଅନୁବାଦକୁ ପକ୍ଷପାତୀ ନାହିଁ।

Digitized by srujanika@gmail.com

Split by PDF Splitter



୧ । ଉତ୍କଳଦର୍ପଣରୁ ଅବଗତ ହେଲୁଁ ଯେ ବିଷ୍ଣୁପୁରରୁ ଏକଦଳ ବାଦ୍ୟକର ଆସି ଅଛନ୍ତି ସେମାନେ ତୂର୍ଯ୍ୟବଦ୍ୟାରେ ବିଶେଷ ବ୍ୟୁତ୍ପନ୍ନ । ସେମାନେ ସନ୍ତୁର, ବଂଶୀ, ସାରଙ୍ଗୀ ବୟାଲା, ଖଞ୍ଜଣି, ଢୋଲକ ପ୍ରଭୃତି ବାଦ୍ୟଯନ୍ତ୍ରରେ ନାନା ସ୍ୱରରାଗିଣୀସଂଯୁକ୍ତଗୀତ ଏବଂ ଗୃହୁର୍ଯ୍ୟ ଓ ତାନମାନରେ ଗାଇ ବଜାଇପାରନ୍ତି ଯେ ତାହା ଦେଖିଲେ ମନ ମୋହିତ ହୋଇଯାଏ ସେମାନଙ୍କ ଖଞ୍ଜଣିବାଦ୍ୟ ସବୁଠାରୁ ପ୍ରଶଂସନୀୟ । ଗୋଟିଏ ୧୫ ବର୍ଷର ପିଲା ବର୍ତ୍ତୁଳଖଞ୍ଜଣି ହସ୍ତରେ ଘେନି ସେ ଦୁଇଟିକୁ ବାରମ୍ବାର, ମସ୍ତକ, ବକ୍ଷ, ଜାନୁସନ୍ଧି, ଭୂମି, ପିଠି ବାହୁପ୍ରଭୃତି ସ୍ଥାନମାନଙ୍କରେ ଏପରି ଦ୍ରୁତବେଗରେ ମାରି ତାଳରେ ବଜାଉଅଛି ଯେ ଦେଖିଲେ ଆଶ୍ଚର୍ଯ୍ୟ ହେବାକୁ ହୁଏଇ, ତାହାକୁ ବ୍ୟାୟାମବିଶିଷ୍ଟ ଖଞ୍ଜଣିବାଦ୍ୟ କହିଲେ ଅତ୍ୟୁକ୍ତି ହେବ ନାହିଁ । ସେମାନେ ହୁଲୁସ୍ୱରା ଉତ୍ତମରୂପେ ବଜାନ୍ତି । ବିଶେଷ ସେମାନେ ବୃସମଗୌଳୀ ଉତ୍କୃଷ୍ଟ ବଜାଇପାରନ୍ତି । ସେମାନଙ୍କର ଗାଆଣ ବାଜଣା ଅମ୍ଭେମାନେ ଗତ ସରସ୍ୱତୀପୂଜା ଉପଲକ୍ଷରେ ଶ୍ରୀଯୁକ୍ତ ବାବୁ ବୈକୁଣ୍ଠ ନାଥଦେଙ୍କ ବୈଠକଖାନାଗୃହରେ ଦେଖି ଅତ୍ୟନ୍ତ ସନ୍ତୁଷ୍ଟ ହୋଇଅଛୁଁ । ଅମ୍ଭମାନଙ୍କ ଦେଶର ବାଦ୍ୟକରମାନେ କେବେ ଏପରି ବାଦ୍ୟ ବଜାଇବାକୁ ଶିଖିବେ !

୨ । ଗତବର୍ଷ ଯେଉଁପରି ବାଙ୍କୁଡାରୁ ଏକ ଯାତ୍ରାଦଳ ଆସିଥିଲେ ଏବର୍ଷ ସେହିପରି ଆଉ ଏକଦଳ ଆସି ଅଛନ୍ତି । ଏମାନେସୁଦ୍ଧା ବେଳେ ଓଡିଶାମଧ୍ୟକୁ ଯିବାର ମାନସ ରଖନ୍ତି । ଏହିପରି ଏଆଡକୁ ଅନେକ ଦଳ ଦେଖାଦେବେ ।

୩ । ସମ୍ପ୍ରତି ବଙ୍ଗୋପସାଗରରେ ଏକ ଆଶ୍ଚର୍ଯ୍ୟ ଘଟନା ଘଟିଯାଇଅଛି । ଏଠାରୁ ୨୦ କ୍ରୋଶ ଦୂରବର୍ତ୍ତୀ ଶ୍ରୀନନ୍ଦପୁରର ଛନ୍ନଜଣ ମହାଜନ ଟ ୯୦୦ ଙ୍କା ମୂଲ୍ୟରେ ଧନଗଛ ଟଙ୍କାର ଆନଲଗାସହ ଗୋଟିଏ ବଡ଼ ନୌକା କଲିକତାରୁ ଖରଦକରି ଗୃହକୁ ଆସୁଥିଲେ । ଶୀଘ୍ର ଲୁଗା ଜଣେ ମହାଜନର । କେବଳ ଆନକଢ଼ା କେତା ଓ ଛଜଣ ମାଝି ନୌକାରେ ଥିଲେ । ସେହି ଜଳଯାନ ହୁଗଳୀର ନିକଟସ୍ଥ ସମୁଦ୍ରରେ ଉପସ୍ଥିତ ହୋଇ, କୌଣସି ଅଜ୍ଞାତ କାରଣରୁ ମାଝିମାନଙ୍କର ଅବଶ ହୋଇ ଏମନ୍ତ ପ୍ରବଳବେଗରେ ଧାବମାନ ହେଲା ଯେ, ଚାଳକମାନେ ସାଧ୍ୟାନୁସାରେ ଚେଷ୍ଟା କରି, ଅପଣା ବଶକୁ ଆଣିପାରିଲେ ନାହିଁ । ତାହା ଅନୁକ୍ଷଣ, ଗଭୀର ସମୁଦ୍ରକୁ ଧାବମାନ ହେଲା । ଆରୋହିମାନେ, ପ୍ରାଣଆଶା ଛାଡିଦେଇ ପରମେଶ୍ୱରଙ୍କୁ ଡାକିବାକୁ ଲାଗିଲେ । ଏହିପ୍ରକାରେ ଦୁଇଦିନ ଗତ ହେଲା । ନୌକାର ଗତି ଅହର୍ନିଶ ହେଉଅଛି । ତୃତୀୟଦିନ, ଅକୂଳ ଗଭୀର ସାଗରର ଠା-କରେ ନୌକାକୁ ଜଳମଗ୍ନ ଦେଖି, ଆରୋହିମାନେ ଛଥିତ ଗୃହର ଶୂଳଉପରେ ଛିଡ଼ାହୋଇ ଅର୍ଚ୍ଚନା ଦସ୍ତକାରେ ମୃତ୍ୟୁର ଭୟାନକ ପ୍ରତିମୂର୍ତ୍ତି ସ୍ପଷ୍ଟତର ଦେଖିବାକୁ ଲାଗିଲେ ଏମନ୍ତ ସମୟରେ ମାନ୍ଦ୍ରାଜକୁ ଅସୁଥିବା ଗୋଟିଏ ଜଳଯାନ, ବିପନ୍ନମାନଙ୍କର ନିକଟସ୍ଥ ହେଲା । ବିପନ୍ନମାନେ କାତର ସ୍ୱରରେ ଉଦ୍ଧାର କରି ପ୍ରାଣରକ୍ଷା କରିବାର ପ୍ରାର୍ଥନା କରିବାରୁ ଉପସ୍ଥିତ ଜଳଯାନସ୍ଥ କେତେକଜଣ ଆରୋହୀ, କାଛ ପକାଇଦେଇ ବିପନ୍ନମାନଙ୍କୁ ଉଠାଇନେଇ ସାତେଟି ମହାପ୍ରାଣୀଙ୍କୁ ବଞ୍ଚାଇଲେ । କିଯତ୍କ୍ଷଣ ଉତ୍ତାରେ ନୌକା କ୍ରମଶଃ ଜଳମଗ୍ନହୋଇ ଅଦୃଶ୍ୟ ହେଲା । ଯେଉଁମାନେ, କ୍ରମଶଃ ନୌକା ଜଳମଗ୍ନ ହେବାର କାରଣ ଅବଗତ ଅଛନ୍ତି, ସେମାନେ ସମସ୍ତ ସାପେକ୍ଷ ଉକ୍ତ ଘଟନାକୁ ଅସଙ୍ଗତ ମଣିବେ ନାହିଁ । ଜଳୋପରିସ୍ଥ ନୌକାର ଗତିବୃଦ୍ଧିର ଉଣାହିଁ ଯେ ଏହି ର ପ୍ରଧାନ କାରଣ, ପଦାର୍ଥତତ୍ତ୍ୱବିତ୍ ପାଠକମହାଶୟମାନଙ୍କଠାରେ ଉଲ୍ଲେଖ କରିବା ଫାଜିଲପଣ ମାତ୍ର । ବିପନ୍ନମାନେ ପଶ୍ଚାତ ଜାଣିଲେ, ଉକ୍ତ ଘଟନା ( ବିପନ୍ନମାନଙ୍କର ବିପଦୁଦ୍ଧାର ) ପୁରୀର ଦକ୍ଷିଣ ବାଙ୍କୀମୁହାଣ ନିକଟରେ ଘଟିଥିଲା । ଉପର୍ଯ୍ୟୁକ୍ତ ଦୁର୍ଘଟନାର ଅଭିନବୃର ଅରମ୍ଭଠାରୁ ଶେଷ ପର୍ଯ୍ୟନ୍ତ ମାର୍ଗର ପରିମାଣ ପ୍ରାୟ ଦେଢ଼ଶତ କ୍ରୋଶ ହେବ ।

ଓଡିଶାରେ ହିନ୍ଦୁ ଓ ମୁସଲମାନ କି ପରିମାଣରେ ଶିକ୍ଷାଲାଭ କରିଅଛନ୍ତି ତହିଁର ତାଲିକା ପ୍ରକାଶ ହୋଇଅଛି ତହିଁରେ ଦେଖିଲୁଁ ଯେ ଏ ପ୍ରଦେଶରେ ୬୯୯ ଜଣ ମୁସଲମାନ ଓ ୧୬୧୧୭ ଜଣ ହିନ୍ଦୁ ଶିକ୍ଷାଲାଭ କରିଅଛନ୍ତି ।

ବାବୁ ରାଜେନ୍ଦ୍ରଲାଲ ମିତ୍ର ଓଡିଶାର ଆଦ୍ୟମ ବୃତ୍ତାନ୍ତ ବିଷୟରେ ଯେଉଁ ପୁସ୍ତକ ରଚନା କରିଅଛନ୍ତି ତାହା ସମ୍ପ୍ରତି ପ୍ରକାଶିତ ହେବ । ଓଡିଶାବାସିମାନେ ଏ ପୁସ୍ତକ ଅତ୍ୟନ୍ତ ସହିତ ପାଠକରିବେ ଏମନ୍ତ ଭରସା ହେଉଅଛି ।

ବଙ୍ଗଲା ହାଇକୋର୍ଟର ଚିଫ ଜଷ୍ଟିସ ସର ବର୍ଣ୍ଣେ ବାଉତ କମିସନରରେ ପ୍ରେରିତ ହୋଇଥିବାରୁ ହାଇକୋର୍ଟର ଅନ୍ୟତର ଜଜ ମାକ୍ଫର୍ଗନ ସାହେବ ତାହାଙ୍କ ପଦରେ ଏକ୍ଟିଂ ନିଯୁକ୍ତ ହୋଇଅଛନ୍ତି ।

ଗତମାସ ତା ୧୩ ରିଖ ଶନିବାର ବିଜୟାନଗରର ମହାରାଜା କଲିକତାରୁ ସ୍ୱଦେଶକୁ ଯାତ୍ରା କଲେ । ଏହାଙ୍କର ବିଦାୟ ହେବାର ଘୋଷଣା ସ୍ୱରୂପ ସେହି ଦିନ ସକାଳେ ୨୧ ଟା ତୋପଧ୍ୱନି ହୋଇଥିଲା ।

ଡେଲିନିଯୁଜରୁ ଅବଗତ ହେଲୁଁ ଯେ ପେଷାବରରେ ଟଙ୍କାକୁ ସେ ୧୬ ର ଲେଖାଏ ଅଟା ମିଳୁଅଛି ଓ ବୃଷ୍ଟିର ଅଭାବ ପ୍ରଯୁକ୍ତ ହୋଇଅଛି. ଏମନ୍ତ କି ଦୁର୍ଭିକ୍ଷ ହେବାର ସମ୍ଭାବନା । ପୁଣି ଦୁର୍ଭିକ୍ଷର କଥା ! କି ଭୟଙ୍କର

କଲିକତାର ସାପ୍ତାହିକ ବଜାର ଭାବର ବିଜ୍ଞାପନରୁ ଜଣାଯାଏ ଯେ ଗ୍ରୀଷ୍ମର କାରବାର ଭଲ ଚଳୁଅଛି ସୋରଷ ଓ ପେଷିକୁ କେହି ପଚାରୁ ନାହାନ୍ତି । ଝୋଟର କାରବାର ବନ୍ଦ ଅଛି । ମୋଟରେ ରପ୍ତାନିର ବଜାର ମନ୍ଦ ଅଟଇ ।

ଫ୍ରେଣ୍ଡ ଅବ୍ଇଣ୍ଡିଆ କହନ୍ତି ଯେ ଗ୍ଲାସଗୋ ନଗରନିବାସୀ ଉଇଲିୟମବର୍ଜମାନର ସାହେବ ଶ୍ରୀରାମପୁରରେ ଗୋଟିଏ ଝୋଟ ବୁଣିବାର କାରଖାନାପର ସ୍ଥାପନ କରିବେ । ଏଥିରେ ଦୁଇଶ ଲୋକ ବସିବ । ଏପ୍ରକାର ବ୍ୟବସାୟ ଭାରତବର୍ଷ ପକ୍ଷରେ ବଡ ହିତକର ।

ହୁଗଳୀ ସେତୁଉପରେ ଗତମାସରେ ତଅହଜାରଟଙ୍କା ମାସୁଲ ଅଦାୟ ହୋଇଥିଲା ଅର୍ଥାତ୍ ପ୍ରତିଦିନ ହାରାହାରିରେ ଶତଟଙ୍କା ଅଦାୟ ହୋଇଅଛି । ଗୋଟିଏ ସେତୁରୁ ଏମନ୍ତ ଉତ୍ପନ୍ନ ହେବା ସାମାନ୍ୟ ନୁହଇ ମାତ୍ର କଲିକତା ବନ୍ଦରର କମିସନରମାନେ ଅଶାକରନ୍ତି ଯେ ମାସୁଲର ହାର ଊଣା କରିବାକୁ ଗବର୍ଣ୍ଣମେଣ୍ଟକେ ଅନୁରୋଧ କରିବେ ।

ରୁଷିଆର ଜଣେ ଅଧ୍ୟାପକ ଭାରତବର୍ଷ ଭ୍ରମଣ କରିବାକୁ ଆସିଅଛନ୍ତି । ନେପାଳ ଦେଶ ଦେଖିବା ତାହାଙ୍କର ମୋକ୍ଷ ଉଦ୍ଦେଶ୍ୟ ଅଟଇ ଏ ମହାଶୟ ସଂସ୍କୃତଭାଷା ଉତ୍ତମରୂପେ ଜାଣନ୍ତି ।

☞ ଏହି ଉତ୍କଳଦୀପିକା ସହରକଟକ ଦରଘାବଜାର କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter



# ଅତିରିକ୍ତ

ଉତ୍କଳ ଦୀପିକା ତା ୨୦ ରଖ ମାହେ ଫିବ୍ରୁଏରୀ ସନ ୧୮୭୫ ମସିହା ।

## ଗ୍ରାସ ।

ଶ୍ରୀ ଚନ୍ଦ୍ରଶେଖର କୃତ ସିଦ୍ଧାନ୍ତଦର୍ପଣ ଗ୍ରନ୍ଥାନୁସାରେ ସାଧିତ ହେବା ଆଗାମୀ ସମ୍ବତ୍ସର ପଞ୍ଜିକା ପ୍ରତ୍ୟୟାର୍ଥେ ଉତ୍ପୂର୍ବ ଶକାବ୍ଦ ୧୭୯୭ ବର୍ଷର ନୂତନପଞ୍ଜିକାରେ କେତେକ ଦିନର ଗ୍ରହସ୍ଫୁଟମାନଙ୍କୁ ସାଧି ଲେଖିବାକୁ ହେଉଅଛି । ଏଥିଲୁ ବିଜ୍ଞାପନ ଏହି ଯେ ଲେଖିବାପ୍ରମାଣ ସମୟମାନଙ୍କରେ ସାବଧାନ ହୋଇ ଶ୍ରୀ ବିଜ୍ଞବର ମହାଶୟଙ୍କର ଆକାଶରେ ଦୃଷ୍ଟିପାତ ହେଲେ ଆମ୍ଭର ଚିରକାଳ ଯତନଶ୍ରମ ଚରିତାର୍ଥ ହେବ । ମେଷ ଦ ୨୯ ନ ବୈଶାଖ କୃଷ୍ଣଦ୍ୱାଦଶୀ ରବିବାର ଚନ୍ଦ୍ରଗ୍ରସ୍ତ ଶୁକ୍ରଗ୍ରହଣ ହେବ ଶ୍ରୀପୁରୁଷୋତ୍ତମକ୍ଷେତ୍ରରେ ସୂର୍ଯ୍ୟୋଦୟାତ୍ ଦ ୫୫ ଣ୍ଡରୁ ଘ ୩ । ୩୬ ମିନିଟରେ ଚନ୍ଦ୍ରୋଦୟ ହେବ । ଘ ୩ । ୩୯ ମିନିଟଠାରେ ବାୟୁବ୍ୟାଗ୍ନେୟ କୋଣାଯ୍ୟାତ ଚନ୍ଦ୍ର ଶୁକ୍ଳରେଖା ମଧ୍ୟରୁ ମଣ୍ଡଳ ଷଟ୍ସୋଢ଼ଂଶାଂଶାନ୍ତର ଦକ୍ଷିଣାଧଃପ୍ରଦେଶରେ ଲଗ୍ନ ହେଲା ପରି ଶୁକ୍ର ଦୃଶ୍ୟ ହେବେ । ତଦନନ୍ତର ଅର୍ଦ୍ଧମିନିଟକାଳରେ ଶୁକ୍ରବିମ୍ବ ଗ୍ରସ୍ତ ହୋଇ ୫୪ ମିନିଟ ପର୍ଯ୍ୟନ୍ତ ଅଦୃଶ୍ୟ ହେବ । ଘ ୪।୩୪ ଠାରେ ଚନ୍ଦ୍ରମଣ୍ଡଳର ନମ୍ର ହୋଇଥିବା ଦକ୍ଷିଣଶୃଙ୍ଗ ଊର୍ଦ୍ଧ୍ୱଦେଶରେ ମଣ୍ଡଳ ଷଷ୍ଠାଂଶାନ୍ତର ସ୍ଥାନରୁ ଅର୍ଦ୍ଧମିନିଟକାଳରେ ଶୁକ୍ରବିମ୍ବ ନିର୍ଗତ ହେବ ଗ୍ରହଣାଦ୍ୟନ୍ତକାଳ ଘ ୦ । ୫୫ ମିନିଟରୁ ଦ ୨ । ୧୮ ଲିପ୍ତା ଚନ୍ଦ୍ର ବିଷୁବରେଖାସର ଥାଇ ଠିକ ପୂର୍ବଦିଗରେ ଉଦୟ ହେବା ହେତୁରୁ ପୁରୁଷୋତ୍ତମ ଦକ୍ଷିଣୋତ୍ତର ରେଖାରେ ଭାରତବର୍ଷ ସୀମାନ୍ତ ପର୍ଯ୍ୟନ୍ତ ଦୃଶ୍ୟ ଏହିପ୍ରକାରେ ହେବ । କେବଳ ସାବରଣ ସ୍ଥଳରୁ ଶୁକ୍ରୋଦୟ ଓ ନିର୍ଗ ଦେଖା ଯିବ ନାହିଁ । ପୂର୍ବଦେଶରୁ କେ-ବର୍ଣ୍ଣ ମୋକ୍ଷ ଉତ୍ତମରୂପେ ଦୃଶ୍ୟ ହେବ । କେରଳ ଓ ପଶ୍ଚିମସ୍ଥ କୁମାରିକା ଓ ଉଜ୍ଜୟିନୀ ପର୍ଯ୍ୟନ୍ତ ଚନ୍ଦ୍ରମଣ୍ଡଳରୁ ଶୁକ୍ର ନିର୍ଗତ ହେବାର ଦେଖା ଯିବ । ଏ ଗ୍ରହଣର ପରିଲେଖ ନିମ୍ନଭାଗରେ ଅଛି । ଏଥିପୂର୍ବ ମେଷ ଦ ୧୨ ନ ପାହାନ୍ତ ଘ ୪ ଣ୍ଟାରୁ ଜ୍ୟେଷ୍ଠା ଯୋଗ ତାରା ଦକ୍ଷିଣେ ସାତକଳା ଅନ୍ତରରେ ଚନ୍ଦ୍ର ରହିବେ । ସିଂହ ଦ ୨୦ ନ ଶୁଦ୍ଧ ଶୁକ୍ଳଚତୁର୍ଥୀ ଶୁକ୍ରବାର ସାୟଂକାଳରେ ଚନ୍ଦ୍ରବିମ୍ବ ଦକ୍ଷିଣନେମିରେ ତାରାନକ୍ଷତ୍ର ଲାଗିବ । କନ୍ୟା ଦ ୨୦ ନ ସାୟଂକାଳରେ ବୃହସ୍ପତି ଦକ୍ଷିଣେ ତିନିଅଂଶ ଦୂରେ ବୁଧ ରହିବେ ବୃଷ ଦ ୭ ନ ସାୟଂକାଳରେ ଶନିଶ୍ଚରଙ୍କ ଦକ୍ଷିଣେ ୨୬ କଳା ଅନ୍ତରେ ମଙ୍ଗଳ ରହିବେ । ବୃଷ ଦ ୧୧ ନ ପ୍ରାତଃକାଳରେ ବୃହସ୍ପତିଙ୍କ ଉତ୍ତରେ ଏକଅଂଶ ଦୂରେ ବୁଧ ଦୃଶ୍ୟ ହେବେ । ବୃଷ ଦ ୨୮ ନ ରାତ୍ରି ଦ ୨୩।୨୩ ରୁ ଚନ୍ଦ୍ର ଉତ୍ତର ନେମିରେ ହୃତଭୁକ୍ ତାରା ଲାଗିବ । ମକର ଦ ୭ ନ ସାୟଂକାଳରେ ଶନିଙ୍କ ଦକ୍ଷିଣେ ଚାଳିଶକଳା ଅନ୍ତରେ ଶୁକ୍ର ରହିବେ । ଏହି ଦିନ ରାତ୍ରି ଦ ୨୦ ଣ୍ଡରୁ ଚନ୍ଦ୍ର ଦକ୍ଷିଣନେମିରୁ ଦୁଇକଳା ଅନ୍ତରରେ ତାରା ଦୃଶ୍ୟ ହେବ । ମକର ଦ ୨୫ ନ ଶନିବାର ରାତ୍ରି ଦ ୯।୩୪ ଲିପ୍ତାରୁ ଚନ୍ଦ୍ରବିମ୍ବ ଐଶାନ୍ୟକୋଣରେ ହୃତଭୁକ୍ତାରା ପ୍ରବେଶ ହୋଇ ରାତ୍ରି ଦ ୧୩।୩୪ ଲିପ୍ତାଠାରେ ବାୟବ୍ୟକୋଣରେ ନିର୍ଗତ ହେବ ଅନ୍ତର୍ଦ୍ଧିକାଳ ଦ ୩।୪୦ ଲିପ୍ତା କୁମ୍ଭ ଦ ୧୮ ନ ସୋମବାର ସୂର୍ଯ୍ୟୋଦୟାତ୍ ବେଳ ଦ ୧୨ ଣ୍ଡରୁ ପୂର୍ବାଗ୍ନେୟ ଦିଗରେ ଚନ୍ଦ୍ର ଦକ୍ଷିଣ ଶୃଙ୍ଗରୁ ଅର୍ଦ୍ଧାଂଶ ଦୂରେ ଦକ୍ଷିଣ ଦିଗରେ ଶୁକ୍ର ରହିବେ । ମୀନ ଦ ୧ ନ ଚୈତ୍ରକୃଷ୍ଣ ଦ୍ୱିତୀୟା ରବିବାର ରାତ୍ରି ଦ ୫।୩୦ ଲିପ୍ତାରୁ ତାରାକୁ ଲୋପ କରି ଚନ୍ଦ୍ର ଉଦୟ ହେବେ । ପୁନଶ୍ଚ ଅର୍ଦ୍ଧଦଣ୍ଡ ଉତ୍ତାରୁ ଚନ୍ଦ୍ରବିମ୍ବ ଆଗ୍ନେୟ କୋଣରୁ ତାରା ନିର୍ଗତ ହେବ । ମୀନ ଦ ୧୮ ନ ଚୈତ୍ରଶୁକ୍ଳ ଚତୁର୍ଥୀ ବୁଧବାର ସାୟଂକାଳରେ ମଙ୍ଗଳ ଉତ୍ତରେ ୧ ଅଂଶ ଦୂରେ ଶୁକ୍ର ଦୃଶ୍ୟ ହେବେ । ପୁନରପି ଏହି ଦିନ ରାତ୍ରି ଦ ୩ ଣ୍ଡ ଉତ୍ତାରୁ କୃତ୍ତିକାଯୋଗ ତାରା ଚନ୍ଦ୍ର ବିମ୍ବରେ ଲଗି ଘ ୧ ଣ୍ଟା କାଳ ଆଚ୍ଛାଦିତ ହେବ । ଏପରି ପଞ୍ଚବିଂଶ ସଂଖ୍ୟା ଗ୍ରହ ସମାଗମ ଯେ ଲେଖାଗଲା ଏମଧ୍ୟରୁ କୌଣସି ଦିନରେ ଅର୍ଦ୍ଧାଂଶ ପର୍ଯ୍ୟନ୍ତ ଗ୍ରହ ସ୍ଫୁଟ ପ୍ରଭେଦ ଦୃଶ୍ୟ ହେଲେହେଁ ସେଗ୍ରହଣ କରିବାର ଯୋଗ୍ୟ ନୁହେ । ଯେହେତୁ ଜଗଦ୍ଭବଦତ୍ତ ତନ୍ତ୍ରାମଣି ରଘୁନାଥାଚାର୍ଯ୍ୟଙ୍କ ସାଧିତ ବୁଧ ଶୁକ୍ର ସମାଗମ ଓ ଶୁକ୍ର ମଙ୍ଗଳ ସମାଗମରେ କାଳ ଓ ବିକ୍ଷେପର ପ୍ରଭେଦ ଅନୁଭବ ହୋଇଅଛି । ପୂର୍ବ ସିଦ୍ଧାନ୍ତମାନେ ମଧ୍ୟ ଭାଗ ଗ୍ରହ ସମାଗମରେ ଦିନ ଭେଦରୁ ଚନ୍ଦ୍ର ସମାଗମରେ ଦଣ୍ଡ ଭେଦରୁ ଚନ୍ଦ୍ର ସୂର୍ଯ୍ୟ ଗ୍ରହଣରେ ଲିପ୍ତା ଭେଦରୁ ଆକାଶ ମଣ୍ଡଳସ୍ଥ ଗ୍ରହଗତି ଗହନତ୍ୱ ହେତୁରୁ ଗଣନା କରି ନାହାନ୍ତି । ନହ୍ୟଷ୍ଟୋହ୍ୟର୍ଦ୍ଧାଂଶ ଭେଦୋପି । ଇତି ।

## ବିଜ୍ଞାପନ ।

ଯେହେତୁ ବାଲେଶ୍ୱର ଜିଲା ସଡକ ବିଭାଗରେ ଥିବା ବାଉବସ୍ତୁର ଓ ମାରକୋଣା ଓ ଦାହାନଗା ଓ ମୂଲଦା ଏପରି ଚାରିବଜାର ଫି ବଜାରକୁ ଏକବାଟି ହିସାବ ଲାଗରଯିବାହେଲ ଜମିମାନ ଶ୍ରୀ ମିଷ୍ଟର ଯାନ ବିଟରସାହେବଙ୍କର ଅଷ୍ଟ ବସ୍ତୁ ସେବକାର କନି ମଏ ତହିଁର ଭଲକମ ସହିତ ଶ୍ରୀ ମିଷ୍ଟର ଏଫ୍ ବାନସାହେବଙ୍କଦ୍ୱାରା ଖୁସ୍ ବିକ୍ରୀରେ ଫି ବଜାର ପାଞ୍ଚଶ ୫୦୦ ଙ୍କାର ଊର୍ଦ୍ଧ୍ୱରେ ବିକ୍ରୀ ହେବ ଅତଏବ ଏ ବିଜ୍ଞାପନ ଦ୍ୱାରା ସମସ୍ତ ଭଦ୍ରବ୍ୟକ୍ତିମାନଙ୍କୁ ଜଣାଇ ଦିଆଯାଉଅଛି ଯେକେହି ବ୍ୟକ୍ତି ଉକ୍ତ ବଜାର । ଇ । ବୃତ୍ତିମାନଙ୍କୁ ଖରିଦ କରିବାକୁ ବାଞ୍ଛା ରଖୁଥିବେ ସେମାନେ ପ୍ରଥମ ପତ୍ରଦ୍ୱାରା କେଉଁ ବଜାର । ଇ । ବୃତ୍ତିକୁ କେତେ ଜରବମନରେ ନେବେ ତହିଁର ଏତଲା ପ୍ରଶଂସିତ ସାହେବଙ୍କୁ ଡାକଦ୍ୱାରା ଜଣାଇ ତଦପରେ ଆପେ କିମ୍ବା ମୁକ୍ତାରଦ୍ୱାରା ଏ କଟକ ମୁକାମରେ ମିଷ୍ଟର ଏଫ୍ ବାନସାହେବଙ୍କ ସନ୍ନିଧେ କଟକଚଣ୍ଡୀ ନିକଟ କୋଠିଠାରେ ହାଜର ହୋଇ ତହିଁର ଜରବମନ ଯେ ଧାର୍ଯ୍ୟ ହୋଇଥିବ ତାହା ଏକମୁଷ୍ଟେ ଆସନ୍ତା ଅପ୍ରେଲମାସ ତା ୧୫ ରଖେ ଦାଖଲ କରି ଦସ୍ତୁର ମୁତାବକ ତହିଁର ବନ୍ଦୋବସ୍ତ ଓଗେର କରି ନେବେ ତା ୧୫ ରଖେ ମାହେ ଫିବ୍ରୁଏରୀ ସନ ୧୮୭୫ ମସିହା ।

F. BOND.

☞ ମୂଲପତ୍ର ଦେଖ

Digitized by srujanika@gmail.com

Split by PDF Splitter

[REG]ISTERED NO. 18



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୧୦ | ସଂଖ୍ୟା ୭
ତା ୨୭ରିଖ ଫେବୃଏରି ସନ ୧୮୭୫ ମସିହା ।ମୁ। ଫାଲ୍‌ଗୁନ ୧୮ ଦିନ ସନ ୧୨୮୨ ସାଲ ଶନିବାର
ଅଗ୍ରିମ ବାର୍ଷିକ ମୂଲ୍ୟ ୫୫
ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୫୬
ମଫସଲ ଶାଇ ଡାକମାସୁଲ ୫୧୲

ହିନ୍ଦୁପେଟ୍ରିଅଟ ଦୁଃଖର ସହିତ ପ୍ରକାଶ କରି ଅଛନ୍ତି ଯେ ବଙ୍ଗଲା ଏଲାକାର ଡେପୁଟିକଲେକ୍ଟରଙ୍କର ଉଚ୍ଚତମ ବେତନ ୫ ୧୦୦୦୲ ଙ୍କା ଧାର୍ଯ୍ୟ କରିବାର ଯେଉଁ ପ୍ରସ୍ତାବ ଲେଫ୍‌ଟନେଣ୍ଟ ଗବର୍ଣ୍ଣର କରିଥିଲେ ଗବର୍ଣ୍ଣମେଣ୍ଟ ଇଣ୍ଡିଆ ତାହା ଅଗ୍ରାହ୍ୟ କରିଅଛନ୍ତି ବାସ୍ତବରେ ବଙ୍ଗପ୍ରଦେଶର ସମସ୍ତ ଲୋକ ଏଥିରେ ଅସନ୍ତୋଷ ହେବେ କାରଣ ଲେଫ୍‌ଟନେଣ୍ଟ ଗବର୍ଣ୍ଣର ଅତି ସୁବିଜ୍ଞର ନ୍ୟାୟ ଗବର୍ଣ୍ଣମେଣ୍ଟଙ୍କୁ ଅଧିକା ବ୍ୟୟରେ ନ ପକାଇ ଏପ୍ରକାର ନିମ୍ନଶ୍ରେଣୀର କାର୍ଯ୍ୟକାରକଙ୍କର ବେତନବୃଦ୍ଧିର ପ୍ରସ୍ତାବ କରିଥିଲେ । ଅଧିକାବ୍ୟୟ ନ ପଡିବାରୁ ଲେ ଯେବେ କର୍ମଚାରୀଙ୍କର ମର୍ଯ୍ୟାଦା ଉନ୍ନତିର ଆଶା ନ ହୋଇବେ ତେବେ ଅଳ୍ପ ଦିନେ ଏ ଉତ୍ତମ ଉଦ୍ଦେଶ୍ୟମାନ ସଫଳ ହେବ ।

---

ଗୋଖରସାପ ବିନାଶ କରିବା ବିଷୟରେ ଗବର୍ଣ୍ଣମେଣ୍ଟବଙ୍ଗାଳ ଯେଉଁ ଆଜ୍ଞା ଚଳିତ ମାସ ତା ୧୩ ଦିନରେ ପ୍ରଦାନ କରିଅଛନ୍ତି ଶ୍ରୀଯୁକ୍ତ କମିଶନର ସାହେବଙ୍କ ନିକଟରୁ ତାହା ପ୍ରାପ୍ତ ହୋଇ ସର୍ବସାଧାରଣଙ୍କ ଗୋଚରାର୍ଥେ ପ୍ରକାଶ କରୁଅଛୁଁ ଯେ ଗୋଖରସାପ ମୃତ ବା ଜୀବିତାବସ୍ଥାରେ କୌଣସି ବ୍ୟକ୍ତି ଜିଲାର ମ୍ୟା। ସବଡିବିଜନର ସବଡିମ୍ୟାନଙ୍କୁ ଆଣିଲେ ତାଙ୍କୁ ପ୍ରତ୍ୟେକ ସାପ ସକାଶେ ଚାରିଅଣା ଲେଖାଏ ପାରିତୋଷିକ ମିଳିବ କେବଳ ଏତିକି ସାବଧାନ ହେବାକୁ ଅବଶ୍ୟକ ଯେ ପାରିତୋଷିକ ନିମିତ୍ତ ଯେଉଁ ସାପ ଆନୀତ ହେବ ତାହାର ମୁଣ୍ଡ କାଟି ଦିଆ ଯିବ । ଅମ୍ଭେମାନେ କଟକଜିଲାରେ ଏପରି ଆଜ୍ଞା ସକାଶେ ଆଶା କରିଥିଲୁଁ ଏତେ ଦିନରେ ତାହା ଆସିଲା ବଡ ସୁଖର ବିଷୟ ଅଟଇ । ଅମ୍ଭେମାନେ ଭରସା କରୁଁ ଯେ ଓଡିଶାର କେଲାମାନେ ଏଥି ପକ୍ଷରେ ମନୋଯୋଗୀ ହେଲେ ତାହାଙ୍କର ଅନେକ ଲାଭ ହୋଇ ପାରିବ କାରଣ ବିଷାକ୍ତସର୍ପ ଧରିବା ବିଷୟରେ ତାହାଙ୍କ ପରି ଅନ୍ୟ କେହି ସମର୍ଥ ନୁହନ୍ତି ।

---

ତ୍ରିବାଙ୍କୁରର ମହାରାଜ ଯେ ସମୟରେ କଲିକତାକୁ ଆସିଥିଲେ ତାହାଙ୍କ ବସାଘରଠାରୁ ତିନିଲକ୍ଷଟଙ୍କା ମୂଲ୍ୟର ରତ୍ନାଦି ବହୁମୂଲ୍ୟଦ୍ରବ୍ୟ ଚୋରି ଯାଇଥିଲା । ମହାରାଜା ମହାମାନ୍ୟ ଗବର୍ଣ୍ଣରଜେନରଲଙ୍କ ସହିତ ସାକ୍ଷାତ୍ କରିବାକୁ ଆସିଥିଲେ ଓ ପ୍ରଚଳିତ ପ୍ରଥାନୁସାରେ ଗବର୍ଣ୍ଣମେଣ୍ଟ ତାହାଙ୍କର ବସା ସ୍ଥିର କରି ସେଠାରେ ପଲଟନୀୟ ସିପାହୀଙ୍କ ପହରା ବସାଇଥିଲେ ତହିଁ ମଧ୍ୟରେ ଚୋରମାନେ ଏପରି ମୂଲ୍ୟବାନ୍ ଦ୍ରବ୍ୟସବୁ ଅପହରଣ କଲେ ଏଥିରେ ଏକା ନଗରବାସୀ କାହିଁକି ସ୍ୱୟଂ ମହାମାନ୍ୟ ପ୍ରତିନିଧି ସାହେବ ଅତ୍ୟନ୍ତ ଚମତ୍କୃତ ଓ ଦୁଃଖିତ ହୋଇଥିଲେ ଓ ଯେଉଁ ବ୍ୟକ୍ତି ଚୋର ଧରିଦେବ ତାହାକୁ ତ୍ରିବାଙ୍କୁରର ମହାରାଜ ୫ ୨୦୦୦୲ ଙ୍କା ଓ ମହାମାନ୍ୟ ପ୍ରତିନିଧି ସାହେବ ୫ ୨୦୦୦୲ ଙ୍କା ପାରିତୋଷିକ ଦେବାକୁ ଅଙ୍ଗୀକାର କରିଥିଲେ । ପୁଲିସ ଅନେକ ଅନୁସନ୍ଧାନ କରି ବ୍ୟସ୍ତ ହୋଇଥିଲେ ପରିଶେଷରେ ବାଲିଆଘାଟ ଥାନାର ଇନ୍‌ସ୍ପେକ୍ଟର ବାବୁ କାଳୀନାଥ ବୋଷ ଚୋରମାନଙ୍କଠାରୁ ଅପହୃତ ଦ୍ରବ୍ୟସବୁ ପୁନଃ ପ୍ରାପ୍ତ ହୋଇ ଅଛନ୍ତି । ଏହାଙ୍କ ଯୋଗେ କଲିକତା ପୁଲିସର ନାମ ରକ୍ଷା ପାଇଲା ନୋହିଲେ ତ୍ରିବାଙ୍କୁରର ମହାରାଜ ଅମ୍ଭମାନଙ୍କ ଗବର୍ଣ୍ଣମେଣ୍ଟଙ୍କର ପୁଲିସ ମହକୁମାର କାର୍ଯ୍ୟକୁ ବଡ ଘୃଣା କରନ୍ତେ ଓ ଗବର୍ଣ୍ଣମେଣ୍ଟଙ୍କର ମଧ୍ୟ ବିଶେଷ ଲଜ୍ଜା ହୁଅନ୍ତା । ଯାହା ହେଉ ବଙ୍ଗଲାର ଚୋରଙ୍କ ସାହସକୁ ଧନ୍ୟ ବୋଲିବାକୁ ହେବ ଯେ ଏତେ ପହରାକୁ ଅତିକ୍ରମ କରି ଏପ୍ରକାର ସ୍ଥାନରେ ଚୋରି କରିଅଛନ୍ତି । ପୁଲିସ ପଚାରିବାରେ ଚୋରମାନେ କହିଲେ ଯେ ତାହାଙ୍କ ମଧ୍ୟରୁ ଏକବ୍ୟକ୍ତି ପ୍ରଥମେ ମୂଲିଆବେଶ ଧରି ମହାରାଜଙ୍କ ବସାଭିତରକୁ ଯାଇ ଯେଉଁଠାରେ ସିନ୍ଦୁକସବୁ ଥିଲା ଦେଖି ଆସିଥିଲା । ତହିଁ ଉତ୍ତାରୁ ସୁଷରେ ପାଚେରି ଡେଇଁ ଘରେ ପଶି ଚୋରି କଲେ ।

---

### ଦେଓ୍ୟାନୀ ଅପିଲ୍ ବିଲ୍ ।

ଦେଓ୍ୟାନୀ ଡିକ୍ରୀର ଅପିଲ ମକଦମାର ସଂଖ୍ୟା ଊଣା କରିବା କାରଣ ଏକ ପାଣ୍ଡୁଲିପି ବ୍ୟବସ୍ଥାପକ ସଭାରେ ବହୁଦିନରୁ ଆଗତ ହୋଇ ବିଚାରାଧୀନରେ ଥିଲା ଓ ତହିଁ ସମ୍ପର୍କରେ

Digitized by srujanika@gmail.com

ଅନେକ ମହାମତ ସମ୍ପାଦକ ଓ ଅବେଦନ-ପତ୍ରମାନଙ୍କରେ ପ୍ରକାଶ ହୋଇଥିଲା । ଏ ପତ୍ରି-କାରେ ମଧ୍ୟ ତହିଁର କେତେବାର ଉଲ୍ଲେଖ ହୋଇଥିବାରୁ ସେ ସବୁର ପଦ୍ଧତି ପାଠକମା-ନଙ୍କୁ ଦେବାର ନାହିଁ । ଚଳନ୍ତମାସ ତା ୧୬ ର-ଖରେ ଏହି ପାଣ୍ଡୁଲିପି [illegible] ବିଧିବଦ୍ଧ ହେବା ନିମନ୍ତେ ବ୍ୟବସ୍ଥାପକ ସଭାରେ ପ୍ରବେଶ ହେଲାରୁ ଅସ୍ମାନଙ୍କର ଅଇନ ସମ୍ପ-କ୍ଷୀୟ ସଭ୍ୟ ଶ୍ରୀଯୁକ୍ତ ହବ୍ ହାଉସ୍ ସାହେବ ଏ ପାଣ୍ଡୁଲିପିକୁ ବର୍ତ୍ତମାନ ବିଧିବଦ୍ଧ ନ କରି କିଛି କାଳ ସ୍ଥଗିତ ରଖିବାର ପ୍ରସ୍ତାବ କଲେ । ତହିଁର ହେତୁ ଏହି ଯେ ଉକ୍ତ ପାଣ୍ଡୁଲିପି ସମ୍ବନ୍ଧରେ ଯେ ସମସ୍ତ ଆପତ୍ତି ହୋଇଅଛି ତନ୍ମଧ୍ୟରେ ଅଧଃସ୍ଥ ଅଦାଲତର ଅବସ୍ଥା ଭଲ ନ ଥିବାର ଆପତ୍ତିଟି ପ୍ରବଳ ଓ ଆପାତତଃ ତହିଁର ଅବସ୍ଥା ଭଲ କରିବାର ଉପାୟ ଦେଖାଯାଉ ନ ଥିବାରୁ ଉକ୍ତ ଆପତ୍ତି ସକାଶେ ଅନ୍ୟାନ୍ୟ ହିତକର ଅନୁଷ୍ଠାନ ସ୍ଥଗିତ ରଖିବାର ଯୁକ୍ତିଯୁକ୍ତ ନ ଥିଲା କିନ୍ତୁ ଯେତେବେଳେ ବଙ୍ଗଳାର ଲେପ୍ଟେନାଣ୍ଟ ଗବର୍ଣ୍ଣର ବ୍ୟବସ୍ଥାପକ ସଭାକୁ ଜଣାଇଅଛନ୍ତି ଯେ ଅଧଃସ୍ଥ ଅଦାଲତମାନଙ୍କର ଅବସ୍ଥା ସଂ-ଶୋଧନ ପକ୍ଷରେ ସେ କେତେଗୁଡ଼ିଏ ନିୟମ ପ୍ରସ୍ତୁତ କରିଅଛନ୍ତି ଓ ତାହା ଅଳ୍ପକାଳ ମଧ୍ୟରେ ଗବର୍ଣ୍ଣମେଣ୍ଟ ଇଣ୍ଡିଆଙ୍କ ବିବେଚନା ଅର୍ଥ ସକାଶେ ପ୍ରେରିତ ହେବ ଓ ସେ ସବୁ ନିୟମ ମନୋନୀତ ହେଲେ ସେ ବିଷୟରେ ସ୍ୱତନ୍ତ୍ର ନୂତନ ଅଇନ ବିଧିବଦ୍ଧ କରିବାର ଆବଶ୍ୟକ ହେବ ସେ ସ୍ଥଳେ ଅପିଲବିଷୟକ ପାଣ୍ଡୁଲିପି ବର୍ତ୍ତମାନ ଆଇନରୂପେ ପରିଣତ ହେବାର ଉଚିତ ନୁହଇ କାରଣ ଏମନ୍ତ ସମ୍ଭାବନା ଦେଖା ଯାଏ ଯେ ଉକ୍ତ ସବୁ ନିୟମଦ୍ୱାରା ଏହି ଅଇନର ମଧ୍ୟ କେତେକାଂଶ ସଂଶୋଧନ କରିବାକୁ ହେବ । ଏମନ୍ତେ ଦେଓ୍ୱାନୀ ଅପିଲ ବିଲ ବର୍ତ୍ତମାନ ସ୍ଥଗିତ ରହିଲା ଏ ଉତ୍ତାରୁ ପ୍ରୟୋଜନ ହେଲେ ଏହା ବିଧିବଦ୍ଧ ହେବ ନୋହିଲେ ଏହିଠାରୁ ଏହାର ପରମାୟୁ ଶେଷ ହେଲା !

ଦେଓ୍ୱାନୀ ଅପିଲ ବିଲ ଗତବର୍ଷର ଶେଷରେ ବଙ୍ଗପ୍ରଦେଶର ସର୍ବସାଧାରଣଙ୍କୁ ଶଙ୍କିତ କରିଥିଲା ଓ ଶ୍ରୀଯୁକ୍ତ ହବ୍ ହାଉସ୍ ସାହେବ ଯେମନ୍ତ ଏଥିର ପକ୍ଷପାତୀ ଥିଲେ ଏହା ଅଇନ ହେବାର ବିଲମ୍ବ ମଧ୍ୟ ନ ଥିଲା ମାତ୍ର ଅସ୍ମାନଙ୍କ ଲେପ୍ଟେନାଣ୍ଟଗବର୍ଣ୍ଣରଙ୍କ ହେତୁରୁ ଅମ୍ଭେମାନେ କେବଳ ଏଥି ହାତରୁ ମୁକ୍ତ ପାଇଲୁଁ ଏମନ୍ତ ନୁହେ ଅସ୍ମାନଙ୍କର ଲାଟ ମହଲର ଆଶା ବଢ଼ିଲ କାରଣ ତଳ ଅଦାଲତର ଅବସ୍ଥା ଉନ୍ନତ କରିବାର ଚେଷ୍ଟା ହେଉଅଛି । ବରୁ ଇଂରେଜ ଫ୍ରେଣ୍ଡ ଯେ ସର୍ବ-ସାଧାରଣଙ୍କ ମନୋଭାବର ଯଥାର୍ଥ କଳନା କରି ଏମନ୍ତ ସମୟରେ ଦେଓ୍ୱାନୀ ବିଚାରାଳୟମାନଙ୍କ ପ୍ରତି ମନୋଯୋଗୀ ହୋଇଅଛନ୍ତି ଏଥିରେ ସେ ସର୍ବସାଧାରଣଙ୍କର କୃତଜ୍ଞତାର ଭାଜନ ହୋଇଅଛନ୍ତି ସନ୍ଦେହ ନାହିଁ ଓ ଯେ ସ୍ଥଳେ ଦେଶୀୟ ଲୋକଙ୍କ ଅଭିପ୍ରାୟ ପ୍ରତି ତାହାଙ୍କର ଏତାଦୃଶ ମନୋଯୋଗ ସେ ସ୍ଥଳେ ଅସ୍ମାନଙ୍କୁ ଭରସା ବୋଧ ହୁଅଇ ଯେ ଏ ବିଷୟରେ ସେ ଯେ ସମସ୍ତ ପ୍ରସ୍ତାବ କରିବେ ତାହା ସର୍ବସାଧା-ରଣଙ୍କର ସନ୍ତୋଷକର ହେବ ।

---

ଓଡ଼ିଶା ବାଣିଜ୍ୟ ବିଷୟରେ ଗବର୍ଣ୍ଣମେଣ୍ଟଙ୍କ ବଙ୍ଗଳାପ୍ରକାଶ ହିନ୍ଦୁପେଟ୍ରିଅଟ ଉଲ୍ଲିଖିତ ବିବ-ରଣ ସଙ୍କଳନ କରିଅଛନ୍ତି । ଯଥା—

| | ସନ୧୮୭୧-୭୨ | ସନ୧୮୭୨-୭୩ | ସନ୧୮୭୩-୭୪ |
|---|---|---|---|
| ଜାହାଜ ଆମଦାନୀ | ୩୯୪ | ୪୫୧ | ୫୪୪ |
| " ରପ୍ତାନୀ | ୪୧୧ | ୪୭୦ | ୬୧୩ |
| ରପ୍ତାନୀଦ୍ରବ୍ୟର ମୂଲ୍ୟ | ୬୧୨,୧୧,୪୧୦ | ୧୪,୧୬,୧୭୦ | ୩୦,୦୭,୧୭୦ |
| ଆମଦାନୀଦ୍ରବ୍ୟର ମୂଲ୍ୟ | ୬୧୫,୮୮,୦୦୦ | ୧୧,୭୪,୯୧୦ | ୨୮,୯୧,୨୮୦ |

ଯଦ୍ୟପି ଏ ବଙ୍ଗଳାର ଦୁର୍ଭିକ୍ଷ ସକାଶେ ଗତ ବର୍ଷର ବାଣିଜ୍ୟ ଅଧିକ ହେବାର ଦେଖା ଯାଏ ଉତ୍କଳ ସାଧାରଣରେ କ୍ରମଶଃ ଏଠା ବାଣିଜ୍ୟ ବଢ଼ିବାର ସ୍ପଷ୍ଟ ଚିହ୍ନ ଲକ୍ଷିତ ହେଉ-ଅଛି । ଚନ୍ଦବାଲ ବନ୍ଦର ମନୁଷ୍ୟ ଯାତାୟାତ ଓ ଅଳ୍ପପରିମାଣରେ ଏ ପ୍ରଦେଶ ଜାତ ଦ୍ରବ୍ୟ ଉପକୂଳ ସ୍ଥିତ ଅନ୍ୟାନ୍ୟ ସ୍ଥାନକୁ ପଠାଇବା ପକ୍ଷରେ ଓଡ଼ିଶାରେ [illegible] ହୋଇଅଛି କିନ୍ତୁ ବଡ଼ ଥିଆଁକଳ ଓ ସମୁଦ୍ରରେ ଯାତାୟାତ କରିବା ଭଳି ଜାହାଜ ସବୁଙ୍କ ଓଡ଼ିଶାର ପ୍ରଧାନ ବନ୍ଦର ବଳେଶ୍ୱର ଅଟଇ ଓ ଭବିଷ୍ୟତରେ ଏ ସ୍ଥାନକୁ ଇଉରୋପ ଯୋଗ କରିବାର ଯେ ସମସ୍ତ ଉପାୟ ହେଉଅଛି ତଦ୍ଦ୍ୱାରା ବୋଧ ହୁଅଇ ଏଠାର ବାଣିଜ୍ୟର ଅନେକ ବୃଦ୍ଧି ହେବ । ବଳେଶ୍ୱରଠାରେ ବନ୍ଦର କରାଇବାର ଉଦ୍ୟମ ଯେବେ ସଫଳ ହେବ ଓ କଟକରୁ ସେପର୍ଯ୍ୟନ୍ତ ଯେଉଁ ଜାହାଜ ଉପଯୁକ୍ତ କେନାଲ ଯିବା ଅସିବା ଭଲ ହେବ ତେବେ ବଣିକମାନଙ୍କ ମାଲାମାନ ବଣ୍ଟନ ବହିବା ଓ ଚଳାଇବାର ଏତେ କଷ୍ଟ ରହି ପାରିବ ନାହିଁ ମାତ୍ର ଏହା କେବେ ସଫଳ ହେବ ବୋଲି କହି ଯାଇ ନ ପାରେ ।

---

+ ପାନଚିଜ !

ଓଡ଼ିଶାବାସିମାନେ ଏତେ ପାନ ଖାଆନ୍ତି ବ୍ୟବହାର କରନ୍ତି, ମୁଁ ହିଁ ଉଚ୍ଚ କରିବାକୁ ଏଥିରେ ମାନନ୍ତି କରି ଠିକ ପରାକ୍ରମ ଅଧ୍ୟାସ ଚତୁର୍ଦ୍ଦିଗକୁ ଉତ୍ତାରଦୃଷ୍ଟିରେ ଚର୍ଚ୍ଚ କରିବାବେଳେ ଅମ୍ଭେମାନେ ଅବଗତ ହୋଇଅଛୁଁ ଯେ ପାନର ବ୍ୟବହାର ଭାରତବର୍ଷର ସର୍ବସ୍ଥାନରେ ଅଛି ମାତ୍ର ବଙ୍ଗଳା ଓ ମାଦ୍ରାଜରେ ଯାହା ଦେଖୁଅଛୁ ଯେ ଦେଶୀୟଲୋକମାନେ ପାନଖାଇ ଅର୍ଥାତ୍ ସେଠାରେ ପାନ ଖାଇବା ଅତ୍ୟନ୍ତ ହୁଅଇ ଓ ତାହା ଅଧିକ ଗୁଆ, ଚୂନ ଓ ଖଇର ପ୍ରଭୃ-ତିରେ ପୂର୍ଣ୍ଣ ହୋଇଥାଏ । ପାନରେ ପକାଯାଉ ଥିବା ଖଇରରେ ମୁହଁରେ ସ୍ୱତନ୍ତ୍ର କଷ୍ଟ ରହି ରସ ଲଗାଏ ହୋଇଯାଏ ଓ ଅଧିକାଂଶ ଯାହା ଥାଏ ପ୍ରାୟ ପେଟକୁ ଚାଲିଯାଏ । କିନ୍ତୁ ଓଡ଼ିଶାରେ ପାନର ବ୍ୟବହାର ସେପରି ନୁହଇ ଏଠାରେ ଲୋକେ ପାନ ଖାଆନ୍ତି ନାହିଁ ମାତ୍ର ଚୋବାନ୍ତି ଓ ଚୋବାଇବା ପରେ ମୁହଁରୁ ଲୋକେ ଥୁକାଇ ଦିଅନ୍ତି ବା ନ ଦିଅନ୍ତି ଚୂନଖଇର ଭାଲ ଓ ତୋଟକୁ ଲୋକମାନଙ୍କ ଉତ୍ତରାର୍ଦ୍ଧରେ ଚାଲନ କରନ୍ତି ଚେଟକୁ ବାହୁ ଭାଙ୍ଗି ପରସ୍ପରର ମଧ୍ୟ କରି ଦିଅନ୍ତି । ଏଥିରେ ଯେ କ ଫୋପ୍ତା ହୁଅଇ ଅମ୍ଭେମାନେ ତାହା ଜାଣି ନ ପାରି ବୋଧ୍ୟ ଅଛି ଓଡ଼ିଶାର ଦେଶ ପକ୍ଷରେ ଅମ୍ଭେମାନେ ଏତେ-ପୂର୍ବେ ଯେଉଁ ମତ ପ୍ରକାଶ କରଅଛୁଁ ଏହା କେବଳ ତହିଁର ସମର୍ଥନ କରୁଅଛି ଅର୍ଥାତ୍ ଓଡ଼ିଶାର ଦେଶ ଗୁଣରେ ନାହିଁ କେବଳ ପରିମାଣରେ ନୋହିଲେ ଏଥିରୁ ଗୁଆ ପାନ-ରରେ ଯେସ୍ଥଳେ ପାନ ଖାଇବାର ଉଦ୍ଦେଶ୍ୟ ସଫଳ ହେବାକୁ ଦେଖାଯାଏ ସେସ୍ଥଳେ ଦୋ-

Split by PDF Splitter

Digitized by srujanika@gmail.com

Split by PDF Splitter



ଯାଏ ପାନଖିଲରେ ଅଧଖଣ୍ଡେ ଗୁଆ ନେବେ ଚୂନ ମୃଣ୍ଡାଏ ଖଇର ଓ ଯୋଗେ ଗୁଣ୍ଡିର ପ୍ରୟୋଜନ କି ? ପାନର ବ୍ୟବହାର ଅତି ପ୍ରାଚୀନକାଳରୁ ଅସ୍ମଦ୍ଦେଶରେ ହୋଇ ଆସୁଅଛି ଓ ଦେବତାଦି ପୂଜା ସମୟରେ ମଧ୍ୟ ଏହାଗୃହୀତ ପାନ ଦେବାର ବିଧି ଶାସ୍ତ୍ରକାରମାନେ କରି ଯାଇ ଅଛନ୍ତି ବାସ୍ତବରେ ଆହାର ଉତାରୁ ମୁହଁକୁ ସୁବାସ ଓ ପରିଷ୍କାର କରିବା ପାନର ପ୍ରକୃତ ଉଦ୍ଦେଶ୍ୟ ଅଟଇ ଓ ଏଥିରେ ଆହାର ଜୀର୍ଣ୍ଣ ହେବାର ଶକ୍ତି ମଧ୍ୟ ଅଛି ବୋଲି ଅନେକ ଚିକିତ୍ସକ ମତ ଦେଇ ଅଛନ୍ତି । ଏସବୁ ବିବେଚନାରେ ଆମ୍ଭେମାନେ ପାନର ବ୍ୟବହାରକୁ ହିତକର ବିନା ଅନ୍ୟବିଧ ଜ୍ଞାନ କରୁ ନାହୁଁ କିନ୍ତୁ ଗୁଣ୍ଡି ସହିତ ମୁହୁର୍ମୁହୁ ପାନ ଖାଇବାହାର ଯେ ବିଧି ଓଡ଼ିଶାରେ ପ୍ରଚଳିତ ଅଛି ତାହା ଅଧିକଙ୍କ ହିତ ଅଟଇ ଏଥିରେ ପ୍ରକୃତ ଉଦ୍ଦେଶ୍ୟ ବିନଷ୍ଟ ହୋଇ କେବଳ ଶରୀରର ଅପକାର ହୁଅଇ ଏମନ୍ତ ନୁହଇ ମାତ୍ର ସ୍ୱଭାବ ଅପରିଷ୍କାର ହୋଇ ଉଠେ । ଗୁଣ୍ଡି ଏଥିର ମୂଳ କାରଣ ଅଟଇ ଗୁଣ୍ଡି ଚମୁଖରେ ଚମ୍ଭୁତ ହୁଅଇ ସୁତରାଂ ତାହା କଡ଼ିଆ ହେବାରୁ ଚୋବ ଚୋବିବାର କଠିନ ହୁଅଇ ଓ ସକଳ ସମୟ ଓ ସ୍ଥାନରେ ପିକଦାନି ଘେନି ବସିବାର ଅସୁଯୋଗ ହୁଅଇ ବୋଲି ଲୋକେ ପାନପିକ ଓ ପାନର ଅବଶିଷ୍ଟ ଚର୍ବ୍ୱାଂଶ ଯଥାତଥା ପକାଇବାକୁ ଆଉ ଅପରିଷ୍କାର ମଣନ୍ତି ନାହିଁ । ଆପଣା ଘରେ ଥିବା କଥା ଦୂରେ ଥାଉ କିନ୍ତୁ ସରକାରି କଚେରି ଓ ସୁସଜ୍ଜିତ ମଜଲିସରେ ମଧ୍ୟ ଏମାନେ ପିକ ପକାଇବାକୁ ଲଜ୍ଜା ଜ୍ଞାନ କରନ୍ତି ନାହିଁ । କି ଜଘନ୍ୟ ବ୍ୟବହାର ଏତେଙ୍କା ବ୍ୟୟ ହୋଇ ସରକାରି କଚେରି ଘରମାନ ପରିଷ୍କାର ରଖା ଯାଏ କିନ୍ତୁ ଭଦ୍ରଲୋକେ ଅନାଦ୍ୟାରେ ଯେଉଁ ଠାରେ ବୈଠକ ସ୍ଥାନ ଦେଇଛନ୍ତି ସେହିଠାରେ ଅନାୟାସରେ ପାନପିକ ପକାଇ ଅପରିଷ୍କାର କରନ୍ତି । ଥରେ କୌଣସି ହୋଟେଲ ନେଟିଭ ଡ୍ରିଷ୍ଟି ମାଜିଷ୍ଟ୍ରେଟଙ୍କ ଦୋମହଲରେ ଅନେକ ଭଦ୍ରଲୋକ ଏକତ୍ରିତ ହୋଇ ଚୌକିରେ ବସି ଉପରେ ଗୋଡ଼ ଲମ୍ବାଇଦେଇ ଥିଲେ । ଥରଦିନ ସକାଳେ ଦେଖିବାବେଳେ ଚୌକିତଳେ ନାନାସ୍ଥାନରେ ପାନପିକ ଓ ପାନ ଛୁଇଡ଼ା ଜମା ହୋଇଅଛି । ଭଦ୍ରଲୋକଙ୍କ ପକ୍ଷିକୁ ଏହାଙ୍କ ଅପରିଷ୍କାର ଦେଖାଏ ନାହିଁ ରେତେ ବାହୁଙ୍କ ଏପରି କରନ୍ତି ? କେବଳ କୁ-
ଅଭ୍ୟାସ ଦୋଷରୁ । ପାନ ଖାଇବା ଯାହାଙ୍କ ଅଭ୍ୟାସ ସେ ତାହା ଅନାୟାସରେ କରୁଥାଆନ୍ତି ତାହାଙ୍କୁ କେହି ନିଷେଧ କରୁ ନ ପାରେ ମାତ୍ର ପାନଖାଇ ଘରକୁ ଅପରିଷ୍କାର କରିବାର ତାତ୍ପର୍ଯ୍ୟ କି ? ଦେଶୀଦ୍ୱଲୋକଙ୍କର ଏହିପରି ଘର ଅପରିଷ୍କାର କରିବାର ପ୍ରବୃତ୍ତି ଅଛି ବୋଲି ବହୁ ଇଂରାଜ ଘରେ ପାନ ତମାଖୁ ଖାଇବାକୁ ଇଂରାଜମାନେ ନିଷେଧ କରି ଅଛନ୍ତି ମାତ୍ର ଆମ୍ଭେମାନେ ଯେବେ ଆପଣା ମର୍ଯ୍ୟାଦାକୁ ଆପେ ରକ୍ଷା କରିବାକୁ ଯତ୍ନ କରିବା ତେବେ କିଏ ଆମ୍ଭଙ୍କ ଏପରି ବ୍ୟବହାର ନିଷେଧ କରିବ? ଭଦ୍ରସମାଜର ଜ୍ଞାତସାରରେ ଏ ସବୁ କଥା ଆଣିବା ଆବଶ୍ୟକ ବୋଧ କରି ଆମ୍ଭେମାନେ ଏ ପ୍ରସ୍ତାବ ଲେଖିଲୁଁ ଯଦ୍ୟପି କୌଣସିପ୍ରକାରେ ଗୁଣ୍ଡି ଚର୍ବଣ ଭଦ୍ରସମାଜରେ ଦୂଷିତ ହେବ ତେବେ ଦେଶୀୟ ଲୋକଙ୍କର ଗୋଟିଏ ଉଚିତ ଶୁଭ ପରିବର୍ତ୍ତନ ହେବ ସନ୍ଦେହ ନାହିଁ ।

---

## ବାଲେଶ୍ୱରବାସିଙ୍କର ପ୍ରାର୍ଥନାପ୍ରତି ଲେଫ୍‌ଟେନେଣ୍ଟ ଗବର୍ଣ୍ଣରଙ୍କର ଉତ୍ତର ।

ମାନ୍ୟବର ଲେଫ୍‌ଟେନେଣ୍ଟ ଗବର୍ଣ୍ଣର ସାହେବଙ୍କର ଓଡ଼ିଶା ସନ୍ଦର୍ଶନ କାଳରେ ବାଲେଶ୍ୱର ବାସିମାନେ ଯେଉଁପ୍ରକାର ଅଭାବ ମୋଚନ ନିମିତ୍ତ ତାହାଙ୍କଠାରେ ପ୍ରାର୍ଥୀ ହୋଇଥିଲେ ତହିଁର ଉତ୍ତର ସେମାନେ ପ୍ରାପ୍ତ ହୋଇଅଛନ୍ତି ଓ ଗତପ୍ରକାଶିତ ଉତ୍କଳଦର୍ପଣରେ ତାହା ମୁଦ୍ରିତ ହୋଇଅଛି । ଉତ୍ତରଟି କଟକଠାରୁ ଗତ ନଭେମ୍ବର ମାସ ତା ୨୯ ରିଖରେ ପ୍ରେରିତ ହୋଇଥିବାର ଜଣାଯାଏ ମାତ୍ର ଏତେକାଳ କାହିଁକି ଗୋପନ ଥିଲା ବୋଲିଯାଇ ନ ପାରେ । ଯାହା ହେଉ ପାଠକମାନଙ୍କ ଗୋଚରାର୍ଥେ ଆମ୍ଭେମାନେ ପ୍ରାର୍ଥନା ଓ ଉତ୍ତର ଦୁହିଙ୍କର ସଂକ୍ଷେପ ବିବରଣ ଲେଖୁଅଛୁଁ । ଯଥା—

ପ୍ରାର୍ଥନା—୧ କଲିକତାରୁ ମେଦନୀପୁର ଓ କୋକନଦା ବାଟେ ମାନ୍ଦ୍ରାଜକୁ ରେଲବାଟ ନିର୍ମାଣ । ୨ ଗଞ୍ଜାମ ଓ ସମ୍ବଲପୁରକୁ ଓଡ଼ିଶା ମଧ୍ୟରେ ଆଣି ଏକଶାସନର ଅଧୀନ କରିବା । ୩ ଶିକ୍ଷାବିଷୟରେ ଓଡ଼ିଶାର ହୀନାବସ୍ଥା ଦୃଷ୍ଟିରେ ଏପ୍ରଦେଶପାଇଁ କିଛି ବିଶେଷ ଆନୁକୂଲ୍ୟ ପ୍ରକାଶ ପୂର୍ବକ ପ୍ରତ୍ୟେକ ସବ୍‌ଡିଭିଜନରେ ବିଶ୍ୱବିଦ୍ୟାଳୟର ପ୍ରବେଶିକା ପରୀକ୍ଷୋପଯୋଗୀ ଏକ ଗବର୍ଣ୍ଣମେଣ୍ଟ ବିଦ୍ୟାଳୟ ସ୍ଥାପନ କରିବା । ୪ ଗଡ଼ଜାତରେ ବିଦ୍ୟାଶିକ୍ଷା ବିସ୍ତାର କରିବା କାରଣ କିଛି ବିଶେଷ ବିଧାନ କରିବା । ୫ ଉତ୍କଳୀୟ ବଙ୍ଗାଳମାନଙ୍କ ମାତୃଭାଷା ଶିକ୍ଷା ନିମିତ୍ତ ବିଦ୍ୟାଳୟ ସ୍ଥାପନ କରିବା । ୬ ବୁଢ଼ାବଳଙ୍ଗ ନଦୀମୁହାଣରେ ଥିବା ଚଡ଼ାସବୁ କାଟି ସବ୍‌ଭରେ ଫେଟ୍‌ପର୍ଯ୍ୟନ୍ତ ଜଳ ରହିବାର ଉପାୟ କରିବା । ୭ ବାଲେଶ୍ୱରରେ ଲବଣର ମାସୁଲ ଊଣା କରିବା । ୮ ଓଡ଼ିଶାରେ ଭୂମିର ବନ୍ଦୋବସ୍ତ ଚିରସ୍ଥାୟୀ କରିବା । ୯ ରାଜସ୍ୱ ଆଦାୟ ନିମିତ୍ତ ଜମିଦାରଙ୍କ ଉପରେ ଯେପରି ସୂର୍ଯ୍ୟାସ୍ତରୂପ କଠିନ ନିୟମ ଜାରି ଅଛି ପ୍ରଜାଙ୍କ ଉପରେ କର ଆଦାୟ ପକ୍ଷରେ ସେପରି କିଛି ନିୟମ କରିବା ।

ମାନ୍ୟବର ସାହେବଙ୍କ ଉତ୍ତର—୧ ନାଲ ବାଟେ କଲିକତାଠାରୁ ଓଡ଼ିଶାପର୍ଯ୍ୟନ୍ତ ଗମନାଗମନର ସୁବିଧା ଗବର୍ଣ୍ଣମେଣ୍ଟ କରି ଦେଉଅଛନ୍ତି ଏଥିପାଇଁ ଓଡ଼ିଶାରେ ରେଲ ହେବାର ଆଶା ନାହିଁ କାରଣ ଏକପ୍ରଦେଶ ସକାଶେ ଉଭୟପ୍ରକାର ସୁବିଧା କରି ଦେବାରେ ଗବର୍ଣ୍ଣମେଣ୍ଟଙ୍କର ଅନେକ ବ୍ୟୟ ହେବ । ୬ ବୁଢ଼ାବଳଙ୍ଗ ନଦୀର ଚଡ଼ାସବୁ ଭାଙ୍ଗି ଦେବା ସାଧ୍ୟାୟତ୍ତ ନୁହେ । ନଦୀମୁହଁ ସଳଖ କଲେ ଉପକାର ହେବ ଏକଥା ଯେବେ କର୍ତ୍ତୃପକ୍ଷ କହନ୍ତି ତେବେ କାର୍ଯ୍ୟାରମ୍ଭ ହୋଇପାରେ ମାତ୍ର ଏଥିରେ ଲେଫ୍‌ଟେନେଣ୍ଟ ଗବର୍ଣ୍ଣରଙ୍କର ସନ୍ଦେହ ଅଛି । ୭ ଲବଣକର ବାଲେଶ୍ୱରରେ ଯାହା ଅଛି ତହିଁରେ ମହାଜନମାନଙ୍କର କ୍ଷତି ହେଉଛି ଏପରି ଆଶଙ୍କା ବୃଥା ବାସ୍ତବରେ ଗତସନ ପ୍ରତି ଏସନରେ ଶତକଡ଼ା ୫୦ ଗୁଣ ଲେଖାଏ ଅଧିକା ପରିମାଣ ଫୋ-ଲ୍ଲାନ୍ ସକାଶ ବାଲେଶ୍ୱରର ଲୋକମାନେ ନେଇଥିବାରୁ ଲେଫ୍‌ଟେନେଣ୍ଟ ଗବର୍ଣ୍ଣର ସାହେବ ଆନନ୍ଦିତ ହୋଇଅଛନ୍ତି ସୁତରାଂ ମହାଜନଙ୍କର କ୍ଷତି ନ ହୋଇ ଲାଭ ହେବାର ନିଶ୍ଚୟ ଜଣାଯାଏ । ୩ ଶିକ୍ଷାବିଷୟରେ ଓଡ଼ିଶା ସକାଶେ ଭିନ୍ନ ନିୟମ ହୋଇ ନ ପାରେ ଯେବେ ବଙ୍ଗଳାରେ ସବ୍‌ଡିଭିଜନମାନଙ୍କରେ ପ୍ରବେଶିକା ଶିକ୍ଷାପର୍ଯ୍ୟନ୍ତ ବିଦ୍ୟାଳୟମାନ ଥିବା ନ ଥିବାର ଡାଇରେକ୍ଟରଙ୍କଠାରୁ ଅନୁସନ୍ଧାନ କରିବେ । ୫ ଉତ୍କଳୀୟ ବଙ୍ଗାଳମାନେ ମାତୃଭାଷା ଶିକ୍ଷାପାଇଁ ଚାନ୍ଦା ସଂଗ୍ରହ ପ୍ରସ୍ତୁତ ହେଲେ ଗବର୍ଣ୍ଣମେଣ୍ଟ ସାହାଯ୍ୟ କରିବେ ।

ଏଥିରୁ ଦେଖାଯାଏ ଯେ ବାଲେଶ୍ୱର ନିବାସିଙ୍କର ୯ ଟି ପ୍ରାର୍ଥନା ମଧ୍ୟରୁ କେବଳ ୫ ଟି ଅର୍ଥାତ ୧, ୬, ୭, ୩ ଓ ୫ ନମ୍ବରର ଉତ୍ତର ହୋଇଅଛନ୍ତି ବାକି ଗୁଡ଼ିକ ବିଷୟରେ କିଛି

Digitized by srujanika@gmail.com

Split by PDF Splitter



କହି ନାହାନ୍ତି ମାତ୍ର ଉତ୍ତରର ଆରମ୍ଭରେ ଲେଖାଅଛି କି 'ଏହି ଲିପିରେ ଏପରି ଅନେକ ବିଷୟ ଅଛି କି ଯାହା ମାନ୍ୟବର ମନୋଯୋଗ ପୂର୍ବକ ବିବେଚନା କରିବେ'। ଏଥିରୁ ବୋଧ ହୁଅଇ କି ଯେସବୁ ବିଷୟର ଉତ୍ତର ଦେଇ ନାହାନ୍ତି ତାହା ମାନ୍ୟବର ମନୋଯୋଗ ପୂର୍ବକ ବିବେଚନା କରୁଅଛନ୍ତି। ଭଲ ଏହିରୂପେ ମନକୁ ସାନ୍ତ୍ୱନା ଦେବାର ହେତୁ ଅଛି ପ୍ରଶଂସର୍ଥ ଅଟଇ କାରଣ ଯେଉଁଲେ ଯେଉଁ ବିଷୟର ଉତ୍ତର ଦେଇ ଅଛନ୍ତି ସବୁ ନାସ୍ତି କରିଅଛନ୍ତି ସେଥିଲେ ତାହାଙ୍କ ବିବେଚନାଦ୍ୱାରା କୌଣସି କାର୍ଯ୍ୟ ସଫଳ ହେବାର ଆଶା ନାହିଁ। ବରଂ ଅତଶୀଘ୍ର ଉତ୍ତର ଦେଇ ପଠାଇବାରୁ ଅନୁମାନ ହୋଇପାରେ ଯେ ଉକ୍ତ ଆବେଦନରେ ସେ ଅଦ୍ଧେକ କରିବେ ନାହିଁ। ଯେସବୁ ବିଷୟର ଉତ୍ତର ଦେଇଅଛନ୍ତି ତହିଁର ୧,୬ ଓ ୭ ପ୍ରାର୍ଥନାର ଅଯୌକ୍ତିକତା ଦର୍ଶାଇ ଅଛନ୍ତି ଓ ପଞ୍ଚମପ୍ରାର୍ଥନାରେ ଯାହା କହିଅଛନ୍ତି ତାହା ମଧ୍ୟ ବଡ଼ ଅସଙ୍ଗତ ନୁହଇ କାରଣ ତୃତୀୟ ପ୍ରାର୍ଥନାରେ ଯେ ମାନ୍ୟବର କଛିମାତ୍ର ବିଗ୍ଭର ନ କଲେ ଏଥିରେ ଆମ୍ଭେମାନେ ବଡ଼ ଦୁଃଖିତ ହେଲୁଁ। ପ୍ରତ୍ୟେକ ସବ୍‌ଡିଭିଜନରେ ଇଂରାଜୀ ବିଦ୍ୟାଳୟ ନ କରନ୍ତୁ ତହିଁରେ ବଡ଼ ଦୁଃଖ ନାହିଁ କାରଣ ଓଡ଼ିଶାର ହୀନାବସ୍ଥାପ୍ରତି ବିଗ୍ଭର ନ କରି ଯେ ବଙ୍ଗଳା ଓ ଓଡ଼ିଶାପ୍ରତି ଶିକ୍ଷାବିଷୟ ସମ୍ପର୍କରେ ଏକପ୍ରକାର ସାହାଯ୍ୟ ଦେବାକୁ ଦୃଢ଼ପ୍ରତିଜ୍ଞ ହେଲେ ଏଥିରେ ଆମ୍ଭେମାନେ ବଡ଼ ମନସ୍ତାପ ପାଇଲୁଁ। ମାନ୍ୟବର ଓଡ଼ିଶାରେ ପଦାର୍ପଣ କରି ଏଠାର ଅବସ୍ଥା କି କୌଣସି ରୂପେ ବଙ୍ଗଳାଠାରୁ ମନ୍ଦ ଦେଖିଲେ ନାହିଁ ?

# ସାପ୍ତାହିକ ସଂବାଦ।

ଅମ୍ଭମାନଙ୍କ କମିଶନର ଟଡ଼ଙ୍କାଡ ଗସ୍ତ ଯାଇ ଗତ କାଲି ଏ ନଗରକୁ ପ୍ରତ୍ୟାଗମନ କରିଅଛନ୍ତି।

ବଙ୍ଗଳାର ଗବର୍ଣ୍ଣମେଣ୍ଟ ବିଜ୍ଞାପନ ଦେଇଅଛନ୍ତି ଯେ କଟକ ଜିଲାର ନିମ୍ନଲିଖିତ ନାଳମାନ ଗତଜାନୁଆରୀ ତା ୨୫ ରିଖଠାରୁ ମାର୍ଚ୍ଚମାସ ତା ୨୫ ରିଖ ପର୍ଯ୍ୟନ୍ତ ବାର୍ଷିକ ସଂସ୍କାର ନିମନ୍ତେ ବନ୍ଦ ହେବ ଯଥା–ହାଇଲେବଲ କାନାଲ ତାଳଦଣ୍ଡା କାନାଲ ମାଛଗାଁ କାନାଲ।

ବମ୍ବେଇର ମୁସଲମାନମାନେ ମୋହରମ ପର୍ବ ସମୟରେ ବଡ ଉତ୍ପୀଡ଼ନରୂପ ଆଚରଣ କରୁଥାନ୍ତି ଗତ ଷ୍ଟେମେଣ୍ଟରେ ପ୍ରକାଶ ଅଛି ଓ ତହିଁପାଇଁ ସେଠାର ପୁଲିସ କମିଶ୍ନର ପାସି ପୂର୍ବଗତ ମୁସଲମାନଙ୍କ ମୋହରମ ସମୟରେ ଶାନ୍ତିରୂପେ ବ୍ୟବହାର କରିବାପାଇଁ ଉପଦେଶ ଦେଇଥିଲେ ଓ କାଲେ ଅଶାନ୍ତି ହୁଅଇ ଏ ସକାଶେ ପୁଲିସ ଯଥାସାଧ୍ୟ ସତର୍କ ଥିଲେ।

ସମ୍ପ୍ରତି ଉଇଲାତରେ ଆଶ୍ଚର୍ଯ୍ୟ ପ୍ରକାର ଉତ୍ତେଜନାମାନ ଉଠେ। ଟେଲିଗ୍ରାମ ଶୁଣାଅଛନ୍ତି ଯେ ବରୋଦାର ଗୁଇକ୍ୱାର ହେବାପାଇଁ ବଡ଼ ସୁନଗରର ମହାରାଜାଙ୍କୁ ଗବର୍ଣ୍ଣମେଣ୍ଟ ଅନୁରୋଧ କରିଅଛନ୍ତି। ବିଚାରର ଶଲ୍ୟ ଶେଷ କୁମାରଙ୍କ ବିଚାର ଆରମ୍ଭ ନ ହେଉଣୁ ଲୋକେ ତାହାଙ୍କ ରାଜ୍ୟ ଅନ୍ୟଏକ ବ୍ୟକ୍ତିକୁ ଦେବାକୁ କହିଲେଣି।

ବମ୍ବେଇର ଭାରତାକ୍ଷଯୋଗେ ଟେଲିଗ୍ରାମ ସମ୍ବାଦ ପାଇଅଛନ୍ତି ଯେ ଗତମାସ ତା ୧୮ ରିଖରେ ସରଜଣ୍ଟ ବାଲେଣ୍ଟାଇନ ସେଠାରେ ପହଞ୍ଚି ବମ୍ବେଇ ହାଇକୋର୍ଟରେ ଆଡଭୋକେଟ ହେବାପାଇଁ ଦରଖାସ୍ତ ଦେଲେ ତହିଁ ଅରଦନ ବରୋଦାକୁ ଯାତ୍ରା କରିଅଛନ୍ତି। ଏଥିରୁ ଦେଖାଯାଏ ଯେ ଅମ୍ଭେମାନେ ଏହାଙ୍କ ଆଗମନ ବିଷୟରେ ଯାହା ଲେଖିଥିଲୁଁ ତାହା ଭ୍ରମମୂଳକ ଥିଲା।

ଗୁଜରାଟର ଜଣେ ପତ୍ରପ୍ରେରକ ହିନ୍ଦୁପେଟ୍ରିଅଟରେ ପ୍ରକାଶ କରିଅଛନ୍ତି ଯେ ସେଠାର ନୂତନ ଜଜ ଓଲିଫାଣ୍ଟ ସାହେବ ଏଠାରେ ଯେତିକିଦିନରେ କାର୍ଯ୍ୟ କରିଥିଲେ ସେଠାରେ ମଧ୍ୟ ସେହିପ୍ରାୟ କରିଅଛନ୍ତି। ଦିନ ପ ୧୧ ଘଣ୍ଟାଠାରୁ ସନ୍ଧ୍ୟା ଛଅଟାଯାଏ କଚେରୀ ହୁଅଇ ଓ ମାମଲା ବୁଝିବାକୁ ଅଳ୍ପକାଳ ଲାଗେ।

କଲିକତା ହାଇକୋର୍ଟରେ ଜଜ ଫିଅର ଓ ମୋରିସଙ୍କ ବେଞ୍ଚରେ ଏହିପରି ଏକ ମକଦମା ନିଷ୍ପତ୍ତି ହୋଇଅଛି କି ଯେଉଁଠାରେ ମୃତ୍ୟୁ ଯେଉଁ ସମ୍ପ୍ରଦାୟର ଲୋକ ସେ ସମ୍ପ୍ରଦାୟରେ ଏମନ୍ତ ସାଧାରଣ ରୀତି ଅଛି କି କାଳକ୍ରମେ କୌଣସି ବିଶେଷ ଘଟନାର କାଳପର୍ଯ୍ୟନ୍ତ ଆପଣା ସ୍ୱାମୀଠାରୁ ଅନ୍ତର ରହିବ ସେଠାରେ ବିବାହ ଅନ୍ତେ ବିଦା ହୋଇଥିଲେ ସୁଦ୍ଧା ଉକ୍ତ ଘଟନା ହେବା ପର୍ଯ୍ୟନ୍ତ ପତ୍ନୀକୁ ଆପଣା ସ୍ୱାମୀଘରକୁ ନିବାପାଇଁ ଆଦେଶ ନ ଦେବାର ଅଧିକାର ଅଦାଲତପ୍ରତି ଅଛି।

ବରୋଦାରେ ତର୍କକରିବାପାଇଁ ଏଡଭୋକେଟ ସର୍ ଲୁଇସ ପେଲିସାହେବଙ୍କ ନିକଟରେ ଦରଖାସ୍ତ ଦେଇଅଛନ୍ତି ଯେ ସେ ସେମାନଙ୍କୁ ଉତ୍ତର ଦେବାକୁ ନ ପାଇ ସମ୍ବାଦପତ୍ରରେ ବିଜ୍ଞାପନ ଦେଉଅଛନ୍ତି ଯେ ତାହାଙ୍କ ନିକଟରେ କୌଣସି କର୍ମ ଖାଲି ନାହିଁ। ଉମେଦବାରଙ୍କ ସଂଖ୍ୟା କୌଣସିଠାରେ ଊଣା ନୁହଇ।

ପାୟୋନୀୟର ଲେଖନ୍ତି ଯେ ଜୟପୁରର ବର୍ତ୍ତମାନ ମହାରାଜା ସାଧାରଣ ହିତକର କାର୍ଯ୍ୟରେ ବହୁତ ବ୍ୟୟ କରୁଅଛନ୍ତି। ତାହାଙ୍କ ରାଜଧାନୀର ସଡ଼କମାନ ଏମନ୍ତ ପରିପାଟୀ ଯେ ଭାରତବର୍ଷର ବଡ଼ ବଡ଼ ସହରମାନଙ୍କୁ ଲଜ୍ଜିତ କରିପାରେ। ନଗରରେ ଗ୍ୟାସଆଲୋକ ଜାଳିବାର ବନ୍ଦୋବସ୍ତ ସବୁ ସମ୍ପୂର୍ଣ୍ଣ ହୋଇଅଛି ଏବଂ ପାଞ୍ଚଲକ୍ଷ ଟଙ୍କା ବ୍ୟୟରେ ନଗରମଧ୍ୟକୁ କଳଦ୍ୱାରା ଜଳ ଯୋଗାଇବାର କାର୍ଯ୍ୟ ଆଗାମୀ ଶୀତଋତୁରେ ଆରମ୍ଭ ହେବାର ସ୍ଥିର ହୋଇଅଛି। ଏପରି କ୍ଷେତକୁ ଜଳସେଚନର ଉପାୟମାନ ହେଉଅଛି। ଦେଶୀୟ ମହାରାଜା ଓ ଗ୍ରାମନଙ୍କର ଏହି ପ୍ରକାର କୀର୍ତ୍ତି ରଖିବାର ଉଚିତ ଯେ ତହିଁରେ ସେମାନଙ୍କର ନାମ ବହୁକାଳ ସ୍ମରଣୀୟ ରହିବ ଓ ପ୍ରଜାମାନେ ମଧ୍ୟ ବିଶେଷ ଉପକାର ପାଇଥିବେ।

ମାନ୍ୟବର ବିଜୟନଗରର ମହାରାଜା ଗତମାସ ତା ୧୩ ରିଖରେ କଲିକତାରେ ପହଞ୍ଚି ଅଛନ୍ତି।

ସିମଲାରେ ଗତମାସ ତା ୭ ରିଖରେ ଏତେ ବରଫ ପଡ଼ିଥିଲା ଯେ ୧୬ କି ୧୮ ଇଞ୍ଚ ପର୍ଯ୍ୟନ୍ତ ବଦଳରେ ମାଟିଉପରେ ଜମା ହୋଇଥିଲା। ଏପରି ବରଫ ପଡ଼ିବାରେ କି ପର୍ଯ୍ୟନ୍ତ ଶୀତ ହୋଇଥିବ ପାଠକମାନେ ଅନୁଭବ କରିପାରିବେ।

## ମୂଲ୍ୟପ୍ରାପ୍ତି।

| | | | |
|---|---|---|---|
| ବାବୁ ହରେକୃଷ୍ଣ ଦାସ | କଟକ | ବକେୟା | ଟ ୨ ୧ |
| ଡବଲିଉ ବୁକ୍‌ସା ହବ | „ | ଅଗ୍ରିମ | ଟ ୫ ୧ |
| ବାବୁ ଦୀନବନ୍ଧୁ ଘୋଷ | „ | ବକେୟା | ଟ ୫ ୧ |
| ରାଜା ତ ୟ ସୁକିନ୍ଦା | | „ | ଟ ୭ ୧ |
| ରାଜା ତ ୟ ନନ୍ଦୀଗଡ଼ | | „ | ଟ ୮ ୧ |
| ଏଚ୍, ଆର୍, ଓ୍ୟାଲି ସାହେବ କଟକ | | „ | ଟ ୭ ୧ |
| ଜୀ, ଟଏଲର ସାହେବ | „ | „ | ଟ ୩ ।୰ |
| ଏକୁନ | | ହାଲ | ଟ ୧୧।୰ |

☞ ଏହି ଉତ୍କଳଦୀପିକା ସହରକଟକ ଦରଘାବଜାର କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା।

Digitized by srujanika@gmail.com